
# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୯/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 19/2021 | ★★★★★★

୪୭ଶ ଭାଗ ୨୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-





## ପରିବାରର ୫ ମୃତ

ବେଙ୍ଗାଲୁରୁର ବ୍ୟାଦରହଲ୍ଲୀ ଥାନା ଅଞ୍ଚଳରେ ଏକ ଘରୁ ଗୋଟିଏ ପରିବାରର ୫ ଜଣଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ଜଣେ ୯ ମାସର ଶିଶୁ ରହିଛନ୍ତି। ପ୍ରାୟ ୪ ଦିନ ତଳୁ ସେମାନଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଥିବାବେଳେ ପାରିବାରିକ କଳହରୁ ସମସ୍ତେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକମାନେ ହେଲେ ଭାରତୀ(୫୧), ତାଙ୍କ ଝିଅ ସିଞ୍ଚାନା(୩୪) ଏବଂ ସିନ୍ଧୁରାଣୀ(୩୪), ପୁଅ ମଧୁସାଗର(୨୫) ଏବଂ ଶିଶୁପୁତ୍ର। ଘଟଣାସ୍ଥଳରେ ଭାରତୀଙ୍କ ସ୍ୱାମୀ ନ ଥିବାବେଳେ ଜଣେ ୨ ବର୍ଷୀୟା ଶିଶୁ କନ୍ୟାଙ୍କୁ ଉକ୍ତ ଘରୁ ଜୀବନ୍ତ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



# ସିଦ୍ଧୁ ରାଷ୍ଟ୍ରବିରୋଧୀ: ଅମରିନ୍ଦର

ଚଣ୍ଡିଗଡ଼, ୧୮।୯


ଅମରିନ୍ଦର ସିଂ


ନବଜ୍ୟୋତ ସିଂ ସିଦ୍ଧୁ

ପଞ୍ଜାବ କଂଗ୍ରେସରେ କିଛିମାସ ହେଲା ଚାଲିଥିବା ଗୋଷ୍ଠିକନ୍ଦଳ ଯୋଗୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ତାଙ୍କ ଇସ୍ତଫା ପରେ ଦଳର ରାଜ୍ୟ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ବିବାଦ ଆହୁରି ତୀବ୍ରତର ହୋଇଛି। ଦେଶବିରୋଧୀ ସିଦ୍ଧୁଙ୍କୁ ସେ କୌଣସି ପ୍ରକାରେ ପଞ୍ଜାବ ମୁଖ୍ୟମନ୍ତ୍ରୀ କରାଇ ଦେବେନାହିଁ ବୋଲି ଅମରିନ୍ଦର କହିଛନ୍ତି। ନବଜ୍ୟୋତ ସିଂ ସିଦ୍ଧୁ ମୁଖ୍ୟମନ୍ତ୍ରୀ ହେବା ଲାଗି ଉପଯୁକ୍ତ ନୁହନ୍ତି। ସେ ଦେଶ ବିରୋଧୀ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି। ସିଦ୍ଧୁଙ୍କର ପାକିସ୍ତାନ ସହ ସମ୍ପର୍କ ରହିଛି। ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଗଲେ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉଦ୍ୟମ କରାଗଲେ ସେ ଜୋର୍‌ଦାର ବିରୋଧ କରିବେ ବୋଲି ଅମରିନ୍ଦର ଏକ ଗଣମାଧ୍ୟମକୁ କହିଛନ୍ତି। ରାଜନୀତି ଛାଡ଼ିବାର ଉଦ୍ଦେଶ୍ୟ ନ ଥିଲା କି ସିଦ୍ଧୁଙ୍କୁ ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ। ପାକିସ୍ତାନ ସହ ସମ୍ପର୍କ ରଖିଥିବା ସିଦ୍ଧୁ ପଞ୍ଜାବ ତଥା ଦେଶ ପାଇଁ ବିପଦ ଓ ବିପର୍ଯ୍ୟୟ ଆଣିବେ ବୋଲି ସେ କହିଛନ୍ତି। ସୀମାରେ ଆମ ସୈନ୍ୟ ପ୍ରତିଦିନ ଜୀବନ ଦେଉଥିବାବେଳେ ସିଦ୍ଧୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏବଂ ସେନାମୁଖ୍ୟ ଜେନେରାଲ ବାଜୱାଙ୍କୁ ଆଲିଙ୍ଗନ କରିବା ସହ କରତାରପୁର କରିଡର ଉନ୍ମୋଚନ ବେଳେ ଇମ୍ରାନଙ୍କୁ ଖୋଲାଖୋଲି ଭାବେ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଅମରିନ୍ଦର ସିଦ୍ଧୁଙ୍କୁ ଇମ୍ରାନ୍ ଖାନ୍‌ଙ୍କ ଶପଥ ଉତ୍ସବରେ ଯୋଗଦେବାକୁ ବାରଣ କରିବା ସତ୍ତ୍ୱେ ସେ ଉକ୍ତ ଉତ୍ସବକୁ ଯାଇଥିଲେ। ଏଭଳି ଲୋକଙ୍କୁ ରାଜ୍ୟର ନେତୃତ୍ୱ ନେବାକୁ ସେ କଦାପି ଅନୁମତି ଦେବେନାହିଁ ବୋଲି ବିଦାୟୀ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସୋନିଆ ବାଛିବେ ନୂଆ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଡ଼, ୧୮।୯

ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଇସ୍ତଫା ପରେ ଶନିବାର ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ବୈଠକ ବସି ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ଚୟନ କରିବା ଲାଗି ଦାୟିତ୍ୱ ପ୍ରଦାନ କରିଛି। ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିଶ ରାୱତ୍ ଏହି ସୂଚନା ଦେଇଛନ୍ତି। ବିଧାୟକ ଦଳ ବୈଠକରେ ଦୁଇଟି ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଥମ ପ୍ରସ୍ତାବରେ ଅମରିନ୍ଦରଙ୍କୁ ତାଙ୍କ କାର୍ଯ୍ୟକାଳ ପାଇଁ ଧନ୍ୟବାଦ ଦିଆଯାଇଥିବାବେଳେ ଦ୍ୱିତୀୟଟିରେ ସୋନିଆଙ୍କୁ ପରବର୍ତ୍ତୀ କଂଗ୍ରେସ ବିଧାୟକ ଦଳ ନେତା ବାଛିବାକୁ କ୍ଷମତା ପ୍ରଦାନ କରାଯାଇଥିଲା। ଉଭୟ ପ୍ରସ୍ତାବକୁ ଦଳ ହାଇକମାଣ୍ଡଙ୍କ ପାଖକୁ ପଠାଇଦିଆଯାଇଛି ଓ ତାଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି ବୋଲି ରାୱତ୍ କହିଛନ୍ତି। ତେବେ ବିଧାୟକ ଦଳ ନେତା କିଏ ହେବେ ତାହା ଉପରେ ଆଲୋଚନା କରାଯାଇ ନ ଥିବା କଂଗ୍ରେସ ପର୍ଯ୍ୟବେକ୍ଷକ ଅଜୟ ମାକେନ୍ କହିଛନ୍ତି। ନୂଆ ମୁଖ୍ୟମନ୍ତ୍ରୀ ଦୌଡ଼ରେ ପୂର୍ବତନ ପିସିସି ସଭାପତି ସୁନୀଲ ଜାଖର ଆଗରେ ରହିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଆଗାମୀ ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟିକୁ ମୁକାବିଲା କରିବା ଲାଗି ଦଳ ଜଣେ ଅଣଶିଖ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିପାରେ ବୋଲି ଶୁଣିବାକୁ ମିଳୁଛି। ଏହା ବ୍ୟତୀତ ପ୍ରତାପ ସିଂ ବାଜ୍‌ୱା ମଧ୍ୟ ମୁଖ୍ୟମନ୍ତ୍ରୀ ଦୌଡ଼ରେ ରହିଛନ୍ତି।

## ବିଗ୍ ବସ୍ ଓଟିଟି ଜିତିଲେ ଦିବ୍ୟା ଅଗ୍ରୱାଲ

ମୁମ୍ବାଇ, ୧୮।୯



ଟେଲିଭିଜନ ଅଭିନେତ୍ରୀ ଦିବ୍ୟା ଅଗ୍ରୱାଲ ରିୟଲିଟି ଶୋ' ବିଗ୍ ବସ୍ ଓଟିଟି ବିଜୟୀ ହୋଇଛନ୍ତି। ବଲିଉଡ୍ ଫିଲ୍ମ ନିର୍ମାତା କରଣ ଜୋହର ହୋଷ୍ଟ କରିଥିବା ଏହି ଶୋ'ର ଗ୍ରାଣ୍ଡ ଫିନାଲେ ଶନିବାର ସନ୍ଧ୍ୟା ୭ଟାରେ ଅନ୍‌ଲାଇନ ପ୍ଲାଟଫର୍ମ 'ଭୁଟ୍'ରେ ପ୍ରସାରିତ ହୋଇଥିଲା। ବିଗ୍ ବସ୍ ଟ୍ରଫି ସହ ପୁରସ୍କାର ରାଶି ବାବଦକୁ ଦିବ୍ୟା ୨୫ ଲକ୍ଷ ଟଙ୍କା ପାଇଛନ୍ତି। ଦିବ୍ୟାଙ୍କ ସହ ଏହି ରିୟଲିଟି ଶୋ' ଫାଇନାଲରେ ରାକେଶ ବାପଟ୍, ପ୍ରତୀକ ସେହଜପାଲ, ସମିତା ସେଟ୍ଟୀ ଏବଂ ନିଶାନ୍ତ ଭଟ୍ଟ ଥିଲେ। ସେମାନଙ୍କ ମଧ୍ୟରୁ ନିଶାନ୍ତ ପ୍ରଥମ ରନର୍ସ ଅପ୍ ଏବଂ ସମିତା ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏବେ ଏହି ୩ ଜଣ ବିଗ୍ ବସ୍-୧୫ ପ୍ରତିଯୋଗିତାରେ ଭାଗ ନେବେ। ବିଗ୍ ବସ୍‌ରେ ଦିବ୍ୟା ଅନ୍ୟମାନଙ୍କ ତୁଳନାରେ ଜଣେ ଦୃଢ଼ ପ୍ରତିଯୋଗୀ ଥିଲେ। ନିଶାନ୍ତ ଏବଂ ରାକେଶଙ୍କ ସହ ତାଙ୍କ ଭଲ ବଣ୍ଡିଂ ରହିଥିଲା। ଅଡିଏନ୍ସ ଭୋଟରେ ସେ ସିଧାସଳଖ ଭାବେ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ପୂର୍ବରୁ ଦିବ୍ୟା ଏମ୍‌ଟିଭି ସ୍ପ୍ଲିଟ୍‌ଭିଲା ରନର୍ସ ଅପ୍ ଏବଂ ଏମ୍‌ଟିଭି ଏସ୍ ଅଫ୍ ସ୍ପେସ ପ୍ରଥମ ସିଜନର ବିଜେତା ହୋଇଥିଲେ। ସୂଚନାଯୋଗ୍ୟ, ୧୪ ସିଜନ ପରେ ପ୍ରଥମ ଥର ପାଇଁ ବିଗ୍ ବସ୍ ଓଟିଟି ପ୍ଲାଟଫର୍ମରେ ପ୍ରସାରିତ ହୋଇଥିଲା।

## ସଂକ୍ଷେପରେ

### କରମା ପୂଜା ଭସାଣି ବେଳେ ୭ ନାବାଳିକାଙ୍କ ଜଳସମାଧି

ରାଞ୍ଚି, ୧୮।୯: ଝାଡ଼ଖଣ୍ଡର ଲାଟେହାର ଜିଲାରେ କରମା ପୂଜା ପରେ ଶନିବାର କରମା ଡାଳକୁ ଏକ ପୁଷ୍କରିଣୀରେ ଭସାଇବା ବେଳେ ୭ ଜଣ ନାବାଳିକା ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ପୋଲିସ କହିବା ଅନୁଯାୟୀ ଶୁକ୍ରବାର କରମା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳେ ଶେରଗଡ଼ ଗ୍ରାମର ଝିଅମାନେ କରମା ଡାଳ ଭସାଇବାକୁ ନିକଟସ୍ଥ ପୁଷ୍କରିଣୀକୁ ନେଇଥିଲେ। ଗାଧୋଇବା ସମୟରେ ସେମାନେ ଗଭୀର ପୁଷ୍କରିଣୀରେ ବୁଡ଼ିଯାଇଥିଲେ ବୋଲି ଲାଟେହାର ଏସ୍‌ପି କହିଛନ୍ତି। ମୃତକମାନେ ହେଲେ ରେଖା କୁମାରୀ(୧୮), ଲକ୍ଷ୍ମୀ କୁମାରୀ(୮), ରିନା କୁମାରୀ(୧୧), ମୀନା କୁମାରୀ(୮), ପିଙ୍କି(୧୫), ସୁଷମା(୭) ଏବଂ ସୁନୀତା(୧୭)।

### କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ କର: ଥରୁର

ଥିରୁଭାନନ୍ତପୁରମ୍, ୧୮।୯(ଆଇଏଏନ୍‌ଏସ୍): କଂଗ୍ରେସରେ ତୁରନ୍ତ ନେତୃତ୍ୱ ପରିବର୍ତ୍ତନ ପାଇଁ ବରିଷ୍ଠ ନେତା ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ଶନିବାର ଦାବି ଉଠାଇଛନ୍ତି। ସୋନିଆ ଗାନ୍ଧୀଙ୍କ ବିରୋଧରେ କେହି ମୁହଁ ଖୋଲୁନାହାନ୍ତି। ତେବେ ସେ ନିଜେ ଅଧ୍ୟକ୍ଷ ପଦରୁ ଓହରିଯିବାକୁ ଚାହାନ୍ତି। ସେଥିପାଇଁ ଯଥାଶୀଘ୍ର ନୂଆ ନେତା ବଛାଯିବା ଆବଶ୍ୟକ ବୋଲି ଥରୁର କହିଛନ୍ତି। ଯଦି ରାହୁଲ



ଗାନ୍ଧୀ ନେତୃତ୍ୱ ନେବାକୁ ଚାହାନ୍ତି, ତେବେ ତାଙ୍କୁ ଶୀଘ୍ର ଅଧ୍ୟକ୍ଷ କରାଯାଉ। ଆଗାମୀ ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିବାକୁ ହେଲେ ଏବେ ନେତୃତ୍ୱ ପରିବର୍ତ୍ତନ ହେବା ଜରୁରୀ ବୋଲି ଥରୁର ମତ ଦେଇଛନ୍ତି। ରାହୁଲ ଦଳର ନେତୃତ୍ୱ ନେବା ଲାଗି କଂଗ୍ରେସର ବିଭିନ୍ନ ସହଯୋଗୀ ସଂଗଠନଗୁଡ଼ିକ ଦାବି କରୁଛନ୍ତି। ସୂଚନାଯୋଗ୍ୟ, ନେତୃତ୍ୱ ପରିବର୍ତ୍ତନ ପାଇଁ ଗତବର୍ଷ ସୋନିଆଙ୍କୁ ପତ୍ର ଲେଖିଥିବା ୨୩ କଂଗ୍ରେସ ନେତାଙ୍କ ମଧ୍ୟରେ ଥରୁର ଥିଲେ।

### ୯ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଲା ହାଉଥି

ସାନା, ୧୮।୯: ୟେମେନ୍‌ରେ ୩ ବର୍ଷ ପୂର୍ବରୁ ସାଉଦି ନେତୃତ୍ୱାଧୀନ ମେଣ୍ଟର ଏୟାରଷ୍ଟ୍ରାଇକ୍‌ରେ ଜଣେ ବରିଷ୍ଠ ହାଉଥି ଅଫିସର ନିହତ ହୋଇଥିଲେ। ଏହି ଆକ୍ରମଣରେ ସମ୍ପୃକ୍ତ ୯ ଜଣଙ୍କୁ ହାଉଥି ବିଦ୍ରୋହୀମାନେ ଶନିବାର ମୃତ୍ୟୁଦଣ୍ଡ ଦେଇଛନ୍ତି। ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ରାଜଧାନୀ ସାନାରେ ଅପରାଧୀମାନଙ୍କୁ ସର୍ବସମ୍ମୁଖରେ ଗୁଳି କରି ହତ୍ୟା କରାଯାଇଛି। ୨୦୧୮ ଏପ୍ରିଲ୍‌ରେ ସାଲେହ ଅଲ୍-ସାମଦଙ୍କର ଏୟାରଷ୍ଟ୍ରାଇକ୍‌ରେ ମୃତ୍ୟୁ ହୋଇଥିଲା। ଏହି ହତ୍ୟାକାଣ୍ଡରେ ୬୦ରୁ ଊର୍ଦ୍ଧ୍ୱ ଲୋକ ସମ୍ପୃକ୍ତ ଥିବା ଅଭିଯୋଗର ବିଚାର କରାଯାଇ ୯ ଜଣଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ମୃତ୍ୟୁଦଣ୍ଡ ବନ୍ଦ ରଖିବା ପାଇଁ ବିଭିନ୍ନ ଅଧିକାର ସଂଗଠନ ଓ ଆଇନଜୀବୀଙ୍କ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଥିଲା। ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ଏକ ଅଦାଲତରେ ଅଭିଯୁକ୍ତମାନଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ଦୋଷୀସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିବା ଅଧିକାର କର୍ମୀମାନେ କହିଥିଲେ।


କେନ୍ଦ୍ରର କୃଷି ଆଇନ ବିରୋଧରେ ପଞ୍ଜାବର ଅମୃତସରଠାରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଟ୍ରାକ୍ଟର ରାଲି।

## ରାମମନ୍ଦିରରେ ଅର୍ପଣ ହେବ ୧୧୫ ଦେଶର ପବିତ୍ର ଜଳ

ନୂଆଦିଲ୍ଲୀ, ୧୮।୯




ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣରେ ଅର୍ପଣ ପାଇଁ ୭ ମହାଦେଶର ୧୧୫ଟି ଦେଶରୁ ପବିତ୍ର ଜଳ ସଂଗ୍ରହ କରାଯାଇଛି। ଏହା ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ପ୍ରତିଫଳିତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ରାଜନାଥ ତାଙ୍କ ଆକବର ରୋଡ୍ ବାସଭବନରେ ୧୧୫ ଦେଶର ନଦୀ, ଝରଣା ଓ ମହାସାଗରରୁ ଆସିଥିବା ଜଳକୁ ଗ୍ରହଣ କରିଥିଲେ। ସେଠାରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସାଧାରଣ ସମ୍ପାଦକ ଚମ୍ପତି ରାୟ ଏବଂ ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତମାନେ ଉପସ୍ଥିତ ଥିଲେ। ଭାଜପା ନେତା ତଥା ପୂର୍ବତନ ଦିଲ୍ଲୀ ବିଧାୟକ ବିଜୟ ଜୋଲିଙ୍କ ନେତୃତ୍ୱରେ ଦିଲ୍ଲୀ ଷ୍ଟଡି ସର୍କଲ ନାମକ ଏନ୍‌ଜିଓ ଦ୍ୱାରା ଏହି ଜଳ ସଂଗ୍ରହ କରାଯାଇଛି। ଏନ୍‌ଜିଓର ଏଭଳି କାର୍ଯ୍ୟକୁ ରାଜନାଥ ପ୍ରଶଂସା କରିଥିଲେ। ରାମ ମନ୍ଦିର କାର୍ଯ୍ୟ ଶେଷ ହେବା ବେଳକୁ ଅବଶିଷ୍ଟ ୭୭ ଦେଶର ଜଳ ସଂଗ୍ରହ କରାଯାଇଥିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଉକ୍ତ ଜଳରେ ରାମଲାଲାଙ୍କର ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହେବ।

## ସୋନୋୱାଲ, ମୁରୁଗାନ୍ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ

ନୂଆଦିଲ୍ଲୀ, ୧୮।୯

ଆସାମ ଓ ମଧ୍ୟପ୍ରଦେଶରେ ହେବାକୁ ଥିବା ରାଜ୍ୟ ସଭା ଉପନିର୍ବାଚନ ଲାଗି ଭାଜପା ଶନିବାର କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଏଲ୍. ମୁରୁଗାନଙ୍କୁ ପ୍ରାର୍ଥୀ କରିଛି। ଜୁଲାଇ ୭ ତାରିଖ କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ ବେଳେ ଉଭୟଙ୍କୁ ମନ୍ତ୍ରୀ କରାଯାଇଥିଲା। ପଶ୍ଚିମବଙ୍ଗ, ଆସାମ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ଗୋଟିଏ ଲେଖାଏ ରାଜ୍ୟ ସଭା ଆସନ ଏବଂ ତାମିଲନାଡୁର ଦୁଇ ଆସନ ଲାଗି ଅକ୍ଟୋବର ୪ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଆସାମର ବିଶ୍ୱଜିତ୍ ଦାଇମାରୀ, ପଶ୍ଚିମବଙ୍ଗର ମାନସ ରଞ୍ଜନ ଭୁନିଆ, ତାମିଲନାଡୁର କେ.ପି. ମୁନୁସ୍ୱାମୀ ଏବଂ ଆର୍. ବୈଥିଲିଙ୍ଗମ ଏବଂ ମଧ୍ୟପ୍ରଦେଶର ଥାୱରଚାନ୍ଦ ଗେହଲଟଙ୍କ ଇସ୍ତଫା ଯୋଗୁ ଉପରୋକ୍ତ ରାଜ୍ୟ ସଭା ଆସନ ଖାଲି ପଡ଼ିଥିଲା। ମହାରାଷ୍ଟ୍ରରେ ରାଜୀବ ସତାଭଙ୍କର କୋଭିଡ୍‌ରେ ମୃତ୍ୟୁ ଯୋଗୁ ଗୋଟିଏ ଆସନ ଖାଲି ହୋଇଥିଲା।

## ଆଇନ ବ୍ୟବସ୍ଥାର ଭାରତୀୟକରଣ ଲୋଡ଼ା

ନୂଆଦିଲ୍ଲୀ, ୧୮।୯


ସିଜେଆଇ ଏନ୍.ଭି. ରମନା

ଦେଶରେ ଦୀର୍ଘବର୍ଷ ଧରି ଉପନିବେଶୀୟ ଶାସନ ସମୟର ଆଇନ ବ୍ୟବସ୍ଥା ଚଳିଆସୁଛି। ଏହାର ଭାରତୀୟକରଣ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ପ୍ରଚଳିତ ଉପନିବେଶୀୟ ନିୟମାବଳୀ ଭାରତୀୟଙ୍କ ଆବଶ୍ୟକତା ପୂରଣ କରି ନ ପାରେ ବୋଲି ମତ ଦେଇଛନ୍ତି। ଆମର ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ପାଇଁ ବହୁ ପ୍ରତିବନ୍ଧକ ରହିଛି। କୋର୍ଟର କାର୍ଯ୍ୟ ଓ ତରିକା ଭାରତର ଜଟିଳତା ସହ ଖାପ ଖୁଆଉନାହିଁ। ତେଣୁ ଆଇନ ବ୍ୟବସ୍ଥାର ଭାରତୀୟକରଣ ସମୟର ଆବଶ୍ୟକତା ବୋଲି ଜଷ୍ଟିସ୍ ରମନା କର୍ଣ୍ଣାଟକ ରାଜ୍ୟ ବାର୍ କାଉନସିଲ୍‌ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଭାରତୀୟକରଣ ଅର୍ଥ ଆମ ସମାଜର ବାସ୍ତବ ବ୍ୟବସ୍ଥାକୁ ଗ୍ରହଣ କରିବା ସହ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସ୍ଥାନୀୟକରଣ କରାଯିବା ବୋଲି ସେ କହିଥିଲେ। ଉଦାହରଣ ଦେଇ ସିଜେଆଇ କହିଥିଲେ ଗ୍ରାମାଞ୍ଚଳର ପକ୍ଷମାନେ ପାରିବାରିକ ବିବାଦ ମାମଲାରେ କୋର୍ଟକୁ ଗଲେ ସେମାନେ ସେଠାରେ ନିଜକୁ ବାହାରେ ରହିବା ଭଳି ଅନୁଭବ କରୁଛନ୍ତି। କୋର୍ଟରେ ଇଂଲିଶରେ ହେଉଥିବା ଯୁକ୍ତିକୁ ବୁଝିପାରୁନାହାନ୍ତି। ଦୀର୍ଘ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ପ୍ରତିପକ୍ଷ ଅଧିକ ଜଟିଳ କରୁଛନ୍ତି। ଫଳରେ ଉଭୟ ପକ୍ଷ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି ବୋଲି ସିଜେଆଇ କହିଥିଲେ। ତେଣୁ ଅଦାଲତଗୁଡ଼ିକ ବାଦୀକେନ୍ଦ୍ରିକ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ବାଲ୍ୟବିବାହକୁ ବୈଧ କରିବ ନୂଆ ଆଇନ: ଭାଜପା


ଜୟପୁର, ୧୮।୯

ରାଜସ୍ଥାନ ବିଧାନସଭାରେ ବାଧ୍ୟତାମୂଳକ ବିବାହ ପଞ୍ଜୀକରଣ (ସଂଶୋଧନ) ବିଲ୍ ଧ୍ୱନିମତରେ ଗୃହୀତ ହୋଇଛି। ଏକତ୍ର ରହିବାର ୩୦ ଦିନ ମଧ୍ୟରେ ବିବାହ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ନୂଆ ଆଇନ ବାଲ୍ୟ ବିବାହକୁ ବୈଧ କରିବ ବୋଲି ବିରୋଧୀ ଦଳ ଭାଜପା କହିଛି। ନୂଆ ବିଲ୍ ଅନୁଯାୟୀ ବର କନ୍ୟା ଗୋଟିଏ ସ୍ଥାନରେ ୩୦ ଦିନ ରହିବା ପରେ ସ୍ଥାନୀୟ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ବିବାହ ପଞ୍ଜୀକରଣ ଲାଗି ଆବେଦନ କରିପାରିବେ। ୨୧ ବର୍ଷରୁ କମ୍ ବୟସର ପୁଅ ଏବଂ ୧୮ ବର୍ଷରୁ କମ୍ ବୟସର ଝିଅ ମଧ୍ୟ ସେମାନଙ୍କ ମାଆବାପା କିମ୍ବା ଅଭିଭାବକଙ୍କ ଦ୍ୱାରା ବିବାହ ପଞ୍ଜୀକରଣ କରାଇପାରିବେ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଥିବାରୁ ଏହା ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରିବ ବୋଲି ଭାଜପା କହିଛି।

## ୨୦ କୋଟି ଫାଙ୍କିଛନ୍ତି ସୋନୁ ସୁଦ୍

ମୁମ୍ବାଇ, ୧୮।୯

ଆଇଟି ବିଭାଗର ଅଭିଯୋଗ




ବଲିଉଡ୍ ଅଭିନେତା ସୋନୁ ସୁଦ୍ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟିକସ ଠକିବା ସହ ବେଆଇନ ଭାବେ ବିଦେଶୀ ଡୋନେଶନ ସଂଗ୍ରହ କରିଥିବା ଆୟକର (ଆଇଟି) ବିଭାଗ ପକ୍ଷରୁ ଅଭିଯୋଗ ହୋଇଛି। ମୁମ୍ବାଇସ୍ଥିତ ସୋନୁଙ୍କ ଘର ସମେତ ଲକ୍ଷ୍ନୌସ୍ଥିତ ଶିଳ୍ପ ସଂସ୍ଥା, କାନପୁର, ଜୟପୁର, ଦିଲ୍ଲୀ ଏବଂ ଗୁରୁଗ୍ରାମରେ ଥିବା ସମ୍ପତ୍ତି ଉପରେ ଆଇଟି ଅଧିକାରୀ ଦୁଇ ଦିନ ଧରି ଚଢ଼ାଉ କରିଥିଲେ। ସୋନୁ ଓ ତାଙ୍କ ସହଯୋଗୀ ଆୟକର ଫାଙ୍କିବା ସହ ଲାଭ ରହିତ ସଂସ୍ଥା 'ସୁଦ୍ ଚାରିଟି ଫାଉଣ୍ଡେଶନ' ବିଦେଶୀ ଅନୁଦାନ ଆଇନ (ଏଫ୍‌ସିଆର୍‌ଏ) ଉଲ୍ଲଂଘନ କରି କ୍ରାଉଡ ଫଣ୍ଡିଂ ମାଧ୍ୟମରେ ବିଦେଶରୁ ୨.୧ କୋଟି ଟଙ୍କା ସଂଗ୍ରହ କରିଛନ୍ତି।

ଆଇଟି ବିଭାଗ କହିଛି, କୋଭିଡ୍‌ବେଳେ ଗତ ବର୍ଷ ଜୁଲାଇରୁ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ସୋନୁଙ୍କ ଦାତବ୍ୟ ସଂସ୍ଥା ୧୮.୯୪ କୋଟି ଟଙ୍କା ଦାନ ପାଇଥିଲା। ସେଥିରୁ ୧.୯ କୋଟି ଟଙ୍କା ଲୋକଙ୍କ ପିଛା ଖର୍ଚ୍ଚ ହୋଇଥିବାବେଳେ ଆଉ ପ୍ରାୟ ୧୭ କୋଟି ଟଙ୍କା ଏହି ସଂସ୍ଥାର ଆକାଉଣ୍ଟରେ ରହିଛି। ସେହିପରି ଲକ୍ଷ୍ନୌର ଏକ ଭିତ୍ତିଭୂମି ନିର୍ମାଣକାରୀ କମ୍ପାନୀ ସହ ସୋନୁ ୬୫ କୋଟି ଟଙ୍କାର ନେଣଦେଣ ବାବଦ ଆୟକର ମଧ୍ୟ ଠକିଛନ୍ତି। ଚଢ଼ାଉବେଳେ ଟିକସ ଫାଙ୍କିବାର ପ୍ରମାଣ ମିଳିଥିବା ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ ପକ୍ଷରୁ କୁହାଯାଇଛି। ସୋନୁଙ୍କଠାରୁ ୧.୮ କୋଟି ଟଙ୍କା ଜବତ ହୋଇଛି।

## କାବୁଲ ଡ୍ରୋନ୍ ଷ୍ଟ୍ରାଇକ୍ ଭୁଲ୍ ଥିଲା

ୱାଶିଂଟନ୍, ୧୮।୯

କ୍ଷମା ମାଗିଲା ଆମେରିକା


ଫ୍ରାଙ୍କ୍ ମ୍ୟାକେଞ୍ଜି

ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍-ଖୁରାସାନ୍‌କୁ ଟାର୍ଗେଟ କରି ଗତ ଅଗଷ୍ଟ ୨୯ରେ ଆମେରିକା ଏକ ଗାଡ଼ି ଉପରେ କରିଥିବା ଡ୍ରୋନ୍ ଆକ୍ରମଣ ଏକ 'ଭୁଲ୍' ଥିଲା ବୋଲି କହିଛନ୍ତି ଆମେରିକା ସେଣ୍ଟ୍ରାଲ କମାଣ୍ଡର କମାଣ୍ଡର ଜେନେରାଲ ଫ୍ରାଙ୍କ୍ ମ୍ୟାକେଞ୍ଜି। ଏଥିରେ ୭ ଶିଶୁଙ୍କ ସମେତ ୧୦ ଆଫଗାନ୍‌ଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣର ଭୟଙ୍କର ପରିଣତି ପାଇଁ ସେ କ୍ଷମା ମାଗିଛନ୍ତି। ଟାର୍ଗେଟ ହୋଇଥିବା ଗାଡ଼ିରେ ଥିବା ନାଗରିକମାନେ ସିଧାସଳଖ ଭାବେ ଆଇଏସ୍‌ଆଇଏସ୍-କେ ସହ ଜଡ଼ିତ ନ ଥାଇପାରନ୍ତି ବୋଲି ତଦନ୍ତରୁ ଜଣାପଡୁଥିବା ସେ କହିଛନ୍ତି। ଉକ୍ତ କାର୍‌ରେ ଆତଙ୍କବାଦୀମାନେ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା ଗୋଇନ୍ଦା ରିପୋର୍ଟ ମିଳିବା ପରେ ଆକ୍ରମଣ କରାଯାଇଥିଲା। ହେଲେ ଏହି ରିପୋର୍ଟ ଭୁଲ ଥିଲା ବୋଲି ମ୍ୟାକେଞ୍ଜି କହିଛନ୍ତି। ଏହି ତ୍ରୁଟି ପାଇଁ ସେ ଦାୟୀ ଏବଂ ଦୁଃଖିତ। ପୀଡିତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଆମେରିକା ଚିନ୍ତା କରୁଛି ବୋଲି ମ୍ୟାକେଞ୍ଜି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୬ରେ କାବୁଲ ବିମାନବନ୍ଦର ନିକଟରେ ଆଇଏସ୍‌ଆଇଏସ୍-କେ ଆକ୍ରମଣରେ ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ୧୮୦ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଶିକ୍ଷାରୁ ବଞ୍ଚିତ ହେବେ ଅର୍ଦ୍ଧାଧିକ ଆଫଗାନ୍

କାବୁଲ, ୧୮।୯


ତାଲିବାନ୍ ଦୌରାତ୍ମ୍ୟ

ଉଚ୍ଚ ବିଦ୍ୟାଳୟରେ କେବଳ ଛାତ୍ରଙ୍କୁ ଶିକ୍ଷାଦାନର ଅନୁମତି ଦେଇ ତାଲିବାନ୍ ଆଫଗାନିସ୍ତାନର ସମସ୍ତ ଛାତ୍ରୀଙ୍କୁ ଏଥିରୁ ବଞ୍ଚିତ କରିଛି। ଏହା ଦ୍ୱାରା କୌଣସି ଦେଶର ଅର୍ଦ୍ଧାଧିକ ଜନସଂଖ୍ୟା ମାଧ୍ୟମିକ ଶିକ୍ଷାରୁ ବାଦ୍ ପଡ଼ିବାରେ ଆଫଗାନିସ୍ତାନ ବିଶ୍ୱର ପ୍ରଥମ ରାଷ୍ଟ୍ର ହେବ। ପ୍ରାୟ ମାସେ କାଳ ଧରି ଦେଶରେ ଅସ୍ଥିରତା ଲାଗି ରହିବା ପରେ ତାଲିବାନ୍ ସରକାର ଶୁକ୍ରବାର ସ୍କୁଲଗୁଡ଼ିକୁ ଖୋଲିବା ସହ ପାଠପଢ଼ା ପାଇଁ କେବଳ ଛାତ୍ର ଏବଂ ଶିକ୍ଷକମାନଙ୍କୁ ଅନୁମତି ଦେଇଥିଲା। ତାଲିବାନ୍ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା ହେବା ପରେ ଶନିବାରଠାରୁ ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟ ଖୋଲିଛି। ତେବେ ତାଲିବାନ୍‌ର ମହିଳା ବିରୋଧୀ ଏଭଳି ନିଷ୍ପତ୍ତି ଯୋଗୁ ଛାତ୍ରୀ ଏବଂ ଶିକ୍ଷୟିତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯିବାର ଆଶଙ୍କା ଉପୁଜିଛି।

### ଆଫଗାନିସ୍ତାନରେ ସକ୍ରିୟ ପାକ୍ ବିରୋଧୀ ସଙ୍ଗଠନ: ଇମ୍ରାନ୍

ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନରେ ସକ୍ରିୟ ଅଛନ୍ତି ୩ ସଙ୍ଗଠନ। ଆତଙ୍କବାଦୀଙ୍କ ସ୍ଥାୟୀ ଘର ପାଲଟିଥିବା ପାକିସ୍ତାନ ଏହି ସଙ୍ଗଠନର ଟାର୍ଗେଟରେ ଅଛି ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ କହିଛନ୍ତି। ତାଜିକିସ୍ତାନ ରାଷ୍ଟ୍ରପତି ଇମୋମାଲି ରେହମାନ୍‌ଙ୍କ ସହ ଶୁକ୍ରବାର ଦୁଶାନବେଠାରେ ଏକ ସମ୍ମିଳନୀରେ ଯୋଗ ଦେଇ ଇମ୍ରାନ ଏହା କହିଛନ୍ତି। ପଞ୍ଜଶିର ସ୍ଥିତି ଚିନ୍ତାଜନକ ଥିବାରୁ ଏ ନେଇ ସେ ତାଲିବାନ୍ ସହ ଆଲୋଚନା କରିବେ। ପାକିସ୍ତାନ ଓ ତାଜିକିସ୍ତାନ କଥାବାର୍ତ୍ତା ମାଧ୍ୟମରେ ଆଫଗାନିସ୍ତାନର ପଞ୍ଜଶିର ଉପତ୍ୟକାରେ ଶାନ୍ତି ପ୍ରତିଷ୍ଠା ଚାହୁଁଛନ୍ତି। ଆଫଗାନିସ୍ତାନରେ ସ୍ଥିରତା ବଜାୟ ନ ରହିଲେ ଏହା ଦ୍ୱାରା ପଡ଼ୋଶୀ ଦେଶ ପ୍ରଭାବିତ ହେବେ। ତେଣୁ ସେଠାରେ ଏକ ପୂର୍ଣ୍ଣ ସରକାର ଗଠନ ଜରୁରୀ ବୋଲି ଇମ୍ରାନ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୯/୨୦୨୧ | Bhubaneswar, Sunday, September 19/2021 | ପୃଷ୍ଠା-୧




**ସ୍କୁଲରୁ ପ୍ରେମରେ ପଡ଼ିଥିଲେ ଜ୍ୟାକ୍‌ଲିନ**

ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଡିଜ ସ୍କୁଲରେ ପଢୁଥିବା ସମୟରୁ ପ୍ରେମରେ ପଡ଼ିଥିଲେ ବୋଲି କହିଛନ୍ତି।

୧୨

୧୪

**ଖେଳରତ୍ନ ପାଇଁ ପ୍ରମୋଦ ଭଗତଙ୍କ ନାମ ସୁପାରିସ**

ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ନାମ ସୁପାରିସ କରାଯାଇଛି।



# ଯୌନ ପୀଡ଼ିତାଙ୍କ କଥା ଶୁଣ


## ବିଶପ୍‌ଙ୍କୁ ପୋପ୍ ଫ୍ରାନ୍ସିସ୍‌ଙ୍କ ପରାମର୍ଶ

*ଚର୍ଚ୍ଚରେ ବଢୁଛି ଯୌନ ନିର୍ଯାତନା, ବଳାତ୍କାର ଭଳି ଘୃଣ୍ୟ ଅପରାଧ। ଖୋଦ୍ ଧର୍ମଗୁରୁଙ୍କ ନାଁରେ ଆସୁଛି ସଙ୍ଗିନ ଅଭିଯୋଗ। ଏଥିରେ ସମ୍ପୃକ୍ତ ବିଶପ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଏଭଳି ଘଟଣାକୁ ପ୍ରୋତ୍ସାହନ ଦେଉଛି। ପୀଡ଼ିତାଙ୍କ କଥା ଶୁଣିବାରେ ଅନ୍ୟ ବିଶପ୍‌ମାନେ ବିଫଳ ହେବା ସହ ଅଭିଯୁକ୍ତଙ୍କୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଛି। ଚର୍ଚ୍ଚର ବିଶ୍ୱସନୀୟତା ଓ ପବିତ୍ରତା ବଜାୟ ରଖିବାକୁ ହେଲେ ପୀଡ଼ିତାଙ୍କୁ ସଂସ୍କାର କାର୍ଯ୍ୟରେ ସାମିଲ କରାଯିବା ଜରୁରୀ ବୋଲି କହିଛନ୍ତି ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚର ମୁଖ୍ୟ ପୋପ୍ ଫ୍ରାନ୍ସିସ୍। ନଚେତ ଚର୍ଚ୍ଚର ଭବିଷ୍ୟତ ବିପଦରେ ପଡ଼ିବ ବୋଲି ସେ ଚେତାଇ ଦେଇଛନ୍ତି।*

ରୋମ୍, ୧୮।୯

ପାଦ୍ରୀ ତଥା ଧର୍ମଗୁରୁଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୀଡ଼ିତାଙ୍କ ପକ୍ଷ ଶୁଣି ସେମାନଙ୍କୁ ସଂସ୍କାର କାର୍ଯ୍ୟରେ ଅଂଶୀଦାର କରିବାକୁ ରୋମ୍ କ୍ୟାଥୋଲିକ୍ ଚର୍ଚ୍ଚର ମୁଖ୍ୟ ତଥା ପୋପ୍ ଫ୍ରାନ୍ସିସ୍ ଶନିବାର ୟୁରୋପୀୟ ବିଶପ୍‌ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ବିଫଳ ହେଲେ କ୍ୟାଥୋଲିକ୍ ଚର୍ଚ୍ଚର ଭବିଷ୍ୟତ ବିପଦରେ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ବିଶପ୍ ସମ୍ମିଳନୀ ଏବଂ ଭାଟିକାନର ଶିଶୁ ସୁରକ୍ଷା ପରାମର୍ଶଦାତା କମିଶନ ଦ୍ୱାରା ପୋଲାଣ୍ଡରେ ରବିବାରଠାରୁ ଆୟୋଜନ ହେବାକୁ ଥିବା ୪ ଦିନିଆ ଶିଶୁ ସୁରକ୍ଷା ସମ୍ମିଳନୀ ପୂର୍ବରୁ କେନ୍ଦ୍ରୀୟ ଏବଂ ପୂର୍ବ ୟୁରୋପୀୟ ବିଶପ୍‌ମାନଙ୍କ ଉଦ୍ଦେଶ୍ୟରେ ପୋପ୍ ଏହି ଭିଡିଓ ବାର୍ତ୍ତା ପ୍ରଦାନ କରିଛନ୍ତି।

ଗତ କିଛି ମାସ ମଧ୍ୟରେ ଯୌନ ନିର୍ଯାତନା ଏବଂ ବଳାତ୍କାରୀ ଖ୍ରିଷ୍ଟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କ ପକ୍ଷ ଶୁଣିବାରେ ବିଫଳ ହେବା କାରଣରୁ ଭାଟିକାନ୍ ଅନେକ ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ ବିଶପ୍‌ମାନଙ୍କ ଉପରେ କଟକଣା ଲଗାଇଛି। ଏବେ ପୋପ୍ ଫ୍ରାନ୍ସିସ୍ ମଧ୍ୟ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ଏପରି ବାର୍ତ୍ତା ଦେଇଛନ୍ତି। ଏଭଳି କଠୋର ବ୍ୟବହାର ପରେ ଦୋଷ ସ୍ୱୀକାର କରିନେବା ଏବଂ ପୀଡ଼ିତାଙ୍କ ନିକଟରୁ କ୍ଷମା ପ୍ରାର୍ଥନା ଦ୍ୱାରା ଚର୍ଚ୍ଚକୁ ଏକ ବିଶ୍ୱସନୀୟ ଏବଂ ନିରାପଦ ସ୍ଥାନ ଭାବେ ପୁଣି ବିବେଚନା ☞ପୃଷ୍ଠା-୨



# ରାଜ୍ୟ ଉପରେ ଉଦ୍ୟୋଗ ବୋଝ

## ୫ ବର୍ଷରେ ସରକାର କରିଛନ୍ତି ୫,୬୯୮ କୋଟିର ପୁଞ୍ଜିନିବେଶ

## ବୁଡ଼ିଗଲେଣି ୭୨, ଟଙ୍କାଟିଏ ଦେଇ ନାହାନ୍ତି ୬୫ ସଂସ୍ଥା: ସିଏଜି

*ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ରାଜସ୍ୱ ବୃଦ୍ଧି ଆଶାରେ ରାଜ୍ୟ ସରକାର ଋଣ କରି ଉଦ୍ୟୋଗଗୁଡ଼ିକୁ ବିପୁଳ ଆର୍ଥିକ ସହାୟତା ଦେଉଛନ୍ତି। କିନ୍ତୁ ସରକାରୀ ଉଦ୍ୟୋଗ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁ ସେଗୁଡ଼ିକ ବୁଡ଼ିବାରେ ଲାଗିଛନ୍ତି। ଫଳରେ ରାଜକୋଷ ଉପରେ ବୋଝ ବଢୁଛି, ଯାହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ସିଏଜି।*

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସରକାରୀ ଉଦ୍ୟୋଗ ଓ କମ୍ପାନୀଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଲାଭାଂଶ ଆସିବ। ରାଜକୋଷରେ ରାଜସ୍ୱ ବୃଦ୍ଧି ହେବ। ଏଭଳି ଚିନ୍ତା କରି ରାଜ୍ୟ ସରକାର ଋଣ କରି ଉଦ୍ୟୋଗଗୁଡ଼ିକୁ ହୃଷ୍ଟପୁଷ୍ଟ କରୁଛନ୍ତି। କିନ୍ତୁ କମ୍ପାନୀ ଏବଂ ଉଦ୍ୟୋଗ କର୍ତ୍ତୃପକ୍ଷଙ୍କ ପରିଚାଳନାଗତ ଅପାରଗତା ଯୋଗୁ ସେଗୁଡ଼ିକ ଫାଇଦା ଦେବା ବଦଳରେ ଧୀରେ ଧୀରେ ବୁଡ଼ି ଯାଉଛନ୍ତି। ସେହି କମ୍ପାନୀ ଓ ଉଦ୍ୟୋଗଗୁଡ଼ିକରେ ହୋଇଥିବା ପୁଞ୍ଜିନିବେଶ କ୍ରମଶଃ ରାଜକୋଷ ଉପରେ ବୋଝ ହୋଇଯାଉଛି। ରାଜ୍ୟ ସରକାର ୧୪୭ କମ୍ପାନୀ ଏବଂ ଉଦ୍ୟୋଗରେ ୨୦୧୫ରୁ ୨୦୨୦ ମଧ୍ୟରେ ୫୬୯୮ କୋଟି ପୁଞ୍ଜି ବିନିଯୋଗ କରିଛନ୍ତି। ସେଥିରୁ ୪୭୨୦ କୋଟି ଲାଭାଂଶ ରାଜ୍ୟ ତହବିଲକୁ ଫେରି ନାହିଁ। ବୁଡ଼ି ଯାଉଥିବା କମ୍ପାନୀକୁ ପୋଷି ସରକାର ରାଜକୋଷ ଉଜାଡ଼ି ଚାଲିଛନ୍ତି। ସରକାରଙ୍କ ଏଭଳି ପୁଞ୍ଜିନିବେଶକୁ ନେଇ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଚିନ୍ତାପ୍ରକଟ କରିଛନ୍ତି।

ନିକଟରେ ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାର ଭବିଷ୍ୟତରେ ଲାଭ ପାଇବା ଆଶାରେ କମ୍ପାନୀ ଓ ଉଦ୍ୟୋଗଗୁଡ଼ିକରେ ପୁଞ୍ଜି ନିବେଶ କରୁଛନ୍ତି। ୨୦୧୫ରୁ ୨୦୨୦ ମାର୍ଚ୍ଚ ୩୧ ମଧ୍ୟରେ ୫୬୯୮.୬୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯାଇଛି। ସରକାରୀ କମ୍ପାନୀଗୁଡ଼ିକରେ ୪୨୭୮ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ସମବାୟ ସମିତିରେ ୭୬୩.୫୭ କୋଟି, ନିଗମଗୁଡ଼ିକରେ ୬୫୪.୦୫ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହି ବିନିଯୋଗର ଲାଭାଂଶ ବାବଦରେ ୪,୭୨୦.୮୪ କୋଟି ଟଙ୍କା ଅର୍ଥାତ୍ ୮୩ ପ୍ରତିଶତ ପୁଞ୍ଜି ରାଜକୋଷକୁ ଫେରିବା କଥା। ମାତ୍ର ୨୦୧୫-୧୬ରେ ୫୫୩.୩୬ କୋଟି ଟଙ୍କା ଫେରିଥିବାବେଳେ ୨୦୧୬-୧୭ରେ ୫୬୬.୦୪ କୋଟି, ୨୦୧୭-୧୮ରେ ୬୬.୨୨ କୋଟି, ୨୦୧୮-୧୯ରେ ୫୪୩.୯୪ କୋଟି ଏବଂ ୨୦୧୯-୨୦ରେ ଫେରିଛି ମାତ୍ର ୩୨୧.୩୮ କୋଟି ଟଙ୍କା। ରାଜ୍ୟ ସରକାର ପୁଞ୍ଜି ବିନିଯୋଗ କରିଥିବା ୧୪୭ଟି ସଂସ୍ଥାରୁ ୨୦୧୯-୨୦ରେ ମାତ୍ର ୧୦ଟି ସଂସ୍ଥା କିଛି ମାତ୍ରାରେ ଲାଭାଂଶ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନୀରବ ଯନ୍ତ୍ରଣା

# ଟିଏମ୍‌ସିରେ ବାବୁଲ ସୁପ୍ରିୟୋ

## ରାଜନୀତିରୁ ସନ୍ନ୍ୟାସ ନେଇଥିଲେ

କୋଲକାତା, ୧୮।୯

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆସାନସୋଲ୍ ଏମ୍‌ପି ବାବୁଲ ସୁପ୍ରିୟୋ ଶନିବାର କୋଲକାତାରେ ଆନୁଷ୍ଠାନିକ ଭାବେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗ ଦେଇଛନ୍ତି। ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ସେ ବାଦ୍ ପଡ଼ିଥିଲେ। ଏହା ପରେ ସେ ରାଜନୀତି ଛାଡ଼ିବେ ବୋଲି ଘୋଷଣା କରିଥିଲେ। ତେବେ



ଲୋକ ସଭା ସଭ୍ୟ ପଦରୁ ଇସ୍ତଫା ନ ଦେବା ପାଇଁ ଭାଜପା ନେତୃବୃନ୍ଦ ତାଙ୍କୁ ପ୍ରବର୍ତ୍ତାଇଥିଲେ। ଶନିବାର ସେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ, ଡେରେକ ଓ'ବ୍ରିଏନ୍‌ଙ୍କ ଉପସ୍ଥିତିରେ ମମତା ବାନାର୍ଜୀଙ୍କ ଦଳରେ ସାମିଲ ହୋଇଛନ୍ତି। ନିଷ୍ପତ୍ତି ବଦଳାଇଥିବାରୁ ☞ପୃଷ୍ଠା-୨






# ମନୋରମା ମହାପାତ୍ରଙ୍କ ପରଲୋକ



**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ**

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସୁସାହିତ୍ୟିକା ତଥା 'ସମାଜ'ର ପୂର୍ବତନ ସମ୍ପାଦିକା ମନୋରମା ମହାପାତ୍ର(୮୭)ଙ୍କ ଶନିବାର ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଦୁଇଦିନ ତଳେ ତାଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ☞ପୃଷ୍ଠା-୧୩

# ଇସ୍ତଫା ଦେଲେ ଅମରିନ୍ଦର

## କଂଗ୍ରେସରେ ଗୋଷ୍ଠୀକନ୍ଦଳରୁ ଅତିଷ୍ଠ ଥିଲେ

> ନବଜୋତ୍ ସିଂ ସିଦ୍ଧୁଙ୍କ ବନ୍ଧୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍। ସେଠାକାର ସେନା ମୁଖ୍ୟ ଜେନେରାଲ କମାର ଜାଭେଦ ବାଜ୍‌ୱାଙ୍କ ସହ ମଧ୍ୟ ତାଙ୍କ ଭଲ ସମ୍ପର୍କ ରହିଛି। ତେଣୁ ଭାରତର ହିତ ଦୃଷ୍ଟିରୁ ସିଦ୍ଧୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବା ଅନୁଚିତ। ତାଙ୍କ ନାମକୁ ବିରୋଧ କରିବି।
>
> **-କ୍ୟାପ୍‌ଟେନ ଅମରିନ୍ଦର ସିଂ, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ**



ଚଣ୍ଡିଗଡ଼, ୧୮।୯

ଆଗକୁ ପଞ୍ଜାବ ବିଧାନସଭା ନିର୍ବାଚନ ଥିବାବେଳେ କଂଗ୍ରେସ ଦଳରେ ଗୋଷ୍ଠୀକନ୍ଦଳ ଯୋଗୁ ବରିଷ୍ଠ ନେତା ଅମରିନ୍ଦର ସିଂ ଶନିବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜଭବନ ଯାଇ ରାଜ୍ୟପାଳ ବନଓ୍ୱାରିଲାଲ୍ ପୁରୋହିତଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ଦଳରେ ସେ ୩ ଥର ଅପମାନିତ ହେବା ପରେ ଅତିଷ୍ଠ ହୋଇପଡ଼ିଥିଲେ। ଦଳ ଏବେ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିପାରିବ ବୋଲି ଇସ୍ତଫା ଦେବା ପରେ ଅମରିନ୍ଦର ଗଣମାଧ୍ୟମକୁ କହିଛନ୍ତି।

ଶନିବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିବାକୁ ଥିବାବେଳେ ଏହା ପୂର୍ବରୁ ଅମରିନ୍ଦର ଇସ୍ତଫା ☞ପୃଷ୍ଠା-୨

# ଆଜିଠୁ ୟୁଏଇରେ ଆଇପିଏଲ୍

ଦୁବାଇ,୧୮।୯(ପି.ଟି.)

ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୁଣି ଥରେ ଆରମ୍ଭ ହେବାକୁ ଯାଉଛି। ରବିବାରଠାରୁ ଆଇପିଏଲ୍ ୧୪ତମ ସଂସ୍କରଣର ବାକିଥିବା ମ୍ୟାଚ୍ ଆରମ୍ଭ ହେବ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇ ଇଣ୍ଟରନ୍ୟାଶନାଲ ☞ପୃଷ୍ଠା-୧୩

# ବିପର୍ଯ୍ୟୟ ପଥରେ ବିଶ୍ୱ

## ବଢ଼ିବ ୨.୭ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ

*ସବୁଜଗୃହ ବାଷ୍ପ (ଗ୍ରୀନ୍‌ହାଉସ୍ ଗ୍ୟାସ୍) ଉତ୍ସର୍ଜନ ହ୍ରାସ ପାଇଁ ଦେଶଗୁଡ଼ିକ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରୁନାହିଁ। ଏହାର ପରିଣତି ସ୍ୱରୂପ ଆମେ ଏକ ଉତ୍ତପ୍ତ ଭବିଷ୍ୟତ ଆଡ଼କୁ ଗତି କରୁଛେ। ଏହା ଶୁଣିଲେ ଯେତିକି ବ୍ୟତିବ୍ୟସ୍ତ ଲାଗୁଛି ତା'ଠାରୁ ବି ଅଧିକ ସଙ୍କଟ ସୃଷ୍ଟି ହୋଇପାରେ। ଏହି କଥା ଚେତାଇ ଦେଇଛନ୍ତି ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରେସ୍। ଏପରି କି ସମଗ୍ର ବିଶ୍ୱ ୨.୭ ଡିଗ୍ରୀ ସେଲ୍‌ସିୟସ ଉତ୍ତପ୍ତର ବିପର୍ଯ୍ୟୟ ପଥରେ ରହିଛି ବୋଲି ଗୁଟେରେସ୍ କହିଛନ୍ତି।*



ବର୍ଲିନ,୧୮।୯

ଆକଳନ ସମୟଠାରୁ ଜଳବାୟୁ ପରିବର୍ତ୍ତନ ଶୀଘ୍ର ଘଟୁଛି ଏବଂ ଜୀବାଶ୍ମ ଇନ୍ଧନରୁ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ବୃଦ୍ଧି ପାଉଛି। ତେଣୁ ବିଶ୍ୱତାପନ ଏବଂ ଜଳବାୟୁ ବିପର୍ଯ୍ୟୟକୁ ରୋକିବା ପାଇଁ ଗ୍ରୀନ୍‌ହାଉସ ଗ୍ୟାସ ନିର୍ଗମନକୁ ଶୀଘ୍ର ଏବଂ ବୃହତ୍ ଆକାରରେ ହ୍ରାସ କରିବାକୁ ଜାତିସଂଘ ମୁଖ୍ୟ ଗୁଟେରେସ୍ ଶୁକ୍ରବାର ଆହ୍ୱାନ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୩୧ରୁ ନଭେମ୍ବର ୧୨ ଯାଏ ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ହେବାକୁ ଥିବା ଜାତିସଂଘର ୨୬ତମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍-୨୬) ପୂର୍ବରୁ ଗୁଟେରେସ୍‌ଙ୍କ ଆହ୍ୱାନ ଗୁରୁତ୍ୱ ବହନ କରୁଛି।

୨୦୧୫ରେ ପ୍ୟାରିସ୍‌ରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଏକ ଐତିହାସିକ ରାଜିନାମା ଖସଡ଼ା ପ୍ରସ୍ତୁତ ହୋଇଥିଲା। ତଦନୁଯାୟୀ ବିଶ୍ୱତାପନ ୨ ଡିଗ୍ରୀ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"କୋଭିଡ୍ ଟିକା ପ୍ରମାଣପତ୍ରରେ ତ୍ରିରଙ୍ଗା ଚିହ୍ନ ରହିବା ଉଚିତ। କିନ୍ତୁ ଭାଜପା ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଲଗାଇ ନିର୍ବାଚନୀ ପ୍ରଚାର ପାଇଁ ବ୍ୟବହାର କରୁଛି।
**–ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ବିଚିତ୍ର
ପରିବାରବର୍ଗ


ସାଇ
ପରିବାରବର୍ଗ


ସାଇକ୍ରୀଷ୍ଟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବିପର୍ଯ୍ୟୟ ପଥରେ ...

ସେଲ୍‌ସିୟସ ପର୍ଯ୍ୟନ୍ତ ହ୍ରାସ କରିବା ପାଇଁ ୧୯୧ଟି ଦେଶର ନେତୃବୃନ୍ଦ ନିଷ୍ପତ୍ତି ନେଇଥିଲେ। ଏହାସହ ମନୁଷ୍ୟକୃତ ବିଶ୍ୱତାପନକୁ ପୂର୍ବ-ଔଦ୍ୟୋଗିକ ତାପମାତ୍ରାଠାରୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହି ଲକ୍ଷ୍ୟକୁ ଗୁଟେରେସ୍‌ଙ୍କ ଚେତାବନୀ ଚୂର୍ମାର କରିଦେବା ଆଶଙ୍କା ସୃଷ୍ଟି କରିଛି।

ବୈଜ୍ଞାନିକମାନଙ୍କ କହିବାନୁଯାୟୀ ବିପର୍ଯ୍ୟସ୍ତ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ୨୦୩୦ ସୁଦ୍ଧା ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ୪୫% ହ୍ରାସ କରିବା ଜରୁରୀ। କିନ୍ତୁ ତାହା ସମ୍ଭବ ହେବା ଅତ୍ୟନ୍ତ କଷ୍ଟସାଧ ମନେହେଉଛି। କାରଣ ୨୦୧୦ ତୁଳନାରେ ୨୦୩୦ରେ ବିଶ୍ୱର ମୋଟ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ୧୬% ବୃଦ୍ଧି ପାଇବ ବୋଲି ଜାତିସଂଘର ନୂଆ ବିଶ୍ଳେଷଣରୁ ଜଣାପଡ଼ିଛି। ଫଳରେ ସାରା ବିଶ୍ୱରେ ପ୍ରଳୟଙ୍କରୀ ବନ୍ୟାଠାରୁ ଆରମ୍ଭ କରି ବୃହତ୍ ବନାଗ୍ନି, ବାତ୍ୟା, ଝଡ଼ ଆଦି ଦେଖିବାକୁ ମିଳିବ। ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟରୁ କୌଣସି ଦେଶ ସୁରକ୍ଷିତ ନୁହନ୍ତି। ଏହି ପରିବର୍ତ୍ତନଗୁଡ଼ିକ କେବଳ ଖରାପ ପର୍ଯ୍ୟାୟର ଆରମ୍ଭ। ତେଣୁ ୨୦୧୫ ପ୍ୟାରିସ ଜଳବାୟୁ ଚୁକ୍ତିର ଲକ୍ଷ୍ୟ ପୂରଣ କରିବାକୁ ଜାତିସଂଘ ମୁଖ୍ୟ ଗୁଟେରେସ୍ ଆହ୍ୱାନ ଦେଇଛନ୍ତି।

ଜାତିସଂଘର ଜଳବାୟୁ ମୁଖ୍ୟ ପାଟ୍ରିସିଆ ଏସ୍ପିନୋସା କହିଛନ୍ତି, ସାମଗ୍ରିକ ଭାବେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ସଂଖ୍ୟାର ବାସ୍ତବିକ ଆକଳନ ହୋଇପାରୁନାହିଁ। ଆମ ଟେବୁଲରେ ଯାହା ତଥ୍ୟ ଅଛି, ତାହା ପର୍ଯ୍ୟାପ୍ତ ନୁହେଁ। କିନ୍ତୁ କିଛି ଦେଶ ସହ ଆଲୋଚନାରେ ତାଙ୍କୁ ବହୁତ ସକାରାତ୍ମକ ସଙ୍କେତ ମିଳିଛି ଯେ, ଗ୍ଲାସ୍‌ଗୋରେ ହେବାକୁ ଥିବା କୋପ୍-୨୬ ପୂର୍ବରୁ ନିର୍ଗମନ ହ୍ରାସ ନେଇ ନୂଆ ପ୍ରତିଶ୍ରୁତି ମିଳିବ। ଚାଇନା ପରେ ଆମେରିକା ଦ୍ୱିତୀୟ ଏବଂ ୨୭ ଦେଶ ବିଶିଷ୍ଟ ୟୁରୋପୀୟ ସଂଘ ହେଉଛି ବିଶ୍ୱର ତୃତୀୟ ବୃହତ୍ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନକାରୀ। ଆମେରିକା ଏବଂ ୟୁରୋପୀୟ ସଂଘ ଚଳିତବର୍ଷ ନିର୍ଗମନ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ବିଶ୍ୱର ପ୍ରାୟ ଅଧା ନିର୍ଗମନ ପାଇଁ ଦାୟୀ ଦେଶଗୁଡ଼ିକ ଏପର୍ଯ୍ୟନ୍ତ ତାହା କରିନାହାନ୍ତି। ସେମାନଙ୍କ ମଧ୍ୟରେ ଚାଇନା, ଭାରତ ଏବଂ ସାଉଦି ଆରବ ରହିଛି। ବ୍ରାଜିଲ ଏବଂ ମେକ୍ସିକୋ ନୂଆ ପ୍ରତିଶ୍ରୁତି ଦାଖଲ କରିଛନ୍ତି। ତାହାକୁ ବିଶ୍ଳେଷଣ ପରେ ସେହି ଦେଶର ପୂର୍ବ ଲକ୍ଷ୍ୟ ଅପେକ୍ଷା ଅଧିକ ନିର୍ଗମନ ହେବ ବୋଲି ବିଶ୍ଳେଷକମାନେ କହିଛନ୍ତି।
କୋପ୍-୨୬ର ସଭାପତି ଆଲୋକ ଶର୍ମାଙ୍କ ମତରେ ସମସ୍ତ ଦେଶ, ବିଶେଷକରି ବୃହତ୍ ଅର୍ଥବ୍ୟବସ୍ଥା ସମ୍ପନ୍ନ ଦେଶଗୁଡ଼ିକର ପଦକ୍ଷେପ ବିନା ନିର୍ଗମନ ହ୍ରାସ ପ୍ରୟାସ ବୃଥା ହେବା ଆଶଙ୍କା ରହିଛି। କାରଣ ଭାରତ ସମେତ ଅନ୍ୟ ଦେଶଗୁଡ଼ିକ କହିଛନ୍ତି, ସ୍ୱଳ୍ପ କାର୍ବନ ଶକ୍ତି ଏବଂ ଶିଳ୍ପରେ ବିନିଯୋଗ ପାଇଁ ଧନୀ ଦେଶଗୁଡ଼ିକଠାରୁ ଅଧିକ ସହଯୋଗ ନ ପାଇଲେ ସେମାନେ ଶୀଘ୍ର ନିର୍ଗମନ ହ୍ରାସ କରିପାରିବେ ନାହିଁ। ପ୍ୟାରିସ୍ ଚୁକ୍ତିରେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ଲାଗି ବିକାଶୋନ୍ମୁଖୀ ଦେଶଗୁଡ଼ିକ ୨୦୨୦ରୁ ବାର୍ଷିକ ୧୦୦ ବିଲିୟନ ଆମେରିକୀୟ ଡଲାର ପର୍ଯ୍ୟନ୍ତ ସହଯୋଗ କରିବାକୁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ତାହା ହୋଇପାରି ନ ଥିବା ଆର୍ଥିକ ସହଯୋଗ ଏବଂ ବିକାଶ ସଂଗଠନ (ଓଇସିଡି) ପକ୍ଷରୁ କୁହାଯାଇଛି।

## ଇସ୍ତଫା ଦେଲେ ...

ଦେଇଛନ୍ତି। ତୃତୀୟ ଥର ପାଇଁ ଦଳ ବିଧାୟକମାନଙ୍କ ବୈଠକ ଡାକିଥିଲା। ଏଥିରୁ ସ୍ପଷ୍ଟ ଯେ ତାଙ୍କ ଉପରେ ଦଳର ସନ୍ଦେହ ରହିଛି। ସେ ନିଜକୁ ଅପମାନିତ ଅନୁଭବ କରୁଛନ୍ତି ବୋଲି ଅମରିନ୍ଦର ଖବରଦାତାମାନଙ୍କୁ କହିଛନ୍ତି। ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ପ୍ରଶ୍ନ ହେବାରୁ ବିକଳ୍ପ ସବୁବେଳେ ଖୋଲା ରହିଛି ଏବଂ ଉପଯୁକ୍ତ ସମୟରେ ଏହାର ଉପଯୋଗ କରିବେ ବୋଲି ଅମରିନ୍ଦର କହିଥିଲେ। ସେ ଏବେ କଂଗ୍ରେସରେ ଅଛନ୍ତି। ସମର୍ଥକମାନଙ୍କ ସହ କଥା ହୋଇ ପରବର୍ତ୍ତୀ ରାଜନୈତିକ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଶନିବାର ସକାଳେ ସେ ଇସ୍ତଫା ଦେବା ପାଇଁ ନିଷ୍ପତ୍ତି ନେବା ପରେ ଏ ସମ୍ପର୍କରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଜଣାଇଥିଲେ। କିଛିମାସ ହେଲା ସେ ଦଳ ଭିତରେ ବିଦ୍ରୋହର ସମ୍ମୁଖୀନ ହେବା ସହ ଅପମାନ ବୋଧ କରୁଛନ୍ତି। ଏଭଳି ଅପମାନିତ ହୋଇ ସେ ଦଳରେ ରହିପାରିବେ ନାହିଁ ବୋଲି ସୋନିଆଙ୍କୁ ସ୍ପଷ୍ଟ କରିଦେଇଥିଲେ। ପରେ ସେ ସ୍ତ୍ରୀ ତଥା ଏମ୍‌ପି ପ୍ରେନୀତ୍ କୌର ଏବଂ ପୁଅ ରନିନ୍ଦର ସିଂଙ୍କ ସହ ରାଜ୍ୟପାଳଙ୍କୁ ଭେଟି ଇସ୍ତଫାପତ୍ର ଦେଇଥିଲେ।

ନିର୍ବାଚନର ମାସ କେଇଟା ପୂର୍ବରୁ ଅମରିନ୍ଦରଙ୍କ ଇସ୍ତଫା ଯୋଗୁ ରାଜ୍ୟ କଂଗ୍ରେସରେ ବିଭାଜନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଅମରିନ୍ଦର ତାଙ୍କ ଅନୁଗତ ବିଧାୟକମାନଙ୍କ ବୈଠକ ଡାକିଥିଲେ। ୪ ମନ୍ତ୍ରୀଙ୍କ ସମେତ ୧୫ ବିଧାୟକ ଉକ୍ତ ବୈଠକରେ ଯୋଗଦେଇଥିଲେ। ସୂତ୍ର ଅନୁଯାୟୀ ଦଳର ୫୦ରୁ ଊର୍ଦ୍ଧ୍ୱ ବିଧାୟକ ସୋନିଆଙ୍କୁ ପତ୍ର ଲେଖି ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ଦାବି କରିଥିଲେ। ଫଳରେ ବିଧାୟକମାନଙ୍କ ଜରୁରୀ ବୈଠକ ଡାକିବା ପାଇଁ ଶୁକ୍ରବାର ରାତିରେ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ପୂର୍ବତନ ରାଜ୍ୟ କଂଗ୍ରେସ ସଭାପତି ସୁନୀଲ ଜାଖଡ଼, ପ୍ରତାପ ସିଂ ବାଜୱା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ବେଅନ୍ତ ସିଂଙ୍କ ନାତି ରଭନୀତ ସିଂ ବିଟ୍ଟୁ ରହିଥିବା ଚର୍ଚ୍ଚା ହେଉଛି।

ବରିଷ୍ଠ ନେତା ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ଅମରିନ୍ଦରଙ୍କ ବିବାଦରୁ ପଞ୍ଜାବ କଂଗ୍ରେସରେ ସଙ୍କଟ ବଢ଼ିଥିଲା। ତାଙ୍କ ବିରୋଧ ସତ୍ତ୍ୱେ ଜୁଲାଇ ମାସରେ ହାଇକମାଣ୍ଡ ସିଦ୍ଧୁଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି କରିଥିଲେ। ଉଭୟଙ୍କ ମଧ୍ୟରେ ବିବାଦ କିଛିଦିନ ପାଇଁ ଚାପି ହୋଇ ରହିଥିଲା। ସିଦ୍ଧୁ କେତେଜଣଙ୍କୁ ତାଙ୍କର ଉପଦେଷ୍ଟା ନିଯୁକ୍ତ କରିବା ଓ ସେମାନଙ୍କ ବିବାଦୀୟ ବୟାନକୁ ନେଇ ପୁଣିଥରେ ବିବାଦ ତେଜିଥିଲା। ଗତ ମାସରେ ୪ ଜଣ ମନ୍ତ୍ରୀ ଓ ପ୍ରାୟ ଦୁଇ ଡଜନ ବିଧାୟକ ଅମରିନ୍ଦରଙ୍କ ବିରୋଧରେ ସାନି ଅଭିଯୋଗ ଆଣିଥିଲେ। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କ ସାମର୍ଥ୍ୟ ଉପରେ ସେମାନଙ୍କ ଭରସା ନ ଥିବା ଏହି ନେତାମାନେ କଂଗ୍ରେସ ହାଇକମାଣ୍ଡଙ୍କୁ ଜଣାଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ରାଜ୍ୟ ଉପରେ ...

ଫେରାଇବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରେ ୯ଟି ସରକାରୀ କମ୍ପାନୀ ଓ ଗୋଟିଏ ସମବାୟ ସମିତି ରହିଛି। ରାଜ୍ୟ ସରକାର ବିନିଯୋଗ କରିଥିବା ୫୬୮୮.୬୫ କୋଟି ଟଙ୍କାରୁ ୩,୦୭୫.୪୭ କୋଟି ଟଙ୍କା ୪ଟି ଶକ୍ତି କମ୍ପାନୀ ଓପିଜିସି, ଓପିଟିସିଏଲ୍, ଓଏଚ୍‌ପିସି ଏବଂ ଗ୍ରୀଡ୍‌କୋରେ ବିନିଯୋଗ କରାଯାଇଛି। ସେଥିରୁ କେବଳ ଓଏଚ୍‌ପିସି ୩୧.୫୮ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିଥିବା ବେଳେ ଅନ୍ୟ କୌଣସି କମ୍ପାନୀ ଟଙ୍କାଟିଏ ବି ଲାଭ ରାଜକୋଷକୁ ଦେଇନାହାନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଭଳି ଲାଭଜନକ ସଂସ୍ଥା ମଧ ଲାଭାଂଶ ଦେବାରେ ଅସମର୍ଥ ହୋଇଛି। ଓଏମ୍‌ସି ୨୦୧୮-୧୯ରେ ୫୦୦ କୋଟି ଟଙ୍କା ଲାଭାଂଶ ଦେଇଥିବା ବେଳେ ୨୦୧୯-୨୦ରେ ୫୦ ପ୍ରତିଶତ କମାଇ ୨୫୦ କୋଟି ଟଙ୍କା ଲାଭ ଦେବାରେ ସକ୍ଷମ ହୋଇଛି। ଅର୍ଥାତ୍ ବର୍ଷକ ମଧ୍ୟରେ ଓଏମ୍‌ସି ଲାଭାଂଶ ୫୦ ପ୍ରତିଶତକୁ ଖସି ଯାଇଛି।

ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିବା ୧୪୭ ସଂସ୍ଥାରୁ ୭୨ଟି ବୁଡ଼ି ଯାଇଛନ୍ତି। ବଳକା ୭୫ଟି ସଂସ୍ଥାରୁ ୨୦୧୯-୨୦ରେ ୬୫ଟି ସଂସ୍ଥା ଟଙ୍କାଟିଏ ଲାଭ ସରକାରଙ୍କୁ ଦେଇପାରି ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଶକ୍ତିକ୍ଷେତ୍ର କମ୍ପାନୀଗୁଡ଼ିକରେ ରାଜ୍ୟ ସରକାର ପୁଞ୍ଜି ବିନିଯୋଗର ସିଂହଭାଗ ନିବେଶ କରିଥିଲେ ମଧ୍ୟ ସେଗୁଡ଼ିକ କ୍ଷତିରେ ଚାଲୁଛନ୍ତି। ଗୋଟିଏ ପଟେ ସରକାର ଶକ୍ତିକ୍ଷେତ୍ର କମ୍ପାନୀଗୁଡ଼ିକରେ ପୁଞ୍ଜି ନିବେଶ କରୁଥିବା ବେଳେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ବକେୟା ଭରଣା କରୁ ନ ଥିବାରୁ ଗ୍ରୀଡ୍‌କୋ, ଓପିଜିସି, ଓଏଚ୍‌ପିସି ଭଳି କମ୍ପାନୀ ଋଣଭାରରେ ବୁଡ଼ି ରହିଛନ୍ତି।

## ଯୌନ ପୀଡ଼ିତାଙ୍କ ...

କରାଯାଇ ପାରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଶପ୍‌ମାନେ ଶେଷରେ ନୁହେଁ ପ୍ରଥମେ ପୀଡ଼ିତାଙ୍କ କଥା ଶୁଣିବା ଜରୁରୀ। ଏଥିସହ ପୀଡ଼ିତାଙ୍କୁ ଭବିଷ୍ୟତର ସାଥୀ ଏବଂ ନାୟକ ଭାବରେ ଦେଖିବାର ଆବଶ୍ୟକତା ରହିଛି ବୋଲି ପୋପ୍ କହିଛନ୍ତି। ବଳାତ୍କାର ଶିକାର ହୋଇ ଅଭିଯୋଗ କରିବା ପରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଚର୍ଚ୍ଚରେ ଶତ୍ରୁ ନଜରରେ ଦେଖାଯାଉଥିବା ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଅର୍ଥ ପାଇଁ ପୀଡ଼ିତ ବ୍ୟକ୍ତି ଏପରି କରୁଥିବା ସେମାନଙ୍କ ନାଁରେ ପାଲଟା ଅଭିଯୋଗ ଅଣାଯାଉଛି। ହିଂସକ ମନୋବୃତ୍ତିର ପ୍ରିଷ୍ଟମାନଙ୍କଠାରୁ ଅନ୍ୟମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରାଯାଉଛି। ଚର୍ଚ୍ଚର ମର୍ଯ୍ୟାଦା ରକ୍ଷା ଦିଗରେ ଅଯୋଗ୍ୟ ବ୍ୟକ୍ତିଙ୍କ ଉପରେ ପଦାନୁକ୍ରମ ଦାୟିତ୍ୱ ଚିନ୍ତାର ବିଷୟ ବୋଲି ଫ୍ରାନ୍ସିସ୍ ଏବଂ ପୂର୍ବତନ ପୋପ୍ ବେନେଡିକ୍ଟ ଷୋଡ଼ଶ କହିଛନ୍ତି। ଚର୍ଚ୍ଚାରେ ଯୌନ ନିର୍ଯାତନା ଭଳି କାର୍ଯ୍ୟକଳାପ ଉପରେ ରୋକ ଲଗାଇବାକୁ କେବଳ ଦୁଃଖ ବ୍ୟକ୍ତ କରିବା ପର୍ଯ୍ୟାପ୍ତ ନୁହେଁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ପୋପ୍ ଉକ୍ତ ଭିଡିଓ ବାର୍ତ୍ତାରେ କହିଛନ୍ତି। ଅନ୍ୟପକ୍ଷରେ ବହୁସଂଖ୍ୟାରେ ଯୌନ ପୀଡ଼ିତାଙ୍କ ଅଭିଯୋଗ ଆସିବା ପରେ ପୋପ୍ ଫ୍ରାନ୍ସିସ୍ ଏଭଳି ଘଟଣା ଉପରେ ପରଦା ପକାଇବାକୁ ଉଦ୍ୟମ କରୁଥିବା ବିଶପ୍‌ମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ନିମନ୍ତେ ଚର୍ଚ୍ଚରେ ନୂଆ ନିୟମ ଆଣିଛନ୍ତି।

## ଟିଏମ୍‌ସିରେ ବାବୁଲ ...

ସେ ଗର୍ବ ଅନୁଭବ କରୁଛନ୍ତି ଓ ପଶ୍ଚିମବଙ୍ଗର ସେବା କରିବା ପାଇଁ ଏକ ବଡ଼ ସୁଯୋଗ ପାଇଥିବା ବାବୁଲ କହିଛନ୍ତି। ସେ ରାଜନୀତି ଛାଡ଼ିଦେବେ ବୋଲି ପୂର୍ବରୁ ଭାବୁଥିଲେ। ତେବେ ଟିଏମ୍‌ସିରେ ଯୋଗଦେବା ପରେ ତାଙ୍କ ପାଇଁ କାମ କରିବାର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ଅନୁଭବ କରୁଛନ୍ତି ବୋଲି ବାବୁଲ୍ ଗଣମାଧ୍ୟମକୁ କହିଛନ୍ତି। ଭାଜପାର ଆଉ କେତେଜଣ ଅସନ୍ତୁଷ୍ଟ ନେତା ତୃଣମୂଳ କଂଗ୍ରେସକୁ ଆସିବା ପାଇଁ ଯୋଗାଯୋଗରେ ଥିବା ଟିଏମ୍‌ସି ନେତା କୁନାଲ ଘୋଷ କହିଛନ୍ତି। ୨୦୧୪ ଲୋକ ସଭା ନିର୍ବାଚନ ପୂର୍ବରୁ ବାବୁଲ ସୁପ୍ରିୟୋ ଭାଜପାରେ ଯୋଗଦେଇ ପଶ୍ଚିମବଙ୍ଗର ଆସାନସୋଲ ଆସନରୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ସେ ପୁନର୍ବାର ଉକ୍ତ ଆସନରୁ ଲୋକ ସଭାକୁ ଯାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପ୍ରତିବନ୍ଧକ ଦୂର ହେବ। କାଳେ କିଛି ଦେବାକୁ ପଡ଼ିବ, ଏହି ଭାବନାରେ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। କର୍ମକ୍ଷେତ୍ରରେ କେତେକାଂଶରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ**
ବନ୍ଧୁଙ୍କ ଅନୁରୋଧରେ ସାମାଜିକ କାମରେ ବିଶେଷ ସମୟ ନେବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନୋବଳ ଟାଣ ରହିବ ଓ ଅଟକି ରହିଥିବା କାମ ଶେଷ କରିବେ। ପରିବାର ଭିତରେ ସମସ୍ୟାରେ ଥିଲେ ମଧ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ସମର୍ଥ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡ଼ିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ କାମର ଚାପ ବୃଦ୍ଧି ପାଇବା କାରଣରୁ ସ୍ଥିରତା ରହିବ ନାହିଁ। ପରିବାରରେ ଗତକାଲି ପରି ଆଜି ମଧ ପରିସ୍ଥିତି ଅପରିବର୍ତ୍ତିତ ରହିବ। ଦୀର୍ଘଦିନରୁ ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ଗ୍ରହସ୍ଥିତିର ଅନୁକୂଳତା କାରଣରୁ କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରିପାରିବ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ଅଫିସରୁ ଆସିବା ବେଳକୁ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା**
ପରିବାରରେ ସୁଖ ଶାନ୍ତି ଫେରାଇବାକୁ ପ୍ରଯତ୍ନ କଲେ ସଫଳ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। କର୍ମକ୍ଷେତ୍ରରେ ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା**
କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ଯାନବାହନରେ ଭ୍ରମଣବେଳେ କୌଣସି ଜିନିଷ ହଜାଇ ଦେଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ**
ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡ଼ିବେ। ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାସମିତିରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର**
କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ ଓ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ। ସାମାଜିକ ସ୍ତରରେ ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପାଖରେ ନଥିବା ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ସଫଳତା ପାଇବେ। ଅଫିସ୍‌ରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ଆପଣ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଶତ୍ରୁତା ସୃଷ୍ଟି ହେବାର ସୂଚନା ରହିଛି। ଚେଷ୍ଟା କରୁଥିବା କାମରେ, ମାଙ୍ଗଳିକ କାର୍ଯ୍ୟ, କଚେରି ମାମଲାରେ, ଜମିଜମା ବିବାଦରେ ଉପକୃତ ହେବେ।

**ମୀନ**
ପରିବାରରେ ସମସ୍ୟା ଯୋଗୁ ବିବ୍ରତ ବୋଧ କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସଂପନ୍ନରେ ଅସୁବିଧା ହେବ ନାହିଁ। କଠୋର ପରିଶ୍ରମ ଦ୍ୱାରା ସଫଳତା ପାଇବେ ଓ ଏହାହିଁ ସମସ୍ୟା ସମାଧାନର ମାର୍ଗଦର୍ଶକ ସାଜିବ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।


# classifieds Everyday
0674-2580101, 2549302


MATRIMONIAL

**BRIDE WANTED**

Handsome Khandayat boy-32+ M-tech/ Nalco Engineer, Bhubaneswar. SUHAG-7978399083, 9090486408. D-21642

**Bride required for 40 Brahmin grooms, boy Ph.D. working with a Government college boys net worth 3 crore, bride below 40 widow divorcee unmarried may contact WhatsApp 7894852118 or mobile 6371184551, caste no bar.** D-21678

୬୦ ବର୍ଷିୟ ବିପତ୍ନୀକ ସରକାରୀ ଚାକିରିଆ ମାସିକ ୮୫,୦୦୦/- ଦରମା ପାଉଥିବା ବ୍ରାହ୍ମଣ ପାତ୍ର ପାଇଁ ସନ୍ତାନ ସନ୍ତତି ବିହୀନ ସବର୍ଣ୍ଣ ଜାତିର ପାତ୍ରୀ ଆବଶ୍ୟକ। 9937512659, 8249969649. D-71708

**GROOM WANTED**

Fresh, Divorcee, Widow Bride wanted for Groom Company Manager 37, Caste no bar-7008468672. D-21683

କଟକ ବାସିନ୍ଦା ରେଲୱେ ଚାକିରିଆ ୪୮୦୦୦/- ଦରମା, ୪୬ ବୟସ୍କା ଖଣ୍ଡାୟତ ବିଧବାଙ୍କୁ ବର ଆବଶ୍ୟକ। ଯୋଗାଯୋଗ- 7606947424. D-21682

Searching Kaibarta Groom for very Fair Bride & very Fair Bride (Caste No Bar) for Kaibarta Groom (IAS Faculty). Mob.: 9990161440. D-21676


automobile

**SALE**

Maruti Swift Petrol Car, 2006, 70000 kms, Excellet Condition. 9861112208. D-70735


real estate

**SALE**

6BHK duplex Hanspal, BDA yellowzone plot SUM hospital-9668194157, 8093465134. D-80955

**2400sft. GA East Facing plot immediate sale at Bharatpur (near Sum Hospital) Bhubaneswar. Please contact DEEPAK - 9937329999.** D-69994

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

1500sqft. plot for sale, before CV Raman College, near NH, Bhubaneswar ready for construction. Price 28,00,000/-, 7205645385. D-71161

ଭୁବନେଶ୍ୱର ବିଜେବିନଗରରେ **5000** ବର୍ଗଫୁଟ ଜାଗା ଉପରେ ଦୁଇ ମହଲା ଘର ଓ **2BHK** ଆପାର୍ଟମେଣ୍ଟ ବିକ୍ରୟ ହେବ। **Please contact only buyer. 6372897984, 8658289289.** D-21665

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21472

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21531

2BHK North facing flat 1100sqft. at BMC Bhawani, Sahid Nagar, Bhubaneswar for immediate sale. Brokers Excuse. Contact: 9337192262, 9937889778. D-71159

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (Outright). 9348232008. D-21590

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889


construction

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888


to-let

Single, Double rooms at Sisupalgada & Tankapani Road, Bhubaneswar. 9437764734. D-70736

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

RCC Godown at 8Km. from Cuttack. Rent Rs.10/- per sqft. at Bhanpur between Cuttack-Bhubaneswar. Contact: 9437033691. D-70241

900sqft. ground floor hall type near Kalinga Stadium Traffic Square for commercial use. Contact: 9861064678. D-71163

**2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695.** D-71415

For small family in Goutam Nagar (Kalpana). Contact: 9937010827, 8118024546. D-21668

2BHK Bharatpur GA Colony 7000/- top floor 24hr. water. 9437195452. D-67800


healthcare

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Newly Open Saikrupa Panchakarma Spa positively health benefits with Expert. 8984068077. D-21568

**Refreshing your mind, your body with tha best therapy at Lotus Spa. 8018891951.** D-70484

Monalisa massage Club: All types Body massage with hiprofile smart lady rooms service available. 9708545108. D-21660

Swarna SPA newly open positively health benefits with expert therapist. 9556978408. D-71156

Life is great, massage makes it better. Book appointment. 7852986810. D-71416


**ସମ୍ଭୁନାଥ ସାହୁଙ୍କ ଡକ୍ଟରେଟ୍ ଲାଭ**



ଗବେଷକ ସମ୍ଭୁନାଥ ସାହୁ ଗ୍ରନ୍ଥାଗାର ଏବଂ ସୂଚନା ବିଜ୍ଞାନରେ ଗବେଷଣା କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀ ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ମୁଖ୍ୟ ତଥା ଡିନ୍ ପ୍ରଫେସର କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଦ୍ୱାରା ରଚିତ ଗବେଷଣା ସନ୍ଦର୍ଭଟି ଥିଲା "Library 2.0 Initiatives and Implications in Designing Library Websites: A Study of IIT Library Websites in India". ତାଙ୍କର ଏହି ଗବେଷଣାକୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଆର.କେ.ଭଟ୍ଟ ଏବଂ ବାଙ୍ଗାଲୋରର ତୁମ୍‌କୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବି.ଟି. ସମ୍ପତ କୁମାରଙ୍କ ଦ୍ୱାରା ପରୀକ୍ଷିତ କରାଯାଇଥିଲା, ଯିଏକି ତାଙ୍କର ଦୃଢ଼ ଅନୁସନ୍ଧାନକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଅନୁସନ୍ଧାନ ଭାରତରେ ଆଇଆଇଟିର ୱେବ୍‌ସାଇଟ୍ ଉପଭୋକ୍ତା-ଅନୁକୂଳ ଏବଂ ଲାଇବ୍ରେରି ପୃଷ୍ଠପୋଷକଙ୍କ ବିବିଧ ଆଭିମୁଖ୍ୟକୁ ପୂରଣ କରିବାରେ ପାରମ୍ପରିକ ଚେକ୍‌ପଏଣ୍ଟକୁ ସମ୍ପୂର୍ଣ୍ଣ ରୂପେ ରୂପାନ୍ତରିତ କରିଛି। ଶ୍ରୀ ସାହୁ ବର୍ତ୍ତମାନ ଆଇଆଇଟି ଭୁବନେଶ୍ୱରରେ ସହକାରୀ ଲାଇବ୍ରେରିଆନ୍ ଭାବରେ କାର୍ଯ୍ୟ କରୁଛନ୍ତି। ଶ୍ରୀ ସାହୁ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ଧନେଶ୍ୱର ସାହୁ ଓ ଦମୟନ୍ତୀ ସାହୁଙ୍କ ଏକମାତ୍ର ପୁତ୍ର ଏବଂ ସାମନ୍ତସିଂହାରପୁର ଗ୍ରାମର ବୀରକିଶୋର ପାତ୍ର ଓ ସତ୍ୟଭାମା ପାତ୍ରଙ୍କ କନିଷ୍ଠ ଜ୍ୱାଇଁ। ଏହି ସଫଳତା ପାଇଁ ସର୍ବଶକ୍ତିମାନ ପରମେଶ୍ୱର ଏବଂ ମାର୍ଗଦର୍ଶକ ପ୍ରଫେସର କେ.ସି. ପଣ୍ଡା, ଶୁଭେଚ୍ଛୁ ପତ୍ନୀ ବନ୍ଦିତା ଓ ଝିଅ ରୋଶନିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୨୧୬୬୬

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧରିତ୍ରୀ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ଉପଲକ୍ଷେ କରାଯାଇଥିବା 'ଅତୁଟ ବନ୍ଧନ' ବାର୍ତ୍ତା ପ୍ରତିଯୋଗିତାର ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ 'ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା' ପରିସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ବିଜେତାମାନେ।



ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା ଜଣେ ସ୍ୱର୍ଣ୍ଣ ମୁଦ୍ରା ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସମ୍ପାଦକ ତଥାଗତ ସତପଥୀ।



ଜଣେ ରୌପ୍ୟ ମୁଦ୍ରା ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି ରୁଚି ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ।



ପଣ୍ଡା ଟ୍ରାଭେଲ ମାର୍ଟର ମୁଖ୍ୟ ଶିବ ପ୍ରସାଦ ପଣ୍ଡା(ବାମ), ପାନାସୋନିକର ମାର୍କେଟିଂ ମ୍ୟାନେଜର ଶେଖ୍ ରଫିକ୍ ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି।

# 'ଅତୁଟ ବନ୍ଧନ' ବାର୍ତ୍ତା ପୁରସ୍କାର

**ଭୁବନେଶ୍ୱର, ୧୮।୯ (ବ୍ୟୁରୋ):** ଚଳିତ ବର୍ଷର ରକ୍ଷାବନ୍ଧନ ଉତ୍ସବ ଉପଲକ୍ଷେ ଧରିତ୍ରୀ ପକ୍ଷରୁ 'ଅତୁଟ ବନ୍ଧନ' ବାର୍ତ୍ତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାର ୭୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଶନିବାର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନସ୍ଥିତ 'ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା' ପରିସରରେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଆରମ୍ଭ କରି ଓଡ଼ିଆ ପରମ୍ପରାରେ ରାଖୀ ପର୍ବ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ ବୋଲି କହିଥିଲେ। ଏହି ପର୍ବ ଭଉଣୀଭାଇଙ୍କ ମଧ୍ୟରେ ଥିବା ନିଆରା ଭାବକୁ ଉଦ୍ରେକ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ଅତୁଟ ବନ୍ଧନ ପ୍ରତିଯୋଗିତାର ପ୍ରାୟୋଜକ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା, ସହ-ପ୍ରାୟୋଜକ ରୁଚି ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ପଣ୍ଡା ଟ୍ରାଭେଲ ମାର୍ଟର ମୁଖ୍ୟ ଶିବ ପ୍ରସାଦ ପଣ୍ଡା, ପାନାସୋନିକ୍‌ର ମାର୍କେଟିଂ ମ୍ୟାନେଜର ଶେଖ୍ ରଫିକ୍ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ। ବିଜେତାଙ୍କୁ ସ୍ୱର୍ଣ୍ଣ ମୁଦ୍ରା, ରୌପ୍ୟ ମୁଦ୍ରା ଏବଂ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସମସ୍ତ ପ୍ରତିଯୋଗୀ ଏବଂ ପ୍ରତିଯୋଗିତାର ପ୍ରାୟୋଜକଙ୍କୁ ଧନ୍ୟବାଦ ଜଣାଇବା ସହ ଧରିତ୍ରୀର ପାଠିକାପାଠକଙ୍କ ଅତୁଟ ବନ୍ଧନକୁ ପ୍ରଶଂସା କରିଥିଲେ।



ଉତ୍ସବରେ ଜଣେ ପ୍ରତିଯୋଗୀ ଧରିତ୍ରୀରେ ପ୍ରକାଶିତ ତାଙ୍କ ବାର୍ତ୍ତାକୁ ଦେଖାଉଛନ୍ତି।





'ଅତୁଟ ବନ୍ଧନ' ବାର୍ତ୍ତା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ବିଜେତା, ସେମାନଙ୍କ ସମ୍ପର୍କୀୟ ଓ ଧରିତ୍ରୀର ପାଠିକାପାଠକ।

> ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା

# ନୀରବ ଯନ୍ତ୍ରଣା



ଆକାର ପଟେଲ

ମନମୋହନ ସିଂ ସରକାର କିଭଳି ଦୁର୍ବଳ ଥିଲା ତାହା ଜଣାଇବା ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଲୁ ରହିବ ବୋଲି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଲୋକ ସଭାରେ ପ୍ରକାଶ କରିଥିଲେ। ସେ ମଧ୍ୟ ବିରୋଧୀଙ୍କୁ ଉପହାସ ଛଳରେ କହିଥିଲେ, ମୋ ରାଜନୈତିକ ବିଚାରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କେବେ ବି ବନ୍ଦ ହେବା ଉଚିତ ନୁହେଁ, କାରଣ ଏହା ବିଫଳତାର ଏକ ଜୀବନ୍ତ ସ୍ମାରକ। କ୍ଷମତାରେ ଅନେକ ବର୍ଷ ରହିବା ପରେ ମାସକୁ କିଛି ଦିନ ଜଣେ ଗରିବ ଲୋକକୁ ଗାଡ଼ ଖୋଳିବାରେ ଲଗାଇଥିଲେ ବୋଲି ମୋଦି ବିରୋଧୀଙ୍କୁ କହିଥିଲେ। ହେଲେ ମୋଦି ସରକାର ଲୋକଙ୍କ ପାଇଁ ଭଲ ଚାକିରି ସୃଷ୍ଟି କରିବା ଲକ୍ଷ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଚାଲୁ ରଖିବା ବଦଳରେ ଏହାକୁ ସ୍ୱାଭାବିକ ରୂପେ ଶେଷ କରିଦେବେ। କମ୍ ପାଣ୍ଠି ଯୋଗାଣ ଓ କମ୍ ଲୋକଙ୍କ ପାଇଁ କାମ ଉପଲବ୍ଧ କରି ଏହା ମଧ୍ୟ କରିବେ। ୧୫ ଦିନରେ ଶ୍ରମିକମାନଙ୍କୁ ପ୍ରାପ୍ୟ ଦେବାର ବ୍ୟବସ୍ଥା ଥିବାବେଳେ ଏଥିରେ ବିଳମ୍ବ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ନିରୁତ୍ସାହିତ କରିବା ମଧ୍ୟ ଆଉ ଏକ ଦିଗ। ୨୦୧୨ରେ ଦେୟ ଦେବାରେ ବିଳମ୍ବ ୪୨% ଥିଲାବେଳେ ୨୦୧୪ରେ ପହଞ୍ଚିଥିଲା ୭୦%ରେ। ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ୬ ମାସ ପରେ ଅର୍ଥାତ୍ ଡିସେମ୍ବର ୨୦୧୪ ସୁଦ୍ଧା ୫ ଟି ରାଜ୍ୟକୁ ବାଦ୍ ଦେଲେ ଆଉ ସମସ୍ତ ରାଜ୍ୟ କେନ୍ଦ୍ରରୁ କମ୍ ପାଣ୍ଠି ପାଇଥିଲେ। ଏହା ୨୦୧୩ ତୁଳନାରେ କମ୍ ଥିଲା। ଏବେ ବେରୋଜଗାର ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ଯେଉଁ ଯୋଜନାକୁ ବିଫଳ ବୋଲି କହିଥିଲେ ସେଥିରେ ଅଧିକରୁ ଅଧିକ ନିବେଶ କରିଛନ୍ତି। ୨୦୧୪–୧୫ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଥିଲା ୩୨,୦୦୦ କୋଟି ଟଙ୍କା। ସେହିଭଳି ଏହା ୨୦୧୫–୧୬ରେ ୩୭,୦୦୦ କୋଟି,୨୦୧୬–୧୭ରେ ୪୮,୦୦୦ କୋଟି, ୨୦୧୭–୧୮ରେ ୫୫,୦୦୦ କୋଟି, ୨୦୧୯–୧୯ରେ ୬୧,୦୦୦ କୋଟି, ୨୦୧୯–୨୦ରେ ୭୧,୦୦୦ କୋଟି ଏବଂ ୨୦୨୦–୨୧ରେ ୧,୧୧,୦୦୦ କୋଟି ଟଙ୍କା ପାଇଛି। ମନମୋହନ ସିଂଙ୍କ ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସ୍ମାରକ ଆକାର ଯାହା ଥିଲା ଏବେ ତାହା ପାଖାପାଖି ତିନିଗୁଣ ହୋଇଯାଇଛି। ହେଲେ କାମ ପାଉ ନ ଥିବା ଲୋକଙ୍କର ରୋଜଗାର ଚାହିଦା ପୂରଣ କରିବାକୁ ସରକାର ସକ୍ଷମ ହୋଇନାହାନ୍ତି। ଚଳିତ ବର୍ଷ ଚାହିଦା କମ୍ ରହିବ ବୋଲି ଅନୁମାନ କରି ୭୩,୦୦୦ କୋଟି ଟଙ୍କା ରଖାଯାଇଛି। କିନ୍ତୁ ବିତ୍ତୀୟ ବର୍ଷର ପ୍ରଥମ ୫ ମାସରେ ଏହାର ୮୦% ଟଙ୍କା ଖର୍ଚ୍ଚ ସରିଲାଣି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବର୍ଷକୁ ୧୦୦ ଦିନର ରୋଜଗାର ଗ୍ୟାରେଣ୍ଟି ଦିଏ। ପ୍ରତ୍ୟେକ ପଞ୍ଜୀକୃତ ଲୋକ ଦିନକୁ ୨୦୦ ଟଙ୍କା ପାଇଥାଆନ୍ତି ଓ ତାଙ୍କ ପରିବାର ବର୍ଷକୁ ପାଇଥାଏ ୨୦,୦୦୦ ଟଙ୍କା।

ଏହି ଯୋଜନାରେ ମୋଟରେ ୧୩ କୋଟି ପରିବାର ପଞ୍ଜୀକୃତ ହୋଇଛନ୍ତି। ମୋଟ ଜନସଂଖ୍ୟାର ଅଧାଙ୍କ ସହ ଯୋଜନା ଯୋଡ଼ି ହୋଇଛି। ୨୦୧୬ରେ ୨୪ ଲକ୍ଷ ଜବ୍‌କାର୍ଡ କମ୍ କରାଯାଇଥିଲା, କିନ୍ତୁ ବିମୁଦ୍ରୀକରଣ ପର ବର୍ଷ ୧୮ ଲକ୍ଷ ଜବ୍‌କାର୍ଡ ବୃଦ୍ଧି କରାଗଲା। ଏଥିରୁ ବୁଝାପଡ଼େ, ଆର୍ଥିକ ଚାପ ଥିବାବେଳେ ଗରିବମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଫେରୁଛନ୍ତି, ହେଲେ ସବୁ କିଛି ଠିକ୍‌ଠାକ୍ ଥିବାବେଳେ ସେମାନେ ଏହାକୁ ଛାଡ଼ି ଅନ୍ୟ ରୋଜଗାର ଖୋଜୁଛନ୍ତି। ଅଶୋକା ୟୁନିଭର୍ସିଟି ଦ୍ୱାରା ଅନୁବନ୍ଧିତ ସେଣ୍ଟର ଫର୍ ଇକୋନୋମିକ୍ ଡାଟା ଆଣ୍ଡ୍ ଆନାଲିସିସ୍ (ସିଇଡିଏ)ର ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଗତବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଚାହିଦା ୧.୫ କୋଟି ବୃଦ୍ଧି ପାଇଥିଲା। ଅର୍ଥାତ୍ ବିମୁଦ୍ରୀକରଣ ପରବର୍ତ୍ତୀ କଠିନ ବର୍ଷ ତୁଳନାରେ ଏହି ଅତିରିକ୍ତ ଚାହିଦା ୮ ଗୁଣ ଅଧିକ। ଦୁର୍ଭାଗ୍ୟବଶତଃ, ଲୋକମାନଙ୍କ ପାଇଁ କାମ ନିଶ୍ଚିତ କରିବାରେ ସରକାର ବିଫଳ ହେଉଛନ୍ତି। ଉତ୍ତରପ୍ରଦେଶରେ, ପଞ୍ଜୀକୃତ ପରିବାର ପିଛା ହାରାହାରି ରୋଜଗାର ବା କାର୍ଯ୍ୟଦିବସ ଥିଲା ୧୮ ଦିନ (୩,୬୦୦ ଟଙ୍କା) ଏବଂ ବିହାରରେ ଏହା ଥିଲା ୧୧ଦିନ (୨,୦୦୦ ଟଙ୍କା)। ଏହି ଟଙ୍କାରେ ପରିବାର ବର୍ଷେ ଚଳିପାରିବ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଜୀକୃତ ୯୫% ପରିବାର ଗତବର୍ଷ ସମ୍ପୂର୍ଣ୍ଣ ୧୦୦ ଦିନ କାମ ପାଇ ନ ଥିଲେ। ସେଭଳି ଅବସ୍ଥା ଏବେ ଦେଖିବାକୁ ପାଉଛେ। ସିଇଡିଏ ସର୍ଭେ ପ୍ରକାଶ କରିଛି ଯେ, ଯୁବପିଢି କୌଣସିଠାରେ ରୋଜଗାର ନ ପାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାକୁ ଚାହୁଁଛନ୍ତି। ୨୦୧୮ରେ ୧୮–୩୦ ବୟସ ବର୍ଗର ମୋଟ ଯୁବସଂଖ୍ୟାର ୨୦% ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଚାହୁଁଥିଲେ ଏବଂ ଏହା ଏବେ ବୃଦ୍ଧି ପାଇ ୩୭ % ହୋଇଛି। ସରକାରୀ ତଥ୍ୟ କହେ, କାମ କରୁଥିବା କିମ୍ବା କାମ ଅନ୍ୱେଷଣରେ ଥିବା ୧୫ ଓ ଏହାଠାରୁ ଅଧିକ ବୟସର ଭାରତୀୟମାନଙ୍କ ସଂଖ୍ୟା ହେଉଛି ମୋଟ ଶ୍ରମଶକ୍ତିର ୪୦%। ଏହା ଆମେରିକାରେ ୬୦%, ଥାଇଲାଣ୍ଡ ଓ ଇଣ୍ଡୋନେସିଆରେ ପାଖାପାଖି ୭୦% ଏବଂ ଚାଇନାରେ ଏହା ୭୦%ରୁ ଅଧିକ। ଭାରତରେ କାର୍ଯ୍ୟ କରୁଥିବା ଲୋକଙ୍କ ହାର ପାକିସ୍ତାନ ଏବଂ ବାଂଲାଦେଶଠାରୁ ମଧ୍ୟ କମ୍। ତେବେ ଭାରତୀୟମାନେ କ'ଣ ଅଳସୁଆ ? ନା, ଏଠି ଚାକିରି ବା ରୋଜଗାର ହିଁ ନାହିଁ। ସେଣ୍ଟର ଫର୍ ମନିଟରିଂ ଦି ଇଣ୍ଡିଆନ୍ ଇକୋନୋମି ସୂତ୍ରରୁ ଜଣାପଡ଼ିଛି ଯେ, ଭାରତରେ ୨୦୧୬ରେ କାର୍ଯ୍ୟଯୋଗ୍ୟ ବୟସର ମୋଟ ଲୋକଙ୍କ ମଧ୍ୟରୁ ୪୨% ନିଯୁକ୍ତି ପାଇଥିଲେ। ଏହା ହ୍ରାସ ପାଇ ୨୦୧୭ରେ ୪୧%, ୨୦୧୮–୧୯ରେ ୪୦%, ୨୦୧୯ରେ ୩୯% ଓ ଏବେ ରହିଛି ୩୬%। ପାଞ୍ଚ ବର୍ଷ ପୂର୍ବେ ଭାରତରେ ଯେତିକି ଲୋକ କାମ କରୁଥିଲେ ତା'ଠାରୁ କମ୍ ଏବେ କାମ କରୁଛନ୍ତି ; ଯଦିଓ ଏହି ସମୟ ମଧ୍ୟରେ ଭାରତର ଜନସଂଖ୍ୟା ୭ କୋଟି ବୃଦ୍ଧିପାଇଛି। ଆମେ ଦେଖୁଛୁ ସମସ୍ୟା ବଢ଼ିବାରେ ଲାଗିଛି । ଅନ୍ୟ ବିଷୟ ଉପରେ ଧ୍ୟାନ ଦିଆଯାଉଥିବାରୁ ଏହାର ପ୍ରଭାବ ସମ୍ପର୍କରେ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯାଉନାହିଁ। ଏଠାରେ ଜନସଂଖ୍ୟାର ସିଂହଭାଗ ନୀରବରେ ଯନ୍ତ୍ରଣା ସହୁଛନ୍ତି ଓ କମ୍ ଲୋକ ଭଲରେ ରହୁଛନ୍ତି। ଏଠାରେ ଅତ୍ୟଧିକ ଅସମାନତା ମଧ୍ୟ ଦେଖାଦେଇଛି। ଏଭଳି ସ୍ଥିତିରେ ସଂଖ୍ୟାଧିକ ଲୋକ କ'ଣ ଏମିତି ନୀରବରେ ଯନ୍ତ୍ରଣା ସହି ରହିବେ। ଯଦି ନା, ତେବେ ଏକ ବିସ୍ଫୋରକ ସ୍ଥିତି ସୃଷ୍ଟି ହେବା ପୂର୍ବରୁ ଆମକୁ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ଅତ୍ୟନ୍ତ ଜରୁରୀ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | | 7 | |
| 8 | 7 | | | | | | | 6 |
| 9 | | | | 5 | | 3 | | |
| 2 | | | | | 4 | | | 7 |
| | | | | 7 | 9 | 4 | 5 | |
| | | | | | 6 | 2 | | |
| | 8 | | 7 | | 3 | | | |
| 4 | | | | | | | | 8 |
| | | 2 | | 8 | | | 1 | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 6 | 5 | 2 | 8 | 3 | 9 | 7 |
| 2 | 7 | 9 | 6 | 1 | 3 | 5 | 4 | 8 |
| 8 | 3 | 5 | 7 | 9 | 4 | 1 | 2 | 6 |
| 9 | 8 | 3 | 4 | 7 | 2 | 6 | 5 | 1 |
| 6 | 5 | 4 | 8 | 3 | 1 | 9 | 7 | 2 |
| 1 | 2 | 7 | 9 | 5 | 6 | 4 | 8 | 3 |
| 7 | 4 | 8 | 1 | 6 | 9 | 2 | 3 | 5 |
| 3 | 9 | 1 | 2 | 8 | 5 | 7 | 6 | 4 |
| 5 | 6 | 2 | 3 | 4 | 7 | 8 | 1 | 9 |

ଗତକାଲିର ଉତ୍ତର

# ଚିତ୍ର ଚରିତ୍ର — ଅଚିହ୍ନା ବ୍ରାହ୍ମଣର ପଇତା



ଅଧ୍ୟାପକ ନିରଞ୍ଜନ ପାଢ଼ୀ

'ଚିହ୍ନା ବ୍ରାହ୍ମଣର ପଇତା ଲୋଡ଼ା ପଡ଼େନି।' କେଉଁ କାଳରୁ ଆମ ଲୋକମୁଖରେ ଗଡ଼ି ଗଡ଼ି ଆସୁଥିବା ଏ କଥାଟି କେତେ ମାତ୍ରାରେ ସତ୍ୟ କେଜାଣି, ମାତ୍ର ଏହାର ଅନ୍ତଃସ୍ୱରରେ ଭରି ରହିଛି ଏକ ବିଶାଳ ବିଶ୍ୱାସର ବିଭୂତି, ଏକ ନିଶ୍ଚିନ୍ତ ନିର୍ଭରଶୀଳତାର ସ୍ୱୀକୃତି। ବିଶ୍ୱାସ ଉପରେ ଛିଡ଼ା ହୋଇଥିବା ଯେ କୌଣସି ସମ୍ପର୍କ କେବେ କୌଣସି ପରୀକ୍ଷାର ଅପେକ୍ଷା ରଖେନା। ବ୍ରାହ୍ମଣର ଯଜ୍ଞୋପବୀତ ସହିତ ଯଜ୍ଞବେଦିର ମନ୍ତ୍ର ଉଚ୍ଚାରଣ ପ୍ରତ୍ୟକ୍ଷ ନ କରି ମଧ୍ୟ ଯଜମାନଟିଏ ଜଣେ ଚିହ୍ନା ବ୍ରାହ୍ମଣଙ୍କୁ ପୁରୋହିତ ରୂପେ ବରଣ କରିଦିଏ। ଅଥଚ ଅଚିହ୍ନା ବ୍ରାହ୍ମଣଙ୍କ ବ୍ରାହ୍ମଣତ୍ୱକୁ ନେଇ ତା' ମନରେ ସନ୍ଦେହ ଉଠେ। ମନ୍ତ୍ର, ତନ୍ତ୍ର ଅବା ବୈଦିକ ବିଧିବିଚାରରେ ପ୍ରକୃତ ପ୍ରବୀଣ ତ ଯେ ବ୍ରାହ୍ମଣ ! କାହିଁ କେଉଁଠି ତ ଦେଖାଯାଉନି ତାଙ୍କ କାନ୍ଧରେ ପବିତ୍ର ଉପବୀତ !! ସନ୍ଦେହ ଓ ଅବିଶ୍ୱାସରେ ଅପ୍ରକଟିତ ରହିଯାଏ ପ୍ରକୃତ ପରିଚୟ। ବ୍ରାହ୍ମଣର ସନ୍ତକ ସଙ୍କେତ ସୂତା ଛଅ ଖିଅର ପଇତାଟି ଯେ ଅଭିମନ୍ତ୍ରିତ ନ ହୋଇ ମଧ୍ୟ କାନ୍ଧରେ ପକାଯାଇପାରେ, ଏ କଥା ପଇତା ଦେଖି ବ୍ରାହ୍ମଣଙ୍କୁ ଚିହ୍ନୁଥିବା ଲୋକେ ବୁଝିପାରନ୍ତି ନାହିଁ।

କେବଳ ଉପବୀତ ଧାରଣ କରିବା ଯେ ଜଣେ ବ୍ରାହ୍ମଣର ପରିଚୟ ନୁହେଁ, ଏକଥାର ପ୍ରମାଣ ପାଇଁ ଆମ ଚାରିପଟେ ଉଦାହରଣର ଅଭାବ ନାହିଁ। ଅନ୍ୟ ଅର୍ଥରେ, ସବୁ ଚିହ୍ନା ଲୋକ ବିଶ୍ୱସନୀୟ ଓ ନିର୍ଭରଶୀଳ ଏବଂ ଅଚିହ୍ନା ଲୋକମାନେ ଅସାଧୁ ଓ ଅବିଶ୍ୱସ୍ତ, ଏ ପ୍ରକାର ଏକ ଧାରଣାକୁ ଭ୍ରାନ୍ତ ପ୍ରମାଣିତ କରିବାକୁ ଜୀବନରେ ଅନୁଭବ ଓ ଅନୁଭୂତିର ଅଭାବ ନାହିଁ। କେତୋଟି ଘଟଣ–ଅଘଟଣକୁ ଲକ୍ଷ୍ୟ କଲେ ସ୍ପଷ୍ଟଭାବେ ଜାଣିହେବ ଯେ ସବୁ ଚିହ୍ନା ବ୍ରାହ୍ମଣଙ୍କ ବ୍ରାହ୍ମଣତ୍ୱ ଉପରେ ବିଶ୍ୱାସ ସ୍ଥାପନ କରିବା ଯେମିତି କିଛି ଯୁକ୍ତି ନାହିଁ, ସେମିତି ସବୁ ଅଚିହ୍ନା ବ୍ରାହ୍ମଣଙ୍କ ଅସଲିପଣକୁ ସନ୍ଦେହ କରିବାରେ ମଧ୍ୟ କିଛି କାରଣ ନାହିଁ।

ଦିନେ ଏଇ ଲେଖକ ରାତି ନଅଟାରେ ଚାନ୍ଦିନୀଚୌକରୁ ବାଦାମବାଡ଼ି ଆସିବା ପାଇଁ ଅନ୍ୟ କୌଣସି ଗାଡ଼ି ନ ପାଇ ଏକା ଏକା ଆସୁଥିବା ଜଣେ ବାଇକ୍ ଚାଳକଙ୍କୁ ହାତ ଦେଖାଇ ଲିଫ୍ଟ ମାଗିଲା। ସହୃଦୟ ବାଇକ୍ ଚାଳକ ଗାଡ଼ି ଅଟକାଇ ପଛରେ ବସାଇଲେ ସିନା, ଚେତାବନୀ ଶୁଣାଇ କହିଲେ, ଏମିତି ଅଚିହ୍ନା ଅଜଣା ଲୋକଙ୍କୁ ଲିଫ୍ଟ ମାଗିବା ଆଦୌ ନିରାପଦ ନୁହେଁ। ତାଙ୍କ ଉପଦେଶ ସପକ୍ଷରେ ସେ ଶୁଣାଇଲେ ନିଜର ଜଣେ ସମ୍ପର୍କୀୟଙ୍କ ଅଙ୍ଗେନିଭା ଦୁର୍ଭାଗ୍ୟର କାହାଣୀ। ଏମିତି ଦିନେ ରାତିରେ ଗାଡ଼ି ନ ପାଇ ଏକ ଖାଲି କାର୍‌କୁ ଲିଫ୍ଟ ମାଗି ସମ୍ପର୍କୀୟ ଜଣକ ଆସୁଥିଲେ ପାଣିକୋଇଲିରୁ କଟକ। କିଛି ବାଟ ଆସିଲା ପରେ କାର୍ ଡ୍ରାଇଭର ତାଙ୍କୁ ଲୁଣ୍ଠନ କରିବାକୁ ଉପକ୍ରମ କଲାରୁ ସେ ତା'ର ପ୍ରତିରୋଧ କଲେ। ପରିଣାମ ସ୍ୱରୂପ ଅତି ନୃଶଂସ ଭାବେ ତାଙ୍କୁ ମାଡ଼ ମାରି ଦୁର୍ଦ୍ଦାନ୍ତ ଡ୍ରାଇଭର ତାଙ୍କ ପାଖରେ ଥିବା ୪ ହଜାର ଟଙ୍କା, ହାତ ଘଣ୍ଟା ଓ ମୋବାଇଲ ଛଡ଼ାଇ ନେଇଥିଲା ଏବଂ ଏକ ନିକାଞ୍ଚନ ସ୍ଥାନରେ ତାଙ୍କୁ ଓହ୍ଲାଇ ଦେଇ ପଳାଇଯାଇଥିଲା। ପରେ ଆଉ ଜଣେ ଉଦାର କାର୍ ଚାଳକ ତାଙ୍କୁ ଉଦ୍ଧାର କରି କଟକ ଆଣିଥିଲା।

ବାଦାମବାଡ଼ିରେ ଓହ୍ଲାଇ ଦେଇ ତାଙ୍କ ଗନ୍ତବ୍ୟ ପଥରେ ଗାଡ଼ି ଗଡ଼ାଇବା ପୂର୍ବରୁ ସେଇ ଉପକାରୀ ବାଇକ୍ ଚାଳକଙ୍କୁ ଏ ଲେଖକ ତା'ର କୃତଜ୍ଞତା ଜଣାଇଥିଲା ଓ କହିଥିଲା 'ଅଚିହ୍ନା ଲୋକଙ୍କ ଅମାନବିକ ଆଚରଣରେ ଆପଣଙ୍କ ସମ୍ପର୍କୀୟଙ୍କ କଥା ଜାଣିଲି। ମାତ୍ର ଆପଣ ବି ମୋ ପାଇଁ ସମ୍ପୂର୍ଣ୍ଣ ଅପରିଚିତ ହୋଇ ମୋତେ ତ ପୁଣି ନିରାପଦରେ ଏଠାରେ ଛାଡ଼ିଦେଇ ଗଲେ। ତା'ପରେ ଆପଣଙ୍କର ସେଇ ସମ୍ପର୍କୀୟଙ୍କୁ ରାସ୍ତାକଡ଼ରୁ ଉଦ୍ଧାର କରି କଟକ ନେଇ ଆସିଥିବା ଦ୍ୱିତୀୟ ଡ୍ରାଇଭର ଜଣକ ବି ତ ତାଙ୍କର ଅଚିହ୍ନା, ଅଜଣା। ସୁତରାଂ ପରିଚୟର ପଇତା ପିନ୍ଧି ନ ଥିବା ସବୁଲୋକଙ୍କୁ ଆମେ ବ୍ରାହ୍ମଣ ନୁହେଁ ବୋଲି ସନ୍ଦେହ କରିବାର କିଛି କାରଣ ଅଛି କି ?

ପରିଚିତ ବା ଚିହ୍ନାଜଣା ଲୋକଙ୍କ ଉପରେ ବିଶ୍ୱାସ ବା ଆସ୍ଥା ସ୍ଥାପନକୁ ନେଇ ଆମ ସାମାଜିକ ଜୀବନରେ ବହୁବାର ବହୁ ଲୋକଙ୍କ ମୋହଭଙ୍ଗ ହୋଇଥିବ ନିଶ୍ଚୟ। ଏଇ କେଇଦିନ ତଳେ ଏଟିଏମ୍‌ରେ ଟଙ୍କା ପୂରାଇବା କାର୍ଯ୍ୟରେ ନିୟୋଜିତ ଥିବା ଜଣେ ଡ୍ରାଇଭର ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବାକୁ ନିଜକୁ କେମିତି ଅର୍ଦ୍ଧମୂର୍ଚ୍ଛିତ କରି ନାଟକ ରଚିଥିଲା, ତାହା ପ୍ରାୟ ସବୁ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହୋଇଥିଲା। ଅଥଚ ସେ ଥିଲା ସେହି ସଂସ୍ଥାର ସବୁଠୁ ନିର୍ଭରଯୋଗ୍ୟ କର୍ମଚାରୀ, ଯିଏ ବହୁଦିନ ଧରି କୋଟି କୋଟି ଟଙ୍କା ପରିବହନ କରିବାର ବିଶ୍ୱାସ ଅର୍ଜନ କରିଥିଲା। ସେମିତି କେଇବର୍ଷ ତଳେ ଖବର ପ୍ରକାଶ ପାଇଥିଲା ଏକ ସରକାରୀ ବିଭାଗର କ୍ୟାଶିୟର ଭାବେ କାର୍ଯ୍ୟ କରୁଥିବା ଜଣେ ହତଭାଗ୍ୟ କର୍ମଚାରୀଙ୍କ ମର୍ମନ୍ତୁଦ ହତ୍ୟାକାଣ୍ଡକୁ ନେଇ। ନିଜ ବିଭାଗର କର୍ମଚାରୀମାନଙ୍କ ବେତନ ଟଙ୍କା ବ୍ୟାଙ୍କରୁ ଉଠାଇ ଅଫିସକୁ ଫେରୁଥିବାବେଳେ ଏକ ନିର୍ଜନ ଜଙ୍ଗଲିଆ ରାସ୍ତାରେ ତାଙ୍କୁ ହତ୍ୟା କରାଯାଇଥିଲା ବିପୁଳ ଟଙ୍କା ତକ ଲୁଣ୍ଠନ କରିବା ପାଇଁ। ଲକ୍ଷ୍ୟ କରିବାର କଥା, କେହି ଅଜଣା ଅଚିହ୍ନା ଘାତକ ବା ଡକାୟତଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡ ସଂଘଟିତ ହୋଇ ନ ଥିଲା। ହତ୍ୟାକାରୀ ଥିଲେ ତାଙ୍କର ଅତି ପରିଚିତ ଗାଡ଼ିର ଡ୍ରାଇଭର ଓ ଅନ୍ୟ ଜଣେ ସହଚର ସହକର୍ମୀ, ଯାହାଙ୍କ ଉପରେ ଥିଲା ତାଙ୍କର ଅଖଣ୍ଡ ଭରସା ଓ ପ୍ରଚଣ୍ଡ ବିଶ୍ୱାସ। ନିର୍ଭରଶୀଳତା ଓ ନିରାପତ୍ତାର କି ବିଚିତ୍ର ସମନ୍ୱୟ ! ବିଶ୍ୱାସ ଓ ବିଶ୍ୱାସଘାତକତାର କି ବିପରୀତ ସମାବେଶ !

ବୟସରେ ଯୌବନର ରଙ୍ଗ ଚହଟିଲା କ୍ଷଣି ଅନୁଢ଼ା କିଶୋରୀଟିଏ ପରିଚିତ ହୁଏ କେହି ପ୍ରେମିକ ପୁରୁଷ ସାଙ୍ଗରେ। ପରିଚୟରୁ ପ୍ରେମ, ପ୍ରେମରୁ ବିଶ୍ୱାସ, ବିଶ୍ୱାସରୁ ସମର୍ପଣ। ଯେଉଁଠି ପ୍ରେମ ଭଳି ଏକ ସ୍ୱର୍ଗୀୟ ଅନୁଭବକୁ ନେଇ ଦୁଇଟି ହୃଦୟ ମଧ୍ୟରେ ବଳିଷ୍ଠ ବିଶ୍ୱାସର ସେତୁ ସ୍ଥାପିତ ହୁଏ, ସେଠି ନିଜର ନିରାପତ୍ତାକୁ ନେଇ କିଏ କାହିଁକି ସନ୍ଦିହାନ ହୁଅନ୍ତା ଯେ ! ସୁତରାଂ, ଝିଅଟି ନିଜ ମନର ମଣିଷ ପାଖରେ ନିଜକୁ ସବୁମତେ ସମର୍ପଣ କରିଦେଲା ପରେ ତାକୁ ଅପେକ୍ଷା କରି ରହିଥାଏ ଜୀବନର ଚରମ ଦୁର୍ଭାଗ୍ୟ। ପ୍ରେମିକଟି ତାକୁ ଏକ ନୂଆ ଦୁନିଆକୁ ବୁଲାଇ ନେବାର ବାହାନା କରି କେଉଁଠି ଅଜଣା ଅଚିହ୍ନା ଜାଗାରେ ନେଇ ଛାଡ଼ିଦେଇ ଆସେ ତ ଅନ୍ୟ କେଉଁଠି ମୋଟା ଅର୍ଥ ବିନିମୟରେ ବିକିଦିଏ ନାରୀଦେହର ବଜାରରେ। ନିଜ ସ୍ୱପ୍ନପୁରୁଷ ସଙ୍ଗେ ସଂସାର କରିବାର ସ୍ୱପ୍ନ ଦେଖୁଥିବା ନିରୀହା ନବଯୁବତୀଟି ନିଜକୁ ଆବିଷ୍କାର କରେ କେଉଁ ଏକ ଗଣିକାପଲ୍ଲିର ଗଳିରେ।

ଏ ତ ସବୁ ଗଲା ସେଇମାନଙ୍କ କଥା, ଯେଉଁମାନେ ଚିହ୍ନା ବ୍ରାହ୍ମଣକୁ ବରଣ କରି ତାଙ୍କ ହାତରେ ପୂଜା କରିବାର ଅଧିକାର ଅଜାଡ଼ି ଦିଅନ୍ତି ଓ ପରେ ପରେ ପ୍ରତାରିତ ହୁଅନ୍ତି। ମାତ୍ର ଅନ୍ୟପକ୍ଷରେ ଏମିତି କିଛି ଘଟଣା ଆଖିରେ ପଡ଼େ, ଯାହା ପରିଚିତ ଅପରିଚିତର ପ୍ରଭେଦଠାରୁ ଢେର ଉର୍ଦ୍ଧ୍ୱକୁ ନେଇ ମନ ଭିତରେ ଭରିଦିଏ ନିରାପତ୍ତା ଓ ନିର୍ଭରଶୀଳତାର ଏକ ଅପୂର୍ବ ଅନୁଭବ। ମନ ଭିତରେ ବିଶ୍ୱାସ ଜନ୍ମେ ଯେ ଅଜଣା ଅଚିହ୍ନା ସମ୍ପର୍କର ବିସ୍ତୀର୍ଣ୍ଣ ଇଲାକା ମଧ୍ୟରେ କିଛି ଅପରିଚିତ ଚରିତ୍ରମାନେ ଜଣେ ଜଣେ ଅଚିହ୍ନା ବ୍ରାହ୍ମଣ, ଯାହାଙ୍କ ପଇତା ନ ଦେଖି ମଧ୍ୟ ତାଙ୍କ ବ୍ରାହ୍ମଣପଣ ଉପରେ ବିଶ୍ୱାସ କରାଯାଇପାରେ। ଅବଶ୍ୟ ଏକଥା ସତ ଯେ ଏମାନଙ୍କ ସଂଖ୍ୟା ବେଶ୍ ବିରଳ।

ବୃତ୍ତି ପାଇଁ ପ୍ରବାସରେ ଥିବା ନିଜ ସ୍ୱାମୀଙ୍କ ଅନୁପସ୍ଥିତିରେ ଜଣେ ଗ୍ରାମ୍ୟ ନବବଧୂ ନିଜ ଶାଶୁଶ୍ୱଶୁରଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ନିଜର ସବୁ ସୁନାଗହଣା ଧରି ଘର ଛାଡ଼ି ଚାଲିଆସିଲେ। ବାପଘର ଗାଁକୁ ଯାଇଥିବା ବସ୍‌କୁ ଅପେକ୍ଷା କରୁଥିଲା ବେଳେ ଜଣେ ଅସାମାଜିକ ଗୁଣ୍ଡା ହାବୁଡ଼ରେ ପଡ଼ିଗଲେ। ନିଃସଙ୍ଗ ନାରୀଜଣକ ସହ ସୈାଖ୍ୟ ଜମାଇ ବହୁମୂଲ୍ୟ ସୁନାଗହଣା ସହ ତାଙ୍କୁ ବି କରାୟତ୍ତ କରିବା ପୂର୍ବରୁ ଅଚାନକ ଦୃଶ୍ୟପଟ୍ଟରେ ଆବିର୍ଭୂତ ହେଲେ ସ୍ଥାନୀୟ ଥାନାର ଜଣେ ପୋଲିସ। ପୋଲିସ ପୋଷାକ ତଳେ ଥିବା ତାଙ୍କ ବକ୍ଷଦେଶର ହୃଦୟରେ ମେଞ୍ଚାଏ ମାନବିକତା ଭରି ରହିଥିଲା। ସେହି ମାନବିକତାର ଆହ୍ୱାନରେ ସେ ବାଟହୁଡ଼ା ବୋହୂଟିକୁ ନିଜଘରକୁ ନେଇଯାଇ ନିଜର ସ୍ତ୍ରୀଙ୍କ ହେପାଜତରେ ରଖିଲେ ଓ ସ୍ତ୍ରୀଙ୍କ ସହ ମିଶି ତାଙ୍କୁ ତାଙ୍କ ଶ୍ୱଶୁର ଘରକୁ ଫେରିଯିବା ପାଇଁ ବହୁଭାବେ ପ୍ରବର୍ତ୍ତାଇଲେ। ଅଚିହ୍ନା ସମ୍ପର୍କର ସ୍ୱାଦ ପୁଣି ଏତେ ମିଠା ହୋଇପାରେ ! ପତିପତ୍ନୀ ଦୁହିଁଙ୍କ କଥାରେ କି ଯାଦୁ ଥିଲା କେଜାଣି, ଶାଶୁଶ୍ୱଶୁରଙ୍କ ଉପରେ ବୋହୂଙ୍କ ପୁଞ୍ଜିଭୂତ ଅସନ୍ତୋଷର ଉପଶମ ହେଲା ଓ ଅବାଟରୁ ପାଦ ହଟାଇ ପୋଲିସ ବାବୁଙ୍କ ସହ ସେ ପୁଣି ଫେରିଗଲେ ଶ୍ୱଶୁରାଳୟକୁ।

ଅଚିହ୍ନା ଲୋକଙ୍କ ବିଶ୍ୱସନୀୟତା ସପକ୍ଷରେ ଆଉ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଭୁବନେଶ୍ୱରର ମିଶ୍ର ଦମ୍ପତି ଟ୍ରେନ୍‌ରେ ଯାଉଥାଆନ୍ତି ବାଙ୍ଗାଲୋର। ବିଶାଖାପାଟଣା ଷ୍ଟେଶନରେ ଗାଡ଼ି ଛିଡ଼ା ହୋଇଥିବା ବେଳେ ଜଣେ ବୟସ୍କ କଫିବିକାଳିଠାରୁ ଦୁଇକପ୍ କଫି ଆଣିଲେ ମିଶ୍ରବାବୁ ଓ ପାଖରେ ଖୁଚୁରା ନ ଥିବାରୁ ଦୁଇଶହ ଟଙ୍କାର ନୋଟ୍‌ଟିଏ ବଢ଼ାଇଦେଲେ। କଫି ବିକାଳିଟି ନିଜର ପାଇସା ମୁଣିରୁ ଅବଶିଷ୍ଟ ଟଙ୍କା ଗଣି ଫେରାଇବାର ଉପକ୍ରମ କରୁଥିବା ବେଳେ ଅଚାନକ ଟ୍ରେନ୍ ଛାଡ଼ିବାର ସଙ୍କେତ ଦେଲା। କଫି ବାବଦକୁ କୋଡ଼ିଏ ଟଙ୍କା ରଖି ଅବଶିଷ୍ଟ ଶହେ ଅଶୀ ଟଙ୍କା ଫେରାଇବା ପୂର୍ବରୁ ଟ୍ରେନ୍ ଛାଡ଼ିଦେଲା ଓ କଫିବିକାଳି ତରବରରେ ଟ୍ରେନ୍‌ରୁ ଓହ୍ଲାଇଗଲେ। କଫି ଦୁଇକପ୍ ପାଇଁ ଶହେ ଅଶୀ ଟଙ୍କା ହରାଇବାକୁ ପଡ଼ିଲା ବୋଲି ମିଶ୍ରବାବୁ ଯେତେ ଦୁଃଖିତ ନ ଥିଲେ, ତାହାଠାରୁ ଅଧିକ ଥିଲେ ପତ୍ନୀଙ୍କ ଝିଙ୍ଗାସ ଶୁଣି। ଅବଶିଷ୍ଟ ପଇସା ନ ଫେରାଇବା କଫିବାଲାର ଇଚ୍ଛାକୃତ ଶଠତା ନୁହେଁ ବୋଲି ସେ ବୁଝୁଥିଲେ ବି ପତ୍ନୀଙ୍କୁ ବୁଝାଇ ପାରୁ ନ ଥିଲେ।

ଗାଡ଼ି ରାଜମହେନ୍ଦ୍ରୀ ଷ୍ଟେଶନରେ ପହଞ୍ଚିଲା କ୍ଷଣି ଅଚାନକ ସେହି ଅଭିନବ ତଥା ଅପ୍ରତ୍ୟାଶିତ ଘଟଣାଟି ଘଟିଗଲା। ଜଣେ ତରୁଣ ଆସି ତାଙ୍କୁ ବିଶାଖାପାଟଣା ଷ୍ଟେଶନରେ କଫି ଦୁଇକପ୍ ପିଇଥିଲେ କି ନାହିଁ ପଚାରିଲା। ସେ ହଁ କଲାରୁ ତାଙ୍କୁ ଶହେ ଅଶୀ ଟଙ୍କା ଫେରାଇ ଦେଇ କହିଲା 'ଆପଣ ଯାହାଙ୍କଠାରୁ କଫି ନେଇଥିଲେ ମୁଁ ତାଙ୍କର ପୁଅ। ବାପା ତରବରରେ ଟ୍ରେନରୁ ଓହ୍ଲାଇଗଲାରୁ ଆପଣଙ୍କୁ ଆପଣଙ୍କ ପ୍ରାପ୍ୟ ଫେରାଇ ନ ପାରି ମୋତେ ଫୋନ୍ କରି କହିଲେ। ମୁଁ ଏହି ସହରରେ ରହି ପାଠପଢୁଛି। ଆପଣଙ୍କ ଟଙ୍କା ଫେରାଇବା ପାଇଁ ଗାଡ଼ି ପହଞ୍ଚିବା ପୂର୍ବରୁ ମୁଁ ଏଠାରେ ଅପେକ୍ଷା କରିଥିଲି ବାପାଙ୍କ ନିର୍ଦ୍ଦେଶରେ। ନମସ୍କାର ଜଣାଇ ତରୁଣଟି ବିଦାୟ ନେଇ ଚାଲିଗଲା। ତା' ଯିବା ବାଟକୁ ଚାହିଁ ରହିଥିଲେ ବାପାପୁଅ ଦୁହିଁଙ୍କ ଅପୂର୍ବ ସାଧୁତାରେ ମୁଗ୍ଧ ମିଶ୍ର ଦମ୍ପତି।

କାନ୍ଧରେ ବିଶ୍ୱାସର ବଜ୍ରଗଣ୍ଠିରେ ବନ୍ଧା ପରିଚୟର ଉପବୀତ ପକାଇ ବ୍ରାହ୍ମଣ ବୋଲାଉଥିବା ତଥାକଥିତ ବଡ଼ ଲୋକମାନେ ମାନବିକତାର ବେଦମନ୍ତ୍ର ଭୁଲିଯାଉଥିବାବେଳେ ସମାଜର ଛୋଟ ମଣିଷ ଭାବେ ଗଣା କଫିବିକାଳିଙ୍କ ପରି ଅଚିହ୍ନା ବ୍ରାହ୍ମଣମାନଙ୍କ ବିଶ୍ୱସ୍ତତା ଓ ବିଶ୍ୱସନୀୟତାର ଏହି ଓଁକାର ଉଚ୍ଚାରଣ ପାଇଁ ଏ ଜଗତ ତିଷ୍ଠି ରହିଛି ନିଶ୍ଚିତ ! ତା' ନ ହେଲେ ଏଠି ଜଣେ ଡ୍ରାଇଭର ରକ୍ତାକ୍ତ କରି ରାସ୍ତାକଡ଼ରେ ପକାଇ ଦେଇ ଆସୁଥିଲା ବେଳେ ଆଉ ଜଣେ ଡ୍ରାଇଭର ଉଦ୍ଧାର କରିବା ପାଇଁ ପହଞ୍ଚିଯାଉଛି କେମିତି ?

ପ୍ରଜ୍ଞାନିଳୟ
ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଏଇ ଭାରତରେ

ଲଦାଖର କାର୍‌ଗିଲ ଜିଲା ଅନ୍ତର୍ଗତ କରିଥ ଗାଁର ସରକାରୀ ଉଚ୍ଚପ୍ରାଥମିକ ସ୍କୁଲର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ମହମ୍ମଦ ଅଲୀଙ୍କ ଶିକ୍ଷାପଦ୍ଧତି ଏବେ ଚର୍ଚ୍ଚାରେ। ଅଲୀ ୨୦୧୬ରେ ସ୍କୁଲର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଇଥିଲେ। ତାଙ୍କ ନିଆରା ଶିକ୍ଷା ପଦ୍ଧତିରେ ସ୍କୁଲରେ ପିଲାସଂଖ୍ୟା ବୃଦ୍ଧି ପାଇ ୪୧ରେ ପହଞ୍ଚିଛି। ଏବେ ଗାଁର କୌଣସି ପିଲା ସ୍କୁଲ ବାହାରେ ରହିନାହାନ୍ତି। ପିଲାମାନଙ୍କୁ ଆତ୍ମନିର୍ଭର କରିବା ଲାଗି ଶିକ୍ଷା ଦିଆଯାଉଛି। ପ୍ରତିଦିନ ସକାଳେ ୨୫ ମିନିଟ ସ୍ପୋକନ ଇଂଲିଶ କ୍ଲାସ୍ ନିଆଯାଉଛି। ଛୋଟ ଛୋଟ ନାଟକ ମାଧ୍ୟମରେ ବି ଶିକ୍ଷା ଦିଆଯାଉଛି। ଦୁର୍ଗମ ଗାଁ କରିଥର ଲୋକସଂଖ୍ୟା ପାଖାପାଖି ୫୦୦। ଶୀତ ତିନିମାସ ସ୍କୁଲ ବନ୍ଦ ରହେ। ପିଲାମାନଙ୍କ ଶିକ୍ଷା ବନ୍ଦ ନ କରି ସେମାନଙ୍କ ସହ ଯୋଗାଯୋଗ ରଖିବାକୁ ଅଲୀ ଏକ କୃତ୍ରିମ ବରଫ ସ୍ତୂପ ଗଢ଼ି ସେଠାରେ ପିଲାମାନଙ୍କୁ ସମବେତ କରି ଶିକ୍ଷା ଦିଅନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୬

- ଆମେରିକାର ପୂର୍ବତନ ରାଷ୍ଟ୍ରପତି ସ୍ପିରୋ ଆଗ୍ନିୟୁଙ୍କ ୭୭ବର୍ଷ ବୟସରେ ପରଲୋକ।
- ଜାପାନୀ ଶିଳ୍ପଗୁଡ଼ିକରେ ଭାରତୀୟ ଶିଳ୍ପ ଶ୍ରମିକମାନଙ୍କ ପାଇଁ ତାଲିମ ବ୍ୟବସ୍ଥା ପ୍ରଚଳନ ସକାଶେ ଜାପାନର 'ଜିଟ୍‌କୋ' ଏବଂ ଭାରତର ଶିଳ୍ପ ମନ୍ତ୍ରଣାଳୟ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ।

# ୟୁଏନ୍ ଓମେନ୍ ମୁଖ୍ୟ

### ବ୍ୟକ୍ତିତ୍ୱ



ସୀମା ସାମି ବହୋସ୍

ୟୁଏନ୍ ଓମେନ୍ ହେଉଛି ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତୀକରଣ ଦିଗରେ ଉତ୍ସର୍ଗୀକୃତ ଜାତିସଂଘର ଏକ ସଙ୍ଗଠନ। ଏହି ବିଶ୍ୱ ଅଭିଯାନ ମାଧ୍ୟମରେ ମହିଳା ଓ ବାଳିକାମାନେ ସେମାନଙ୍କ ମାନବ ଅଧିକାର ଜାହିର କରିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇପାରୁଛନ୍ତି। ସମଗ୍ର ବିଶ୍ୱ ପ୍ରେକ୍ଷାପଟକୁ ଅନିଷା କଲେ ମହିଳା ଓ ବାଳିକାଙ୍କ ଉପରେ ହେଉଥିବା ଅତ୍ୟାଚାରର କାହାଣୀ ଗୁନ୍ଥି ହୋଇ ରହିଛି। ଏବର ସ୍ଥିତି ଦେଖିଲେ ଆଫଗାନିସ୍ତାନରେ ତାଲିବାନ ଶାସନ ପୁନଶ୍ଚ ଫେରିବା ପରେ ମହିଳାଙ୍କ ଉପରେ ନିର୍ଯାତନା ବଢ଼ିଚାଲିଛି। ତେଣୁ ମହିଳାଙ୍କ ପାଇଁ ପୃଥିବୀ କେତେ ନିରାପଦ ଓ ସେମାନେ କିଭଳି ସଶକ୍ତ ହୋଇପାରିବେ, ସେହି ଦିଗରେ କାର୍ଯ୍ୟ କରୁଥିବା ୟୁଏନ୍‌ଓମେନ୍‌ର ପରିସର ବ୍ୟାପକ ହେବା ସ୍ୱାଭାବିକ। ନିକଟରେ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଜୋର୍ଡାନ୍ ମହିଳା ସୀମା ସାମି ବହୋସଙ୍କୁ ଦାୟିତ୍ୱ ମିଳିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ସୀମା ଜୁନ୍ ୧୯୫୬ରେ ଜନ୍ମଗ୍ରହଣ କରିଥିଲେ। ଜୋର୍ଡାନ୍ ବିଶ୍ୱବିଦ୍ୟାଳୟରୁ ଇଂଲିଶ୍ ସାହିତ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ସେ ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ଏସେକ୍ସରୁ ଇଂଲିଶ୍ ସାହିତ୍ୟ ଓ ଡ୍ରାମାରେ ସ୍ନାତକୋତ୍ତର କରିଥିଲେ। ଆମେରିକାର ଇଣ୍ଡିଆନା ୟୁନିଭର୍ସିଟିରୁ କମ୍ୟୁନିକେଶସନ୍ସ ଆଣ୍ଡ ଡେଭଲପ୍‌ମେଣ୍ଟ ଉପରେ ପିଏଚ୍‌ଡି କରିଥିଲେ। ପଢ଼ାର ସର୍ବୋଚ୍ଚ ସ୍ତରକୁ ଯିବା ପରେ ସେ ଅନ୍ତର୍ଜାତୀୟ ସ୍ତରରେ ନାମ ଅର୍ଜନ କରିବାକୁ ପ୍ରୟାସ କରିଥିଲେ। ସମୟକ୍ରମେ ସେ ତାହା କରିବାରେ ମଧ୍ୟ ସକ୍ଷମ ହୋଇପାରିଛନ୍ତି। ୧୯୯୪ରୁ ୧୯୯୫ ଯାଏ ଜୋର୍ଡାନ୍ ରାଜଧାନୀ ଅମନ୍‌ରେ ସେ ୟୁନିସେଫ୍‌ର କମ୍ୟୁନିକେଶସନ୍ସ ମୁଖ୍ୟ ହୋଇଥିଲେ। ନିଜ କାର୍ଯ୍ୟ ଠିକ୍ ଭାବେ କରି ସେ ଜାତିସଂଘର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ୟେମେନ୍ ରାଜଧାନୀ ସାନାରେ ତାଙ୍କୁ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଡେଭଲପ୍‌ମେଣ୍ଟ ଆଡଭାଇଜର କରାଯାଇଥିଲା। ୧୯୯୭ରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି କିଙ୍ଗ୍ ହୁସେନ୍ ଆଣ୍ଡ ନୂର୍ ଅଲ୍ ହୁସେନ୍ ଫାଉଣ୍ଡେଶନରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକ ଭାବେ ୨୦୦୧ ଯାଏ ଦାୟିତ୍ୱରେ ଥିଲେ। ଅମନ୍‌ସ୍ଥିତ ରୟାଲ ହାସିମିଟେ କୋର୍ଟରେ ମେଡିଆ ଓ ଇନ୍‌ଫର୍ମେଶନର ମୁଖ୍ୟ ହେବା ସହିତ ସେ କିଙ୍ଗ୍ ଅବଦୁଲ୍ଲାଙ୍କ ଉପଦେଷ୍ଟା ମଧ୍ୟ ରହିଥିଲେ। ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ସୀମା ଜୋର୍ଡାନ୍‌ର ଉଚ୍ଚତର ଗଣମାଧ୍ୟମ ପରିଷଦର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଏହା ଜୋର୍ଡାନ୍ ରାଜା ଅବଦୁଲ୍ଲାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପଦବୀ ଭାବେ ଗଣାଯାଇଥାଏ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଘଟଣା ଓ ପ୍ରସଙ୍ଗ ଉପରେ ଦଖଲ ତାଙ୍କୁ ଇଜିପ୍ଟ ରାଜଧାନୀ କାଏରୋସ୍ଥିତ ଲିଗ୍ ଅଫ୍ ଆରବ ଷ୍ଟେଟ୍‌ସରେ ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ଆସିଷ୍ଟାଣ୍ଟ ସେକ୍ରେଟାରୀ ଜେନେରାଲ ପଦବୀରେ ଅବସ୍ଥାପିତ କରିଥିଲା। ଏହି କାର୍ଯ୍ୟକାଳ ସରିବା ପରେ ୨୦୧୨ରେ ସେ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ସହକାରୀ ମହାସଚିବ ତଥା ଏହାର ରିଜିଓନାଲ ବ୍ୟୁରୋ ଫର୍ ଆରବ ଷ୍ଟେଟ୍‌ସର ନିର୍ଦ୍ଦେଶକ ମଧ୍ୟ ହୋଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଗୁଡ଼ାଏ ପଦବୀରେ ଅବସ୍ଥାପିତ ହେବା ସମୟରେ ସୀମା ଅର୍ଜନ କରିଥିବା ଅଭିଜ୍ଞତାକୁ ବିଚାରକୁ ନିଆଯିବା ପରେ ତାଙ୍କୁ ଅଗଷ୍ଟ ୨୦୧୬ରେ ଜାତିସଂଘରେ ଜୋର୍ଡାନ୍‌ର ସ୍ଥାୟୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଥିଲା।

ଦୀର୍ଘ ୩୫ ବର୍ଷ ଅଭିଜ୍ଞତାକୁ ଉପଯୋଗ କରି ସୀମା ମହିଳାମାନେ ସମ୍ମୁଖୀନ ହେଉଥିବା ଅନେକ ସମସ୍ୟାର ସମାଧାନ କରିବେ ବୋଲି ଆଶା ରହିବା ସ୍ୱାଭାବିକ। ଲିଙ୍ଗଗତ ସମାନତା, ମହିଳା ପକ୍ଷପାତ ବିରୋଧୀ, ନାରୀ ସଶକ୍ତୀକରଣ, ଗୁଣାତ୍ମକ ଶିକ୍ଷାର ପ୍ରବକ୍ତା, ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ, ଦାରିଦ୍ର୍ୟ ଦୂରୀକରଣ ଓ ଅନ୍ତର୍ଭୁକ୍ତୀକରଣ ଶାସନ ଉପରେ ଜୋର ଦେଇ ଆସୁଥିବା ସୀମା ସ୍ଥାନୀୟ ସ୍ତରରୁ ବିଶ୍ୱବ୍ୟାପାର ଯାଏ ସବୁଥିରେ ଜଡ଼ିତ ରହି ଆଣିଥିବା ସଂସ୍କାର ତାଙ୍କୁ ଦୁନିଆ ଭିତରେ ଜଣେ ସୁଦକ୍ଷା ମହିଳା ଭାବେ ପରିଚୟ ଦେଇପାରିଛି। ଆଜିର ସ୍ଥିତିରେ ଏହିଭଳି ଜଣେ ଜନନାୟିକା ୟୁଏନ୍ ଓମେନ୍‌ର ନେତୃତ୍ୱ ନେବା ନିଶ୍ଚିତ ଭାବେ ନାରୀ ଅଧିକାର ଓ ସଶକ୍ତୀକରଣକୁ ଅଧିକ ବେଗବାନ କରିବ ବୋଲି ଆଶା।

ସୀମାଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ ଜିଆଦ୍ ରିଫାଇ ଏବଂ ଝିଅ ଜାହାନ୍‌ଙ୍କୁ ନେଇ ତାଙ୍କ ସଂସାର।

–ଜିତେନ୍ଦ୍ର କୁମାର ନାୟକ

# ଚିରନ୍ତନୀ

ମାଳତୀର ଆଖି ଓଦା
ଅଶ୍ରୁର ଶିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
ଅତୀତ ମୋ ଯଉବନ
ଆଣିଅଛି ନିମନ୍ତ୍ରଣ
କେତକୀ ସୁବାସେ ଦଶ ଦିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
(ଶିଶିର–ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପେନ୍‌ସନରୁ ରାଜକୋଷକୁ ଦାନ

ମହାଶୟ,

ନିୟମିତ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀମାନେ ଅବସର ଗ୍ରହଣ କରି ପେନ୍‌ସନ ଲାଭ କରିଥା'ନ୍ତି। ସେମାନଙ୍କର ପ୍ରତିପୋଷଣ ପାଇଁ ସରକାର ଏହି ନିୟମ ଲାଗୁ କରିଛନ୍ତି। ଉକ୍ତ ପେନ୍‌ସନ ଅର୍ଥ ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ହୋଇନଥାଏ। ନିମ୍ନବର୍ଗର କର୍ମଚାରୀ ଅବସର ପରେ ଦୁଃଖକଷ୍ଟେ ଚଳିଥା'ନ୍ତି ; ମାତ୍ର ଉଚ୍ଚ ଶ୍ରେଣୀର ସରକାରୀ କର୍ମଚାରୀମାନେ ମୋଟା ଅଙ୍କର ପେନ୍‌ସନ୍ ଲାଭ କରିଥା'ନ୍ତି। ଯାହା ଚାକିରି କାଳରେ ଦରମା ସଞ୍ଚୟ କରିଥା'ନ୍ତି, ତାହାଛଡ଼ା ପେନ୍‌ସନ ଅର୍ଥ ସେମାନଙ୍କ ଚଳିବା ପାଇଁ ଯଥେଷ୍ଟଠାରୁ ବଳକା ହୋଇଥାଏ। ସମୟକ୍ରମେ ପେନ୍‌ସନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଆବଶ୍ୟକତାଠାରୁ ଅଧିକ ଅର୍ଥକୁ ସେମାନେ ସଞ୍ଚୟ କରି ରଖିଥା'ନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଶ ଏକ ଆର୍ଥିକ ଅନଟନ ସ୍ଥିତିରେ ଗତି କରୁଛି। ଉଚ୍ଚବର୍ଗ ପେନ୍‌ସନଧାରୀଙ୍କ ମଧ୍ୟରେ ଅନେକ ବଦାନ୍ୟ ବ୍ୟକ୍ତି ଅଛନ୍ତି। ତେବେ ଦେଶର ଦୁର୍ଦ୍ଦିନ ସମୟରେ ସେମାନେ ଲାଭ କରୁଥିବା ପେନ୍‌ସନ ଧନରୁ କିଛି କିଛି ଅର୍ଥ ରାଜକୋଷକୁ ଦାନ କରିବା ପାଇଁ ଅନୁରୋଧ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୮୬,୧୦,୭୪୦ | ୪୬,୯୬,୦୦୧ | ୨୦,୫୨,୨୫,୭୯୮ |
| ଭାରତ | ୩,୩୪,୩୭,୫୩୫ | ୪,୪୪,୭୧୩ | ୩,୨୬,୫୨,୧୫୧ |
| ଓଡ଼ିଶା | ୧୦,୧୯,୬୬୧ | ୮୧୨୮(+୫୩) | ୧୦,୦୬,୩୭୦ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

**ଜଳେଶ୍ୱର,୧୮।୯(ଡି.ଏନ.ଏ.):** ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡଙ୍କ ସମେତ ୪ ଅଭିଯୁକ୍ତଙ୍କୁ ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୩୫୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ବ୍ରାଉନସୁଗାର କାରବାର ମୁଖ୍ୟ ସେକ୍ ମମତାଜଙ୍କୁ ପୋଲିସ୍ ଗିରଫ କରିଥିବା ବେଳେ ଶନିବାର ଭୋର ସମୟରେ ଅନ୍ୟ ୩ଜଣଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୩୫ଲକ୍ଷ ଟଙ୍କା ହେବ। ୩ ଅଭିଯୁକ୍ତ ହେଲେ ଝାଡ଼େଶ୍ୱରପୁରର ସେକ୍ ରାଜା, ସେକ୍ ବାବୁ ଓ ଦିଲବାରୀ ବିବି। ଏସ୍‌ଡ଼ିପିଓ ଅଙ୍କିତା କୁମାର, ଆଇଆଇସି ପ୍ରଜ୍ଞା ମହାନ୍ତିଙ୍କୁ ନେଇ ଗଠିତ ପୋଲିସ୍ ଟିମ୍ ରାଜପୁର, ଝାଡ଼େଶ୍ୱରପୁର, ସେକ୍‌ବାର୍ଡ଼ ଓ ଶାସନବାର୍ଡ଼ ଅଞ୍ଚଳର କେତେକ ସ୍ଥାନରେ ଚଢ଼ାଉ କରିଥିଲେ।

### ବଳାତ୍କାର ମାମଲାରେ ଯୁବକଙ୍କୁ ୭ ବର୍ଷ ଜେଲ

**ସାଲେପୁର,୧୮।୯(ଡି. ଏନ.ଏ.):** ସାଲେପୁର ଅତିରିକ୍ତ ଜିଲା ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ବଳାତ୍କାର ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେ ହେଲେ ମାହାଙ୍ଗା ଥାନା ହାଟପଡ଼ା ଗ୍ରାମର ଭାସ୍କର ପ୍ରଧାନ ଓରଫ ପିଣ୍ଟୁ(୨୪)। ଜରିମାନା ଅନାଦେୟରେ ତାଙ୍କୁ ଅଧିକ ୩ ମାସ ଦଣ୍ଡ ନିର୍ଦ୍ଦେଶ ଦିଆଯାଇଛି ବୋଲି ସରକାରୀ ଓକିଲ ଯତୀନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି। ସାଲେପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ୨୪ ନଭେମ୍ବର ୨୦୧୯ରେ ବଳାତ୍କାର କରାଯାଇଥିଲା। ଯୁବତୀ ଜଣଙ୍କୁ ଭାସ୍କର ଉଠାଇନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୩୨୮/୧୯)ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ରାୟ ପ୍ରକାଶ କରାଯାଇଛି।

### ଚଢ଼ିଗଲା ୨ ଟ୍ରକ୍, ଯୁବକଙ୍କ ମୃତ୍ୟୁ

**ମୁନିଗୁଡ଼ା,୧୮।୯(ଡି.ଏନ୍.ଏ.):** ରାୟଗଡ଼ା ଜିଲା ମୁନିଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ଛକ ନିକଟରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଆଗପଛ ହୋଇ ଯାଉଥିବା ୨ଟ୍ରକ୍ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଇକସାହିର ସୁବାସ ସାହୁ(୪୪)। ସୁବାସ ସକାଳେ ସାହି ଛକକୁ ଯାଇଥିଲେ। ସେଠାରେ କିଛି ସମୟ ବସିବା ପରେ ରାସ୍ତାପାର ହୋଇ ଫେରିବା ସମୟରେ ରାୟପୁରରୁ ବିଶାଖାପାଟଣା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଦୁଇଟି ଟ୍ରକ୍(ଏପି-୩୯-ୱାଇ-୨୬୭୯) ଓ (ଏପି-୦୫-ଟିବି-୨୩୫୯) ତାଙ୍କ ଉପରେ ଚଢ଼ିଯାଇଥିଲା। ଏଥିରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଦୁଇ ଟ୍ରକ୍‌କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଏସ୍‌ଡ଼ିପିଓ ଆକାଶ ଚନ୍ଦ୍ର ସାହୁ, ଏସ୍‌ଆଇ ନରସିଂହ ବେହେରାଙ୍କ ସମେତ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅନ୍ୟପକ୍ଷରେ ଦୁଇ ଟ୍ରକ୍ ଚାଳକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

# ଡିଏଫ୍‌ଓ, ରୋଷେୟାଙ୍କ ଲାଏ ଡିଟେକ୍ସନ ଟେଷ୍ଟ

**ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲା**


- ୩ ଘଣ୍ଟାରେ ସଂଗ୍ରାମ କେଶରୀଙ୍କୁ ୫୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ
- ଏବେ ବି ରହସ୍ୟ, ତଦନ୍ତକୁ ନେଇ ପ୍ରଶ୍ନବାଚୀ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କର ଶନିବାର ଲାଏ ଡିଟେକ୍ସନ ଟେଷ୍ଟ କରିଛି କ୍ରାଇମବ୍ରାଞ୍ଚ। ଭୁବନେଶ୍ୱର ଫୋରେନସିକ୍ ଲାବ୍‌ରେ ଏହି ଟେଷ୍ଟ କରାଯାଇଛି। ଏଥିସହ ସୌମ୍ୟଙ୍କ ରୋଷେୟା ମନ୍ମଥ କୁମ୍ଭଙ୍କର ମଧ୍ୟ ଲାଇ ଡିଟେକ୍ସନ ଟେଷ୍ଟ ହୋଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଉଭୟଙ୍କୁ ଫୋରେନସିକ ଲାବ୍‌ର ପଛପାର୍ଶ୍ୱ ବାଟଦେଇ ଭିତରକୁ ନିଆଯାଇଥିଲା। ସଂଗ୍ରାମଙ୍କୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ୫୦ରୁ ଅଧିକ ପ୍ରଶ୍ନ ପଚରାଯାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେହିପରି ରୋଷେୟା ମନ୍ମଥଙ୍କୁ ମଧ୍ୟ ଅଲଗା ଭାବେ ମାମଲାର ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ କରାଯାଇଥିଲା। ସୌମ୍ୟଙ୍କ ପରିବାର ଲୋକେ ଆଣିଥିବା ଅଭିଯୋଗର ସତ୍ୟାସତ୍ୟ ଜାଣିବାକୁ ଉଭୟଙ୍କୁ ମଧ୍ୟ କେତେକ ସମାନ ପ୍ରଶ୍ନ ପଚରାଯାଇଥିଲା। ଏସିଏଫ୍ ସୌମ୍ୟ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କିପରି ସମ୍ପର୍କ ଥିଲା। ସୌମ୍ୟଙ୍କ କ୍ୱାର୍ଟର୍ସକୁ ପରିବାର ଲୋକଙ୍କ ସମେତ ଅନ୍ୟ କେଉଁମାନଙ୍କର ଯିବା ଆସିବା ରହିଥିଲା। କେଉଁ ପରିସ୍ଥିତିରେ ଜୁଲାଇ ୧୨ ରାତିରେ ସୌମ୍ୟଙ୍କ ସହ ଏପରି କ'ଣ ଘଟିଲା ଯେ, ସେ ନିଆଁରେ ପୋଡିହୋଇଗଲେ। ରହସ୍ୟ ଘେରରେ ରହିଥିବା ଏଭଳି ଅନେକ ପ୍ରଶ୍ନ ଉପରୁ ପରଦା ଉଠାଇବାକୁ ଅଧିକାରୀମାନେ ଚେଷ୍ଟା କରିଥିଲେ।

ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ପରେ ବିବାଦରେ ଥିଲେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା। ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ସହିତ ତାଙ୍କର ଅନୈତିକ ସମ୍ପର୍କ ଥିବା ଚର୍ଚ୍ଚା ଜୋର୍ ଧରିଥିଲା। ସୌମ୍ୟଙ୍କ ପରିବାର ଲୋକେ ମଧ୍ୟ ଡିଏଫ୍‌ଓ ସଂଗ୍ରାମ କେଶରୀଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ଚାଲିଥିବାବେଳେ ଡିଏଫ୍‌ଓ, ରୋଷେୟାଙ୍କୁ ତତ୍କାଳୀନ ଏସ୍‌ପି କ୍ଲିନଚିଟ୍ ଦେଇଥିଲେ। ଏହାକୁ ସୌମ୍ୟଙ୍କ ପରିବାର ଲୋକେ ବିରୋଧ କରିଥିଲେ। ପୁଅ ହତ୍ୟାକାରୀଙ୍କୁ ଗିରଫ ଦାବି କରି ସୌମ୍ୟଙ୍କ ବାପା ଓ ମାଆ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେବା ସହ ଆତ୍ମାହୁତି ଚେତାବନୀ ଦେଇଥିଲେ। ଏହାପରେ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ଡିଏଫ୍‌ଓ ଓ ରୋଷେୟାଙ୍କ ସମେତ ଗୁରାଣ୍ଡି ଥାନା ଓଆଇସି ମମତା ପଣ୍ଡାଙ୍କୁ ମାରାଥନ ଜେରା କରିଥିଲା। ପ୍ରଥମେ ତଦନ୍ତକାରୀ ଟିମ୍ ସୌମ୍ୟଙ୍କ ଘରକୁ ଯାଇ ପରିବାର ଲୋକଙ୍କ ବୟାନ ରେକର୍ଡ କରିଥିଲା। ଶେଷରେ ବିଦ୍ୟାଭାରତୀଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଥିଲା।

ସୂଚନାଯୋଗ୍ୟ, ପାରଳାଖେମୁଣ୍ଡିସ୍ଥିତ ସରକାରୀ କ୍ୱାର୍ଟର୍ସରେ ଜୁଲାଇ ୧୨ ରାତି ପ୍ରାୟ ୯ଟାରେ ସୌମ୍ୟଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ସୌମ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ମେଡ଼ିକାଲ ପରେ ବ୍ରହ୍ମପୁର ଏମ୍‌କେସିଜି ଓ କଟକର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ୧୩ ତାରିଖ ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମୟରେ କ୍ୱାର୍ଟର୍ସରେ ସ୍ତ୍ରୀ ବିଦ୍ୟାଭାରତୀ ଥିଲେ ମଧ୍ୟ ଏଯାଏ ନିଆଁ କିପରି ଲାଗିଲା ତାହା ରହସ୍ୟ ହୋଇ ରହିଥିବାରୁ ତଦନ୍ତକୁ ନେଇ ନାନା ପ୍ରଶ୍ନ ଉଠୁଛି।



ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ।

### ଆଜି ଅନନ୍ତ ବାସୁଦେବ ମନ୍ଦିରରେ ସାଧାରଣ ଦର୍ଶନ ମନା

**ଭୁବନେଶ୍ୱର, ୧୮।୯ (ବ୍ୟୁରୋ):** ରବିବାର ପବିତ୍ର ଅନନ୍ତ ଚତୁର୍ଦ୍ଦଶୀ। ହେଲେ ଚଳିତ ବର୍ଷ ଲିଙ୍ଗରାଜ ମନ୍ଦିର ନିକଟ ଅନନ୍ତ ବାସୁଦେବ ମନ୍ଦିରରେ ସାଧାରଣ ଦର୍ଶନକୁ ବନ୍ଦ କରାଯାଇଛି। ପ୍ରତିବର୍ଷ ଏହି ଦିନରେ ଅନନ୍ତ ବାସୁଦେବ ମନ୍ଦିରରେ ପ୍ରବଳ ଗହଳି ହୋଇଥାଏ। ଶ୍ରଦ୍ଧାଳୁମାନେ ପୂଜା କରିବା ସହ ମନ୍ଦିର ବେଢାରେ ପ୍ରସାଦ ସେବନ ପାଇଁ ଭିଡ଼ କରିଥାନ୍ତି। ତେବେ ବର୍ତ୍ତମାନର କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଅନନ୍ତବ୍ରତରେ ଯେପରି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ନ ହୁଏ ସେନେଇ ବିଏମ୍‌ସି ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ମନ୍ଦିରରେ ସାଧାରଣ ଦର୍ଶନ ସହିତ ମହାପ୍ରସାଦ ସେବନ ଉପରେ ପ୍ରତିବନ୍ଧକ ଲଗାଯାଇଛି। କେବଳ ବିଧି ପାଳନ ପୂର୍ବକ ପୂଜା ବ୍ୟତୀତ ମନ୍ଦିରରେ ଯେପରି ଅନ୍ୟ କୌଣସି ଉତ୍ସବ ନ ହୁଏ ସେଥିପାଇଁ କଟକଣା ଲଗାଯାଇଛି। ସେବାୟତଙ୍କ ଦ୍ୱାରା ଯଥାରୀତି ପୂଜା କରାଯିବ। ପୂଜାରେ ସମ୍ପୃକ୍ତ ଥିବା ସେବାୟତମାନେ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ଆବଶ୍ୟକ।




### ପୋଖରୀରେ ବୁଡ଼ି ଦୁଇ ଭଉଣୀଙ୍କ ସମେତ ୩ ମୃତ

**ଫୁଲବାଣୀ ଅଫିସ/ ଖଲ୍ଲିକୋଟ (ଡି.ଏନ୍.ଏ.),୧୮।୯**

କନ୍ଧମାଳ ଓ ଗଞ୍ଜାମ ଜିଲାରେ ଶନିବାର ପୋଖରୀରେ ବୁଡ଼ି ୨ ନାବାଳିକା ଭଉଣୀଙ୍କ ସହ ଜଣେ ନବାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ମାର୍ଲାଙ୍ଗା ଗ୍ରାମର ଇସ୍‌ରାଏଲ୍ ପାଲଟାସିଂଙ୍କ ଝିଅ ଚାନ୍ଦିନୀ (୧୦) ଓ ତାଙ୍କ ସମ୍ପର୍କୀୟ ଭଉଣୀ ମନୋଜ ଚାଲାଣସେଠଙ୍କ ଝିଅ ଅରଫା (୧୦), ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ କନ୍ହେଇପୁର ପଞ୍ଚାୟତର କନ୍ଦିଗାଁର ସନ୍ତୋଷ ସିଂହଙ୍କ ପୁଅ ଜଗନ (୧୪)। ଗୁରୁତର ହେଲେ ସନ୍ତୋଷ ସ୍ୱାଇଁଙ୍କ ପୁଅ କାହ୍ନା। ଶନିବାର ମଧ୍ୟାହ୍ନରେ ଚାନ୍ଦିନୀ ଓ ଅରଫା ଦୁହେଁ ଗ୍ରାମ ପାଖ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଅସାବଧାନତାବଶତଃ ଉଭୟ ପାଣିରେ ବୁଡ଼ିଯାଉଥିଲେ। ନିକଟରେ ଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି ସୁବର୍ଣ୍ଣଗିରି ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି ନବମ ଶ୍ରେଣୀ ଛାତ୍ର ଜଗନ, କାହ୍ନା ଓ ଅନ୍ୟ ୨ ଜଣ ସାଙ୍ଗ ମିଶି ଗ୍ରାମରେ ଥିବା କାକୁଡ଼ିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଉକ୍ତ ପୋଖରୀରେ ଦଳ ଭରି ରହିଛି। ୪ ଜଣ ସାଙ୍ଗ ମିଶି ଗାଧୋଉଥିବା ବେଳେ କୌଣସି କାରଣରୁ ଜଗନ ଓ କାହ୍ନା ଦଳରେ ଲାଗି ଯାଇ ବୁଡ଼ିଯାଇଥିଲେ। ଅନ୍ୟ ସହଯୋଗୀ ପିଲାଙ୍କଠାରୁ ଖବର ପାଇ ଗ୍ରାମବାସୀ ପହଞ୍ଚି ଜଗନ ଓ କାହ୍ନାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଗନଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ.୨୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।




ଚିକିତ୍ସିତ ହେଉଛନ୍ତି କାହ୍ନା ସ୍ୱାଇଁ।

### ଖୋର୍ଦ୍ଧାରେ ସଂକ୍ରମଣ ହାର ୩.୭%

**୬୯୫ ପଜିଟିଭ୍ ଚିହ୍ନଟ, ପୁଣି ୮୩ ପିଲା ଆକ୍ରାନ୍ତ**

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହେଉଛି। ସଂକ୍ରମଣ ହାର କ୍ରମଶଃ ବଢ଼ିବା ସହ ଏବେ ୧% ଉପରକୁ ଚାଲିଯାଇଛି। ତେବେ ଦୀର୍ଘଦିନ ପରେ ଖୋର୍ଦ୍ଧା ଜିଲାରେ ସଂକ୍ରମଣ ହାର ୩% ଟପିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ ୬୫,୫୧୨ ନମୁନା ପରୀକ୍ଷା କରାଯାଇଥିଲା। ୨୫ ଜିଲାରୁ ୬୯୫ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮୩ଜଣ ପିଲା ରହିଛନ୍ତି। ଫଳରେ ସଂକ୍ରମଣ ହାର ୧.୦୬%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୨୩ଜଣ ଥିବାବେଳେ ସଂକ୍ରମଣ ହାର ୩.୭% ରହିଛି। ଏହି ଜିଲାରେ ସଂକ୍ରମଣ ଥମିବାର ନାଁ ଧରୁନି। ରାଜଧାନୀ ଭୁବନେଶ୍ୱର ପାଇଁ ସ୍ଥିତି ନିୟନ୍ତ୍ରଣକୁ ଆସିପାରୁ ନ ଥିବା କୁହାଯାଉଛି। ଭୁବନେଶ୍ୱରେ ବଡ଼ ବଡ଼ ହସ୍ପିଟାଲ ଥିବାରୁ ଏଠାକୁ ବାହାର ଜିଲାରୁ ଓ ରାଜ୍ୟରୁ ଚିକିତ୍ସା ପାଇଁ ଆସୁଛନ୍ତି। ତେଣୁ ଏଠାରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବା ସ୍ୱାସ୍ଥ୍ୟ ବିଭାଗ କହୁଛି। ସେପଟେ କଟକରୁ ୯୦ଜଣ ଚିହ୍ନଟ ହୋଇଥିବାବେଳେ ବାକି ସବୁ ଜିଲାରେ ନୂଆ ସଂକ୍ରମିତ ସଂଖ୍ୟା ୫୦ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୧୯,୬୬୧ରେ ପହଞ୍ଚିଛି। ସେପଟେ ରାଜ୍ୟର ଆଉ ୬ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଟକ, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା, କୋରାପୁଟ ଓ ମୟୂରଭଞ୍ଜରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ୨୪ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ଜଣକ କୋରାପୁଟ ଜିଲାର ଓ ସେ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିଲେ। କେବଳ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା ବିଭାଗ କହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୮,୧୨୮ରେ ପହଞ୍ଚିଛି।



### ପାଣିରେ ବୁଡ଼ିଯାଇ ୨ ମୃତ

**ରୂପସା/ବାହାନଗା, ୧୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ପୋଖରୀରେ ବୁଡି ୨ଜଣଙ୍କ ମୃତ୍ୟୁ ହୋଇଛି। ବସ୍ତା ଥାନା ସାମରାଇପୁର ଗ୍ରାମର ଦୁଲୁରୁ ଟୁଡୁ ନାମ୍ନୀ ମହିଳା ଶୁକ୍ରବାର ରାତିରେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ଶୌଚ ହେବା ପାଇଁ ଯାଇ ଅସାବଧାନତାବଶତଃ ପୋଖରୀରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୦/୨୧) ରୁଜୁ କରିଛି। ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ ଦ୍ୱାରିକା ଗ୍ରାମର କମଳାକାନ୍ତ ମଳିକଙ୍କ ପୁଅ ହିତେଶଙ୍କ ଶନିବାର ପୋଖରୀରେ ପଡି ମୃତ୍ୟୁ ଘଟିଛି। ସେ ଘର ଆଗରେ ଖେଳୁଥିବା ବେଳେ ପୋଖରୀ ପାଣିରେ ପଡ଼ିଯାଇଥିଲେ। ହିତେଶଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ତାଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୋଲିସ, ଆର୍‌ଟିଓଙ୍କ ସହଯୋଗରେ ଚାଲିଛି ଗ୍ରାନାଇଟ୍ ଚାଲାଣ

**ମାଲକାନଗିରି,୧୮।୯(ଡି.ଏନ୍.ଏ.)**

**ଅଟକ ଥିବା ୯ ଗାଡ଼ିକୁ ସନ୍ଦେହଜନକ ଭାବେ ଛଡ଼ାଗଲା: ପ୍ରଦୀପ ମାଝି**

ମାଲକାନଗିରି ଜିଲା ମୋଟୁ ଥାନାଧିକାରୀ ଏବଂ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କ ମିଳିତ ସହଯୋଗରେ ମୋଟୁ ତହସିଲ ଅଧୀନ ପେଟା ଗ୍ରାମରୁ ଭିଜି ଗ୍ରାନାଇଟ୍ ବେଆଇନ ପରିବହନ କରାଯାଇଥିବା ପୂର୍ବତନ ନବରଙ୍ଗପୁର ଏମ୍‌ପି ତଥା କଂଗ୍ରେସ ନେତା ପ୍ରଦୀପ ମାଝି ଅଭିଯୋଗ କରିଛନ୍ତି। ବେଣୁ ଗୋପାଳ(ଭିଜି) ଗ୍ରାନାଇଟର ୯ଟି ଗାଡ଼ି ଗ୍ରାନାଇଟ ପଥର ନେଇ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ମୋଟୁ ଦେଇ ଶୁକ୍ରବାର ରାତିରେ ବାହାର ରାଜ୍ୟକୁ ପରିବହନ ହେଉଥିବାବେଳେ ମୋଟୁ ଥାନାଧିକାରୀ ଅଟକାଇ ଯାଞ୍ଚ କରିଥିଲେ। ପଥର ଚାଲାଣରେ ଅନିୟମିତତା ରହିଥିବା ଏବଂ କାଗଜପତ୍ର ଠିକ୍ ନ ଥିବା ନେଇ ଗାଡ଼ିଗୁଡ଼ିକୁ ଅଟକ ରଖିଥିଲେ। ତେବେ ପରବର୍ତ୍ତୀ ସମୟରେ ଗ୍ରାନାଇଟ୍ କମ୍ପାନୀ ପକ୍ଷରୁ ଥାନା ଓ ଆର୍‌ଟିଓ କାର୍ଯ୍ୟାଳୟରୁ ନକଲି ନଥିପତ୍ର ତିଆରି କରାଯାଇଥିବା ଏବଂ ସନ୍ଦେହଜନକ ଭାବେ ଅଟକ ରଖାଯାଇଥିବା ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଥିବା ନେଇ ରମେଶ ସିଧାସଳଖ ଅଭିଯୋଗ କରିଛନ୍ତି। ପୋଲିସ ଏବଂ ପ୍ରଶାସନକୁ ହାତବାରିସି କରି ଏଭଳି ବେଆଇନ ଚାଲାଣ ହେଉଥିବା ସେ କହିଛନ୍ତି। ବେଆଇନ ଖଣି କାରବାରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ପ୍ରକାଶଯୋଗ୍ୟ, ଭିଜି ଗ୍ରାନାଇଟର ଖଣି ଖାଦାନ ଦୁର୍ନୀତିକୁ ନେଇ କିଛି ମାସ ତଳେ ବିବାଦ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ମାଲକାନଗିରିର ପୂର୍ବତନ ଜିଲାପାଳ ୱାଇ. ବିଜୟଙ୍କ ବଦଳି ହୋଇଥିବାବେଳେ ଏବେ ପୁଣି ଏହି ବିବାଦ ଘନେଇବାରେ ଲାଗିଛି। ନୂତନ ଜିଲାପାଳ ଏଦିଗରେ କିଭଳି ପଦକ୍ଷେପ ନେଉଛନ୍ତି ତାହାକୁ ସମସ୍ତଙ୍କ ଅପେକ୍ଷା।

## ଅଣଧାନ ଫସଲ ଚାଷକୁ ପ୍ରୋତ୍ସାହନ ଦିଅ

**ରେଙ୍ଗାଲି ଜଳସେଚନ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ମିଠାମକା, ବାଜରା, ଚଣା, ହରଡ଼ ଆଦି ଲଘୁଶସ୍ୟ, ତୈଳବୀଜ, ଫଳଚାଷ, ବ୍ୟବସାୟଭିତ୍ତିକ ପନିପରିବା ଚାଷ ଆଦିକୁ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କ୍ଷେତ୍ରସ୍ତରୀୟ ପ୍ରଦର୍ଶନ, କୌଶଳ ବିକାଶ ଏବଂ କୃଷକ ଅନୁପ୍ରେରଣା କାର୍ଯ୍ୟକ୍ରମ ଆଦି ନିୟମିତ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରେଙ୍ଗାଲି ପ୍ରକଳ୍ପର ଜାଇକା ସହାୟତା ଅଂଶ ପ୍ରକଳ୍ପର ସମୀକ୍ଷା କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକ ସଂଘମାନଙ୍କୁ ନୂତନ କୃଷିଭିତ୍ତିକ ଜୀବିକା ନିର୍ବାହ ପନ୍ଥା ବିଷୟରେ ଅନୁପ୍ରେରଣା ଓ ତାଲିମ ଦେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡା ବୈଠକରେ ଯୋଗ ଦେଇ ସୂଚନା ଦେଇଥିଲେ ଯେ ବାମପାର୍ଶ୍ୱ କେନାଲ ଦୈର୍ଘ୍ୟ ୧୪୧ କି.ମି. ଏବଂ ଏହା ସମଲ ବ୍ୟାରେଜଠାରୁ ବୈତରଣୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ପ୍ରକଳ୍ପ ମାଧ୍ୟମରେ ସମୁଦାୟ ୧ ଲକ୍ଷ ୧୪ ହଜାର ୩୦୦ ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେଥିରୁ ୭୧ କି.ମି. ପର୍ଯ୍ୟନ୍ତ କେନାଲ କାମ ଶେଷ ହୋଇ ପ୍ରାୟ ୪୦ ହଜାର ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯାଇଛି।

ବର୍ତ୍ତମାନ ଜାଇକା ସହାୟତାରେ କେନାଲ ୨ୟ ପର୍ଯ୍ୟାୟ ଅନ୍ତର୍ଗତ ୭୧ କି.ମି.ରୁ ୧୨୩ କି.ମି. ପର୍ଯ୍ୟନ୍ତ ମୁଖ୍ୟ କେନାଲ ସହ ୪ଟି ଶାଖା କେନାଲ ଏବଂ ବଣ୍ଟନ କେନାଲ ନିର୍ମାଣାଧୀନ ଅଛି। ଜାଇକା ସହାୟତାରେ ନିର୍ମାଣ ହେଉଥିବା ପ୍ରାୟ ୫୨ କି.ମି. ମୁଖ୍ୟ କେନାଲ ମାଧ୍ୟମରେ ପ୍ରାୟ ୪୦ ହଜାର ହେକ୍ଟର ଜମିକୁ ଜଳସେଚନ କରାଯିବ। ଏହି ଅଂଶର ନିର୍ମାଣ ପାଇଁ ୨୨୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେଥିରୁ ଜାଇକା ଋଣ ୧୭୮୭ କୋଟି ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅଂଶ ୪୬୮ କୋଟି। ନିର୍ମାଣାଧୀନ ଏହି ୫୨ କି.ମି.ରୁ ନିର୍ମାଣ ଶେଷ ହୋଇଥିବା ୨୫ କି.ମି. ମୁଖ୍ୟ କେନାଲ ଓ ୨ଟି ଶାଖା କେନାଲ ମାଧ୍ୟମରେ ଚଳିତ ଖରିଫ ଋତୁ ପାଇଁ ଢେଙ୍କାନାଳ ଜିଲା ଅନ୍ତର୍ଗତ କଙ୍କଡ଼ାହାଡ ଓ ଭୁବନ ବ୍ଲକର ୫୮୪୬ ହେକ୍ଟର ଏବଂ ଯାଜପୁର ଜିଲା ଅନ୍ତର୍ଗତ ସୁକିନ୍ଦା ବ୍ଲକର ୩୬୧୨ ହେକ୍ଟର ମୋଟ ୯୫୫୮ ହେକ୍ଟର ଜମିକୁ କେନାଲରୁ ପାଣି ଯୋଗାଇ ଦିଆଯାଇଛି। ୨ୟ ପର୍ଯ୍ୟାୟ ପ୍ରକଳ୍ପର ଅବଶିଷ୍ଟ କେନାଲ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସମୟ ଧାର୍ଯ୍ୟ କରିଛନ୍ତି। ୨୦୨୨ ଜୁଲାଇ ସୁଦ୍ଧା ୧୮,୫୫୮ ହେକ୍ଟର, ୨୦୨୩ ଜୁଲାଇ ସୁଦ୍ଧା ୨୩,୫୫୮ ହେକ୍ଟର ଏବଂ ୨୦୨୪ ଜୁଲାଇ ସୁଦ୍ଧା ସମୁଦାୟ ୪୦ ହଜାର ହେକ୍ଟର ଜମିକୁ କେନାଲ ପାଣି ଯୋଗାଣ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ଏହି ବୈଠକରେ ଯୋଗ ଦେଇ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଚଳିତ ଖରିଫ ଋତୁ ପାଇଁ ବାମପାର୍ଶ୍ୱ କେନାଲ ବ୍ୟବସ୍ଥାରେ ୯୫୦୦ ହେକ୍ଟର ଚାଷ ଜମିକୁ ଯାଜପୁର କେନାଲରେ ପାଣି ଯୋଗାଇ ଦିଆଯାଇଛି। ରେଙ୍ଗାଲି ଡ୍ୟାମ୍‌ରୁ ମିଳିଥିବା ଏହି କେନାଲ ପାଣି ଚାଷୀମାନଙ୍କ ମନରେ ଖୁସି ଓ ନୂଆ ଭରସା ଆଣିଛି। ନୂଆ ଜଳସେଚନ ଯୋଗାଯାଉଥିବା ଅଞ୍ଚଳର ଚାଷୀମାନଙ୍କୁ ଅଣଧାନ ଅର୍ଥକରୀ ଫସଲ ଉତ୍ପାଦନ ନିମନ୍ତେ ପ୍ରୋତ୍ସାହିତ କରିବା ସକାଶେ ମୁଖ୍ୟ ଶାସନ ସଚିବ କୃଷି ଓ କୃଷକ ସଶକ୍ତୀକରଣ ଉଦ୍ୟାନ ଚାଷ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଣଧାନ କୃଷି ଉତ୍ପାଦିତ ଦ୍ରବ୍ୟ ହିଁ କୃଷକଙ୍କୁ ଅଧିକ ଲାଭ ଦେବ। ଏହା ଦ୍ୱାରା ସେମାନଙ୍କର ରୋଜଗାର ବଢ଼ିବ। ଜଳସେଚିତ ଅଞ୍ଚଳରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସହ କୃଷି ବିପଣୀ ବୃଦ୍ଧି ପାଇବ। କୃଷକଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ହେଲେ ହିଁ ଡ୍ୟାମ୍ ନିର୍ମାଣରେ ବିନିଯୋଗ ହୋଇଥିବା ଅର୍ଥରୁ ପ୍ରକୃତ ଲାଭ ମିଳିବ। ସମୟାନୁବନ୍ଧିତ କାର୍ଯ୍ୟାନ୍ୱୟନ ନିମନ୍ତେ କାର୍ଯ୍ୟ ସାରଣୀ ପ୍ରସ୍ତୁତ କରି ନିୟମିତ ତଦାରଖ ନିମନ୍ତେ ମୁଖ୍ୟ ଶାସନ ସଚିବ ଜଳସମ୍ପଦ ବିଭାଗ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟଯନ୍ତ୍ରୀ ଦୀପ୍ତି ରଞ୍ଜନ ପଣ୍ଡାଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀମାନେ ବୈଠକରେ ଯୋଗ ଦେଇଥିଲେ।



ସୁରେଶ ଚନ୍ଦ୍ର ମହାପାତ୍ର

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮.୦୯.୨୦୨୧

| ୪, ୪୦, ୩୫୫ ଟଙ୍କା | |
|---|---|
| ସୁନା | ୩. ୭୬୦ ଗ୍ରାମ |
| ରୁପା | ୪.୮୮୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୮୯ତମ ଶ୍ରାଦ୍ଧୋତ୍ସବ ପାଳନ, ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୯ଟା।
- ମହିମା ସେବା ଫାଉଣ୍ଡେଶନର ଦ୍ୱିତୀୟ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ ପାଳନ, ଶହୀଦ ରଘୁ-ଦିବାକର ପ୍ରତିମୂର୍ତ୍ତି ସମ୍ମୁଖ, ୟୁନିଟ-୯, ପୂର୍ବାହ୍ନ ୧୧ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ବିନ୍ଦୁସାଗର, ପୂର୍ବାହ୍ନ ୧୧ଟା।

**କଟକ**

- ଓଡ଼ିଶା ସେଲ୍ସ ଏକ୍ଜିକ୍ୟୁଟିଭସ୍ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ଆସୋସିଏଶନ ପରିସର, ତେଲେଙ୍ଗା ବଜାର, ସକାଳ ୯ଟା ୩୦।

**ଖୋର୍ଦ୍ଧା**

- ରୋଟାରୀ କ୍ଲବର ସ୍ଥାପନା ସମାରୋହ, ମଙ୍ଗଳ ନଗର, ମଧ୍ୟାହ୍ନ ୧୨ଟା।

# ଯଶୋଧାରା ପାଇଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୧୮।୯ (ବ୍ୟୁରୋ)

ବିଶିଷ୍ଟ ସାହିତ୍ୟିକା ଯଶୋଧାରା ମିଶ୍ରଙ୍କୁ ତାଙ୍କ କ୍ଷୁଦ୍ରଗଳ୍ପ ସଂକଳନ 'ସମୁଦ୍ରକୂଳ ଘର' ପାଇଁ ଶନିବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୦ ବର୍ଷ ପାଇଁ ସେ ଏହି ପୁରସ୍କାର ପାଇଛନ୍ତି। ଦିଲ୍ଲୀର ଫିରୋଜ ସାହା ରୋଡ୍‌ସ୍ଥିତ କୋମାନୀ ହଲ୍‌ଠାରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଆ ସମେତ ୨୪ଟି ଭାଷାର ଲେଖକ, ଲେଖିକାଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ବିଶ୍ୱନାଥ ତିୱାରୀ ଯୋଗ ଦେଇଥିଲେ। ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବାର ସଭାପତିତ୍ୱ କରିଥିବାବେଳେ ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଓ ଉପସଭାପତି ମାଧବ କୌଶିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଯଶୋଧାରା ଏକାଡେମୀ ସଭାପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦରେ ସମସ୍ତଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ସହ ମାନପତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇଛି।

ଯଶୋଧାରାଙ୍କ 'ସମୁଦ୍ରକୂଳ ଘର' ପୁସ୍ତକରେ ୭ଟି ଗଳ୍ପ ସନ୍ନିବେଶିତ ହୋଇଛି। ଏଗୁଡିକ ବିଭିନ୍ନ କାଳ୍ପନିକ କାହାଣୀକୁ ନେଇ ଚିତ୍ରଣ କରାଯାଇଛି। ଏସବୁ ଗଳ୍ପରେ ଦୈନନ୍ଦିନ ଜୀବନରେ ମଣିଷ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ଅତି ନିଚ୍ଛକ ଭାବେ ଏକାଧିକ ଚରିତ୍ରଙ୍କ ଭାବବିନିମୟ ମାଧ୍ୟମରେ ବର୍ଣ୍ଣନା କରାଯାଇଛି। ପରିବର୍ତ୍ତିତ ପରିବେଶ, ମାନସିକ ତଥା ଜୀବନଧାରାର ବାସ୍ତବ କଥା କହୁଛି ଏହ ଗଳ୍ପ ସଂକଳନ।

୧୯୫୧ ଜାନୁୟାରୀ ୬ରେ ସମ୍ବଲପୁରରେ ଜନ୍ମଗ୍ରହଣ କରିଥିବା ଯଶୋଧାରା ଇଂଲିଶରେ ଏମ୍‌ଏ ଓ ଆମେରିକାନ୍ ଲିଟରେଚରରେ ପିଏଚ୍‌ଡି କରିଛନ୍ତି। ସେ ଇଲିଂଶ ବିଭାଗ ପ୍ରଧାପିକା ଭାବେ ଅବସର ଗ୍ରହଣ କରିଥିବାବେଳେ ପ୍ୟାରିସ୍‌ର ମ୍ୟାଶନ ଡି ସାଇନ୍ସରେ ମଧ୍ୟ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଜାରି ରଖିଛନ୍ତି। ଗତ ଅଗଷ୍ଟ ୨୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବର ପୁରସ୍କାର ଘୋଷଣା କରିଥିଲେ। ବୀଣାପାଣି ମହାନ୍ତି, ପ୍ରତିଭା ଶତପଥୀ ଏବଂ ରମାକାନ୍ତ ରଥଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀ ଯଶୋଧାରାଙ୍କ 'ସମୁଦ୍ରକୂଳ ଘର'କୁ ମନୋନୀତ କରିଥିଲେ। ଏହି ସଂକଳନ ୨୦୧୬ରେ ପ୍ରକାଶ ପାଇଥିଲା। ଯଶୋଧାରା ୧୫ରୁ ଊର୍ଦ୍ଧ୍ୱ କ୍ଷୁଦ୍ରଗଳ୍ପ ସଂକଳନ, ପ୍ରବନ୍ଧ, କବିତା ଏବଂ ବହୁ ପୁସ୍ତକ ଅନୁବାଦ କରିଛନ୍ତି। ସେ ପୂର୍ବରୁ ବୀଣାପାଣି ମହାନ୍ତି ପୁରସ୍କାର, ଉତ୍କଳ ସାହିତ୍ୟ ସଂସଦ ସମ୍ମାନ, କଥା ଆୱାର୍ଡ, ଝଙ୍କାର ଆୱାର୍ଡ, ପଲ୍ଲିଶ୍ରୀ ସମ୍ମାନ, ଅକ୍ଷୟ ସାହିତ୍ୟ ସମ୍ମାନ, ପ୍ରଜାତନ୍ତ୍ର ପୁରସ୍କାର ଭଳି ଅନେକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି।





ଯଶୋଧାରା ମିଶ୍ରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବର ପୁରସ୍କୃତ କରୁଛନ୍ତି।

## 'ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର' ପାଇଁ ମଞ୍ଜୁ ମୋଦି ମନୋନୀତ

ଭୁବନେଶ୍ୱର, ୧୮।୯ (ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର 'ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର' ଘୋଷଣା ହୋଇଛି। ଏହି ପୁରସ୍କାର ଲାଗି ୨୪ଜଣ ମନୋନୀତ ହୋଇଥିବାବେଳେ ଓଡ଼ିଆ ଅନୁବାଦ ପାଇଁ ମଞ୍ଜୁ ମୋଦିଙ୍କ ନାମ ଘୋଷଣା କରାଯାଇଛି। ସେ 'କଲ୍ୟାଣୀ' ନାମକ ଏକ ହିନ୍ଦୀ ପୁସ୍ତକର ଓଡ଼ିଆ ଅନୁବାଦ କରିଛନ୍ତି। ଏହାକୁ ହିନ୍ଦୀ ଭାଷାରେ ଲେଖିଛନ୍ତି ଜେନେନ୍ଦ୍ର କୁମାର। ଓଡ଼ିଆରେ ମଧ୍ୟ ପୁସ୍ତକଟିର ନାଁ 'କଲ୍ୟାଣୀ' ରଖିଛନ୍ତି ମଞ୍ଜୁ। ସୂଚନାଯୋଗ୍ୟ, ଓଡ଼ିଆ, ଆସାମିଜ୍, ବଙ୍ଗଳା, ବୋଡୋ, ଡୋଗ୍ରୀ, ଇଂଲିଶ, ଗୁଜରାଟୀ, ହିନ୍ଦୀ, କନ୍ନଡ, କଶ୍ମୀରୀ, ମରାଠୀ, ନେପାଳୀ, ପଞ୍ଜାବୀ ଆଦି ୨୪ଟି ଭିନ୍ନ ଭିନ୍ନ ଭାଷା ପାଇଁ ଏହି ପୁରସ୍କାର ଦିଆଯିବ। ପ୍ରେତ୍ୟେକ ବିଜେତାଙ୍କୁ ୫୦ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତିଟି ଭାଷା ପାଇଁ ୩ଜଣିଆ ଚୟନ କମିଟି ଗଠନ କରାଯାଇଥିଲା। ଓଡ଼ିଆ ଭାଷା ପାଇଁ ଗଠିତ ୩ଜଣିଆ କମିଟିରେ ଡ. ଭି.ଏସ୍. ଜୋଗଲେକର, ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଏବଂ ପ୍ରଫେସର ଶଙ୍କର ଲାଲ ପୁରୋହିତ ରହିଛନ୍ତି। ଏବେ କେବଳ ନାମ ଘୋଷଣା ହୋଇଛି ଓ ପରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରକ୍ ଧକ୍କାରେ ଗୁରୁତର ଯୁବକ ମୃତ

କଣ୍ଟାପଡା, ୧୮।୯(ଡି.ଏନ୍.ଏ.): ଟ୍ରକ ଧକ୍କାରେ ଗୁରୁତର ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦପୁର ଥାନା ଅଧୀନ ବଳଦା ଗ୍ରାମର ବିବେକାନନ୍ଦ ଜେନା। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବଳଦା ଗ୍ରାମର ବିବେକାନନ୍ଦ ଓ ସୁଧାଂଶୁ ରାଉତରାୟ ଏକ ବାଇକ୍‌ରେ ବାଗଲପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ ତେଲିଯୋଡି ନଦୀ ଡଙ୍ଗାତୁଠ ବୁଲାଣି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ପିଟି ହୋଇ ଯାଇଥିଲେ। ଚିକିତ୍ସାଲାଗି ଉଭୟଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିବେକାନନ୍ଦଙ୍କ ଅବସ୍ଥା ଗୁରୁତର ହେବାରୁ କଟକର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଟାଙ୍ଗୀ(କଟକ), ୧୮।୯(ଡି.ଏନ୍.ଏ.): ୧୬ ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ହନୁମାନ ପେଟ୍ରୋଲ ପମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ କରଞ୍ଜି ରଗଡି ଗ୍ରାମର ବିଜୁରାମ ସିଧୁ। ସେ ଜଗତ୍‌ପୁରରୁ ବାଇକ୍‌ରେ ଘରକୁ ଫେରୁଥିବାବେଳେ କୌଣସି କାରଣରୁ ଟ୍ରକ (ନଂ. ଏପି୧୬ଟିୱାଇ-୬୯୧୮) ଚକା ତଳେ ପଶି ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଉଭୟ ଗାଡିକୁ ଜବତ କରି ଥାନାକୁ ଆଣିଛି।



କଟକ ନରାଜ ଆନିକଟଠାରେ ଶନିବାର ବନ୍ୟାଜଳ ଦେଖିବା ପାଇଁ ଲୋକଙ୍କ ଭିଡ଼।

# ମଣ୍ଡପରେ ନିର୍ମାଣ ହେବ ୪ଫୁଟ୍ ଉଚ୍ଚତାର ମୂର୍ତ୍ତି

କଟକ ଅଫିସ,୧୮।୯

- ପାଳନ ହେବ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍
- ପରଦା ଆଢୁଆଳରେ ପୂଜା ପାଇବେ ମା'ଦୁର୍ଗା

ପୂର୍ବବର୍ଷ ଭଳି ଚଳିତବର୍ଷ ସହରର ସବୁ ପୂଜା ମଣ୍ଡପରେ ୪ଫୁଟ ଉଚ୍ଚତାର ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ହେବ। ଏଥିସହ ପରଦା ଆଢୁଆଳରେ କୋଭିଡ୍ କଟକଣା ମଧ୍ୟରେ ପୂଜାର୍ଚ୍ଚନା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ପାର୍ବଣ ଗାଇଡ୍‌ଲାଇନ ମାନି ସବୁ ପୂଜା କମିଟି ଚଳିତବର୍ଷ ଦୁର୍ଗା ପୂଜା କରିବେ ବୋଲି କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଶନିବାର ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ କହିଛନ୍ତି, ମୂର୍ତ୍ତି ଉଚ୍ଚତା ପ୍ରସଙ୍ଗରେ ହାଇକୋର୍ଟ ବାଲୁବଜାର ପୂଜା କମିଟିକୁ ଶୁଣାଇଥିବା ରାୟ ନେଇ ଆଇନଜୀବୀମାନଙ୍କ ସହିତ ଆଲୋଚନା କରିଥିଲୁ। ଶେଷରେ କଟକ ପୂର୍ବାଞ୍ଚଳ ଓ ମହାନଗର ଶାନ୍ତି କମିଟି ଉକ୍ତ ରାୟକୁ ଗ୍ରହଣ କରିଛୁ। ସୂଚନାଯୋଗ୍ୟ, ୪ ଫୁଟର ମୂର୍ତ୍ତି ଉଚ୍ଚତା ଓ ପରଦା ଆଢୁଆଳରେ ପୂଜା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। ଏହାକୁ କଟକର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ସରକାରଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଉଭୟ ଶାନ୍ତି କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଏ ସମ୍ପର୍କରେ ଉତ୍ତର ନ ଆସିବାରୁ ଶୁକ୍ରବାର ଉଭୟ ଶାନ୍ତି କମିଟି ପକ୍ଷରୁ ପୁନର୍ବାର ବୈଠକ ବସିଥିଲା। ଏଥିରେ କୌଣସି ନିଷ୍କର୍ଷ ବାହାରି ନ ଥିବାରୁ ଶନିବାର ଶାନ୍ତି କମିଟି ପକ୍ଷରୁ ପୁନର୍ବାର ଆଲୋଚନା କରାଯାଇ ୪ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## 'ଏମ୍‌ପିଙ୍କ ମନ୍ତବ୍ୟ ପରିସ୍ଥିତିକୁ ଜଟିଳ କରିଛି'

କଟକ ଅଫିସ,୧୮।୯

୪ ଫୁଟ୍ ଭିତରେ ମା'ଙ୍କ ମୂର୍ତ୍ତି ନିର୍ମାଣ ଓ ପରଦା ଆଢୁଆଳରେ ପୂଜା କରାଯିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ ଏହି ନିଷ୍ପତ୍ତିକୁ ଏମ୍‌ପି ଭର୍ତ୍ତୃହରି ମହତାବ ବିରୋଧ କରିଛନ୍ତି। ଗତ ୧୧ ତାରିଖରେ କଟକ ଓସିଏ କନ୍‌ଫରେନ୍ସ ହଲ୍‌ରେ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ଏମ୍‌ପି ମହତାବ ଯୋଗଦେଇ ମା'ଙ୍କ ମୂର୍ତ୍ତି ଉଚ୍ଚତା ଛୋଟ ଅର୍ଥାତ୍ ବିମ୍ବ ବୋଲି କହିଥିଲେ। ଭର୍ତ୍ତୃହରିଙ୍କ ଏଭଳି ମନ୍ତବ୍ୟକୁ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ସମାଲୋଚନା କରିଛନ୍ତି। ଶନିବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସୁବାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଭର୍ତ୍ତୃହରିଙ୍କ ଏଭଳି ମନ୍ତବ୍ୟ ପରିସ୍ଥିତିକୁ ଜଟିଳ କରିଛି। ପୂଜା ସମୟରେ ଏଭଳି କହିବା ଉଚିତ୍ ନ ଥିଲା। କୋଭିଡ୍ ମହାମାରୀ ସମୟରେ ଲୋକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ସରକାର ଏହି ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏହାକୁ ନେଇ ରାଜନୀତୀକରଣ ଓ ମତ ପାର୍ଥକ୍ୟ କରିବା ଉଚିତ ନୁହଁ। ତେବେ ଏନେଇ ଭର୍ତ୍ତୃହରିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## 'ବୃହତ୍ ଓଡ଼ିଶା ନିର୍ମାଣରେ ସାରଙ୍ଗଧରଙ୍କ ଭୂମିକା ଅବିସ୍ମରଣୀୟ'

କଟକ ଅଫିସ, ୧୮।୯

ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଗାନ୍ଧୀ ବିପ୍ଳବୀ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସାରଙ୍ଗଧର ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ସତୀଚଉରାସ୍ଥିତ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଯୋଗଦେଇ କହିଥିଲେ, ଗଡ଼ଜାତ ରାଜ୍ୟଗୁଡିକର ମିଶ୍ରଣ ଏବଂ ବୃହତ୍ତ ଓଡ଼ିଶା ନିର୍ମାଣରେ ସାରଙ୍ଗଧରଙ୍କ ଭୂମିକା ଅବିସ୍ମରଣୀୟ। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ମହାନ୍ତି, ସମ୍ମାନିତ ବକ୍ତା ପ୍ରଶାନ୍ତ ଦାସ, ଅନ୍ୟତମ ଅତିଥି ଭାବେ ସୁରେନ୍ଦ୍ର ନାଥ ଛୋଟରାୟ, ଗଦାଧର ସାହୁ, ଗୋପାଳ ଚନ୍ଦ୍ର ମିଶ୍ର, ମୁକେଶ ସୋନୀ, ଡ. ହେମନ୍ତ ପରିଡ଼ା, ଅନୁପ ସିଂ ପ୍ରମୁଖ ଯୋଗଦେଇଥିଲେ। ରତ୍ନାକର ମୁଖୀ ଧନ୍ୟବାଦ ଦେଇଥିଲେ।

## ମୃତକଙ୍କ ପରିଚୟ ମିଳିଲା

କଟକ ସଦର, ୧୮।୯ (ଡି.ଏନ.ଏ.)

୪୨ମୌଜା ଫାଣ୍ଡିଅନ୍ତର୍ଗତ ଝିଙ୍କିରିଆ ପୋଲ ନିକଟରୁ ଜବତ ହୋଇଥିବା ମୃତଦେହ ଚିହ୍ନଟ କରାଯାଇଛି। ସେ ହେଲେ କଟକ ଶିଖରପୁର ଅଞ୍ଚଳର ବ୍ରଜକିଶୋର ସ୍ୱାଇଁ (୨୮)। ଗୁରୁବାର ବ୍ରଜଙ୍କ ମୃତଦେହ ପାଣିରେ ଭାସୁଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୧) ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମ୍ବିତ



@ ଅନିମା



@ ବିଶ୍ୱଜିତ



@ ସଞ୍ଜୟ



@ ଅମୂଲ୍ୟ



@ ସରୋଜ

# ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ଆଲୋଚନା



ବୈଠକରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

କଟକ ଅଫିସ,୧୮।୯

**ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସିଣ୍ଡିକେଟ ବୈଠକ**

ରେଭେନ୍‌ସା ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟାଳୟରେ ଦ୍ୱିତୀୟ ସିଣ୍ଡିକେଟ୍ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ତମ ଭିତ୍ତିଭୂମିର ସୁବିଧା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର, ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକ, କୁଳସଚିବ ଭକ୍ତ ଚରଣ ପ୍ରଧାନ, ପି.ଏମ୍. ହେଜମାଦି, ପ୍ରଫେସର ମେରି ଜି. ବେଗ୍, ବ୍ରହ୍ମାନନ୍ଦ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

# 'ସିମ୍ ସ୍ୱାଇପ୍' ଅଭିଯୋଗରେ ୨ଗିରଫ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

- ୫ ମୋବାଇଲ ଜବତ
- ଟାର୍ଗେଟ୍‌ରେ ଭିଆଇପି ନମ୍ବର
- ଉଚ୍ଚ ଦରରେ ବିକ୍ରି କରୁଥିଲେ

ଟେଲିକମ୍ କମ୍ପାନୀର ଭିଆଇପି ନମ୍ବର ବିଶିଷ୍ଟ ସିମ୍‌କୁ ବେଆଇନ ଭାବେ ସ୍ୱାଇପ୍ କରି ଅନ୍ୟ ଲୋକଙ୍କୁ ବିକ୍ରି କରିବା ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଅଞ୍ଚଳର କେଶବ ଚନ୍ଦ୍ର ଧୀର୍(୨୭) ଓ ରସୁଲଗଡ଼ ନୂଆସାହିର ସଞ୍ଜିତ କୁମାର ପଣ୍ଡା(୨୬)। ଏମାନେ ଏକ ଟେଲିକମ୍ କମ୍ପାନୀର ପୂର୍ବତନ କର୍ମଚାରୀ। ଏନେଇ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରାଯିବା ନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ୩୫ ଜଣ ଭିଆଇପି ଗ୍ରାହକଙ୍କ ମୋବାଇଲ ନମ୍ବର ଡିଆକ୍ଟିଭ୍ କରାଯାଇ ଅନ୍ୟ ସିମ୍‌କାର୍ଡକୁ ସ୍ୱାଇପ୍ କରାଯାଇଥିବା ନେଇ ଏକ ଘରୋଇ ଟେଲିକମ୍ କମ୍ପାନୀ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ସ୍ପେଶାଲସ୍କ୍ୱାଡ୍ ଏହି ମାମଲାର ତଦନ୍ତ କରିଥିଲା। ଗିରଫ ଅଭିଯୁକ୍ତ ହେଉଛନ୍ତି ଏକ ଟେଲିକମ୍ କମ୍ପାନୀର ୨ଜଣ ପୁରୁଣା କର୍ମଚାରୀ । ସେମାନେ କମ୍ପାନୀ ଆପ୍ଲିକେଶନର ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ରଖିଥିଲେ। ଚାକିରି ଛାଡ଼ିବା ପରେ ଏହାକୁ ବେଆଇନ ଭାବେ ବ୍ୟବହାର କରିଥିବା ତଦନ୍ତ ସମୟରେ ଜାଣିବାକୁ ମିଳିଛି।

ଅଭିଯୁକ୍ତଦ୍ୱୟ ବିଭିନ୍ନ ଲୋକଙ୍କ ଫେକ୍ ଡକ୍ୟୁମେଣ୍ଟ ସଂଗ୍ରହ କରି ୩୫ ଜଣ ଭିଆଇପି ଗ୍ରାହକଙ୍କ ୪ ଅଙ୍କ ନମ୍ବର ସିରିଜ୍ ହେଲେ ପରବର୍ତ୍ତୀ ୬ଟି ନମ୍ବର ୧୧୧୧୧୧ ବା ୨୨୩୩୪୪ ଅଥବା ୫୫୫୬୬୬ସିମ୍‌କୁ ସ୍ୱାଇପ୍ କରି ଅନ୍ୟ ଟେଲିକମ୍ ନେଟ୍‌ୱାର୍କକୁ ପରିବର୍ତ୍ତନ କରୁଥିଲେ। ପରେ ଏହି ସିମ୍‌କୁ ୫୦ରୁ ୬୦ହଜାର ଟଙ୍କାରେ ଲୋକଙ୍କୁ ବିକ୍ରି କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତଦ୍ୱୟଙ୍କ ଘରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କ ଠାରୁ ୫ଟି ମୋବାଇଲ ଜବତ କରାଯାଇଛି। ଏହାସହ ସିମ୍‌କାର୍ଡ କିଣିଥିବା ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ ବୋଲି ଡିସିପି କହିଛନ୍ତି।

## ସଂକ୍ଷେପରେ

### କୁଆଖାଇ ବନ୍ୟାଜଳରୁ ମୃତଦେହ ଜବତ


ବାଲିଅନ୍ତା,୧୮।୯(ଡି.ଏନ.ଏ): ବାଲିଅନ୍ତା ଥାନା କଣ୍ଟାଗୋଠ ଗ୍ରାମ ନିକଟସ୍ଥ କୁଆଖାଇ ନଦୀ ବନ୍ୟାଜଳରୁ ଶନିବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତଦେହର ପରିଚୟ ମିଳି ପାରି ନ ଥିବାବେଳେ ବୟସ ପ୍ରାୟ ୩୦ରୁ ୩୫ହେବ ବୋଲି ପୋଲିସ ଅନୁମାନ କରୁଛି। ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏ ନେଇ ଏକ ମାମଲା(ନଂ. ୩୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ,କୁଆଖାଇ ନଦୀକୁ ସକାଳେ ସ୍ଥାନୀୟ ଲୋକେ ଯାଉଥିବାବେଳେ ଏକ ମୃତଦେହ ନଦୀକୂଳରେ ଭାସୁଥିବା ଦେଖି ବାଲିଅନ୍ତା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉପରକୁ ଆଣିଥିଲା। ମୃତଦେହ ଶରୀରରେ କେବଳ ଏକ ଜିନ୍ସ ପ୍ୟାଣ୍ଟ ଥିଲା। ଶରୀରକୁ ଓଲଟାଇବାରୁ ଯୁବକଙ୍କ ବାମ ହାତରେ ଇଂଲିଶରେ ଅନିତା ଓ ବାପି ଲେଖା ହୋଇଥିଲା। ଡାହାଣ ହାତରେ ଏକ କଳା ଓ ଅନ୍ୟ ରଙ୍ଗର ମାଳି ପିନ୍ଧିଥିଲେ। ପରେ ସାଇଣ୍ଟିଫିକ ଟିମ ସହ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ତଦନ୍ତକାରୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ଉପସ୍ଥିତିରେ ମୃତଦେହର ଯାଞ୍ଚ କରିଥିଲେ। ମୃତଦେହଟି ଜଳରେ ୨ରୁ ୩ଦିନ ପଡ଼ିରହିଥିବାରୁ ଦୁର୍ଗନ୍ଧ ହେଉଛି। ଏହା ହତ୍ୟା କି ଆତ୍ମହତ୍ୟା ସେନେଇ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛନ୍ତି।

### ମୃତ ୨ ଶିଶୁପୁତ୍ରଙ୍କ ପରିବାରକୁ ସହାୟତା

ଡେଲାଙ୍ଗ,୧୮।୯(ଡି.ଏନ.ଏ): ଡେଲାଙ୍ଗ ବ୍ଲକର ଧାନକେରା ପଞ୍ଚାୟତ ନାଗଣ ଗ୍ରାମରେ ୨ ଶିଶୁପୁତ୍ର ଶୁକ୍ରବାର ଲୁଣାନଦୀରେ ବୁଡି ପ୍ରାଣ ହରାଇଥିଲେ। ଏହି ଦୁଃଖଦ ଖବରପାଇ ପୁରୀ ଜିଲାପାଳ ଡ. ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ ଶନିବାର ନାଗଣ ଗ୍ରାମରେ ପହଞ୍ଚି ଶିଶୁଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହିତ ମା' ରଜନୀ ପ୍ରଧାନଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ଏଥିସହ ଅଧିକ ସରକାରୀ ସହାୟତା ପାଇଁ ସୁପାରିସ କରାଯିବ ବୋଲି ଆଶ୍ୱସନା ଦେଇଛନ୍ତି। ସୂଚନା ଥାଉକି, ଶୁକ୍ରବାର ନାଗଣ ଗ୍ରାମର ସଦାଶିବ ପ୍ରଧାନଙ୍କ ବଡପୁଅ ସତ୍ୟଜିତ (୭) ଓ ଶୁଭ୍ରଜିତ (୩) ଅସାବଧାନତା ବଶତଃ ନଦୀରେ ବୁଡି ପ୍ରାଣ ହରାଇଥିଲେ। ଏହି ସହାୟତା ପ୍ରଦାନ ସମୟରେ ସୁପରଭାଇଜର ରାମଚନ୍ଦ୍ର ପାତ୍ର, ଝରଣା ସେଠୀ ଓ ଆରଆଇ ଅନିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଚଳନ୍ତା ବସ୍‌କୁ ଅଟକାଇ ଲୁଟ୍

**କଣ୍ଡକ୍ଟର, ଡ୍ରାଇଭର ସମେତ ଯାତ୍ରୀଙ୍କୁ ଆକ୍ରମଣ**



ଡେଲାଙ୍ଗ,୧୮।୯(ଡି.ଏନ.ଏ): ଡେଲାଙ୍ଗ ଥାନା ଅଞ୍ଚଳ ଅରିସଲ ଛକ ଓ ଖେଲାଉର ଛକ ମଧରେ ଥିବା ନିଛାଟିଆ ସ୍ଥାନରେ ଶନିବାର ରାତିରେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇ ଲୁଟ କରିଥିବା ଅଭିଯୋଗ ହୋଇଛି। କଟକରୁ ଡେଲାଙ୍ଗ ଅଭିମୁଖେ ଫେରୁଥିବା ଏକ ଯାତ୍ରୀବାହୀ ବସ୍‌କୁ ୫ରୁ ୬ଜଣ ଯୁବକ ଅରିସଲ ଛକ ଆଗରେ ହାତ ମାରିଥିଲେ। ବସ୍‌ଟି ବେଗ କମାଇବାରୁ ଯୁବକମାନେ ହଠାତ୍ ବସ୍‌ର ଡାହଣ ପଟ ଡୋରରୁ ଏକ କାଠ ପାଳିଆରେ ବାଡ଼େଇ ଭାଙ୍ଗି ଦେଇଥିଲେ। ଫଳରେ ବସଟି ଅଟକି ଯାଇଥିଲା। ଯୁବକ ମାନେ ବସ୍ ଭିତରେ ପଶି ଯାତ୍ରୀମାନଙ୍କୁ ଧମକାଇ ଲୁଟ କରିବାକୁ ଉଦ୍ୟମ କରିଥିଲେ। କଣ୍ଡକ୍ଟର ବାରଣ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରି ଟଙ୍କା ଥିବା ବ୍ୟାଗ ଓ ମୋବାଇଲ ଛଡାଇ ନେଇଥିଲେ। ଏପରିକି କେତେଜଣ ଯାତ୍ରୀଙ୍କୁ ମଧ ଆକ୍ରମଣ କରିବା ସହ ଡ୍ରାଇଭରଙ୍କୁ ମାଡ଼ ମାରି ତାଙ୍କ ବେକରେ ଥିବା ରୁପା ଚେନ ନେଇଯାଇଥିଲେ। ଏ ନେଇ ଡ୍ରାଇଭର ପ୍ରସନ୍ନ କୁମାର ବଲିୟାରସିଂ ଥାନାରେ ଅଭିଯୋଗ କରିଛନ୍ତି। ଆହତ ଯାତ୍ରୀମାନେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଲୁଟ୍ ଯୁବକମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି।

# ଗଜପତିଙ୍କ ଶାସନର ୬୪ଅଙ୍କ ଆରମ୍ଭ

**ଶ୍ରୀନହରରେ ସୁନିଆ**

ପୁରୀ ଅଫିସ, ୧୮।୯

ପବିତ୍ର ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅବସରରେ ଶ୍ରୀନହର ପରିସରରେ ସୁନିଆ ନୀତି ସମ୍ପନ୍ନ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୩ଅଙ୍କ ଶେଷ ହୋଇଛି। ଶନିବାର ସୁନିଆ ଅବସରରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ୬୪ ଅଙ୍କ ଏବଂ ୧୪୨୯ ସାଲ ଆରମ୍ଭ ହୋଇଛି। ଉତ୍କଳୀୟ ସାଂସ୍କୃତିକ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ପାଇଁ ଜାତକର ବର୍ଷ ମାସ ତାରିଖ ତିଥି ଓ ନକ୍ଷତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କର ଗାଦି ନାସିନ ବର୍ଷର ଗଣନା ହୋଇଥାଏ। ସୁନିଆ ଅବସରରେ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପକାଯାଇଥିଲା। ଶନିବାର ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ଏହା ପରେ ଏକ ସୁନା ମୋହରରେ ୬୪ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ପରେ ୧୬ଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଗୋଟିଏ ଲେଖାଏଁ ନଡିଆ ଭେଟିଦେଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ଗଜପତିଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ସୁନିଆ ପରମ୍ପରା ସମ୍ପର୍କରେ ଯୁବ ଗବେଷକ ସୌମ୍ୟ ପଣ୍ଡାଙ୍କ ସୂଚନା ଅନୁଯାୟୀ ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଆରମ୍ଭ ହୋଇଥାଏ। ଚଳିତ ବର୍ଷ ଗଜପତି ମହାରାଜାଙ୍କ ୬୪ ଅଙ୍କ ପ୍ରଚଳିତ ହୋଇ ୧୪୨୯ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।



ସୁନିଆ ଅବସରରେ ଶ୍ରୀନହରରେ ଗଜପତିଙ୍କ ନୂତନ ସଂଖ୍ୟାକୁ ପ୍ରଚଳିତ କରାଯାଉଛି।



କରୋନା ସ୍ଥିତି ଧୀରେ ଧୀରେ ସୁଧୁରୁଥିବାବେଳେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି-ଉଦୟଗିରିରେ ପର୍ଯ୍ୟଟକଙ୍କ ଆଗମନ ବଢୁଛି।

## ପୁରୀରେ ବିମାନବନ୍ଦର ପ୍ରସ୍ତାବ କେବଳ ପିପିଲି ଉପନିର୍ବାଚନ ପାଇଁ ଭୂଆଁ : କଂଗ୍ରେସ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି କେବଳ ପୁରୀ ଜିଲାବାସୀଙ୍କୁ ଭୂଆ ବୁଲାଇବା ପାଇଁ ଶାସକ ଦଳ କରିଛି। ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ବିମାନ ବନ୍ଦର କରିବା ପ୍ରସ୍ତାବ କେବଳ ପିପିଲି ଉପନିର୍ବାଚନ ପାଇଁ ଏକ ଉଦ୍ଦେଶ୍ୟମୂଳକ ପ୍ରୟାସ ବୋଲି କଂଗ୍ରେସ ଅଭିଯୋଗ କରିଛି। ଶନିବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, କେନ୍ଦ୍ର ବେସସାମରିକ ବିମାନ ଚଳାଚଳ ବିଭାଗ ଗ୍ରୀନଫିଲ୍ଡ ଏୟାରପୋର୍ଟ ପଲିସିକୁ ପାଥେୟ କରି ଭୁବନେଶ୍ୱର ନିକଟରେ ଏୟାରପୋର୍ଟ ପାଇଁ ରାଜ୍ୟ ସରାକରଙ୍କଠାରୁ ପ୍ରସ୍ତାବ ମାଗିଥିଲେ। ରାଜ୍ୟ ସରକାର ଯେଉଁ ୩ଟି ସ୍ଥାନ ଦେଇଥିଲେ ତାହା ଉପଯୁକ୍ତ ନ ହେବାରୁ ଚତୁର୍ଥ ପ୍ରସ୍ତାବ ଚାହିଁଥିଲା ବେସାମରିକ ବିମାନ ଚଳାଚଳ ବିଭାଗ। ରାଜ୍ୟ ସରକାର ଭୁବନେଶ୍ୱର ନିକଟରେ ଚତୁର୍ଥ ପ୍ରସ୍ତାବ ନ ଦେଇ ଗତ ଏପ୍ରିଲ ୧୯ରେ ପୁରୀରେ ଏୟାରପୋର୍ଟ ପାଇଁ ଚିଠି ଦେଇଛନ୍ତି। କିନ୍ତୁ ୫ବର୍ଷ ତଳେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନୋ-ଫ୍ଲାଇଂ ଜୋନ୍ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ରାଜ୍ୟ ସରକାର। ଏବେ ସେହି ଅଞ୍ଚଳରେ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ପ୍ରସ୍ତାବ ଦେବା କେବଳ ପୁରୀ ଜିଲାବାସୀଙ୍କୁ ଭ୍ରମିତ କରିବା ଛଡ଼ା ଆଉକିଛି ନୁହେଁ ବୋଲି କଂଗ୍ରେସ କହିଛି। ପ୍ରକାଶଯୋଗ୍ୟ, ୨୦୧୪ ମେ ୨୭ର ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନୋ-ଫ୍ଲାଇଂ ଜୋନ୍ କରିବା ପାଇଁ ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ୍ ଆଭିଏଶନକୁ ଚିଠି ଲେଖିଥିଲେ, ଯାହା ଅଗ୍ରାହ୍ୟ ହୋଇଯାଇଥିଲା।



ସୁସାହିତ୍ୟିକା ମନୋରମା ମହାପାତ୍ର ପାଇଥିବା ପୁରସ୍କାର, ସମ୍ମାନ ଓ ଛାଡ଼ି ଯାଇଥିବା କିଛି ସ୍ମୃତି।

## ମନୋରମା ମହାପାତ୍ରଙ୍କ ବିୟୋଗରେ ଶୋକ

ଓଡ଼ିଆ ସାମ୍ବାଦିକତା ଓ ସାହିତ୍ୟ ସାରସ୍ୱତ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ସମାଜର ପୂର୍ବତନ ସମ୍ପାଦିକା ତଥା ସାହିତ୍ୟିକା ମନୋରମା ମହାପାତ୍ରଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ମନୋରମାଙ୍କ ବିୟୋଗ ଖବର ଶୁଣି ଗଭୀର ମର୍ମାହତ ବୋଲି ଶୋକବାର୍ତ୍ତାରେ ସେ ପ୍ରକାଶ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଅମର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ। ସେ ତାଙ୍କ ପରିବାର ତଥା ବନ୍ଧୁବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ବିରାଟ ଶୂନ୍ୟସ୍ଥାନ

ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ମହିଳା ସଭାପତି ମନୋରମା ମହାପାତ୍ରଙ୍କ ବିୟୋଗରେ ଏକାଡେମୀ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୧୯୯୧ରୁ ୧୯୯୪ ପର୍ଯ୍ୟନ୍ତ ସେ ଏକାଡେମୀର ସଭାପତି ଥିବାବେଳେ ୧୯୯୩ ମସିହାରେ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡି ଜଗନ୍ନାଥ ଦାସ ପୁରସ୍କାର' ଶୁଭାରମ୍ଭ ହୋଇଥିଲା। ତାଙ୍କ ଉଦ୍ୟମରେ ୧୯୯୨ରେ ଦିଲ୍ଲୀଠାରେ 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି' ନାମରେ ସାରସ୍ୱତ ସମାରୋହ ଆୟୋଜନ କରାଯାଇଥିଲା। ତାଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଜଗତରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା ଓ ସଚିବ ପ୍ରବୋଧ କୁମର ରାଉତ କହିଛନ୍ତି।

## ସେ ଥିଲେ ଓଡ଼ିଶାର ଅନନ୍ୟ ପ୍ରତିଭା

ମନୋରମା ମହାପାତ୍ର ଥିଲେ ଓଡ଼ିଶାର ଅନନ୍ୟ ପ୍ରତିଭା। ସେ ବାଗ୍ମୀ, କବି, କଥାଶିଳ୍ପୀ, ସମ୍ପାଦକ ଓ ଅଧାପିକା ଭାବରେ ସୁପରିଚିତ ଥିଲେ ମଧ ସମାଜସେବା ଥିଲା ତାଙ୍କ ପ୍ରାଣର ଉଚ୍ଛ୍ୱାସ। ତାଙ୍କ ତିରୋଧାନ ଓଡ଼ିଶା ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଗଭୀର ଶୋକ ପ୍ରକାଶ କରି କହିଛନ୍ତି।

ସେହିପରି ମନୋରମା ମହାପାତ୍ରଙ୍କ ବିୟୋଗରେ ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ, ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ, ସାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ, ଓଡ଼ିଶା ପ୍ରତିଭା ପୂଜା ସଂସଦ ସଭାପତି ଡ. ସତ୍ୟ ରାୟ, ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ, କମଳାକାନ୍ତ ଦାଶ, ଡା. ରବି ରଞ୍ଜନ ସାହୁ, ନୀଳଶୈଳ ଅନୁଷ୍ଠାନ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ, ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଜଟିଳ ଫୁସ୍‌ଫୁସ୍ ସଂକ୍ରମଣରୁ ସୁସ୍ଥ ହେଲେ ୨୨ ମାସର ଶିଶୁକନ୍ୟା

**ଏମ୍ସ ଡାକ୍ତରୀ ଟିମ୍‌ର ସଫଳତା**

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ଜଟିଳ ଫୁସ୍‌ଫୁସ୍ ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି ଜଣେ ୨୨ ମାସର ଶିଶୁ କନ୍ୟା। ଚିକିତ୍ସା ବିଜ୍ଞାନର ଚମତ୍କାରିତା ସହ ଡାକ୍ତରଙ୍କ ନିରନ୍ତର ପରିଶ୍ରମରୁ ଏହି ସଫଳତା ମିଳିଛି। ହସ୍ପିଟାଲ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଢେଙ୍କାନାଳ ଜିଲାର ଶିଶୁକନ୍ୟା ଓ ପରିବାରର ସମସ୍ତ ସଦସ୍ୟ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ। ଶିଶୁଟିରେ କରୋନା ପରବର୍ତ୍ତୀ ଜଟିଳତା ଦେଖାଦେଇଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିଲେ। କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ହେବାରୁ ତାଙ୍କୁ ଏମ୍ସକୁ ଅଣାଯାଇଥିଲା। ଏହାପରେ ତୁରନ୍ତ ତାଙ୍କୁ ଶିଶୁରୋଗ ବିଭାଗ ପେଡିଆଟ୍ରିକ୍ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ପିଆଇସିୟୁ)ରେ ଭର୍ତ୍ତି କରି ଅକ୍ସିଜେନ ଲଗାଯାଇଥିଲା। ବିଭିନ୍ନ ପରୀକ୍ଷା ପରେ ଶିଶୁଟି 'Pulmonary alveolar proteinosis' ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଏହା ଏକ ବିରଳ ରୋଗ, ଯେଉଁଥିରେ ଦୁଗ୍ଧ ପରି ସାମଗ୍ରୀ ଉଭୟ ଫୁସ୍‌ଫୁସ୍‌ରେ ଜମା ହୋଇଯାଏ। ଏହାର ଚିକିତ୍ସା କରିବା ଚ୍ୟାଲେଞ୍ଜ ଥିଲା। ଏଥିପାଇଁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଗଠନ ହୋଇଥିଲା। ଏହି ଟିମ୍ ଶିଶୁଟିକୁ ଏକ୍‌ମୋ ଚିକିତ୍ସା ଅର୍ଥାତ୍ କୃତ୍ରିମ ଉପାୟରେ ଅକ୍ସିଜେନ ଯୋଗାଇ ସାଲାଇନ ଦ୍ୱାରା ଫୁସ୍‌ଫୁସ୍ ସଫା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାପରେ ଶିଶୁଟିକୁ ଏକ୍‌ମୋରେ ରଖାଯାଇଥିଲା। ଅଗଷ୍ଟ ୩୦ରେ ପ୍ରଥମ ଚିକିତ୍ସା କରାଯାଇଥିଲା। ଶିଶୁଟିର ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପରେ ଗତ ୧୩ ତାରିଖରେ ଆଉଥରେ ସେହିଭଳି ଚିକିତ୍ସା ହୋଇଥିଲା। ଏହାପରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଅଭୂତପୂର୍ବ ଉନ୍ନତି ଦେଖାଯାଇଥିଲା। ଏବେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛି। ଶିଶୁକୁ ଚିକିତ୍ସା କରିଥିବା ଡାକ୍ତରୀ ଟିମ୍‌ରେ ଶିଶୁବିଭାଗର ଡା. କ୍ରିଷ୍ଣା ମୋହନ ଗୁଲ୍ଲା, ଡା. ରଶ୍ମି ରଞ୍ଜନ ଦାସ, ଡା. ଅମିତ କୁମାର ଶତପଥୀ, ଆନାସ୍ଥେସିଆର ଡା. ସତ୍ୟଜିତ ମିଶ୍ର, ଡା. ବିକ୍ରମ କେଶରୀ ବେହେରା, କାର୍ଡିଓ ଥୋରାସିସ୍ ସର୍ଜରୀର ଡା. ସିଦ୍ଧାର୍ଥ କୁମାର ସାଥିଆ, ଡା. ସତ୍ୟପ୍ରିୟା ମହାନ୍ତି ଏବଂ ପେଡିଆଟ୍ରିକ୍ ସର୍ଜରିର ଡା. ମନୋଜ ମହାନ୍ତି ଥିଲେ। ଏତେ କମ୍ ବୟସର ଶିଶୁଙ୍କଠାରେ ଏଭଳି ଜଟିଳ ଚିକିତ୍ସା ପଦ୍ଧତିରେ ସଫଳତା ମିଳିବା ପ୍ରଥମ ବୋଲି କୁହାଯାଉଛି।



ଶିଶୁକନ୍ୟା ସହ ଏମ୍ସର ଡାକ୍ତରୀ ଟିମ୍।

## ସୀମା ବିବାଦର ସ୍ଥାୟୀ ସମାଧାନ ନେଇ ରାଜ୍ୟପାଳଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୧୮।୯ (ବ୍ୟୁରୋ)

ଓଡ଼ିଶା ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ସମାଜବାଦୀ ପାର୍ଟି ରାଜ୍ୟପାଳଙ୍କୁ ନିବେଦନ କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ୨ଜଣିଆ ପ୍ରତିନିଧି ଦଳ ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଏ ନେଇ ଆଲୋଚନା କରିଛନ୍ତି। ଏଥିସହ ଏକ ୩ ଦଫା ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ସହିତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ସୀମା ବିବାଦ ଲାଗି ରହିଛି। ସୀମାନ୍ତ ୧୪ ଜିଲାର ପ୍ରାୟ ୯୬ ରାଜସ୍ୱ ଗ୍ରାମ ଓ ୧୪ ପଡ଼ା ଗ୍ରାମ ଉପରେ ପଡ଼ୋଶୀ ରାଜ୍ୟମାନେ ନିଜର ଅଧିକାର ସାବ୍ୟସ୍ତ କରୁଛନ୍ତି। ଫଳରେ ଅନେକ ସମୟରେ ସେଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ବିକାଶଧାରା ଗୁରୁତର ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ବିଧାନସଭାରେ ବହୁଥର ଝଡ଼ ଉଠିବା ପରେ ବିଧାନସଭାର ଏକ 'ଗୃହ କମିଟି' ଗଠିତ ହୋଇଛି। ହେଲେ ଉକ୍ତ କମିଟି ସେସବୁ ଜିଲା ଗସ୍ତରେ ଯାଇ ସୀମା ବିବାଦର ସମାଧାନ କରିବାରେ ତତ୍ପରତା ପ୍ରକାଶ କରୁନାହାନ୍ତି। ସେହିପରି ଏ କ୍ଷେତ୍ରରେ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ମନୋଭାବର ସୁଯୋଗ ନେଇ ଆନ୍ଧ୍ର ଓ ପଶ୍ଚିମବଙ୍ଗ ଓଡ଼ିଶା ମାଟିକୁ ଦଖଲ କରି ଦାଦାଗିରି କରିବାକୁ ମଧ ପଶ୍ଚାତପଦ ହେଉନାହାନ୍ତି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ରାଜ୍ୟପାଳ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପାର୍ଟିର ଯୁବ ଜନସଭାର ରାଜ୍ୟ ଅଧକ୍ଷ ସୁବ୍ରତ ଲେଙ୍କା ଉପସ୍ଥିତ ଥିଲେ।

## ଆଜୀବନ ଦଣ୍ଡାଦେଶ ଭୋଗୁଥିବା କଏଦୀଙ୍କ ଆତ୍ମହତ୍ୟା ଅଭିଯୋଗ

ମାହାଙ୍ଗା,୧୮।୯(ସ୍ୱ.ପ୍ର.)

**■ ୨୧ ସେପ୍ଟେମ୍ବରରେ ପାରୋଲରେ ଘରକୁ ଆସିଥିଲେ**

ଆଜୀବନ ଦଣ୍ଡାଦେଶ ଭୋଗୁଥିବା ଜଣେ କଏଦୀ ପାରୋଲରେ ଘରକୁ ଆସିଥିବା ବେଳେ ଶନିବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ରାଜକିଶୋର ନାୟକ(୫୮)। ତାଙ୍ଗ ଘର ପୁରୀ କାକଟପୁର ଅଞ୍ଚଳରେ ହୋଇଥିବାବେଳେ ଦୀର୍ଘବର୍ଷ ହେବ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭେଡା ପଞ୍ଚାୟତର ବରାହୀପୁରସ୍ଥିତ ଶ୍ୱଶୁରଘରେ ରହି ଆସୁଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୬/୨୧) ରୁଜୁ ହୋଇଛି। ୨୦୦୮ ତ୍ରିବେଣୀଶ୍ୱର ବଜାରରେ ବୋମା ମାଡ଼ ଓ ଶିଶୁ ହତ୍ୟା ଘଟଣାରେ ସେ ଦୋଷୀସାବ୍ୟସ୍ତ ହୋଇ ଚୌଦ୍ୱାର ସର୍କଲ ଜେଲରେ ଆଜୀବନ ଦଣ୍ଡାଦେଶ ଭୋଗୁଥିଲେ। ଗତ ୨୧ ସେପ୍ଟେମ୍ବରରେ କରୋନା ଯୋଗୁ ପାରୋଲରେ ଶ୍ୱଶୁରଘରରୁ ଆସିଥିଲେ। ଆସିବା ପରଠୁ ତାଙ୍କୁ ଆଉ ଜେଲ ଫେରିବାକୁ ଇଚ୍ଛା ନ ଥିଲା। ଶନିବାର ପାରୋଲ ଅବଧି ଶେଷ ହେଉଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ସକାଳୁ ରଶିରେ ଝୁଲିପଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନା ପଠାଇଛି।

# କଲ୍ୟାଣ ମଣ୍ଡପରୁ ମୃତଦେହ ଜବତ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

**ହତ୍ୟା ମାମଲା ରୁଜୁକଲା ପୋଲିସ**

**■ ପୂର୍ବରୁ ଧାର ଟଙ୍କା ପାଇଁ ମିଳୁଥିଲା ହତ୍ୟା ଧମକ**

**■ ଜବତ ସୁଇସାଇଡ୍ ନୋଟ୍ ଯାଞ୍ଚ ପାଇଁ ପଠାଯିବ**



ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ କଲ୍ୟାଣ ମଣ୍ଡପରୁ ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ଝୁଲନ୍ତା ମୃତଦେହ ମିଳିଛି। ସେହେଲେ ଯାଜପୁର ଅଞ୍ଚଳର ପ୍ରକାଶ ବଳ। ପ୍ରକାଶ ଇଭେଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ତେବେ ଟଙ୍କା ପାଇଁ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନା ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ନଂ.୨୦୧/୨୧ ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶୁକ୍ରବାର ରାତିପ୍ରାୟ ୯ଟାରେ ପ୍ରକାଶଙ୍କ ଫୋନ ନ ଲାଗିବାରୁ ମଣ୍ଡପର ଅନ୍ୟ କର୍ମଚାରୀମାନେ ଖୋଜାଖୋଜି କରିଥିଲେ। ରୁମ୍ ବାହାରେ ତାଙ୍କର ଚପଲ ପଡିଥିବାବେଳେ ସେ ମାସ୍କ ପିନ୍ଧା ଅବସ୍ଥାରେ ଭିତରେ ଏକ ରଶିରେ ଝୁଲୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପ୍ରକାଶଙ୍କ ପରିବାର ଲୋକେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ମା' ଓ ଭାଇଙ୍କ କହିବାନୁସାରେ, ପ୍ରକାଶ ଚାକିରି ଛାଡ଼ି ଇଭେଣ୍ଟ ମ୍ୟାନେଜମେଣ୍ଟ ବ୍ୟବସାୟ କରୁଥିଲେ। କିଛିଦିନ ତଳେ ପ୍ରକାଶ ଘରକୁ ଟଙ୍କା ମାଗିଥିଲେ। କାହିଁକି ଟଙ୍କା ଦରକାର ବୋଲି ମା' ପଚାରିବାରୁ ପ୍ରକାଶ କହିଥିଲେ, ସେ ଟଙ୍କା ଧାର କରିଛନ୍ତି। ଏଥିପାଇଁ ତାଙ୍କୁ ମାରି ଦେବାକୁ ଧମକ ଦିଆଯାଉଛି। ଏକଥା ଶୁଣିବା ପରେ ଘର ଲୋକେ ତାଙ୍କୁ ୩୦ହଜାର ଟଙ୍କା ଦେଇଥିବାବେଳେ ଏବେ ତାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପରିବାର ଲୋକେ। ଅନ୍ୟପକ୍ଷରେ ମୃତଦେହ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ମଧ ଜବତ କରିଛି। ତାହା ପ୍ରକାଶଙ୍କର କି ନୁହେଁ, ତାହାର ଯାଞ୍ଚ ପାଇଁ ଲାବ୍‌କୁ ପଠାଇବ ପୋଲିସ। ଏପଟେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପ୍ରକାଶ ରଶିରେ ଝୁଲୁଥିବାବେଳେ ଗୋଡ଼ ତଳେ ଲାଗିଛି। ଗୋଡ଼କୁ ଲାଗି ଖଟ ଓ ଚେୟାର ରହିଥିଲା। ହତ୍ୟା ପରେ ତାଙ୍କୁ ରଶିରେ ଝୁଲାଇ ଆତ୍ମହତ୍ୟା ରୂପ ଦିଆଯାଇଥିବାବେଳେ ତଦନ୍ତକୁ ବାଟବଣା ପାଇଁ ହତ୍ୟକାରୀମାନେ ଏପରି ସୁଇସାଇଡ୍ ନୋଟ୍ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରକାଶଙ୍କ ଭାଇ କହିଛନ୍ତି। ତେବେ ଏଭଳି ଅଭିଯୋଗକୁ କଲ୍ୟାଣ ମଣ୍ଡପ କର୍ତ୍ତୃପକ୍ଷ ଖଣ୍ଡନ କରିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସମିତା ମିଶ୍ର କହିଛନ୍ତି।

## ଡକାୟତଙ୍କୁ ପଥରରେ ଛେଚି ହତ୍ୟା

ଅନୁଗୋଳ ଅଫିସ,୧୮।୯: ଅନୁଗୋଳ ସହର ଉପକଣ୍ଠ ତେରେଇଙ୍ଗ ଟ୍ୟାମଠାରେ ଶନିବାର ରାତିରେ ଜଣେ ଯୁବକଙ୍କୁ ପଥରରେ ଛେଚି କେହିଜଣ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ଜଗନ ସେନାପତି। ଜଗନ ଜଣେ କୁଖ୍ୟାତ ଡକାୟତ ବୋଲି ଅନୁଗୋଳ ପୋଲିସ ସୂଚନା ଦେଇଛି। ରାତି ପ୍ରାୟ ୯ଟାରେ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ୧୧ଟା ବେଳେ ଥାନାକୁ ସୂଚନା ମିଳିଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ ସହ ଘଟଣାର ତଦନ୍ତ କରୁଛି।

# ସାରଙ୍ଗଧରଙ୍କ ତ୍ୟାଗପୂତ ଜୀବନ ଯୁବ, ଛାତ୍ର ସମାଜକୁ ଦିଗ୍‌ଦର୍ଶନ ଦେବ

### ବିଧାୟକ ରାଜେନ୍ଦ୍ର ସାହୁଙ୍କୁ 'ଗଡ଼ଜାତଗାନ୍ଧୀ ସାରଙ୍ଗଧର ସ୍ମୃତି ସମ୍ମାନ'



ଶ୍ରାଦ୍ଧ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୧୮।୯ (ବ୍ୟୁରୋ): ପ୍ରଜାମଣ୍ଡଳ ଆନ୍ଦୋଳନ ନେତା, ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସଙ୍କ ତ୍ୟାଗପୂତ ଜୀବନ ଯୁବ ଓ ଛାତ୍ର ସମାଜକୁ ସର୍ବଦା ଦିଗ୍‌ଦର୍ଶନ ପ୍ରଦାନ କରିବ। ଶନିବାର ୬୪ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଅତିଥିମାନେ ସାରଙ୍ଗଧରଙ୍କ ନିଷ୍ଠା ଓ ଦେଶ ପାଇଁ ସମର୍ପିତ ସଂଗ୍ରାମ ବିଷୟରେ ଆଲୋକପାତ କରି ଏହା କହିଛନ୍ତି। ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପକ୍ଷରୁ ଗ୍ରନ୍ଥାଗାରଠାରେ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ବିଶିଷ୍ଟ ହାଲି ଯୋଗଦେଇଥିଲେ। ସେହିପରି ସାରଙ୍ଗଧର ଦାସ ସ୍ମୃତି କମିଟି, ଢେଙ୍କାନାଳବାସୀ, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସମିତି ପକ୍ଷରୁ ମଧ୍ୟ ସାରଙ୍ଗଧରଙ୍କ ଶ୍ରାଦ୍ଧୋତ୍ସବ ଢେଙ୍କାନାଳ ବିଧାୟକଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ 'ଗଡ଼ଜାତଗାନ୍ଧୀ ସାରଙ୍ଗଧର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ବିଧାୟକ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟବକ୍ତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ପ୍ରବୀର ମହାନ୍ତି, ଦେବରାଜ ସେନାପତି, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସାରଙ୍ଗଧର ଢେଙ୍କାନାଳ ହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ପ୍ରତିଭୂ ଛିଟ୍ରେ ବିଦେଶରେ ଉଚ୍ଚଶିକ୍ଷା ଲାଭ କରି ଆମେରିକାରେ ଉଚ୍ଚ ବେତନରେ ଚାକିରି କରିଥିଲେ। ମାତ୍ର ପରାଧୀନ ଭାରତବର୍ଷର ବ୍ରିଟିଶ ସରକାର ଓ ଢେଙ୍କାନାଳ ଗଡ଼ଜାତ ରାଜାଙ୍କ ପ୍ରଜାପୀଡ଼ନକୁ ଅନୁଭବ କରି ଚାକିରି ସହ ବିଦେଶିନୀ ସ୍ତ୍ରୀ ପ୍ରିଡାଙ୍କୁ ଛାଡ଼ି ଓଡ଼ିଶା ଚାଲିଆସିଥିଲେ। କଂଗ୍ରେସରେ ଯୋଗଦେବା ସହ ସଂଗ୍ରାମୀ ଜୀବନ ଆରମ୍ଭ କରିଥିଲେ। ସ୍ୱାଧୀନତା ପୂର୍ବରୁ ତିର୍ତ୍ତୋଲରୁ ବିଧାୟକ ନିର୍ବାଚିତ ହୋଇଥିଲେ। ପରେ ଇସ୍ତଫା ଦେଇ ସୋସାଲିଷ୍ଟ ଦଳରୁ ୧୯୫୨ରେ ଢେଙ୍କାନାଳରୁ ଲୋକସଭାକୁ ନିର୍ବାଚିତ ହୋଇ କୃଷକଙ୍କ ସମସ୍ୟା ସହ ଦେଶରେ କୃଷି ଓ ଗ୍ରାମାଞ୍ଚଳ ବିକାଶ ନିମନ୍ତେ କ୍ରମାଗତ ଦାବି କରୁଥିଲେ।

# ମରୁଡ଼ି, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ଭୁବନେଶ୍ୱର,୧୮।୯(ବ୍ୟୁରୋ): ରାଜ୍ୟରେ ଲଘୁଚାପ ବର୍ଷା ଯୋଗୁ ଚାଷଜମିଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚଳିତ ଖରିଫ ଚାଷରେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ନିଅଣ୍ଟିଆ ବର୍ଷା ଦ୍ୱାରା ମରୁଡ଼ି ପରିସ୍ଥିତି ଉପୁଜିଥିବା ବେଳେ ଯେଉଁ କେତେକ ଅଞ୍ଚଳରେ କିଛି ଫସଲ ହୋଇଥିଲା, ତାହା ଲଘୁଚାପ ବର୍ଷା ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଚାଷର ବିକଳ୍ପ ବ୍ୟବସ୍ଥା କରିବାକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଜରୁରୀ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ କୃଷି ଇନ୍‌ପୁଟ୍ ସବ୍‌ସିଡିର ୩ଗୁଣା ବୃଦ୍ଧି କରାଇ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ, ରିଣିଙ୍ଗ୍ କୋଡ଼ର ସଂଶୋଧନ, ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ୨୫ ପ୍ରତିଶତ ଅର୍ଥ ଅଗ୍ରିମ ପ୍ରଦାନ, ପରବର୍ତ୍ତୀ ସମୟରେ ଅନ୍ୟ ୭୫ ପ୍ରତିଶତ ବୀମା କ୍ଷତିପୂରଣ ପ୍ରଦାନ, ରବି ଚାଷ ପାଇଁ ଆଗୁଆ ବ୍ୟବସ୍ଥା, ସମ୍ପୂର୍ଣ୍ଣ ଫସଲ କ୍ଷତିଗ୍ରସ୍ତ ଚାଷୀ ପରିବାରକୁ ଆଗାମୀ ୬ ମାସ ପର୍ଯ୍ୟନ୍ତ ମାଗଣାରେ ଚାଉଳ, ଡାଲି ଓ ଅନ୍ୟାନ୍ୟ ରାଶନ ସାମଗ୍ରୀ ପ୍ରଦାନ, ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷିଋଣ ଓ ବକେୟା ବିଜୁଳି ଶୁଳ୍କ ଛାଡ଼, ଆସନ୍ତା ରବି ଚାଷ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦୀ କୃଷିଋଣ ପ୍ରଦାନ, କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବିଭିନ୍ନ କୃଷିଭିତ୍ତିକ ପ୍ରକଳ୍ପ ପାଇଁ ଚାଷୀଙ୍କୁ ୯୦ ପ୍ରତିଶତ ରିହାତି ପ୍ରଦାନ, ଯୁଦ୍ଧକାଳୀନ ଭିତ୍ତିରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ ଓ ୧୦୦ ଦିନ ପରିବର୍ତ୍ତେ ୧୫୦ ଦିନ କର୍ମନିଯୁକ୍ତି ସୃଷ୍ଟି କରିବା ପାଇଁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅମିୟ ଦାବି କରିଛନ୍ତି।

# ମହିଳା ପୋଲିସ ଅଧିକାରୀଙ୍କୁ ୨ବର୍ଷ ଜେଲ

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ.): ଲାଞ୍ଚ ନେବା ଅଭିଯୋଗରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ରାଉରକେଲା ମହିଳା ଥାନାର ପୂର୍ବତନ ମହିଳା ସବ୍‌ଇନ୍ସପେକ୍ଟର ବୁଧୁନି ମିଞ୍ଜଙ୍କୁ ୨ବର୍ଷ ଜେଲଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଶ୍ୱିନୀ କୁମାର ନାଏକ ନିର୍ଦ୍ଦେଶ ଦେଇଛନ୍ତି।

## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/21-22/E-Tender/58,ତା.13.09.2021ରିଖ

(1) ଟେଣ୍ଡର ସଂ.e-tender-South-KUR-154-2021,ତା.08.09.2021ରିଖ

**ବିବରଣୀ :** 18 ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁଙ୍କ ନିମନ୍ତେ ପ୍ରସ୍ତାବିତ ହାଲୁକା ମୋଟର ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ ଗାଡ଼ି) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 8.03 ଲକ୍ଷ।

(2) ଟେଣ୍ଡର ସଂ.e-tender-South-KUR-155-2021,ତା.08.09.2021ରିଖ

**ବିବରଣୀ :** 17 ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବ୍ରହ୍ମପୁରଙ୍କ ନିମନ୍ତେ ପ୍ରସ୍ତାବିତ 01 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ ଗାଡ଼ି) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 7.58 ଲକ୍ଷ।

ଶେଷ ହେବା ଅବଧି : 18 ମାସ (କ୍ରମ ସଂ.1 ପାଇଁ), 17 ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.09.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-389/M/21-22

# ଜାତୀୟ କଂଗ୍ରେସ ସାମାଜିକ ଗଣମାଧ୍ୟମ କାର୍ଯ୍ୟକାରିଣୀ

### ୨ ଦିନିଆ ଶିବିରରେ ଯୋଗଦେଲା ଓଡ଼ିଶା ଦଳ

ଭୁବନେଶ୍ୱର,୧୮।୯(ବ୍ୟୁରୋ): ଜାତୀୟ କଂଗ୍ରେସ ସାମାଜିକ ଗଣମାଧ୍ୟମ କାର୍ଯ୍ୟକାରିଣୀର ୨ ଦିନିଆ ବୈଠକ ଶିବିର ଦିଲ୍ଲୀଠାରେ ଆୟୋଜିତ ହୋଇଯାଇଛି। ରାହୁଲ ଗାନ୍ଧୀଙ୍କ ସହ ଜାତୀୟ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ରୋହନ ଗୁପ୍ତା ବୈଠକରେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ସେଲ ଅଧ୍ୟକ୍ଷ ଅଭିଷେକ ମହାନନ୍ଦଙ୍କ ସମେତ ସମଶିଦା ତୟବ, ପୱନ ଶର୍ମା ଓ ମନୀଷା ନନ୍ଦ ଯୋଗ ଦେଇଥିଲେ। ରାଜ୍ୟଗୁଡ଼ିକରେ ସାମଜିକ ଗଣମାଧ୍ୟମ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସହ ଆଗକୁ ହେବାକୁ ଥିବା କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଏହି ପରିପେକ୍ଷୀରେ ସାମାଜିକ ଗଣମାଧ୍ୟମ ସେଲ୍ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିବା ଅଭିଷେକ ସୂଚନା ଦେଇଛନ୍ତି।

## SCHOOL OF EDUCATION

**(Self Finance Unit of Berhampur University)**
**Berhampur Unviersity, Bhanja Bihar, Berhampur - 760007**
**Letter No. 681/SOE/BU/2021** **Date: 18.09.2021**

### ADMISSION NOTIFICATION: 2021-2023

Applications are invited for admission into **B.Ed. Two years Course** (Regular on Self-Financing Mode) under **School of Education of Berhampur University** for the **Session: 2021-2023**.

The applicants are required to download the Prospectus and Application form from the School of Education website **(www.soebu.in)** from **Dt.20.09.2021 (Monday)** onwards.

**DATE OF REMEMBER**

| | |
|---|---|
| Last date of receipt of duly filled-in Application Form along with processing-cum-application fee. | 25.10.2021 (Monday) |

**INFORMATION:**

- For more details relating to admission please visit the School of Education website: **www.soebu.in**.
- For any queries please contact: **7873535402/ 7978638808/ 8144939080, During 10.30 A.M. to 5.30 P.M. (Except Sundays)**.

**Sd./- (Dr. S.K. Sahoo), Principal**
**School of Education**

## GOVT. OF ODISHA
No.MM-195

### OFFICE OF THE DIVISIONAL FOREST OFFICER, ANGUL DIVISION, ANGUL

**e-Procurement Notice, ANGUL FOREST DIVISION**
**Bid Identification No.- 01 of 2021-22**
e-mail ID- dfoangul@gmail.com

| | | |
|---|---|---|
| 1. | Number of Works | 7 (seven) number of Building works |
| 2. | Approximate estimated cost | Varies from Rs.12.40 lakh to 16.14 lakhs |
| 3. | Period of completion | 04 (four) calendar months |
| 4. | Date & Time of availability of bid document in the portal | Dt. 21.09.2021 at 10.00 A.M. |
| 5. | Last date/ Time for receipt of bid in the portal | Dt.30.09.2021 upto 5.00 P.M. |
| 6. | Date of Opening Bid | Dt. 01.10.2021 at 11.00 A.M. |
| 7. | Name and address of the Officer Inviting Bid | Divisional Forest Officer, Angul Division, Angul |
| 8. | The bidders have to participate in ONLINE bidding only. | |

Further details can be seen from the e-procurement portal https:/tendersodisha.gov.in

Divisional Forest Officer, Angul Division

OIPR-08027/11/0002/2122

## GOVERNMENT OF ODISHA, DEPARTMENT OF WATER RESOURCES

**Office of the Superintending Engineer, Mechanical Circle, Bhubaneswar**
**Email Address: semechcircle104@gmail.com**
**e-Procurement Notice No.- SEM/MDBM-6/2021-22**

No. A-458:-

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of executors | SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates. |
| 4. | Bid Identification No. | SEM/MDBM-6/2021-2022 |
| 5. | Estimated Cost | Rs.15,96,931.55 |
| 6. | Period of Completion | 30 (Thirty) Calendar days |
| 7. | Date & time of availability of bid documents in the Portal | From dt.22.09.2021 (10.00 AM) to dt.04.10.2021 (5.30 PM) |
| 8. | Last date/time for receipt of bid in the Portal | Dt.04.10.2021 (up to 5.30 PM) |
| 9. | Date and Place of opening of Bid | Dt.05.10.2021 (04.00 PM onwards in the O/o the undersigned) |
| 10. | Name of the Officer inviting bid | Superintending Engineer, Mechanical Circle, Bhubaneswar |

Further details can be seen from the e-procurement portal **https://tendersodisha.gov.in**

**Sd./- Superintending Engineer, Mechanical Circle, Bhubaneswar**

OIPR-32033/11/0002/2122

## ODISHA POLICE STATE HEADQUARTERS, CUTTACK

No. D-144 **REVISED e-RFP**

### OFFICE OF THE D.G. & I.G. OF POLICE, ODISHA, CUTTACK

1. e-RFP are invited from reputed bidders in respect of the Revised "e-RFP" (Request for Proposal) for Selection of System Implementation Partner (SIP) for facilitating conduct of Optical Mark Reader based Written Examinations (OMRE), Physical Measurement Test & Physical Efficiency Test for recruitment of Civil Constables of Odisha Police during the current financial year 2021-22.

**The details schedule of the e-RFP is as follows:**

| | |
|---|---|
| Date of Revised RFP in the website of MSTC | 17.09.2021, 10.00 hrs. |
| Last date & time to accept pre-bid queries through e-mail **(aig.provisioning@gmail.com)** | 23.09.2021, 17.00 hrs. |
| *Virtual/Pre-Bid Meeting (is to be communicated to intersted bidders) | 24.09.2021, 11.00 hrs. |
| Publication of Corrigendum to RFP (if any) in the website of MSTC/ Odisa Police | 28.09.2021 |
| Last date & time of submission of Bid on MSTC | 04.10.2021, 17.00 hrs. |
| Date of Opening of General & Technical Bid | 05.10.2021, 11.00 hrs. |
| Technical Presentation by the Bidders | 07.10.2021, 11.00 hrs. |
| Date of Opening of Commercial/ Financial Bid | 08.10.2021 |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EM) (Refundable) | There shall be no provision for earnest money deposit. However, the bidder will have to execute the bid security declaration in lieu of bid security with stipulation that if they withdraw, re-modify their bills during the period of validity, they will be suspended for 2 years. |

Interested eligible bidder may visit the website of MSTC Limited **(www.mstcecommerce.com/eproc)** and Odisha Police website to go through RFP & download RFPs including scope of work & terms & conditions etc. Therefore, Interested bidders are requested to register on MSTC Portal **www.mstcecommerce.com/eproc** for details of Revised e-RFP and participation. Interested bidder are requested to regularly visit the MSTC website & Odisha Police website as all subsequent addendum/corrigendum/change of above schedule of events of revised RFP shall be hosted on MSTC website.

**Sd./- A.I.G. of Police (Prov.), Odisha, Cuttack**

**Buxi Bazar, Cuttack - 753001, Tel./Fax No.: 0671-2304354**
**www.odishapolice.gov.in, E-mail: sphqrs.odpol@nic.in**

**OIPR-12018/11/0005/2122**

## GOVERNMENT OF ODISHA

### DIRECTORATE OF GEOLOGY, ODISHA

**BHU-BIGYAN BHAWAN, BHUBANESWAR - 751001**

**SHORT TENDER CALL NOTICE**

**GXXI(f) 02/2021-DG/(Engg.) - Drilling & Mechanical Accessories**

No. G-08: The Director of Geology, Odisha, Bhu-Bigyan Bhawan, Unit-V, Bhubaneswar - 751001, invites Sealed Short Tender on behalf of the Governor of Odisha, in two bid system (Technical Bid and Price Bid) for purchase of Drilling & Mechanical Accessories such as Core Bits/Casing/Steel Rope/ Suction Hose/Cutting Pliers etc. from Manufacturers or their authorized Distributors/Importers/C&F Agents/reputed Dealers/ Suppliers/EPM rate contract holders in conformity with terms and conditions laid down in tender document.

The tender document shall be available in the Departmental website **http://www.orissaminerals.gov.in**. The prospective bidders can download the tender paper from the above website and deposit a non-refundable tender fee of **Rs.500.00** (Rupees five hundred) only, in shape of Bank Draft drawn in favour of Director of Geology, Odisha, payable at Bhubaneswar, along with the tender paper. The short tender document can also be obtained from the Directorate of Geology, Odisha, Bhubaneswar on payment of a non-refundable tender fee of **Rs.500.00** (Rupees five hundred) only by cash on any working days from 20.09.2021 to 29.09.2021, 5.00 P.M.

**IMPORTANT DATES**

Sale of the Tender Document - 20th Sept. 2021 to 29th Sept. 2021, 5.00 P.M.
Last date of receipt of tender - 29th September 2021 upto 5.30 P.M.
The date of opening of the Tender - 1st October 2021 at 11.30 A.M.

**Sd./- Director of Geology, Odisha**
**OIPR-30003/11/0004/2122**

## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର

### OFFICE OF THE JALESWAR MUNICIPALITY, JALESWAR

**Dist.- Balasore, Odisha - 756032**
**Ph.: (06781) 222407 • E-mail: jaleswarmunicipality@gmail.com**
**No. 4298** **Date: 18.09.2021**

**"e" Procurement Notice**
**BID Reference No. JLSM_02_2021-22**

No. C-982: Bid documents consisting of work, estimated cost, cost of tender paper, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

| | | |
|---|---|---|
| 1. | Name of the Work | Construction of Civil Works |
| 2. | No. of Works | As per DTCN |
| 3. | Estimated Cost | As per DTCN |
| 4. | Period of Completion | As per DTCN |
| 5. | Date & time of availability of bids in the portal | 23.09.2021 at 10.00 A.M. to 01.10.2021 upto 5.00 P.M. |
| 6. | Last date & time for receipt of bids in the portal | Dt.01.10.2021 upto 5 P.M. |
| 7. | Last date and time of submission of hardcopies of the documents original by Speed Post/Registered Post | Dt.05.10.2021 upto 4.00 P.M. |
| 8. | Technical Bids received online shall be opened on | Dt.07.10.2021 at 11 A.M. |
| 9. | Name and addressed of the Officer Inviting Bid | Executive Officer, Jaleswar Municipality |

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer, Jaleswar Municipality**
**OIPR-13126/11/0004/2122**

## ODISHA LIFT IRRIGATION CORPORATION LTD.

**(A Government of Odisha Undertaking)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, NUAPADA**
**E-mail ID: eeolicnpd@gmail.com**

**Notice Inviting Request for Proposal**
**For Selection of Facility Management Agency**

No. 02 Dt.17.09.2021

No.CAD-1225:- Executive Engineer, Lift Irrigation Division, Nuapada invites sealed proposals from eligible Bidders (Firms/ Agencies) interested to provide "Facility management Services" on outsourcing basis vide a service contract to be engaged at Lift Irrigation Division, Nuapada.

Tender documents can be had from the office of the Executive Engineer, Lift Irrigation Division, Nuapada during office hours on working days from Dt.21.09.21 to Dt.29.09.21 on application and payment of cost of tender paper (non refundable) in shape of Bank Draft/ Banker's cheque drawn on any Nationalized Bank in favour of Executive Engineer, Lift Irrigation Division, Nuapada payable at Nuapada.

The completed tender documents shall be received at L.I. Division, Nuapada by Speed post / Registered post /Courier only upto 02.00 P.M. of Dt.04.10.21 which will be opened at Lift Irrigation, Nuapada on the same day at 03.30 P.M. in presence of tenderers or their authorized representatives if any.

The tender must be accompanied with all required documents / EMD as per DTCN in absence of which the tender will summarily be rejected.

The undersigned reserves the right to accept or reject any or all the tenders without assigning any reason thereof.

**Executive Engineer, L.I. Division, Nuapada**
OIPR-32310/11/0002/2122

See Career Appointment on every Wednesday & Saturday

## GOVERNMENT OF ODISHA
No. O-715

### OFFICE OF THE EXECUTIVE ENGINEER, RURAL WORKS DIVISION, BHAWANIPATNA

**Letter No. 4609** **e-Procurement Notice** **Date: 15.09.2021**

**Bid Identification No. EERWBPT/Online-06/2021-22**

1. Name of Works : Buildings work (As per Annexure - A)
2. Total No. of Work : Building - 2 Nos.
3. Estimated Cost : As per 'Annexure - A'
4. E.M.D. : Not required but Bid Security declaration to be uploaded along with Technical Bid
5. Cost of Tender Document: As per 'Annexure - A'
6. Class of Contractor : Please refer DTCN & Annexure - A
7. Other details : As per DTCN & **www.tendersorissa.gov.in**.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Bhawanipatna | EERWBPT-Online-07/2021-22 | 23.09.2021 at 10.00 A.M. | 04.10.2021 Upto 5.00 P.M. | 01.10.2021 Upto 5.00 P.M. | 05.10.2021 At 11.00 A.M. | Will be intimated separately |

Other details can be seen in the bidding documents, which is available in website: **www.tendersorissa.gov.in**.

**OIPR-25070/11/0004/2122** **Sd./- Executive Engineer, Rural Works Division, Bhawanipatna**

## OFFICE OF THE ASSISTANT DIRECTOR OF TEXTILES, KHORDHA

**At- Palla, P.O.- Pallahaat, Dist.- Khurda, PIN - 752056,**
**Tele FAX- 06755-220576, e.mail: khurda.adt@gmail.com**

**QUOTATION CALL NOTICE**
**FOR INSTALLATION OF HORDINGS UNDER IEC SCHEME FOR THE YEAR 2021-22**
**No - 2555 / AD Tex, Khordha/Dated- 16.09.2021**

No. PP-32: Sealed Quotations are invited from the intending Suppliers / Manufacturers/ Firms having valid PAN and GST registration with up to date Income Tax & GST clearance certificate, for supply and installation of hording as per the following details under the scheme 'Information, Education & Communication" for the year 2021-22.

| Sl. No. | Proposed Place for Installation of Hording | | Quantity | Approved Specification of the Work |
|---|---|---|---|---|
| 1 | Pipili | Dist.- Puri | 01 No. | 1. Earth work in foundation pit for erection of iron hording structure with initial lead & lift. 4 × 2'.0" × 2'.0" × 2'.0" 2. Cement concrete (1:2:4) using 12mm size cbhg chips with all cost of materials & labour charges. 4 × 2'.0" × 2'.0" × 2'.0" 3. Erection of Iron structure for Flex mounting with all cost of materials & labour charges. 100 × 50 Channel - 2 × 18'.0" 75 × 40 Channel - 2 × 20'.0" 40 × 40 × 6 Agnel - 3 × 12'.0" 2 × 8'.0" 4. Preparation of Flex as per approved desing & mounting on Iron structure. 1 × 12'.0" × 8'.0". |
| 2 | Routapada | Dist.- Khordha | 01 No. | |
| 3 | Bajpur | Dist.- Khordha | 01 No. | |
| 4 | Banamalipur | Dist.- Khordha | 01 No. | |
| 5 | Dhalapathar | Dist.- Khordha | 01 No. | |
| 6 | Sanapadar | Dist.- Khordha | 01 No. | |
| 7 | Bolgarh | Dist.- Khordha | 01 No. | |
| | Total | | 07 Nos. | |

Interested suppliers may quote their lowest rate as per the approved specification along with the copy of Registration Certificate, Income Tax Clearance Certificate, GST Registration Number and proof of execution of such orders earlier if any, to the undersigned on or before dt.25.09.2021 by 2.00 P.M. The quotation received either in incomplete form or after the due date & time will not be considered and treated as cancelled.

The quotation will be opened on the same day at 4.00 P.M in the office of the undersigned in presence of the quotationers or their authorised representatives and members of the Executing Committee. The selected firm will have to deposit 5% of the total cost of work in this office as security money , which will be returned back after completion of the work within scheduled time & as per approved specification.

The undersigned reserves the right for any change/modification, cancellation or rejection of any or all quotation without assigning reason thereof.

For further details, terms & condition etc. ,please visit the official website of the State Agency for Development of Handloom Clusters (SADHAC), Bhubaneswar-**www.sadhacodisha.org** or official website of Odisha State Handloom Weavers Co-operative Societies Ltd., Bhubaneswar (Boyanika) **www.boyanika.com** and may contact the Asst. Director of Textiles, Khordha in the above listed address, email & Mobile Number- 9438157755.

**Sd./-P .K.Tosh**
**Asst. Director of Textiles, Khordha**
**OIPR-31009/11/0001/2122**


DSPL-148

## ODISHA STATE HOUSING BOARD

A Govt. of Odisha undertaking

**Multi Storied Residential Apartment Complex at ANGUL**
**At a Prime Locality in Angul Town**
**Construction Work Under Progress**
**ORERA Registered Project at Affordable Price**

Presents **Anugul Enclave**



Odisha State Housing Board invites applications from intending buyers to sell **215** number of **EWS** (One Room - 14 nos), **LIG** (1 BHK - 48 nos), **MIG** (2 BHK - 123 nos), **HIG** (3 BHK - 30 nos) flats in its prestigious **"Anugul Enclave"**, multistoried residential apartment complex over the Govt. Land at a Prime Locality close to District Hospital, New Bus Stand, Daily Market & Collectorate.

The brochure containing details terms and conditions & the application form are available in OSHB website **https://oshb.org.** Intending applicants can download the same from the website and apply with required documents, processing fees along with EMD/Full Cost, within the booking period.

**Booking Opens**
**From : 20.09.2021 to 30.11.2021**
**during working hours**

**Housing Commissioner-cum-Secretary**
**ODISHA STATE HOUSING BOARD**
Sachivalaya Marg, Bhubaneswar-751001
Phone No-(0674)-2393524/2392587/2393277
**Website : https://oshb.org**

OIPR-13030/11/0122/2122

*Building Houses - Building Odisha*

## idco | ODISHA OFFICE OF THE DIVISIONAL HEAD (ELECTRICAL)

NEW OPPORTUNITIES
**IDCO, IDCO TOWER, BHUBANESWAR**

**Tender Call Notice No. BBSR/ELECT/E-4182/20-21/2172** **Dated: 15.09.2021**

No. CAD-1226 **NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply and installation of 20.0 mtr. high mast with 200w LED flood light damage by cyclone "FANI" at State Bank Chhak, I.E. Mancheswar, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-09/21-22 | 23.09.2021 at 12.00 hrs. | 01.10.2021 at 17.00 hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

**OIPR-14003/11/0063/2122** **Sd./- Divisional Head (Elect), IDCO, Bhubaneswar**

## ସଂକ୍ଷେପରେ

### ଆୟକର ବିଭାଗ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର,୧୮।୯: ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆୟକର ବିଭାଗ ଦ୍ୱାରା ପାଳନ କରାଯାଉଥିବା ଆଜାଦୀ କା ଅମୃତ ମହୋତ୍ସବର ଏକ ଅଂଶ ସ୍ୱରୂପ ଶନିବାର ସ୍ଥାନୀୟ ତମାଣ୍ଡୋ ପଞ୍ଚାୟତର ନରଗୋଦାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଆୟକର ବିଭାଗର ଯୁଗ୍ମ ଆୟୁକ୍ତ ବିନୟଶୀଳ ଗୌତମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୫୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ତମାଣ୍ଡୋ ସରପଞ୍ଚ ଜଗମୋହନ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ବେହେରା, ଆୟକର ଉପ ଆୟୁକ୍ତ ଲକ୍ଷ୍ମୀନାରାୟଣ ଦାଶ, ଆୟକର ଅଧିକାରୀ ଲଳିତେନ୍ଦୁ ପାତ୍ର, ମନୋରଞ୍ଜନ ପଟ୍ଟନାୟକ, ଆନନ୍ଦ କୁମାର ବେହେରା, ସୁଦର୍ଶନ କୁମାର, ସଞ୍ଜୀବ କୁମାର, ତନ୍ମଶ୍ରୀ ରାୟ, ସହାୟକ ନିର୍ଦ୍ଦେଶକ ଆଶା ଘୋଷ, ବରିଷ୍ଠ ସଚିବ ଶର୍ମିଷ୍ଠା ରଥ, ଅମିତ କର, ସଞ୍ଜୟ ବେହେରା,ସତ୍ୟନାରାୟଣ ପାତ୍ର, କ୍ରିଷ୍ଣା ସାଇ,ସରୋଜ ସୁମନ,ରାହୁଲ କୁମାର,ଦୀପ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ବୃକ୍ଷ ମଣିଷ ଭାବେ ପରିଚିତ ବିଜୟ କୁମାର ଜେନା ଓ ସାମାଜିକ କର୍ମୀ ସିଦ୍ଧାର୍ଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ।

### ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ

**କଟକ ଅଫିସ, ୧୮।୯:** କଟକସ୍ଥିତ ରାମଲୀଳା ପ୍ରଚାର ସମିତି ସଭାଗୃହରେ ସମିତି ପକ୍ଷରୁ ସଂକ୍ରାନ୍ତି ଉତ୍ସବ ଶନିବାର ପାଳିତ ହୋଇଯାଇଛି। ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ ଅଧକ୍ଷତା କରିଥିଲେ। ଏଥିରେ କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ସଜ୍ଜନ ଶର୍ମା ଯୋଗଦେଇଥିଲେ। ସମିତିର ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ପ୍ରାରମ୍ଭିକ ସୂଚନା ଓ କୈଳାସ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଉପସଭାପତି ଅଶୋକ ଦାଶ, ମାଧବ ମିଶ୍ର, ପୁଟୁ ଯାଦବ, ଲକ୍ଷ୍ମୀନାରାୟଣ ମଲ୍ଲିକ, ବିଜୟ କୁମାର ସାହୁ, କେଶବ ଜେନା, ଦେବୀପ୍ରସନ୍ନ ମହାପାତ୍ର, ସୁକାନ୍ତ ବିଶୋଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଯତୀନ୍ଦ୍ର କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

**ତିଗିରିଆ,୧୮।୯ ( ଡି. ଏନ. ଏ. ):** ଲଘୁଚାପଜନିତ ବର୍ଷା ଯୋଗୁ ମହାନଦୀରେ ବନ୍ୟା ଜଳ ଆସି ତିଗିରିଆ ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷ ଜମି ବୁଡ଼ିଯାଇଛି। ଏନେଇ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ତିଗିରିଆ ଗସ୍ତରେ ଆସି ଲୋକଙ୍କ ସମସ୍ୟା ବୁଝିଛନ୍ତି। ସେ ଜଳବନ୍ଦୀ ଗ୍ରାମ ଚଷାଆଁରା, ବଡ଼ନାଉପୁଟ, ହାଟମାଳ, ଶୁଣ୍ଡିପାଳ, ଗଦାଧରପୁର ଗ୍ରାମ ପରିଦର୍ଶନ କରିଛନ୍ତି। ଏଥିସହଚଷାଆଁରା ଗ୍ରାମରେ ୨ ଦିନ ପାଇଁ ଖାଦ୍ୟଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିପ୍ସା ସାହୁ, ତିଗିରିଆ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ବିଶ୍ୱବିକାଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁରେ ବନ୍ୟାଜଳ, ଦୁର୍ଦ୍ଦଶାରେ ଲୋକେ

**ଖୋର୍ଦ୍ଧା ଅଫିସ,୧୮।୯**

ହୀରାକୁଦ ଗେଟ୍ ଖୋଲିବା ପରେ ରାଜୁଆ, ମଲାଗୁଣୀ ଓ ଦୟା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଖୋର୍ଦ୍ଧ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଓରବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତର ୧୫ ଗ୍ରାମବାସୀ ୫ଦିନ ହେବ ଜଳବନ୍ଦୀରେ ରହିଛନ୍ତି। ପ୍ରାୟ ୭ହଜାର ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଜଳସ୍ତର ବଢ଼ିବା ସହିତ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ମଧ୍ୟ ବଢ଼ୁଛି। ଗ୍ରାମରେ ଆଣ୍ଠୁଏ ଆଣ୍ଠୁଏ ଉଚ୍ଚର ବନ୍ୟା ଜଳ ଜମି ରହିଛି। ଶନିବାର ରାତି ସୁଦ୍ଧା ଜଳସ୍ତର ଆହୁରି ବଢିବା ଆଶଙ୍କା ରହିଛି। ଗାଁ ରାସ୍ତାରେ ୫ରୁ ୬ଫୁଟ ପାଣି ପ୍ରବାହିତ ହେଉଛି। ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି।

ମିଳିଥିବା ସୂଚନା ମୁତାବକ, ବନ୍ୟାଜଳ ପ୍ରଭାବରେ ଓରବରସିଂ ପଞ୍ଚାୟତର ୯ଗାଁ, ନରଣଗଡ଼ର ୪ଗାଁ ଓ ବ୍ରଜମୋହନପୁରର ୨ଗାଁ ଜଳବନ୍ଦୀରେ ରହିଛି। ଯାତାୟାତ ପାଇଁ କୌଣସି ବ୍ୟବସ୍ଥା ନ ଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଅନ୍ୟପଟେ ସାପ ଭୟରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ରିଲିଫ ବ୍ୟବସ୍ଥା କରାଯାଇନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଉପାସରେ ରହିଥିବା ବେଳେ ଗୋରୁଗାଈଙ୍କ ଅବସ୍ଥା ବିଗିଡ଼ଲାଣି। ତୁରନ୍ତ ଗୋଖାଦ୍ୟ ନ ପହଞ୍ଚିଲେ, ସେମାନଙ୍କ



ଗାଁରେ ପଶିଥିବା ବନ୍ୟାଜଳ।

- ୧୫ ଗାଁ ରେ ଆଣ୍ଠୁଏ ଉଚ୍ଚର ପାଣି
- ୭ ହଜାର ଲୋକ ପ୍ରଭାବିତ

ମୃତ୍ୟୁ ହେବ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବନ୍ୟାଜଳରେ ଚାଲିବାରୁ ଦେହ କୁଣ୍ଡେଇ ହେବା ସହ ଅନେକଙ୍କ ପାଦ ଖାଇଲାଣି। ବ୍ଲିଚିଂ ପାଉଡର ମଧ ଯୋଗାଇ ଦିଆଯାଉନାହିଁ। ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ବନ୍ୟାଜଳରେ ଏକର ଏକର ଚାଷଜମି ବୁଡ଼ି ରହିଛି। ଗତବର୍ଷ ଫସଲ କ୍ଷତି ହୋଇଥିଲା, ଏଯାଏ କୌଣସି କ୍ଷତିପୂରଣ ମିଳିନାହିଁ ବୋଲି କେତେଜଣ ଚାଷୀ କହିଛନ୍ତି। ହିରିମୂଳ, ଓରମି ଏବଂ ମାନପୁର ଗ୍ରାମର କେତେଜଣ ବାତ୍ୟାଶ୍ରୟସ୍ଥଳୀରେ ରହିଛନ୍ତି। ହିରିମୂଳ ଗ୍ରାମବାସୀଙ୍କ କହିବାନୁଯାୟୀ, ହିରିମୂଳରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଦେଢ଼ କିମି ରାସ୍ତା ନିର୍ମାଣ ହେଲେ, ବନ୍ୟା ସ୍ଥିତି ଉପୁଜିବ ନାହିଁ। ଏନେଇ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳିଛି, କାର୍ଯ୍ୟ ହୋଇନାହିଁ। ୨୨ବର୍ଷ ପୂର୍ବେ କେତେଜଣ ଲୋକଙ୍କୁ ଇନ୍ଦିରାବାସ ମିଳିଥିଲା। ଏହା ପରଠାରୁ ଆଉ ଆବାସ ଯୋଜନାରେ କାହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେହିପରି ଓରମି, ମାନପୁର, ଧବଳପୁର, ରାୟପୁରର କେତେଜଣ ଗ୍ରାମବାସୀ କହିଛନ୍ତି, ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ୩ ପଞ୍ଚାୟତର ୧୫ଗାଁ ଏଭଳି ସ୍ଥିତି ଦେଇ ଗତି କରୁଛନ୍ତି। ନିର୍ବାଚନ ଆସିଲେ ସମସ୍ତ ଦଳ ପକ୍ଷରୁ ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ମିଳୁଛି। ମାତ୍ର ନିର୍ବାଚନ ପରେ ପଦକ୍ଷେପ ନିଆଯାଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି, ହିରିମୂଳ ଗ୍ରାମରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ସବୁଠି ରନ୍ଧ୍ୟା ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯିବ। ବନ୍ୟାଘେରରେ ରହିଥିବା ଅଞ୍ଚଳରେ ସ୍ୱାସ୍ଥ୍ୟ ଟିମ୍ ବୁଲି ଔଷଧ ଦେବା ଆରମ୍ଭ କରିଛନ୍ତି।

# ସ୍କୁଲରେ ବକେୟା ପୈଠ ପାଇଁ ସହଯୋଗ କଲେ ବିଧାୟକ

**ଭୁବନେଶ୍ୱର,୧୮।୯ (ବ୍ୟୁରୋ)**

ଭୁବନେଶ୍ୱର ନୟାପଲ୍ଲୀ ବେହେରା ସାହି ଏକାମ୍ର ଭିଲ୍ଲା ନିକଟରେ ରହୁଥିବା ଜଣେ ମେଧାବୀ ଭିନ୍ନକ୍ଷମ ଛାତ୍ର ଆଶୀର୍ବାଦ ବସ୍ତିଆଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଏବଂ ଓଡ଼ିଶା–ମୋ ପରିବାର ଯୁଗ୍ମ ସମ୍ପାଦକ ସମୀର ପ୍ରଧାନ। ପୈତୃକ ସମ୍ପତ୍ତି ବନ୍ଧକ ସତ୍ତ୍ୱେ ବିଦ୍ୟାଳୟର ବକେୟା ଦେୟ ପଇଠ ଯଥେଷ୍ଟ ନ ହେବାରୁ ବିଧାୟକ ରାଉତ ୧୦ହଜାର ଏବଂ ଓଡ଼ିଶା ମୋ ପରିବାର ଯୁଗ୍ମ ସମ୍ପାଦକ ୫ ହଜାର ଟଙ୍କା ସହଯୋଗ କରିବା ପରେ ଆଶୀର୍ବାଦ ବିଦ୍ୟାଳୟରୁ ନିଜର ସାର୍ଟିଫିକେଟ ଆଣିପାରିଛନ୍ତି।

ଆଶୀର୍ବାଦ ଦଶମ ଶ୍ରେଣୀ ପରୀକ୍ଷାରେ ୮୫ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ୨ରେ ନାମଲେଖାଇବା ପାଇଁ ବିଜେବି ମହାବିଦ୍ୟାଳୟରେ ଫର୍ମ ପକାଇଥିଲେ। ତାଙ୍କ ନାମ ମଧ୍ୟ ସିଲେକ୍ସନ ହୋଇଛି। ହେଲେ ଅଭାବ ଯୋଗୁ ଘରୋଇ

#### ଭିନ୍ନକ୍ଷମ ଛାତ୍ରଙ୍କୁ ସହାୟତା

ସ୍କୁଲରେ ଦଶମ ପଢ଼ୁଥିବା ସ୍କୁଲ୍ ଦେୟ ବାବଦକୁ ୪୦ହଜାର ଟଙ୍କା ବକେୟା ପଇଠ କରି ପାରି ନ ଥିଲେ। ତେଣୁ ତାଙ୍କ ବୋର୍ଡ଼ ସାର୍ଟିଫିକେଟ୍, ମାର୍କଶିଟ୍ ଏବଂ ଏସ୍ଏଲ୍ସି ଇତ୍ୟାଦି ଦେବାପାଇଁ ସ୍କୁଲ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଆଶୀର୍ବାଦଙ୍କ ବାପା ରମେଶ ଚନ୍ଦ୍ର ବସ୍ତିଆ ଏକ ଗ୍ୟାରେଜରେ କାମ କରନ୍ତି। ପୁଅର ସାର୍ଟିଫିକେଟ ପାଇଁ ରମେଶ ଜଗତ୍‌ସିଂହପୁରର ଏରାଡ଼ ଗ୍ରାମରେ ଥିବା ତାଙ୍କର ଏକ ଛୋଟ ପୈତୃକ ଜାଗାକୁ ବନ୍ଧକ ରଖି କୌଣସି ମତେ ୨୫ ହଜାର ଟଙ୍କା ଯୋଗାଡ଼ କରିଥିଲେ। କିନ୍ତୁ ଆଉ ୧୫ ହଜାର ଟଙ୍କା ଯୋଗାଡ଼ କରିପାରୁ ନ ଥିଲେ। ଏହି ଖବର ଶୁଣିବା ପରେ ବିଧାୟକ ରାଉତ ଏବଂ ଓଡ଼ିଶା–ମୋ ପରିବାର ଯୁଗ୍ମ ସମ୍ପାଦକ ପ୍ରଧାନ ଆଶୀର୍ବାଦକୁ ଆର୍ଥିକ ସହାୟତା କରିଥିଲେ। ଫଳରେ ଆଶୀର୍ବାଦ ସ୍କୁଲ ବକେୟା ଦେୟ ପୈଠ କରି ସାର୍ଟିଫିକେଟ୍ ସବୁ ଆଣିଛନ୍ତି।

## ବନ୍ୟାଜଳରେ ଟାଳ ଛପରଘର ଭୁଶୁଡୁଛି

**ମାହାଙ୍ଗା,୧୮।୯(ସ୍ୱ.ପ୍ର.)**

ଲଗାଣ ବର୍ଷା ଯୋଗୁ ଗୋବରୀ ନଦୀରେ ବନ୍ୟା ଆସିବା ଫଳରେ ଜଳେଶ୍ୱରପୁର ପଞ୍ଚାୟତର ଗଙ୍ଗପୁରାରେ ବନ୍ୟା ପରିସ୍ଥିତି ଜଟିଳ ହୋଇଛି। ଏଥିଯୋଗୁ ଅଞ୍ଚଳରେ ବହୁ ଟାଳ ଛପର ଘର କାନ୍ଥ ଭାଙ୍ଗି ଘର ଭୁଶୁଡିଯାଇଛି । ଏପରିକି କୋଠାଘରଗୁଡ଼ିକରେ ମଧ୍ୟ ୫ ଦିନ ହେବ ଆଣ୍ଠୁଏଁ ଲେଖାଏ ପାଣି ଜମି ରହିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ୟାଜଳ ପ୍ରବେଶ ଫଳରେ ଗଙ୍ଗପୁରା ଗ୍ରାମର ଅଜୟ ଦାସ, ଅଭିମନ୍ୟୁ ଦାସ, ଲଳିତ ଦାସ, ରମେଶ ଦାସ, ସୁଶାନ୍ତ ଦାସ, ରମୁ ଜେନା, ସଞ୍ଜୟ ଦାସଙ୍କ ସମେତ ବହୁ ଲୋକଙ୍କ ଘର ଏବଂ ଗୁହାଳ



ଆଦି ଭାଙ୍ଗିଯାଇଛି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଇ ବନ୍ୟାବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଏକାଠି ହୋଇ ପାଇକଙ୍କ ବୀରତ୍ୱକୁ ମନେ ପକାଇଲେ



ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା।

**ଖୋର୍ଦ୍ଧା ଅଫିସ,୧୭।୯**

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ପ୍ରତିବନ୍ଧକ ସାଜିଥିବା ଜମି ବିବାଦ ତୁଟିବା ପରେ ଖୋର୍ଦ୍ଧାର ବିଭିନ୍ନ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ଶନିବାର କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଗଡ଼ଖୋର୍ଦ୍ଧା ଛକ ସ୍ଥିତ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାଟିର ସୁରକ୍ଷା ପାଇଁ ପାଇକ ବୀରଙ୍କ ବଳିଦାନ, ତ୍ୟାଗ ଅତୁଳନୀୟ। ପାଇକ ସ୍ମାରକୀ ନିର୍ମାଣ ହେଲେ ବିଶ୍ୱ ଦରବାରରେ ପାଇକଙ୍କ ବୀରତ୍ୱର ଗାଥା ପହଞ୍ଚିପାରିବ। ପାଇକ ସ୍ମାରକୀ ଓଡ଼ିଆଙ୍କ ଗୌରବ ବୃଦ୍ଧି ସହ ଇତିହାସରେ ଏହାର ଗୌରବର ଗାଥା ସ୍ମରଣୀୟ ହୋଇରହିବ। ଆଗାମୀ ଯୁବପିଢ଼ିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ପାଲଟିବ। ପାଇକ ବିଦ୍ରୋହ ସମ୍ପର୍କରେ ଅଧିକ ଗବେଷଣା ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ସଙ୍ଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିୟାରସିଂ, ଅବନୀ ଜେନା, ବାଇଧର ମିଶ୍ର, ମୃତ୍ୟୁଞ୍ଜୟ ଛୋଟରାୟ, ଅଜିତ ପଟ୍ଟନାୟକ, ଶିଶିର ପରିଡ଼ା, ବସନ୍ତ ଦାସ, ଜ୍ଞାନରଞ୍ଜନ ଦାଶ, ରାମଶଙ୍କର, ପ୍ରାଣକୃଷ୍ଣ ଦଳବେହେରା, ପ୍ରଫୁଲ୍ଲ ସାମନ୍ତରାୟ, ବଦ୍ରିନାଥ ବରାଳ, ଚୈତନ୍ୟ ପ୍ରସାଦ ପ୍ରମୁଖଉପସ୍ଥିତ ଥିଲେ।

## କୁଆଖାଇରୁ ମାଟି ଅନୁକୂଳ

**ବାଲିଅନ୍ତା,୧୮।୯(ଡି.ଏନ.ଏ)**

ରାଜଧାନୀ ଉପକଣ୍ଠ କୁଆଖାଇ ନଦୀରୁ ଶନିବାର ସୁନିଆ ଅବସରରେ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ମୃଣ୍ମୟୀ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୮ନଂ. ୱାର୍ଡ ଅଧୀନ ପାଣ୍ଡରା ଦୁର୍ଗାପୂଜା ସମିତି ପକ୍ଷରୁ ୧୨ତମ ବାର୍ଷିକ ପୂଜା ପାଇଁ ହାଇଟେକ ହସ୍ପିଟାଲ ନିକଟ କୁଆଖାଇରୁ ମାଟି ଅନୁକୂଳ କରାଯାଇଥିଲା। ପାରମ୍ପରିକ ରୀତିରେ ନଦୀକୂଳରେ ହୋମ ଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା। ନଦୀକୂଳରୁ ମାଟିପାତ୍ରରେ ସଂଗୃହୀତ ମାଟିକୁ ବିଧି ମୁତାବକ ପୂଜାର୍ଚ୍ଚନା ପରେ ସଂକୀର୍ତ୍ତନ କରାଯାଇ ପୂଜା ମଣ୍ଡପକୁ ନିଆଯାଇଥିଲା। ଏଥିରେ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ପଳାଶୁଣୀ ଦୁର୍ଗପୂଜା ସମିତିର ୩୮ତମ ଦୁର୍ଗାପୂଜା ପାଇଁ ପାରମ୍ପରିକ ନୀତି ଅନୁଯାୟୀ କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଥିଲା।

## ଯୁବକଙ୍କ ମୃତଦେହ ଜବତ

**ଜଟଣୀ,୧୮।୯(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ଶନିବାର ମା'ଖଣ୍ଡୁଆଳ ମନ୍ଦିରସ୍ଥିତ ଏକ ପଥରଖଣିରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଜଟଣୀ ପୌରାଞ୍ଚଳ ଲୋକୋକଲୋନୀ ଅଞ୍ଚଳର ଶ୍ରୀତମ ନାୟକ(୨୪)। ଶ୍ରୀତମ ସ୍ଥାନୀୟ ପଥର ଖଣିକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ତାଙ୍କ ମୃତଦେହ ପଥର ଖଣିରୁ ମିଳିଥିଲା।

## ଗାଡ଼ି ଧକ୍କାରେ ଭାଙ୍ଗିଲା ଲେଭଲ କ୍ରସିଂ ଫାଟକ



ଲେଭ୍‌ଲ କ୍ରସିଂ ଫାଟକ ଭାଙ୍ଗିଯିବା ପରେ ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହାନ।

**ନିରାକାରପୁର,୧୮।୯(ଡି.ଏନ୍.ଏ.)**

ନିରାକାରପୁର ଗେଟ୍ ବଜାରସ୍ଥିତ ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ରେଲୱେ ଲେଭଲ କ୍ରସିଂ ଗେଟ୍ ଶନିବାର ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଛି। ଫଳରେ ଗେଟର ଉଭୟ ପାର୍ଶ୍ୱର ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ସୂଚନା ମୁତାବକ, ଉକ୍ତ ଲେଭଲ କ୍ରସିଂ ଗେଟ ସକାଳ ୯ଟା ୩୦ରେ ପଡ଼ିଥିବା ବେଳେ ରାମେଶ୍ୱର ପଟୁ ଆସୁଥିବା ଏକ ଟିପ୍ପର ବୋଝେଇ ଟ୍ରକ୍ ଆସି ଧକ୍କା ଦେଇଥିଲା। ଫଳରେ ଗେଟ୍‌ଟି ଭାଙ୍ଗିଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ି ୨ଘଣ୍ଟା ଅଟିକ ରହିଥିଲା। ଖବରପାଇ ବିଭାଗୀୟ ଇଞ୍ଜିନିୟରମାନେ ଘଟଣାସ୍ଥଳରେ ପହଞ୍ଚି ଏହି ଗେଟ୍ ମରାମତି କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ରେଳ ସୁରକ୍ଷା ବଳ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ପ୍ରାୟ ଏକ ମାସ ମଧ୍ୟରେ ଗାଡ଼ି ଧକ୍କାରେ ଏହି ଗେଟ ୩ଥର ଭାଙ୍ଗିଥିବା ଜଣାପଡ଼ିଛି।

# ବନ୍ଦ ପାଳନ ପାଇଁ ଶ୍ରମିକ ସଙ୍ଗଠନ ବୈଠକ

**ଖୋର୍ଦ୍ଧା ଅଫିସ,୧୮।୯**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ନବୀନାବାଗସ୍ଥିତ ପ୍ରାଣନାଥ ଭବନଠାରେ ଏକ ବୈଠକ ଅଶୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା କୃଷକ ସଭା, ସିଆଇଟିୟୁ, ଏଆଇୟୁଟିୟୁସି, ଘରୋଇ ଶ୍ରମିକ ସଙ୍ଗଠନ, ଡିଏସ୍ଓ ଛାତ୍ର ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ, ଶ୍ରମ, ବିଦ୍ୟୁତ୍, ଜାତୀୟ ଶିକ୍ଷାନୀତି ଆଇନ, ଘରୋଇକରଣ, ଦରଦାମ ବୃଦ୍ଧି ପ୍ରତ୍ୟାହାର ଦାବିରେ ଚଳିତ ମାସ ୨୭ରେ ସର୍ବଭାରତୀୟ ସ୍ତରରେ ବନ୍ଦ ଡାକରା ଦିଆଯାଇଛି। ଭାରତ ବନ୍ଦକୁ ସଫଳ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ସିପିଆଇ(ଏମ୍ ) ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଶିକ୍ଷକ ନେତା କିଶୋର ପରମଗୁରୁ, ଗିରୀଶ ଚନ୍ଦ୍ର ମହାରଣା, ଜୟନ୍ତ ମହାନ୍ତି, ଯୋଗେନ୍ଦ୍ର ଦାସ, ସାରଙ୍ଗଧର ବେହେରା, ସୈଳେଶ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ମାଡ଼: ନ୍ୟାୟ ଦାବିରେ ଥାନା ଘେରାଉ

**ନିରାକାରପୁର,୧୮।୯(ଡି.ଏନ୍.ଏ.)**

ନିରାକାରପୁର ଥାନା ଅନ୍ତର୍ଗତ ଷଠିପଦର (ରେଙ୍ଗଟା) ଗ୍ରାମରେ ଶନିବାର ଜଣେ ଯୁବକଙ୍କୁ ଗ୍ରାମର ସମସ୍ୟାକୁ ନେଇ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ମାଡ଼ ମାରିଥିଲେ। ଅଭିଯୋଗ ପରେ ଯୁବକଙ୍କୁ ନ୍ୟାୟ ନ ମିଳିବାରୁ ଗ୍ରାମର କେତେଜଣ ମହିଳା ଥାନା ଘେରାଉ କରିବା ସହ ଫାଟକ ଆଗରେ ଧାରଣା ଦେଇଥିଲେ। ଅଭିଯୋଗ ମୁତାବକ, ଉକ୍ତ ଗ୍ରାମରେ ହୋଇଥିବା କୋଠ ଓ ଭାଗବତ ଘରକୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୧୦ରେ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଥିଲା। ଗ୍ରାମର ବାଲେଇ ପରିଡ଼ା ଶନିବାର ଭଙ୍ଗାଯାଇଥିବା ଘରର ସଫାସୁତରା କରୁଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ବାଲେଇ ଗୁରୁତର ଆହତ ହୋଇଥିଲେ। ଏନେଇ ବାଲେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲା। ପରେ ବାଲେଇଙ୍କୁ ନ୍ୟାୟ ଦାବିରେ ଗ୍ରାମର କେତେଜଣ ମହିଳା ଥାନା ଘେରାଉ କରିବା ସହ ଫାଟକ ଆଗରେ ଧାରଣା ଦେଇଥିଲେ। ଏସ୍ଆଇ ବିଚିତ୍ରାନନ୍ଦ ପରିଡ଼ା ଧାରଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିଥିଲେ। ଖୁବଶୀଘ୍ର ମାଡ଼ ମାରିଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୪୫/୨୧) ରୁଜୁ କରି ତଦନ୍ତ ଚଳାଇଛି।



ଯୁବକଙ୍କୁ ନ୍ୟାୟ ଦାବିରେ ମହିଳାମାନେ ନିରାକାରପୁର ଥାନା ଘେରାଉ କରିଛନ୍ତି।

# ୧୫୧ ପ୍ରକଳ୍ପରୁ ୧୧୫ କାମ ସରିଛି

#### ସାଂସଦ ଆଦର୍ଶ ଗ୍ରାମ ଯୋଜନା ସମୀକ୍ଷା ଓ କର୍ମଶାଳା

**ଖୋର୍ଦ୍ଧା ଅଫିସ,୧୮।୯**

ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଦର୍ଶ ଗ୍ରାମ୍ୟ ଯୋଜନା (ସାଗୀ)ର ସମୀକ୍ଷା ଓ କର୍ମଶାଳା ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସନତ୍ ମହାନ୍ତି ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ସାଂସଦ ଆଦର୍ଶ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ସାଂସଦମାନେ ଗ୍ରହଣ କରିଥିବା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଏହି ପ୍ରକଳ୍ପ ତ୍ୱରାନ୍ୱିତ ନେଇ ସମୀକ୍ଷା କରାଯାଇଥିଲ। କମିଟି ଦ୍ୱାରା ପ୍ରକଳ୍ପ ଅନୁମୋଦନ ଲାଭ କରିବା ପରେ ଏହାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କୁହାଯାଇଛି। ସାଗୀର ୫ମ ପର୍ଯ୍ୟାୟରେ



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଟାଙ୍ଗୀ ବ୍ଲକ ବଡପାରୀ ଏବଂ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଭୁବନେଶ୍ୱର ବ୍ଲକ ଅନ୍ଧାରୁଆ ପଞ୍ଚାୟତକୁ ଆଦର୍ଶ ଗ୍ରାମ୍ୟ ଯୋଜନାରେ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ପାତ୍ର ନିଜସ୍ୱ ପାଣ୍ଠିରୁ ଉକ୍ତ ପଞ୍ଚାୟତର ସାମାଜିକ, ଅର୍ଥନୈତିକ, ମାନବ ସମ୍ବଳ, ବିଶୁଦ୍ଧ ପାନୀୟଜଳ, ଗ୍ରାମ୍ୟ ସଡକ ସଂଯୋଗ, ନୂତନ ଅଙ୍ଗନୱାଡ଼ି, ଶୌଚାଳୟ, କଲ୍ୟାଣ ମଣ୍ଡପ, ପକ୍କାଘର, ଡ୍ରେନେଜ ବ୍ୟବସ୍ଥା ଆଦି କରାଯିବ। ସେହିପରି ଏମ୍‌ପି ଷଡ଼ଙ୍ଗୀ ବରପାରୀ ପଞ୍ଚାୟତର ବିକାଶ ପାଇଁ ୧୬ଟି ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ସେଥିରୁ ଜୀବନ ଜୀବିକାରେ ମାଛଚାଷ, ଏସଏସଜି ଗ୍ରୁପଙ୍କ ଦକ୍ଷତା, ସ୍ୱାବଲମ୍ବୀ ପ୍ରକଳ୍ପ, ପାନୀୟଜଳ, ଆଭ୍ୟନ୍ତରୀଣ ରାସ୍ତା, ପକ୍କାଘର ନିର୍ମାଣ, ସାମାଜିକ ଭିତ୍ତିଭୂମି, ଜୀବିକା ନିର୍ବାହ, ଜଳବାୟୁ ପରିବର୍ତ୍ତନ ପରିଚାଳନା ସମେତ ବିଭିନ୍ନ ସଚେତନାମୂଳକ କାର୍ଯ୍ୟକ୍ରମ ରହିଛି। ଏହି ଯୋଜନାରେ ପଞ୍ଚାୟତର ବିକାଶ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ। ଅନ୍ୟପକ୍ଷେ ଧଉଳି ପଞ୍ଚାୟତର ୧୬, ପାରିଓରଡ ୫, ପାଟପୁରଶାସନର ୪, କାନପୁରର ୧ ପ୍ରକଳ୍ପ ଆରମ୍ଭ ହୋଇନି। ସାଂସଦ ଆଦର୍ଶ ଗ୍ରାମ୍ୟ ଯୋଜନାରେ ୪ର୍ଥ ପର୍ଯ୍ୟାୟ ସୁଦ୍ଧା ଏମପିଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ନିଆଯାଇଥିବା ୧୫୧ଟି ପ୍ରକଳ୍ପ ମଧ୍ୟରୁ ୧୧୫ଟି ପ୍ରକଳ୍ପ ସମାପ୍ତ ହୋଇଛି। ୨୬ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ୧୦ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ଡିଆରଡିଏ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ପ୍ରଧାନମନ୍ତ୍ରୀ........ ସହରରେ ରାଜା ମହେନ୍ଦ୍ର ପ୍ରତାପ ସିଂ ୟୁନିଭର୍ସିଟି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ?
୨– ଚଳିତବର୍ଷ ହିନ୍ଦୀ ଦିବସରେ............. ଅନୁଷ୍ଠାନ ପକ୍ଷରୁ 'ପ୍ରୋଜେକ୍ଟ ଉଡାନ୍' ଆରମ୍ଭ କରାଯାଇଛି ?
୩– ପଞ୍ଜାବର ନୂତନ ରାଜ୍ୟପାଳ ........... ?
୪– ହିମାଳୟାନ୍ ଦିବସ ................... ତାରିଖରେ ପାଳନ କରାଯାଏ ?
୫– ............... ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ ୨୦୨୧ ଆରମ୍ଭ କରାଯାଇଛି ?

## ଗତ ଥରର ଉତ୍ତର

୧ ଛତିଶଗଡ଼
୨ ଜାପାନ
୩ ଓଡ଼ିଶା
୪ ଡ. ରାମାଚାର୍ଯ୍ୟୁଲୁ
୫ ଅଗଷ୍ଟ ୩୦

## ଉତ୍ତରଦାତା


ପ୍ରସନ୍ନ କୁମାର ପାଣି
ଢେଙ୍କାନାଳ


ରବୀନ୍ଦ୍ର କୁମାର ସ୍ୱାଇଁ
ଜଗତ୍‌ସିଂହପୁର


ସ୍ୱର୍ଣ୍ଣଲତା ପଟ୍ଟନାୟକ
ରସୁଲଗଡ଼, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କମ୍ପାନୀ

InData Labs

୧.......... ଇନ୍‌ଡାଟା ଲ୍ୟାବ୍ସ
୨.......... ଥାର୍ଡଆଇ ଡାଟା
୩.......... ଡାଟା ରୁଟ୍ ଲାବ୍ସ
୪.......... ଡାଟା ରୋବୋଟ୍
୫.......... ମାଷ୍ଟର ଅଫ୍ କୋଡ୍ ଗ୍ଲୋବାଲ୍
୬.......... ଏଚ୍‌ଟୁଓ
୭.......... ଆଇବିଏମ୍
୮.......... ହ୍ୟାର୍‌ଓ୍ୱାର୍କ୍ସ ଟେକ୍ନୋଲୋଜିଜ୍
୯.......... କ୍ଲାଉଡ୍ ମାଇଣ୍ଡ୍ସ
୧୦.......... ଫାଇରିକ୍ସ

# ଅଜବ ଜଙ୍ଗଲ

**ଜଙ୍ଗଲ ନାଁ ଶୁଣିବାମାତ୍ରେ ବିଭିନ୍ନ ପ୍ରକାରର ଗଛ ଏବଂ ପଶୁପକ୍ଷୀରେ ପରିପୂର୍ଣ୍ଣ ଏକ ଘଞ୍ଚ ପରିବେଶର ଛବି ମନକୁ ଆସେ। ହେଲେ ପୃଥିବୀରେ ଏମିତି ବି କେତେକ ଜଙ୍ଗଲ ରହିଛି, ଯାହାର ଦୃଶ୍ୟ ଆପଣଙ୍କ ପୂର୍ବ ଧାରଣାକୁ ସମ୍ପୂର୍ଣ୍ଣ ବଦଳାଇ ଦେବ। ଆସନ୍ତୁ ଜାଣିବା ଏଭଳି କିଛି ଅଜବ ଜଙ୍ଗଲ ସମ୍ପର୍କରେ...**

**ନିଉ କାଲେଡୋନିଆ ଫରେଷ୍ଟ:** ଅଷ୍ଟ୍ରେଲିଆର ଉତ୍ତର ଭାଗରେ ଥିବା ନିଉ କାଲେଡୋନିଆ ଦେଶରେ ରହିଛି ଏହି ଜଙ୍ଗଲ। ଏହା ମୋଟ ଅଞ୍ଚଳର ୨% ବା ୭୫୦ ମାଇଲ୍ ପର୍ଯ୍ୟନ୍ତ ବିସ୍ତୃତ। ଏଠାରେ ଦେଖାଯାଇଥାଏ ଏକ ଅଦ୍ଭୁତ ପ୍ରଜାତିର ପାଇନ୍ ଗଛ, ଯାହାର ମୂଳ ବକ୍ର ଆକୃତିର। ତେବେ ପ୍ରତିଟି ଗଛର ମୂଳ ବକ୍ର ଆକୃତିର ହୋଇଥିବାରୁ ଏହି କାଠରେ ଡଙ୍ଗା, ବିଭିନ୍ନ ଆସବାବପତ୍ର



ଏଠାରେ କେବଳ ୯ଟି ସ୍ତନ୍ୟପାୟୀ ବାସ କରନ୍ତି। ସେମାନେ ସମସ୍ତେ ବାଦୁଡ଼ି ପ୍ରଜାତିର। ଏଠାରେ ବାସ କରୁଥିବା 'କାଗୁ' (ନିଉ କାଲେଡୋନିଆର ଜାତୀୟ ପକ୍ଷୀ) ନାମକ ଏକ ବାଦୁଡ଼ି ପ୍ରଜାତିର ପକ୍ଷୀଠାରେ ଉଭୟ ସ୍ତନ୍ୟପାୟୀ ପଶୁ ଏବଂ ପକ୍ଷୀର ଗୁଣ ରହିଛି। ହେଲେ ବର୍ତ୍ତମାନ ବାସସ୍ଥାନର ଅଭାବ ଓ ହିଂସ୍ର ଜୀବଜନ୍ତୁଙ୍କ ଆକ୍ରମଣ ଯୋଗୁ କାଗୁମାନଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି।

**କ୍ରୁକଡ୍ ଫରେଷ୍ଟ, ପୋଲାଣ୍ଡ:** ପୋଲାଣ୍ଡର ପଶ୍ଚିମ ପୋମେରାନିଆରେ ରହିଛି କ୍ରୁକଡ୍ ଫରେଷ୍ଟ ନାମକ ଏକ ଅଜବ ଜଙ୍ଗଲ। ଏହି ଜଙ୍ଗଲର ବିଶେଷତ୍ୱ ହେଉଛି



ପ୍ରସ୍ତୁତ କରାଯାଇଥାଏ। ଏହି ଜଙ୍ଗଲ ଦକ୍ଷିଣ ଆମେରିକାର ଆମାଜନ୍ ଜଙ୍ଗଲକୁ ଅଧିକାଂଶ ଆବୃତ କରିଥାଏ। ଏହା ପୃଥିବୀର ସବୁଠାରୁ ବଡ ରେନ୍ ଫରେଷ୍ଟ। ଏଠାରେ ୪୨୭ ସ୍ତନ୍ୟପ୍ରାୟୀ ପ୍ରାଣୀ, ୧୩୦୦ ପ୍ରଜାତିର ପକ୍ଷୀ, ୩୭୮ ସରୀସୃପ ଓ ୪୦୦ରୁ ଅଧିକ ଉଭୟଚର ଅଛନ୍ତି।

# ଜୁଏଲେରି କ୍ରେଜ୍

**ଆଉଟ୍‌ଫିଟ୍ ଯେମିତି ହୋଇଥାଉ ନା କାହିଁକି, ଏହା ସହ ଭଳିକି ଭଳି ଜୁଏଲେରିର କମ୍ବିନେଶନ୍ ବିନା ଫ୍ୟାଶନ ଅସମ୍ପୂର୍ଣ୍ଣ। ଆଉ ଏଥିପାଇଁ ଆଜିର ମଡର୍ନ ଯୁବପିଢ଼ିଙ୍କଠାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଜୁଏଲେରି କ୍ରେଜ୍...**





**ମେଟାଲିକ୍ ଜୁଏଲେରି:** ସୁନା, ରୁପା, ପ୍ଲାଟିନମ୍ ଭଳି ମୂଲ୍ୟବାନ୍ ମେଟାଲ ଜୁଏଲେରି ପ୍ରାୟ ସଭିଙ୍କୁ ପସନ୍ଦ। ତେବେ ପୂର୍ବରୁ ଏହାର ସାଧାରଣତଃ ଟ୍ରାଡିଶନାଲ୍ ଡିଜାଇନ୍ ହିଁ ମିଳୁଥିଲା। ହେଲେ ବର୍ତ୍ତମାନ ଅଧିକାଂଶଙ୍କର ଡିମାଣ୍ଡକୁ ଆଖିଆଗରେ ରଖି ଭଳିକିଭଳି ମଡର୍ନ ଡିଜାଇନ୍‌ର ଲାଇଟ୍‌ଓ୍ୱେଟ୍ ଜୁଏଲେରି ମାର୍କେଟ୍‌କୁ ଆସୁଛି। ବିଭିନ୍ନ ଲାଇଟ୍ ଓ୍ୱେଟ୍ ଆଟ୍ରାକ୍ଟିଭ୍ ଡିଜାଇନ୍‌ର ଇୟର ରିଂ, ବ୍ରେସ୍‌ଲେଟ୍, ରିଙ୍ଗ୍, ଚେନ୍, ନେକ୍‌ଲେସ୍, ଆଙ୍କ୍‌ଲେଟ୍, ନୋଜ୍‌ପିନ୍ ଆଦିକୁ ଯୁବତୀଯୁବକ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ଟ୍ରାଇବାଲ୍ ଜୁଏଲେରି:** ଆଦିବାସୀଙ୍କ ବିଭିନ୍ନ ଜୁଏଲେରି ବର୍ତ୍ତମାନ ଫ୍ୟାଶନ୍‌ର ରୂପ ନେଇଛି। କାରଣ ଏହା ପ୍ରାୟ ସବୁ ପ୍ରକାର ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଫ୍ୟାଶନେବଲ୍ ଲୁକ୍ ଦେଉଛି। ବିଶେଷକରି ଆଣ୍ଟିକ୍ ତଥା ଅକ୍ସିଡାଇଜ୍‌ଡ ଟ୍ରାଇବାଲ୍ ଜୁଏଲେରିକୁ ଅଧିକାଂଶ ପୋଷାକ ସହ ବ୍ୟବହାର କରିବା ଦ୍ୱାରା ଆକର୍ଷଣୀୟ ଲୁକ୍ ମିଳିପାରୁଛି।

**ଆର୍ଟିଫିସିଆଲ୍ ଜୁଏଲେରି:** କମ୍ ଖର୍ଚ୍ଚରେ ଅଧିକ ଭେରାଇଟିର ଜୁଏଲେରୀ କଲେକ୍ସନ୍ସ ରଖିବାକୁ ପସନ୍ଦ କରୁଥିବା ଯୁବପିଢ଼ିଙ୍କ ଲାଗି ବିଭିନ୍ନ ପ୍ରକାରର ଆର୍ଟିଫିସିଆଲ୍ ଜୁଏଲେରି ଏବେ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି। ବର୍ତ୍ତମାନ ମାର୍କେଟ୍‌ରେ ଫ୍ୟାଶନ୍‌ପ୍ରେମୀ ଯୁବପିଢ଼ିଙ୍କ ବଜେଟ୍‌କୁ ସୁହାଇଲା ଭଳି ଦାମ୍‌ରେ ଗୋଲ୍‌ଡେନ୍, ବ୍ଲାକ୍ ମେଟାଲ୍, ଅକ୍ସିଡାଇଜ୍‌ଡ ଆଦି ଜୁଏଲେରିର ଅନେକ ପ୍ରକାରର କଲେକ୍‌ଶନ୍ସ ଉପଲବ୍ଧ, ଯାହାର ସେମାନେ ଭରପୂର ଫାଇଦା ନେଉଛନ୍ତି।

**କ୍ଲଥ୍ ଜୁଏଲେରି:** ବର୍ତ୍ତମାନ ଫ୍ୟାଶନ୍ ଦୁନିଆରେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି କ୍ଲଥ୍ ଜୁଏଲେରି। ଏହା କଲରଫୁଲ୍ ହୋଇଥିବାରୁ ନା କେବଳ ସବୁ ପ୍ରକାରର ଆଉଟ୍‌ଫିଟ୍‌କୁ ମ୍ୟାଚ୍ କରୁଛି ବରଂ ଅପେକ୍ଷାକୃତ ଟ୍ରେଣ୍ଡି ଏବଂ ଫଙ୍କି ଲୁକ୍ ମଧ୍ୟ ଦେଉଛି। ତା'ଛଡ଼ା ଏହା ଲାଇଟ୍‌ଓ୍ୱେଟ୍, ଓ୍ୱାଶେବଲ୍ ହୋଇଥିବାରୁ ଅନେକେ ଏହାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ପ୍ଲାଷ୍ଟିକ୍ ଏବଂ ଗ୍ଲାସ୍ ଜୁଏଲେରି:** ଆଉଟ୍‌ଫିଟ୍ କଲରକୁ ମ୍ୟାଚ୍ କରି ଜୁଏଲେରି ପିନ୍ଧିବାକୁ ପସନ୍ଦ କରୁଥିବା ଯୁବପିଢ଼ିଙ୍କଠାରେ ଏବେ ପ୍ଲାଷ୍ଟିକ୍ ଏବଂ ଗ୍ଲାସ୍ ଜୁଏଲେରି କ୍ରେଜ୍ ବଢୁଥିବାର ଦେଖିବାକୁ ମିଳୁଛି। ଏହା ଅପେକ୍ଷାକୃତ ଶସ୍ତା ହୋଇଥିବା ବେଳେ ଅଧିକ କ୍ଲାସି ଏବଂ ଆଇକ୍ୟାଚିଂ ଲୁକ୍ ମଧ୍ୟ ଦେଉଛି।

### କ'ଣ କୁହନ୍ତି ଏମାନେ...

**ବିଶ୍ୱରୂପା ପ୍ରିୟଦର୍ଶିନୀ** (ପୁରୀ)– ଷ୍ଟାଇଲିସ୍ ଲୁକ୍ କାହାକୁ ବା ପସନ୍ଦ ନୁହେଁ। ଏଥିପାଇଁ ବିଭିନ୍ନ ପ୍ରକାରର ଜୁଏଲେରି କଲେକ୍‌ଶନ୍ସ ରଖିଛି, ଯାହାକୁ ଗେଟ୍‌ଅପ୍ ଅନୁସାରେ ମ୍ୟାଚ୍ କରି ପିନ୍ଧିଥାଏ। ତେବେ ଅନ୍ୟାନ୍ୟ ଜୁଏଲେରି ଭିତରୁ ମତେ ନୋଜ ପିନ୍ ଅଧିକ ପସନ୍ଦ। ଏହା ଷ୍ଟାଇଲିସ୍ ଲୁକ୍ ଦେଇଥାଏ। ସବୁଠାରୁ ଅଧିକ ମତେ ସୁନାର ଚନ୍ଦ୍ରିକା ନୋଜପିନ ଭଲ ଲାଗେ। ମଡର୍ନ ହେଉକି ଟ୍ରାଡିଶନାଲ ପୋଷାକ ସହ ମଧ୍ୟ ଏହାକୁ ଟିମ୍‌ଅପ୍ କରାଯାଇପାରିବ।

**ନିର୍ମାଲ୍ୟ ପ୍ରସାଦ ସାହୁ** (ଦେବଗଡ଼)– ଜୁଏଲେରି ପିନ୍ଧିବା ଉପରେ ବେଶି କିଛି ଧାରଣା ନାହିଁ, ତଥାପି ମୋର ସୁନା ଆଉ ରୁପାର ବ୍ରେସ୍‌ଲେଟ ପିନ୍ଧିବାରେ ସଉକ ରହିଛି। ମୋତେ ସାଧାରଣତଃ ରୁପାର ୟେଲୋ ଚିମେଶ୍ ଭଲ ଲାଗେ। ଯେବେ ବି ଶୋ' ରୁମକୁ ଯାଏ, ପ୍ରଥମେ ବ୍ରେସ୍‌ଲେଟ ସେକ୍‌ଶନକୁ ଯାଇ କ'ଣ ନୂଆ ଡିଜାଇନ ଆସିଛି ଖୋଜେ। ଆଉ ମଧ୍ୟ ଯେତେବେଳେ ବାହାରକୁ କୌଣସି ପାର୍ଟିରେ ଯୋଗ ଦେବାକୁ ଯାଏ, ସେତେବେଳେ ସୁନାର ଚେନ୍ ଆଉ ମୁଦି ବି ପିନ୍ଧିଥାଏ।

**ସିଦ୍ଧେଶ୍ୱର ସାହୁ** (ଛାତ୍ର, ବାଣୀବିହାର, ଭୁବନେଶ୍ୱର)– ଜୁଏଲେରି ସଭିଙ୍କୁ ପସନ୍ଦ। ହେଲେ ଝିଅମାନଙ୍କ ଅପେକ୍ଷା ଆମେ ଟିକେ କମ୍ ପିନ୍ଧୁ। ନିଜ କଥା କହିବି, ମୁଖ୍ୟତଃ ହାତରେ ବ୍ରେସ୍‌ଲେଟ ଆଉ ମୁଦି ପିନ୍ଧିବାକୁ ବେଶି ଭଲପାଏ। ସବୁବେଳେ ହାଲୁକା ଜୁଏଲେରି କିଣେ, ଯେମିତି ତାହାକୁ ଯେକୌଣସି ସମୟରେ ଏବଂ ଯେକୌଣସି ଡ୍ରେସ୍ ସହିତ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିବ। ତେବେ କେଡିଏମ୍ ଜୁଏଲେରି ହିଁ କିଣେ, ଯେପରି ଗୋଟିଏ ଜୁଏଲେରି ଆଉଟ୍ ଅଫ୍ ଫ୍ୟାଶନ୍ ହେଲେ ନୂଆ କିଣିବା ବେଳେ ଏହାର ରିସେଲ୍ ଭ୍ୟାଲୁ ରହିବ।

**ଯସ୍ମିନ୍ ସାମନ୍ତରାୟ** (ପିଜି, ୨ୟ ବର୍ଷ ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର) ଝିଅମାନେ ସାଧାରଣତଃ ମେକ୍ ଅପ୍ ଆଉ ଜୁଏଲେରି ପିନ୍ଧିବାକୁ ଅଧିକ ପସନ୍ଦ କରନ୍ତି। ମୋତେ ବି ବହୁତ ଭଲ ଲାଗେ ସଜବାଜ ହେବାକୁ। ଯେତେବେଳେ କୌଣସି ପାର୍ଟି କିମ୍ବା ଫଙ୍କସନ୍ ଥାଏ, ସେତେବେଳେ ନିଜକୁ ଫ୍ୟାଶନେବଲ୍ ଲୁକ୍ ଦେବା ପାଇଁ ଭଳିକି ଭଳି ଜୁଏଲେରି ବ୍ୟବହାର କରିଥାଏ। ତେବେ ଗେଟ୍‌ଅପ୍ ଅନୁସାରେ ଭିନ୍ନ ଭିନ୍ନ ଜୁଏଲେରି ବାଛିଥାଏ। ଯେମିତି ପୂଜାରେ ଶାଢ଼ି ସହ ସୁନାର ସରୁ ନେକ୍‌ଲେସ ଏବଂ ପାର୍ଟି ବେଳେ ମେଟାଲିକ୍ ଏବଂ ଷ୍ଟୋନ୍ ନେକ୍‌ଲେସ୍ ସହ ଇଅରିଙ୍ଗ୍‌ସ ପିନ୍ଧିବାକୁ ଭଲପାଏ। ଟ୍ରେଣ୍ଡି ଲୁକ୍ ପାଇଁ ଜିନ୍ସ ସହ ଫଙ୍କି ଡିଜାଇନ୍‌ର ଆଙ୍କ୍‌ଲେଟ୍ ମୋର ବହୁତ ପସନ୍ଦ।

### ଜୁଏଲେରି କିଣିବା ପୂର୍ବରୁ...

➔ଆପଣ ଯେଉଁ ଜୁଏଲେରି କିଣିବାକୁ ଚାହୁଁଛନ୍ତି, ତା'ର ରିସେଲ୍ ଭାଲ୍ୟୁ ଅଛି କି ନାହିଁ ଜାଣନ୍ତୁ। ନଚେତ୍ ଅଧିକ ଦାମ୍ ଦେଇ କିଣିଥିବା ଏହି ସୁନ୍ଦର ଜୁଏଲେରି ପରବର୍ତ୍ତୀ ସମୟରେ ଏହାର ରିସେଲ୍ ଭାଲ୍ୟୁ ଖୁବ୍ କମ୍ ହୋଇଥାଏ କିମ୍ବା କେବେକେବେ ଆଦୌ ନ ଥାଏ।

➔ଗୋଲ୍ଡ ଜୁଏଲେରି କିଣିବା ପୂର୍ବରୁ ଏହାର ଶୁଦ୍ଧତା ଉପରେ ଧ୍ୟାନ ଦିଅନ୍ତୁ। ବର୍ତ୍ତମାନ ପ୍ରାୟ ସମସ୍ତ ଜୁଏଲେରି ଶପ୍‌ରେ ୨୨ ଓ ୧୮ କ୍ୟାରେଟ୍ ସୁନାର ଭଳିକି ଭଳି ଡିଜାଇନ୍ ଅଳଙ୍କାର ଉପଲବ୍ଧ, ଯାହାକୁ କିଣିବା ବେଳେ ଏହାର ହଲ୍‌ମାର୍କ ଯାଞ୍ଚ କରିବା ସହ ଓଜନ ଅନୁଯାୟୀ ମେକିଂଚାର୍ଜ ଠିକ୍ ଅଛି କି ନାହିଁ ଦେଖି କିଣନ୍ତୁ।

➔ମନେରଖନ୍ତୁ, ଦେଖିବାକୁ ଭଲ ଲାଗୁଥିଲେ ବି ଅଧିକ ହେଭି ପରିବର୍ତ୍ତେ ଲାଇଟ୍ ଓ୍ୱେଟ୍ ଜୁଏଲେରି କିଣନ୍ତୁ, ଯାହାକୁ ଆପଣ ସବୁବେଳେ ଲଗାଇ ପାରିବେ ଏବଂ ତାହା ଆରାମ ବି ଲାଗିବ।

➔ଅନେକଙ୍କଠାରେ ବିଭିନ୍ନ ମେଟାଲ୍ ଆଲର୍ଜି ରହିଛି। ତେଣୁ ଯଦି ଆପଣଙ୍କ ବି ଏପରି କିଛି ସମସ୍ୟା ଥାଏ, ତେବେ ଫ୍ୟାଶନ୍ ଆଳରେ ଏଭଳି ଜୁଏଲେରି ବାଛିବା ପରିବର୍ତ୍ତେ ପ୍ରଥମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଅନ୍ତୁ।

➔ଆଉ ଏକ କଥା ମନେରଖନ୍ତୁ, କେତେକ ଆର୍ଟିଫିସିଆଲ୍ ଫ୍ୟାଶନ୍ ଜୁଏଲେରି ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ସତ, ହେଲେ ତାହା ପାଣି କିମ୍ବା ଝାଳ ସଂସ୍ପର୍ଶରେ ଆସିଲେ କଲର୍ ଫେଡ୍ ହେବା, ଜଙ୍କ୍ ଲାଗିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ବିଶେଷକରି ବର୍ଷାଦିନେ ଏଭଳି ଜୁଏଲେରି ପରିବର୍ତ୍ତେ ବିଭିନ୍ନ ଓ୍ୱାଟରପ୍ରୁଫ୍ ଜୁଏଲେରି ବ୍ୟବହାର କରିପାରିବେ।




ବିଶ୍ୱରୂପା


ନିର୍ମାଲ୍ୟ


ସିଦ୍ଧେଶ୍ୱର


ଯସ୍ମିନ୍

## ଯୁବ ପ୍ରତିଭା

# ଅନନ୍ୟା ନୃତ୍ୟାଙ୍ଗନା ବିଦିଶା



ଓଡ଼ିଶୀ ନୃତ୍ୟର ଜଣେ ପ୍ରତିଭାମୟୀ ନୃତ୍ୟଶିଳ୍ପୀ ଭାବେ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ସମାରୋହ ସମେତ ରାଜ୍ୟ ବାହାରେ ପଶ୍ଚିମବଙ୍ଗ, ତେଲଙ୍ଗାନା, ଦିଲ୍ଲୀ ଆଦି ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛି ତାଙ୍କ ନୃତ୍ୟର ଝଲକ, ଯାହାକି ନା କେବଳ ଦର୍ଶକଙ୍କ ମନ ମୋହିଛି ବରଂ ଏଥିପାଇଁ ତାଙ୍କୁ ମିଳିଛି ଅନେକ ପ୍ରଶଂସା ଓ ପୁରସ୍କାର। ସେ ହେଉଛନ୍ତି ଆଚାର୍ଯ୍ୟ ବିହାର, ଭୁବନେଶ୍ୱର ବାସିନ୍ଦା ରୁମା ଏବଂ ଅସିତ କୁମାର ବସୁମଲ୍ଲିକଙ୍କ ଝିଅ ସୁଶ୍ରୀ ବିଦିଶା। ବର୍ତ୍ତମାନ ସେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ କଳା ୧ମ ବର୍ଷ ଛାତ୍ରୀ। ସେ କୁହନ୍ତି, ''ପିଲାବେଳୁ ଡ୍ୟାନ୍ସ ପ୍ରତି ଖୁବ୍ ଆଗ୍ରହ ରହି ଆସିଛି। ଘର ପାଖରେ ଥିବା ଏକ ଡ୍ୟାନ୍ସ କ୍ଲାସ୍‌ରେ ଯେବେ ଅନ୍ୟମାନଙ୍କୁ ପ୍ରାକ୍ଟିସ୍ କରୁଥିବାର ଦେଖୁଥିଲି ନିଜେ ମଧ୍ୟ ସେମାନଙ୍କ ଭଳି ଡ୍ୟାନ୍ସ କରିବାକୁ ଚେଷ୍ଟା କରୁଥିଲି। ମୋର ଏହି ଆଗ୍ରହ ଦେଖି ଜେଜେବାପା ଇଂ. ବଳରାମ ପ୍ରସାଦ ବସୁମଲ୍ଲିକ ସର୍ବପ୍ରଥମେ ଏ ଦିଗରେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇ ଦେଇଥିଲେ। ମା'ବାପା ମଧ୍ୟ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ଆଜିଯାଏ ମୋର ପ୍ରତ୍ୟେକ ସଫଳତା ପଛରେ ସେମାନଙ୍କ ଅବଦାନ ଅତୁଳନୀୟ।'' ବିଦିଶାଙ୍କୁ ମାତ୍ର ୧୭ ବର୍ଷ ବୟସରେ ନ୍ୟୁ ଦିଲ୍ଲୀରୁ ସର୍ବୋତ୍ତମ ନୃତ୍ୟଶିଳ୍ପୀ ଭାବରେ କନିଷ୍ଠ ବର୍ଗର ବୃତ୍ତି ପ୍ରାପ୍ତ ହୋଇଛି। କେବଳ ଏତିକି ନୁହେଁ; ତାଙ୍କୁ ପ୍ରଜ୍ଞା ପ୍ରତିଭା ସମ୍ମାନ–୨୦୧୮, କଳାକାର ସମ୍ମାନ–୨୦୧୯, ନବ ଉନ୍ମେଷ ସମ୍ମାନ–୨୦୧୯, ଇଣ୍ଟରନ୍ୟାଶନାଲ ଫେଷ୍ଟିଭାଲ– ୨୦୨୦ ଭଳି ଅନେକ ପୁରସ୍କାର ମିଳିଛି। ନୃତ୍ୟାଚାର୍ଯ୍ୟ ଗୁରୁ ଶ୍ରୀ ଦୁର୍ଗା ଚରଣ ରଣବୀରଙ୍କ ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ'ରୁ ମନୋଜ କୁମାର ପ୍ରଧାନଙ୍କଠାରୁ ନୃତ୍ୟଶିକ୍ଷା ଲାଭ କରିଛନ୍ତି। ନୃତ୍ୟ ବ୍ୟତୀତ ବିଦିଶା ଅଭିନୟ କ୍ଷେତ୍ରରେ ମଧ୍ୟ ରୁଚି ରଖନ୍ତି। ବଙ୍ଗଳାର ବେଶ୍ ଲୋକପ୍ରିୟ ଲୋକଗୀତ 'ଗେଣ୍ଡା ଫୁଲ୍‌ର କଭର' ଗୀତରେ ଅଭିନୟ କରି ବେଶ୍ ଲୋକପ୍ରିୟ ପାଇପାରିଛନ୍ତି। ତାଙ୍କ ଦ୍ୱାରା ଅଭିନୀତ ତୁ ରଜା ଝିଅ ମୁଁ ରିକ୍ସାବାଲା, ଇସାରା, ଅଭିମାନିନୀ ଏ ଅମାନିଆ ଢେଉ ଭଳି ଓଡ଼ିଆ ମ୍ୟୁଜିକ୍ ଆଲବମ୍ ଭିଡିଓ ମିଲିଅନ ଦର୍ଶନଙ୍କ ଦ୍ୱାରା ଆଦୃତ ହେଇପାରିଛି। ଖୁବ୍‌ଶୀଘ୍ର ତାଙ୍କ ଅଭିନୀତ ଓଡ଼ିଆ ମ୍ୟୁଜିକ୍ ଆଲବମ୍ ପାଉଁଜି ମୁକ୍ତିଲାଭ କରିବାକୁ ଯାଉଛି। ଆଗାମୀ ଦିନରେ ସୁଶ୍ରୀ ବିଦିଶା ଆମ ରାଜ୍ୟର ଗର୍ବ ଓ ଗୌରବ ଓଡ଼ିଶୀ ନୃତ୍ୟକୁ ଦେଶ ବିଦେଶରେ ପ୍ରଚାର ଓ ପ୍ରସାର କରିବା ସହ ଅଭିନୟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ବିଧାୟକ ରାମରାୟ ମୁଣ୍ଡାଙ୍କ ପରଲୋକ



ପାଟଣା,୧୮।୯(ସ୍ୱ. ପ୍ର.): କେନ୍ଦୁଝର ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାମରାୟ ମୁଣ୍ଡା(୮୩)ଙ୍କର ଶନିବାର ଚାକୁଣ୍ଡାପାଳ ସ୍ଥିତ ବାସଭବନରେ ପରଲୋକ ଘଟିଛି। ଦୀର୍ଘ ଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ କାରଣ ଯୋଗୁ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଲିଙ୍ଗରାଜ ଓ ବାବି ଉପସ୍ଥିତ ଥିଲେ। ଘର ନିକଟ ପୈତୃକ ପଡ଼ିଆରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ନାତି ଦିଲୀପ କୁମାର ମୁଣ୍ଡା ତାଙ୍କୁ ମୁଖାଗ୍ନି ଦେଇଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ହୃଷିକେଶ ନାଏକ, ପୂର୍ବତନ ବିଧାୟକ କାହ୍ନୁ ଚରଣ ନାଏକ, ଭାଜପା ନେତ୍ରୀ ଦାସ ମତି ଚାତାର, ସମିତି ସଭ୍ୟ ନାରଙ୍ଗ ନାଏକ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ରାଜନୀତି ପୂର୍ବରୁ ସେ ସେ ସରକାରୀ ଚାକିରୀରେ ବନପାଳ ଓ ଶିକ୍ଷକତା କରୁଥିଲେ। ପୂର୍ବତନ କେନ୍ଦୁଝର ଏମ୍‌ପି ଗୋବିନ୍ଦ ମୁଣ୍ଡା ତାଙ୍କୁ ରାଜନୀତିକୁ ଆସିବା ପାଇଁ ପ୍ରେରଣା ଦେଇଥିଲେ। ସେ ଜଣେ ଅତ୍ୟନ୍ତ ଅମାୟିକ ବ୍ୟକ୍ତି ସହ ଦୁର୍ନୀତି ମୁକ୍ତ ରାଜନେତା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣା ଶୁଣା ଥିଲେ। ସେ ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର ଭାବେ ସାଧାରଣ ଲୋକ ଭଳି ଜୀବନଯାପନ କରୁଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିପାଟଣା,୧୮।୯(ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ତୁରିନ୍ତିରା ଗ୍ରାମରୁ ଶନିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଗ୍ରାମ ଦାମୋଦରପୁର ସାହିର ଚିନ୍ତାମଣି ମୁଦୁଲି(୨୮)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ତୁରିନ୍ତିରା ଗ୍ରାମ ଦାମୋଦରପୁର ସାହିର ଆର୍ତ୍ତତ୍ରାଣ ମୁଦୁଲିଙ୍କ ଅଠାନ୍ତର ପେଟ୍ରୋଲ ପମ୍ପ ନିକଟରେ ଏକ ଚା' ଦୋକାନ ରହିଛି। ଚିନ୍ତାମଣି ଦୋକାନରେ ବାପା ଆର୍ତ୍ତତ୍ରାଣଙ୍କୁ ସାହାଯ୍ୟ କରିଥାନ୍ତି। ଶୁକ୍ରବାର ରାତିରେ ଚିନ୍ତାମଣି ଘରକୁ ନ ଫେରିବାରୁ ବଡ଼ଭାଇ କୁଳମଣି ଫୋନ କରି ତାଙ୍କୁ ଘରକୁ ଆସିବା ପାଇଁ କହିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚିନ୍ତାମଣି ଘରକୁ ନ ଫେରିବାରୁ ତାଙ୍କ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ପର୍କ ହୋଇପାରି ନ ଥିଲା। ଶନିବାର ସକାଳେ ଗ୍ରାମର ଏକ ବରଗଛରେ ଚିନ୍ତାମଣିଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବା ସହ ତାଙ୍କ ପରିବାରକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

# ୭ଦିନିଆ ରିମାଣ୍ଡରେ ୫ ଅଭିଯୁକ୍ତ

## ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲା

### ଆଜିଠୁ କ୍ରାଇମବ୍ରାଞ୍ଚ କଟକ ମୁଖ୍ୟାଳୟରେ ଜେରା

ବାଲେଶ୍ୱର/କଟକ ଅଫିସ, ୧୮।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆରଡିଓ)ର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଗିରଫ ହୋଇଥିବା ୫ ଅଭିଯୁକ୍ତଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ୭ଦିନିଆ ରିମାଣ୍ଡରେ ନେଇଛି। ଅଭିଯୁକ୍ତଙ୍କୁ କଟକ ମୁଖ୍ୟାଳୟକୁ ଅଣାଯାଇଛି। ସେମାନଙ୍କୁ ରବିବାରଠାରୁ ଜେରା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସମସ୍ତ ଦିଗକୁ ନେଇ ଟିମ୍ ତଦନ୍ତ କରିବ। ଅଭିଯୁକ୍ତମାନେ କାହାକୁ ତଥ୍ୟ ଦେଉଥିଲେ, କେମିତି ଡାଟା ପଠାଉଥିଲେ, ଏଥିରେ ତାଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ଅଛି କି ନାହିଁ ଏସବୁ ଦିଗ ଉପରେ ସ୍ୱତନ୍ତ୍ର ଟିମ୍ ତଦନ୍ତ କରିବ। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ବିଶୋଇ ତଦନ୍ତକାରୀ ଅଧିକାରୀ ନିଯୁକ୍ତ ହୋଇଥିବାବେଳେ ତାଙ୍କୁ ସହଯୋଗ କରିବା ଲାଗି ସାଇବର ସେଲର ଜଣେ ଇନ୍ସପେକ୍ଟର, ଜଣେ ସବ୍ ଇନ୍ସପେକ୍ଟର, ଆଉ ଜଣେ ଏଏସ୍‌ଆଇ ରହିଛନ୍ତି। ଆବଶ୍ୟକ ପଡ଼ିଲେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ସହଯୋଗ ନିଆଯିବ। ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଚାହିଁଲେ ଅଭିଯୁକ୍ତଙ୍କୁ ପଚରାଉଚୁରା କରିପାରିବେ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ପଣ୍ଡା କହିଛନ୍ତି।



ବାଲେଶ୍ୱର ଜେଲ ପରିସରରୁ ୫ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ କଟକ ମୁଖ୍ୟାଳୟକୁ ନିଆଯାଉଛି।

ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେବାପାଇଁ କ୍ରାଇମବ୍ରାଞ୍ଚ ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। ଏହା ମଞ୍ଜୁର ହେବା ପରେ ଜେଲ ପରିସରରେ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ଅପରାହ୍ନ ୪ଟାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ସ୍ୱତନ୍ତ୍ର ଭ୍ୟାନ୍ ଯୋଗେ ବାଲେଶ୍ୱର ଜେଲ ପରିସରରୁ ୫ ଅଭିଯୁକ୍ତଙ୍କୁ କଟକ କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏ ସମ୍ପର୍କରେ ଜିଲାନ୍ସ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ବିଶୋଇ କହିଛନ୍ତି, ଅଭିଯୁକ୍ତମାନଙ୍କୁ ପଚରାଉଚୁରା କରାଯାଇ ସେମାନଙ୍କଠାରୁ ତଥ୍ୟ ହାସଲ କରାଯିବା ପରେ ସେହି ଅନୁସାରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।

ଉଲ୍ଲେଖଯୋଗ୍ୟ, ହନିଟ୍ରାପ୍‌ର ଶିକାର ହୋଇ ଡିଆରଡିଓର ୪ଜଣ ଠିକା କର୍ମଚାରୀ ଚାନ୍ଦିପୁର ଥାନା ଝାମ୍ପୁରା ଗ୍ରାମର ବସନ୍ତ ବେହେରା, ଜେନେରେଟର ଅପରେଟର ସଦର ଥାନା ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି, ଆଇଟିଆର୍ ମେନ୍ ଗେଟ୍‌ରେ କାର୍ଯ୍ୟ କରୁଥିବା ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ, ଏସି ଅପରେଟର ଚାନ୍ଦିପୁର ଥାନା ଶ୍ରୀକୋଣା ଗ୍ରାମର ଏସ୍.କେ. ମୁସାଫିର ଓ ସ୍ଥାୟୀ କର୍ମଚାରୀ(ଡ୍ରାଇଭର) ଉତ୍ତରପ୍ରଦେଶ ଅଞ୍ଚଳର ସଚିନ କୁମାର ଛତ୍ରା ଜଣେ ପାକିସ୍ତାନୀ ଯୁବତୀଙ୍କୁ ଗୁପ୍ତ ତଥ୍ୟ ଜଣାଉଥିଲେ। ଏ ସମ୍ପର୍କରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଗୋଇନ୍ଦା ସଂସ୍ଥା (ଆଇବି) ଜାଣିବା ପରେ ବାଲେଶ୍ୱର ପୋଲିସ ହେଡକ୍ୱାର୍ଟରକୁ ଅବଗତ କରାଇ ବାଲେଶ୍ୱରରେ ପହଞ୍ଚିଥିଲେ। ସନ୍ଦିଗ୍ଧଙ୍କୁ ଧରିବା ପାଇଁ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ଗଠନ କରାଯାଇଥିଲା। ଶୁକ୍ରବାର ଡିଆର୍‌ଡିଓର ମୁଖ୍ୟ ସିକ୍ୟୁରିଟି ଅଧିକାରୀଙ୍କୁ ଆଇଜି ଲାଲ୍ ତାଙ୍କ ଅଫିସ୍‌କୁ ଡାକି ୧ ଘଣ୍ଟା ରୁଦ୍ଧଦ୍ୱାର ଆଲୋଚନା କରିଥିଲେ।

# ୨୦ରୁ ଯୁଜି ପ୍ରଥମ ବର୍ଷ କ୍ଲାସ୍‌ରୁମ୍ ପାଠପଢ଼ା

■ ଗାଇଡ୍‌ଲାଇନ ଜାରି କଲା ଉଚ୍ଚଶିକ୍ଷା ବିଭାଗ
■ ୧୯ରୁ ହଷ୍ଟେଲ ଖୋଲିବାକୁ ଅନୁମତି

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଆସନ୍ତା ୨୦ ତାରିଖରୁ ୨୦୨୦-୨୧ ଶିକ୍ଷାବର୍ଷର ଯୁଜି କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହେବ। ଉଭୟ ୩ ଓ ୪ ବର୍ଷିଆ ପାଠ୍ୟକ୍ରମର ପ୍ରଥମ ବର୍ଷ ପିଲା ଶ୍ରେଣୀଗୃହରେ ବସି ପାଠପଢ଼ିବେ। ଏନେଇ ଶନିବାର ଉଚ୍ଚଶିକ୍ଷା ବିଭାଗ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିସହ ୧୯ ତାରିଖରୁ ସେହି ପିଲାଙ୍କ ପାଇଁ ହଷ୍ଟେଲ ଖୋଲିବାକୁ ଅନୁମତି ଦିଆଯାଇଛି।

କରୋନା ପ୍ରକୋପ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଥିବାରୁ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନ ଖୋଲିବା ଦିଗରେ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଏବେ ଯୁଜି ପ୍ରଥମ ବର୍ଷ ପିଲାଙ୍କ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ କୋଭିଡ୍ ଗାଇଡ୍‌ଲାଇନ ମଧ୍ୟ ଜାରି ହୋଇଛି। କଣ୍ଟେନମେଣ୍ଟ ଜୋନ୍‌ର ପିଲା ଓ ଶିକ୍ଷକ କଲେଜ ଆସିବାକୁ ମନା କରାଯାଇଛି। କରୋନା କଟକଣା ସହ କ୍ଲାସ୍‌ରୁମ୍‌ରେ ପାଠପଢ଼ା ହେବ। ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ନିୟମ ପାଳନ ବାଧ୍ୟତାମୂଳକ। କୌଣସି କ୍ଲାସ୍‌ରେ ଅଧିକ ପିଲା ହେଲେ ଭାଗ ଭାଗ କରି ପଢ଼ାଇବାକୁ କୁହାଯାଇଛି। ଶିକ୍ଷାନୁଷ୍ଠାନ ପରିସରରେ ଛେପ ପକାଇବାକୁ ବାରଣ କରାଯାଇଛି। ଜରୁରିକାଳୀନ ସ୍ଥିତି ପାଇଁ ଏକ ଆଇସୋଲେଶନ ରୁମ୍‌ର ବ୍ୟବସ୍ଥା ରହିବ। ସେହିପରି ହଷ୍ଟେଲରେ ମଧ କୋଭିଡ୍ ୧୯ର ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଖୁବ୍‌ଶୀଘ୍ର ୨୦୨୧-୨୨ର ଯୁଜି ଓ ପିଜି ପ୍ରଥମ ବର୍ଷ ପିଲାଙ୍କ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ସମ୍ପର୍କରେ ସୂଚନା ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଘରୋଇ ବିଶ୍ୱବିଦ୍ୟାଳୟ ଉପରୋକ୍ତ ସମସ୍ତ ଗାଇଡ୍‌ଲାଇନକୁ ପାଳନ କରିବାକୁ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଗତ ଜୁଲାଇରୁ ରାଜ୍ୟରେ ଦଶମ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ କ୍ଲାସରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ଅଗଷ୍ଟ ୯ରୁ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିଥିବାବେଳେ ରାଜ୍ୟର ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ, ଡିପ୍ଲୋମା, ଆଇଟିଆଇ, ପଲିଟେକ୍ନିକ୍ କଲେଜରେ ପାଠପଢ଼ା ଚାଲିଛି।

# ଏମ୍ପାସି ବାର୍ ମାଲିକଙ୍କ ସମେତ ୪ ଗିରଫ

### ବିଳମ୍ବିତ ରାତିରେ ଡିଜେ, ମଦ ଆସର

ଭୁବନେଶ୍ୱର,୧୮।୯ (ବ୍ୟୁରୋ)

କୋଭିଡ୍ ଗାଇଡ୍‌ଲାଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଥିବା ଏମ୍ପାସି ବାର୍ ମାଲିକଙ୍କ ସମେତ ୪ଜଣଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାର୍ ମାଲିକ ନୀଳାଦ୍ରିବିହାର ଅଞ୍ଚଳର ପୁଣ୍ୟପ୍ରକାଶ ପରିଡା (୩୦), କର୍ମଚାରୀ ମୈତ୍ରୀବିହାର ଏଲ୍‌ଆଇସି କଲୋନୀର କୁନାଲ ଗୋସ୍ୱାମୀ, ନୟାପଲ୍ଲୀ ଅଞ୍ଚଳର ଅନୁପ ସିଂ ଓ କଟକ ମହାନଦୀ ବିହାର ଅଞ୍ଚଳର ରିତେଶ ଜେନା। ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବାରରେ ଡିଜେ ବାଜିବା ସହ ଶତାଧିକ ଯୁବକ ଯୁବତୀ ନାଚଗୀତରେ ମସଗୁଲ ଥିଲେ। ବାର ବାହାରେ କିଛି ଯୁବତୀ ଓ ଯୁବକଙ୍କ ମଧ୍ୟରେ ବଚସା ସହ ଗଣ୍ଡଗୋଳ ହେବା ପରେ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ଚଢ଼ାଉ ଦେଖି ବାରରେ ଥିବା ୩ଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଛତ୍ରଭଙ୍ଗ ଦେଇଥିଲେ। ନାଇଟ କର୍ଫ୍ୟୁ ଓ କୋଭିଡ ଗାଇଡ୍ ଲାଇନର ଉଲ୍ଲଂଘନ ନେଇ ପୋଲିସ ଉପରୋକ୍ତ ୪ଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଥିଲା।

# ନିରାଶ ହୋଇ ଫେରିଲେ ଅଭିଯୋଗକାରୀ

### ନାବାର୍ଡ ଅଧ୍ୟକ୍ଷଙ୍କ ଗସ୍ତ ବାତିଲ

କଟକ ସଦର, ୧୮।୯ (ଡି.ଏନ.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ନାବାର୍ଡ ଅଧକ୍ଷ ଜି.ଆର. ଚିନ୍ତଲ ଶନିବାର ଗସ୍ତ କରିବା କାର୍ଯ୍ୟକ୍ରମ ଥିଲା। ତାଙ୍କୁ ସ୍ୱାଗତ କରିବା ପାଇଁ ସେବା ସମବାୟ ସମିତିର ବିଦାୟୀ ବୋର୍ଡ ଅଫ ଡାଇରେକ୍ଟରଙ୍କ ସମେତ ବହୁ ଅଭିଯୋଗକାରୀ ଚାଷୀ ଉପସ୍ଥିତ ରହିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ଚିନ୍ତଲଙ୍କର ଏହି ଗସ୍ତ ବାତିଲ ହୋଇଯାଇଥିଲା। ଏ ସମ୍ପର୍କରେ ଜାଣିବା ପରେ ଅଭିଯୋଗ କରିବାକୁ ଆସିଥିବା ଚାଷୀ ଓ ମିନି ବ୍ୟାଙ୍କର ଜମାକାରୀମାନେ ପାଟିତୁଣ୍ଡ କରିଥିଲେ। ସେମାନେ ସମବାୟ ସମିତି ସମ୍ପାଦକ ଧୀରେନ ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଶେଷରେ ସେମାନେ ନିରାଶ ହୋଇ ଫେରି ଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଉକ୍ତ ସମବାୟ ସମିତିକୁ ନାବାର୍ଡ଼ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ପ୍ରଦାନ କରିଛି। ସେହିପରି କୃଷକ ବଜାର ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନାବାର୍ଡ ସହାୟତା ପ୍ରଦାନ କରିଛି।

# ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ପାଳିତ

**କଟକ ଅଫିସ, ୧୮।୯:** କଟକ ସହରାଞ୍ଚଳର ଶିଶୁ ବିକାଶ ପ୍ରକଳ୍ପ ଅଧୀନ ରାମଗଡ଼ ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ରାଜ୍ୟ ଶିଶୁ ଅଧିକାର ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। କଟକ ସହରାଞ୍ଚଳ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅଞ୍ଜନା ମହାନ୍ତି ଏଥିରେ ଅଧକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଓଏସସିପିସିଆରର ସଦସ୍ୟା ଦିବ୍ୟା ଶାଶ୍ୱତୀ ଯୋଗଦେଇଥିଲେ। ଗର୍ଭବତୀ ମହିଳା, କିଶୋରୀ ଓ ବାଳିକାମାନେ ପ୍ରତିଦିନ ପୁଷ୍ଟିକର ଖାଦ୍ୟ ପାଇବା ପାଇଁ ଏହି କାର୍ଯ୍ୟକ୍ରମ ମାଧମରେ ସଚେତନତା ସୃଷ୍ଟି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ସଞ୍ଜୁଲତା ସାହୁ, ଶୁଭ୍ରା ଦାଶ, ହରିଶ୍ଚନ୍ଦ୍ର ସାହୁ, ବିପାଶା ସାମଲ, ଆଶା କର୍ମୀ ଜୟଶ୍ରୀ ସାହୁ, ଅଙ୍ଗନୱାଡି କର୍ମୀ ରହିମା ଖାନମ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତ୍ସ୍ନାରାଣୀ ସିଂ ଧନ୍ୟବାଦ ଦେଇଥିଲେ।

# ଛତିଆରୁ ନିଖୋଜ ଛାତ୍ରୀ ବରମୁଣ୍ଡାରୁ ଉଦ୍ଧାର

**ଭୁବନେଶ୍ୱର,୧୮।୯(ବ୍ୟୁରୋ):** ଯାଜପୁର ଜିଲା ଛତିଆରୁ ନିଖୋଜ ଛାତ୍ରୀଙ୍କୁ ଭୁବନେଶ୍ୱରର ବରମୁଣ୍ଡା ରୁଚିକା ମାର୍କେଟରୁ ଉଦ୍ଧାର କରିଛି ଭରତପୁର ଥାନା ପୋଲିସ। ପଚରା ଉଚରା କରିବା ସହ ପରିବାର ଲୋକଙ୍କୁ ଜଣାଇବାକୁ ଛତିଆ ଥାନାକୁ ସୂଚନା ଦିଆଯାଇଛି। ଉଦ୍ଧାର ଛାତ୍ରୀ ଜଣକ ନବମ ଶ୍ରେଣୀରେ ପଢୁଥିବା ଜଣାପଡିଛି।

# 'ଦୁର୍ଘଟଣା ରୋକିବାକୁ ସୁପାରିସ କାର୍ଯ୍ୟକାରୀ କର'




ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

## ସାଂସଦ ସଡ଼କ ସୁରକ୍ଷା କମିଟି ବୈଠକ

■ ମଙ୍ଗୁଳି ଛକରେ ଟ୍ରକ ଟର୍ମିନାଲ ନିର୍ମାଣକୁ ଗୁରୁତ୍ୱ

କଟକ ଅଫିସ, ୧୮।୯

ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଜିଲାର ଦୁର୍ଘଟଣା ପ୍ରବଣ ଅଞ୍ଚଳଗୁଡ଼ିକରେ ସାଂସଦ ସଡ଼କ ସୁରକ୍ଷା କମିଟି ସୁପାରିସକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ରେଳବାଇ କର୍ତ୍ତୃପକ୍ଷ ଏବଂ ଜଳ ନିଷ୍କାସନ ବିଭାଗ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରିବାକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସାଂସଦ ସଡ଼କ ସୁରକ୍ଷା କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ମହତାବ ଯୋଗଦେଇ ମଙ୍ଗୁଳି ଛକ ଓଭରବ୍ରିଜ ନିକଟରେ ଥିବା ୧୦ ଏକର ଅଞ୍ଚଳରେ ଏକ ଟ୍ରକ ଟର୍ମିନାଲ ନିର୍ମାଣ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଦୁର୍ଘଟଣାକୁ ରୋକିବା ପାଇଁ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସେହିପରି ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ବୈଠକରେ ଯୋଗଦେଇ ବିଭିନ୍ନ ରାସ୍ତାକୁ ସଙ୍କୁଚିତ କରା ନ ଯାଇ ସେଥିରେ ଆବଶ୍ୟକ ଅନୁଯାୟୀ ପ୍ରଣିଧାନଯୋଗ୍ୟ ବ୍ୟବସ୍ଥା କରିବାକୁ କହିଥିଲେ।

ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ସହରର ବିଭିନ୍ନ ନାଳ ଉପରେ କଂକ୍ରିଟ ସ୍ଲାପ ପକାଯାଇନାହିଁ। ସତୀଚଉରା, କନିକା ଛକ, ବିଜୁ ପଟ୍ଟନାୟକ ଛକ, ବକ୍ସିବଜାର, ତୁଳସୀପୁର, ଦେଉଳସାହି, ପୋଲିସ କଲୋନୀ, ଚୌଧୁରୀବଜାର ଓ ଦେବୀଗଡ଼ା ଆଦି ଅଞ୍ଚଳରେ ବିକଳ୍ପ ରାସ୍ତା ନିର୍ମାଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ରାଜପଥ ଓ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମୟରେ ଘରୋଇ ଏବଂ ଧାର୍ମିକ ଅନୁଷ୍ଠାନ ଜମି ପ୍ରତିବନ୍ଧକ ସୃଷ୍ଟି କରୁଛି। ବିଭିନ୍ନ ନ୍ୟାୟାଳୟରେ ଏହାକୁ ନେଇ ମାମଲା ଦାଏର କରାଯାଉଥିବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟମରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଜନସଚେତନତା ସହ ସମ୍ପୃକ୍ତ ପକ୍ଷର ସହଯୋଗରେ ଏଭଳି ସମସ୍ୟାର ସମାଧାନ କରାଯାଇପାରିବ। ଏହି ବୈଠକରେ କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ଜେନା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜି.କେ. ଦାସ, ରେଳବାଇ ଅତିରିକ୍ତ ଡିଆର୍‌ଏମ୍ କଲ୍ୟାଣ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ରହଂସ ବନ୍ଧ ଭୁଶୁଡ଼ିଲା

### ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟିନାହିଁ

ନିଶ୍ଚିନ୍ତକୋଇଲି, ୧୮।୯ (ସ୍ୱ.ପ୍ର.)

ଲୁଣା-ଚିତ୍ରୋତ୍ପଳା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ୨ ଦିନ ତଳେ ଡ୍ରେନେଜ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ପରିଦର୍ଶନରେ ଆସିଥିଲେ। କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ସାନ୍ତପୁର ପଞ୍ଚାୟତ ଅଧୀନ ରହଂସ ବନ୍ଧ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଏବେ ଏହା ଭୁଶୁଡିଯାଇଛି। ଫଳରେ ଏହା ନିକଟରେ ଥିବା ୬ ପରିବାରର କୋଠା ଭୁଶୁଡ଼ି ଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ପ୍ରତିବର୍ଷ ରହଂସ ଡ୍ରେନେଜ ମରାମତି ନାମରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏଥିରେ କୌଣସି ସୁଧାର ଆସୁନାହିଁ। ଏବେ ବନ୍ଧ ଭାଙ୍ଗିଯିବା ଯୋଗୁ ଗାଁ ଭିତରକୁ ପାଣି ପଶିବ୍‌ଯାଇଥିବା ଅଭିଯୋଗ ହୋଇଛି। ଫଳରେ ଏହି ବନ୍ଧ କୂଳରେ ଥିବା କରୁଣାକର ସ୍ୱାଇଁଙ୍କ ୨ ମହଲା ବିଶିଷ୍ଟ କୋଠା ସମେତ ଗଣେଶ୍ୱର ସ୍ୱାଇଁ, ଶିବ ପ୍ରସାଦ ସ୍ୱାଇଁ, ଧବଳେଶ୍ୱର ସ୍ୱାଇଁ, ପ୍ରେମଲତା ରାଉତ, ଗଣେଶ ରାଉତ ଓ ସୁରେଶ ରାଉତଙ୍କ ଘର ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଅପରପକ୍ଷରେ ଅଞ୍ଚଳରେ ଡ୍ରେନେଜ ବିଭାଗର କୌଣସି ବିଭାଗୀୟ ଅଧିକାରୀ ରହୁନାହାନ୍ତି। ପ୍ରଶାସନ ତରଫରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରମୋଦ ନାୟକ କୁହନ୍ତି, ରହଂସର ବନ୍ଧ ଦୁର୍ବଳ ହେବା ଘଟଣା ଆମ ନଜରରେ ନାହିଁ। ଯଦି କୌଣସି ସୂଚନା ମିଳେ ତ୍ୱରିତ ପଦକ୍ଷେପ ନିଆଯିବ।



ଭାଙ୍ଗିଯାଇଥିବା ବନ୍ଧକୁ ଲୋକେ ଦେଖୁଛନ୍ତି।

# ଚିଲିକା ମଝିରେ ଲଞ୍ଚ ଅଚଳ

■ ଅଳ୍ପକେ ବର୍ତ୍ତିଲେ ୩୦ ଯାତ୍ରୀ
■ ୨ ଘଣ୍ଟା ପରେ ଉଦ୍ଧାର ହେଲେ

କୃଷ୍ଣପ୍ରସାଦ/ବାଲୁଗାଁ, ୧୮।୯(ଡି.ଏନ୍.ଏ.)

ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଲଞ୍ଚ ଶନିବାର ଚିଲିକା ମଝିରେ ଅଚଳ ହୋଇଯାଇଥିଲା। ଫଳରେ ଯାତ୍ରୀମାନେ ପ୍ରାୟ ୨ଘଣ୍ଟା ଧରି ଚିଲିକା ମଧ୍ୟରେ ଫସି ରହିଥିଲେ। ପରେ ଅନ୍ୟ ଏକ ଲଞ୍ଚ ମାଧ୍ୟମରେ ଫସିଥିବା ଲଞ୍ଚକୁ ଟାଣି ବାଲୁଗାଁ କୂଳକୁ ଅଣାଯାଇଥିଲା। ଏକ ବଡ଼ ଅଘଟଣରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ମୁତାବକ, ଶନିବାର ସକାଳ ୮ଟା ୪୫ରେ ଅନ୍ତର୍ଜାତୀୟ ଜଳପଥ ପରିବହନ ବିଭାଗର ଏହି ଲଞ୍ଚ ପୁରୀ ଜିଲା କୃଷ୍ଣପ୍ରସାଦ ଜେଟିରୁ ୩୦ ଯାତ୍ରୀଙ୍କୁ ନେଇ ବାଲୁଗାଁ ଅଭିମୁଖେ ବାହାରିଥିଲା। ତେବେ ଯାତ୍ରାର କିଛି ସମୟ ପରେ ଚିଲିକା ମଝିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଇଞ୍ଜିନରୁ ତେଲ ବାହାରୁଥିବା ଚାଳକ ଦେଖିବାକୁପାଇଥିଲେ। କୌଣସି ଅଘଟଣକୁ ଆଶଙ୍କା କରି ଚାଳକ ଲଞ୍ଚର ଇଞ୍ଜିନକୁ ବନ୍ଦ କରିଦେଇଥିଲେ। ଇଞ୍ଜିନ ତେଲ ଟାଙ୍କିରୁ ଏକ ନଟ ଖସିଯିବାରୁ ଏପରି ହୋଇଥିବା ଚାଳକ ଜାଣିବା ପରେ ମରାମତି ପାଇଁ ଚେଷ୍ଟା କରି ମଧ ବିଫଳ ହୋଇଥିଲେ। ଫଳରେ ଯାତ୍ରୀମାନେ ଚିଲିକା ମଝିରେ ଫସି ରହିଥିଲେ। ଏନେଇ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ପ୍ରାୟ ୨ଘଣ୍ଟା ପରେ ଜଳପଥ ପରିବହନ ପକ୍ଷରୁ ଅନ୍ୟ ଏକ ଲଞ୍ଚ ପହଞ୍ଚି ଫସିଥିବା ଲଞ୍ଚକୁ ଟାଣି ବାଲୁଗାଁ କୂଳକୁ ଅଣାଯିବା ସହ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ ବୋଲି ଯାତ୍ରୀମାନେ କହିଛନ୍ତି। ବହୁ ବର୍ଷ ଧରି ଲଞ୍ଚ ଗୁଡ଼ିକ ମରାମତି ନ ହେବା ଯୋଗୁ ଏଭଳି ପରିସ୍ଥିତି ଉପୁଜୁଥିବା କେତେଜଣ ଯାତ୍ରୀ କହିଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ରାଉତ କହିଛନ୍ତି, ଚିଲିକାରେ ମାଛଧରା ଜାଲ ଲଞ୍ଚର ଯିବାଆସିବା ରାସ୍ତାରେ ପଡୁଥିବାରୁ ଲଞ୍ଚର ଫ୍ୟାନ ବାଜି ବାରମ୍ବାର ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ଆଗାମୀ ଦିନରେ ବାଲୁଗାଁ ଠାରୁ କୃଷ୍ଣପ୍ରସାଦ ଏବଂ ସାତପଡ଼ା ମଧ୍ୟରେ ଚିଲିକାରେ ସ୍ୱତନ୍ତ୍ର ନାଳ ଖୋଲାଯାଇ ସୁରକ୍ଷିତ ଭାବେ ଯାତ୍ରୀ ପରିବହନ ନିମନ୍ତେ ପ୍ରସ୍ତାବ ରହିଛି ବୋଲି ସେ କହିଛନ୍ତି।



ଚିଲିକା ମଝିରେ ଅଚଳ ହୋଇପଡ଼ିଥିବା ଲଞ୍ଚ।

**ମହଙ୍ଗା ହେବ ଅନ୍‌ଲାଇନ ଖାଦ୍ୟ**

ବର୍ତ୍ତମାନ ସମୟରେ ଅଧିକାଂଶ ଲୋକ ଅନ୍‌ଲାଇନ ଜରିଆରେ ଖାଦ୍ୟ ଅର୍ଡର କରୁଛନ୍ତି। ଦେଶରେ ସେବା ଯୋଗାଉଥିବା ସମସ୍ତ ଅନ୍‌ଲାଇନ ଫୁଡ୍ ଡେଲିଭରି ଆପ୍ ଏବେ ୫% ଜିଏସ୍‌ଟି ଦେବେ ବୋଲି ଜଣାପଡ଼ିଛି। ଗତ ଶୁକ୍ରବାର ହୋଇଥିବା ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଫଳରେ ଅନ୍‌ଲାଇନ ଫୁଡ୍ ଡେଲିଭରି ପ୍ଲାଟ୍‌ଫର୍ମ ସ୍ୱିଗି, ଜୋମାଟୋ ଭଳି ସଂସ୍ଥାରୁ ଖାଦ୍ୟ ଅର୍ଡର କରିବା ମହଙ୍ଗା ହେବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ

**ଭୁବନେଶ୍ୱର,୧୮।୯:** ଭାରତୀୟ ରେଲୱେର ପୂର୍ବତଟ ରେଳପଥ ପକ୍ଷରୁ ସେପ୍ଟେମ୍ବର ୧୬ ରୁ ୩୦ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ସରକାରଙ୍କ କୋଭିଡ୍ କଟକଣା ଓ ଗାଇଡ୍‌ଲାଇନ ଅନୁସାରେ ପୂର୍ବତଟ ରେଳପଥ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ ସହ ରେଲଷ୍ଟେଶନ ପରିସର, ଟ୍ରେନ୍, କାର୍ଯ୍ୟାଳୟ, ୱାର୍କଶପ, ମରାମତି ଡିପୋ, ରେଳପଥ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାସସ୍ଥଳୀ ଅଞ୍ଚଳଗୁଡ଼ିକରେ ପରିଚ୍ଛନ୍ନତା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ କହିଛନ୍ତି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ପୂର୍ବାହ୍ନରେ ରେଳପଥର ମୁଖ୍ୟାଳୟ ପରିସରରେ ଏହାର ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତି ଶ୍ରମଦାନ କରିବା ଏବଂ ନିଜେ ଅଳିଆ ନ ଫିଙ୍ଗିବା କିମ୍ବା କାହାକୁ ଏହା ନ କରିବା ପାଇଁ ପ୍ରବର୍ତ୍ତାଇବାକୁ ମଧ୍ୟ ଶପଥପାଠ କରାଇଥିଲେ।

### ରିଅଲମି ୮ସିରିଜର ଶୁଭାରମ୍ଭ

**ଭୁବନେଶ୍ୱର,୧୮।୯:** ୫ଜି ସକ୍ଷମ ସ୍ମାର୍ଟଫୋନ୍ ଶୁଭାରମ୍ଭ କରିଥିବା ଦେଶର ପ୍ରଥମ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଟେକ୍ନୋଲୋଜି ବ୍ରାଣ୍ଡ, ରିଅଲ୍‌ମି ପକ୍ଷରୁ ନିକଟରେ ଏହାର ୮ ସିରିଜ୍‌ର ଦୁଇଟି ନୂତନ ଉତ୍ପାଦ ରିଅଲ୍‌ମି ୮ଏସ୍ ୫ଜି ଓ ରିଅଲ୍‌ମି ୮ଆଇର ଶୁଭାରମ୍ଭ କରାଯାଇଛି। ଏହି ବ୍ରାଣ୍ଡ ନିଜର ପ୍ରଥମ ଟାବ୍‌ଲେଟ୍, ରିଅଲ୍‌ମି ପ୍ୟାଡ୍ ସହିତ ପ୍ରଥମ ସ୍ପିକର ରିଅଲ୍‌ମି କବଲ୍ ବ୍ଲୁଟୁଥ୍ ସ୍ପିକର୍ ଓ ରିଅଲ୍‌ମି ପକେଟ୍ ବ୍ଲୁଟୁଥ୍ ସ୍ପିକର୍ ମଧ୍ୟ ଲଞ୍ଚ କରିଛି। ମିଡିଆଟେକ୍ ଡାଇମେନ୍‌ସିଟି ୮୧୦, ୫ଜି ପ୍ରୋସେସର୍ ସହିତ ବିଶ୍ୱର ପ୍ରଥମ ସ୍ମାର୍ଟଫୋନ୍ ଭାବେ ରିଅଲ୍‌ମି ୮ଏସ୍ ୫ଜି ଓ ଏହାର ୫ଜି ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରିଛି। ରିଅଲ୍‌ମି ୮ଆଇ ହେଉଛି ଭାରତର ପ୍ରଥମ ସ୍ମାର୍ଟଫୋନ୍ ଯେଉଁଥିରେ ମିଡିଆଟେକ୍ ହେଲିଓ ଜି୯୬ ପ୍ରୋସେସର ରହିଛି। ରିଅଲ୍‌ମି ପ୍ୟାଡ୍ ମାତ୍ର ୬.୯ ଏମ୍‌ଏମ୍ ମୋଟେଇ ଓ ଟ୍ରେଣ୍ଡସେଟିଙ୍ଗ୍ ଡବ୍ଲ୍ୟୁୟୁଏକ୍ସଜିଏ+ ଟେକ୍ନୋଲୋଜି ସହିତ ଏକ ନିମଜ୍ଜିତ ଡିସ୍‌ପ୍ଲେ ସହ ଅଲ୍‌ଟ୍ରା ସ୍ଲିମ୍, ରିଅଲ୍ ଫନ୍‌କୁ ଧାରଣ କରୁଛି।

# ଅନୁଚିତ ଉପାୟରେ କାରବାର କରୁଛି ଗୁଗଲ

**ନୂଆଦିଲ୍ଲୀ,୧୮।୯**




ବିଶ୍ୱର ସର୍ବବୃହତ୍ ଇଣ୍ଟରନେଟ୍ ସର୍ଚ୍ଚ ଇଞ୍ଜିନ ଗୁଗଲ ବିରୋଧରେ ନାନା ଅଭିଯୋଗ ଆସିବା ପରେ ଏହାର ଗୁରୁତ୍ୱକୁ ନଜରରେ ରଖି କମ୍ପିଟେଶନ କମିସନ ଅଫ୍ ଇଣ୍ଡିଆ (ସିସିଆଇ) ୨୦୧୯ ଏପ୍ରିଲରେ ଗୁଗଲର ବେଆଇନ କାର୍ଯ୍ୟକଳାପ ଓ ବ୍ୟବସାୟ ଉପରେ ଯାଞ୍ଚ ଆଦେଶ ଦେଇଥିଲା। ଦୀର୍ଘ ୨ ବର୍ଷ ଧରି ସିସିଆଇ ଗୁଗଲର ବିଭିନ୍ନ ଘଟଣା ସମ୍ପର୍କରେ ତଦନ୍ତ କରିବା ପରେ ଏହି ରିପୋର୍ଟ ଦେଇଥିଲା। ହେଲେ ଏହି ଆମେରିକୀୟ ଟେକ୍ନୋଲଜି ଓ ସର୍ଚ୍ଚ ଇଞ୍ଜିନ କମ୍ପାନୀ ବଜାର ପ୍ରତିଯୋଗିତା ବିରୋଧୀ ଓ ନିଷିଦ୍ଧ ବାଣିଜ୍ୟ ପଦ୍ଧତି ଅବଲମ୍ବନ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ସିସିଆଇ ତଦନ୍ତରେ ଗୁଗଲଙ୍କ ବିରୋଧରେ କମ୍ପିଟେଶନ ଓ ଇନୋଭେଶନକୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ ହୋଇଛି। ଏହା କେବଳ ବଜାର ନୁହେଁ ଉପଭୋକ୍ତାଙ୍କ ଲାଗି ମଧ୍ୟ କ୍ଷତିକାରକ ବୋଲି ସିସିଆଇ ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ବଜାରରେ ନିଜର ଗୁରୁତ୍ୱ ବହନ କରୁଥିବା ଗୁଗଲ ଏପରି କରୁଥିବା ସିସିଆଇର ତଦନ୍ତକାରୀ ଟିମ୍ ୭୫୦ ପୃଷ୍ଠାର ରିପୋର୍ଟରେ ସବିଶେଷ ସୂଚନା ସୂଚିତ କରିଛି। ଏଥିରେ ଗୁଗଲ ମୋବାଇଲ ନିର୍ମାଣ କରୁଥିବା କମ୍ପାନୀଙ୍କ ସମେତ ଆପ୍ ପ୍ରସ୍ତୁତ କରୁଥିବା କମ୍ପାନୀଙ୍କୁ ଏକତରଫା କଣ୍ଟ୍ରାକ୍ଟ ଲାଗି ବାଧ୍ୟ କରୁଥିବା କୁହାଯାଇଛି।

ସିସିଆଇର ଉକ୍ତ ରିପୋର୍ଟରେ ଗୁଗଲ ବିରୋଧରେ ସେକ୍ସନ ୪-୨,ଏ,ଆଇ ସହ ସେକ୍ସନ ୪-୨,ସି ଓ ସେକ୍ସନ ୪-୨,ଡି ଏବଂ ସେକ୍ସନ ୪-୨,ଇ ରେ ଥିବା ବ୍ୟବସ୍ଥା ଉଲ୍ଲଂଘନର ଦୋଷୀ ବୋଲି ଦର୍ଶାଯାଇଛି। ତଦନ୍ତକାରୀ ଟିମ୍ ରିପୋର୍ଟକୁ ସିସିଆଇଙ୍କୁ ପଠାଇ ଦେଇଛନ୍ତି। ବିଚାରରେ ଯଦି ଗୁଗଲ ସିସିଆଇଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଗୁଗଲଙ୍କୁ ଜରିମାନା କରାଯିବା ସହ ବ୍ୟବସାୟିକ ନୀତିନିୟମ ବଦଳାଇବା କୁହାଯାଇପାରେ।

**ସିସିଆଇ ରିପୋର୍ଟ**

କେବଳ ଭାରତରେ ନୁହେଁ ଆମେରିକା, ୟୁରୋପ, ଜର୍ମାନୀ ଓ ଜାପାନ ଆଦି ଦେଶରେ ମଧ୍ୟ ଗୁଗଲ ସମାନ ଅଭିଯୋଗର ସମ୍ମୁଖୀନ ହୋଇଛି।

ମୋବାଇଲ ଅପରେଟିଂ ସିଷ୍ଟମ (ଓଏସ୍) ଓ ଏ ସମ୍ପର୍କିତ ବଜାରରେ ନିଜର ଆଧିପତ୍ୟ ବିସ୍ତାର କରିଥିବା ଗୁଗଲ ବଜାରରେ ଅନୁଚିତ ବ୍ୟବସାୟ କରୁଛି। ମୋବାଇଲ ଫୋନ ଓଏସ୍ ବଜାରରେ ଗୁଗଲର ଅତ୍ୟାଧୁନିକ ଆଣ୍ଡ୍ରଏଡ୍‌ର ଗୁରୁତ୍ୱ ରହିଛି। ଫଳରେ ଏହି ବଜାରର ୯୮% ଅଂଶ ଗୁଗଲ ନିୟନ୍ତ୍ରଣାଧୀନରେ ରହିଛି। ଏଥିରେ ଅନେକ ଦେଶୀୟ ଓ ବିଦେଶୀ କମ୍ପାନୀ ଯେପରି ଆପଲ, ମାଇକ୍ରୋସଫ୍ଟ, ଆମାଜନ, ପେଟିଏମ୍, ଫୋନ ପେ, ମୋଜିଲା, ସାମ୍‌ସଙ୍ଗ, ସାଓମୀ, ଭିଭୋ, ଓପୋ ଓ କାର୍ବନ ଆଦି କମ୍ପାନୀ ଗୁଗଲର ଉତ୍ପାଦ ଉପଯୋଗ କରୁଛନ୍ତି ବୋଲି ଜଣାପଡ଼ିଛି।

# ୟାମାହା ଶୋ'ରୁମ୍ ଉଦ୍‌ଘାଟିତ



ଯୋଗୀନ୍ଦର ହଂସ ଏବଂ ଅକ୍ଷୟ ହଂସ ୟାମାହା ଶୋ'ରୁମ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର,୧୮।୯**

ରାଜ୍ୟରେ ୟାମାହାର ନମ୍ବର ୱାନ୍ ଡିଲର 'ହିନ୍ଦୁସ୍ଥାନ ହ୍ୱିଲ୍ସ' ପକ୍ଷରୁ ଶନିବାର ପଟିଆଠାରେ ନୂଆ ୟାମାହା ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ହିନ୍ଦୁସ୍ଥାନ ଗ୍ରୁପ୍‌ର ମୁଖ୍ୟ ଯୋଗୀନ୍ଦର ହଂସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶୋ'ରୁମ୍ ପରିସରକୁ ଆସୁଥିବା ସମସ୍ତ ଗ୍ରାହକଙ୍କ ବିବରଣୀ ଡିଜିଟାଲ ମୋଡ୍‌ରେ ରଖାଯାଉଛି ବୋଲି ସଂସ୍ଥାର ସ୍ୱତ୍ୱାଧିକାରୀ ଅକ୍ଷୟ ହଂସ କହିଛନ୍ତି। ଗ୍ରାହକ ମଧ୍ୟ ଭେଇକିଲ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଡିଜିଟାଲ ଉପାୟରେ ସେମାନଙ୍କର ବ୍ରୋଚର ଡାଉନ୍‌ଲୋଡ୍ କରିପାରିବେ। ହିନ୍ଦୁସ୍ଥାନ ହ୍ୱିଲ୍ସ ପକ୍ଷରୁ ସେପ୍ଟେମ୍ବର ମାସ ପାଇଁ ସ୍କୁଟର ଉପରେ ଆକର୍ଷଣୀୟ ଉଦ୍‌ଘାଟନୀ ଅଫର ପ୍ରଦାନ କରୁଛି, ଯେଉଁଥିରେ ରହିଛି ବୀମା ଉପରେ ଫ୍ଲାଟ ୫୦୦୦ ଟଙ୍କାର ରିହାତି ଏବଂ ୪୯୯୦ ଟଙ୍କା ମୂଲ୍ୟର ମାଗଣା ବୋଟ୍ ବ୍ଲୁଟୁଥ୍ ଇୟରଫୋନ୍। ସେହିଭଳି ସ୍କ୍ରାଚ୍ ଆଣ୍ଡ ୱିନ୍ ଅଫରରେ ମଧ୍ୟ ଗ୍ରାହକମାନେ ୨୯୯୯ ଟଙ୍କାର ନିଶ୍ଚିତ ପୁରସ୍କାର ଓ ୧ ଲକ୍ଷ ଟଙ୍କାର ବମ୍ପର ପ୍ରାଇଜ୍ ଜିତିବାର ସୁଯୋଗ ଉଠାଇପାରିବେ ବୋଲି ହଂସ ମତବ୍ୟକ୍ତ କରିଥିଲେ।

# କ୍ରୁଜ୍ ଲାଇନରର ଶୁଭାରମ୍ଭ କଲା ଆଇଆରସିଟିସି

**ନୂଆଦିଲ୍ଲୀ,୧୮।୯**




ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେସନ (ଆଇଆରସିଟିସି) ପକ୍ଷରୁ ଶନିବାର ଦେଶର ପ୍ରଥମ ସ୍ୱଦେଶୀ ପର୍ଯ୍ୟଟକ ଜଳଜାହାଜ 'ଲକଜରୀ କ୍ରୁଜ ଲାଇନର'ର ଶୁଭାରମ୍ଭ କରାଯାଇଛି। ଏହି କ୍ରୁଜ୍ ସେବା ସ୍ଥାନୀୟ ଗୋଆ, ଡ୍ୟୁ, କୋଚି, ଲାକ୍ଷାଦ୍ୱୀପ ଓ ଶ୍ରୀଲଙ୍କା ସମେତ ଭାରତର ପ୍ରମୁଖ ଜଳରାଶି ଏବଂ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଆଦି ପରିଦର୍ଶନ କରାଇବ ବୋଲି ଜଣାପଡିଛି। ଉକ୍ତ କ୍ରୁଜରେ ରେଷ୍ଟୁରାଣ୍ଟ, ବାର, ସୁଇମିଂପୁଲ, ଓପନ ସିନେମା ଓ ଥିଏଟର ଭଳି ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏହା ଛଡା ପିଲାଙ୍କ ଲାଗି କିଡସ୍ ଏରିଆ ଓ ଅନେକ ମନୋରଞ୍ଜନ ସମ୍ପର୍ଣ୍ଣ ଆକ୍ଟିଭିଟିଜ ମଧ୍ୟ ଏଥିରେ ସାମିଲ କରାଯାଇଛି। ସେହିଭଳି ଆଇଆରସିଟିସି କ୍ରୋଡେଲିଆ କ୍ରୁସିସ ନାମକ ସଂସ୍ଥା ସହ ମିଶି କାର୍ଯ୍ୟ କରିବ ଏବଂ ଏହାକୁ ଏମଏସ ୱାଟର ୱେଏ ମାର୍କେଟିଙ୍ଗ କରିବ ବୋଲି ଜଣାପଡିଛି। ଦେଶରେ ଏବେବି କରୋନା ମହାମାରୀର ପ୍ରକୋପ ଜାରି ରହିଛି। ଏହି ପରିପ୍ରେୀରେ କ୍ରୁଜରେ କୋଭିଡ-୧୯ କଟକଣାକୁ କଡାକଡି ପାଳନ କରାଯାଉଛି। ଏହାର ବେସ୍ ଷ୍ଟେସନ ବର୍ତ୍ତମାନ ସମୟରେ ମୁମ୍ବାଇ ରହିଛି। ୨୦୨୨ରେ ଏହାକୁ ଚେନ୍ନାଇକୁ ସ୍ଥାନାନ୍ତରଣ କରିଦିଆଯିବ ବୋଲି ସୂଚନା ମିଳିଛି। ବେସ୍ ଷ୍ଟେସନ ସିଫ୍ଟ ହେବା ପରେ ପର୍ଯ୍ୟଟକ ଶ୍ରୀଲଙ୍କାର କଲମ୍ବୋ, ଗାଲେ, ତ୍ରିଙ୍କୋମାଲୀ ଓ ଜାଫନା ମଧ୍ୟ ପର୍ଯ୍ୟଟନରେ ଯାଇପାରିବେ। ଆଗକୁ ପାର୍ବଣ ଓ ନୂଆ ବର୍ଷ ଆସୁଛି ଏହାକୁ ନଜରରେ ରଖି ଏହାର ଚାହିଦ ବଢିବ ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି।

# କାନାରା ବ୍ୟାଙ୍କର ଋଣମେଳା

**ଭୁବନେଶ୍ୱର,୧୮।୯**

କାନାରା ବ୍ୟାଙ୍କ ସର୍କଲ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ବିବେକାନନ୍ଦ ହଲ୍ ପରିସରରେ ଶୁକ୍ରବାର ମେଗା ରିଟେଲ ଋଣ ମହୋତ୍ସବର ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଇଡି ବ୍ରିଜମୋହନ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, କାନାରା ବ୍ୟାଙ୍କ ରାଜ୍ୟର ଏକ ଅଗ୍ରଣୀ ଋଣ ପ୍ରଦାନକାରୀ ବ୍ୟାଙ୍କ ଭାବେ ଯୋଗଦାନ ରଖୁଛି। ଶିକ୍ଷାଋଣଠାରୁ ଆରମ୍ଭକରି ଗୃହ, କାର୍, ଯାନବାହନ, ରିୟଲ ଇଷ୍ଟେଟ ଏବଂ ବ୍ୟକ୍ତିଗତ ବର୍ଗରେ ଗ୍ରାହକଙ୍କୁ ସୁଲଭ ସୁଧହାରରେ ଋଣ ପ୍ରଦାନ କରାଯାଉଛି। ଏହି ଅବସରରେ ସେ ୩୬୭ ହିତାଧିକାରୀଙ୍କୁ ୫୪.୯୯ କୋଟି ଟଙ୍କାର ଋଣ ଅନୁମୋଦନ ପତ୍ର ପ୍ରଦାନ କରିଥିଲେ। ବ୍ୟାଙ୍କର ଜିଏମ୍ ବି.ଏଲ୍. ମୀନା, ଡିଜିଏମ୍ ଜି.ଏନ୍. ମୂର୍ତ୍ତି,ଏଜିଏମ୍ ପ୍ରକାଶ ପ୍ରଧାନ, ଏଜିଏମ୍ କେ. ଶ୍ରୀନିବାସ ଗୁପ୍ତା,ଏଜିଏମ୍ ସୁଶୀଲ କୁମାରଙ୍କ ସମେତ ସ୍ଥାନୀୟ କାର୍ଯ୍ୟାଳୟର ଅଧିକାରୀ ଓ ବିଭିନ୍ନ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଟିପିସିଓଡିଏଲ୍‌ର ବିଦ୍ୟୁତ୍ ବଣ୍ଟନ ସମୀକ୍ଷା

**କଟକ,୧୮।୯**

ରାଜ୍ୟରେ ନିରନ୍ତର ଅର୍ଥନୈତିକ ବିକାଶ ଓ ଅଭିବୃଦ୍ଧି ହାସଲ କରିବା ଲାଗି ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପୁରୁଣା ବିଦ୍ୟୁତ ବଣ୍ଟନ ନେଟ୍‌ୱର୍କର ସୁଦୃଢ଼ୀକରଣ ଦିଗରେ ଅସଂଖ୍ୟ ଉନ୍ନତୀକରଣ କାର୍ଯ୍ୟ କରାଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର, ସିଇଓ ଏମ୍.ସେନବାଗମ କହିଛନ୍ତି ଯେ, ପୁରୁଣା ନେଟ୍‌ୱର୍କର ଉନ୍ନତୀକରଣ କରିବା ଲାଗି ଅନେକ ପ୍ରକାର ମରାମତି କାର୍ଯ୍ୟକ୍ରମ, ସ୍କାଡା ପ୍ୟାନେଲ୍‌ର ଆର୍ଥିଂ, ସ୍ମାର୍ଟ ଅଗ୍ନି ଚିହ୍ନଟ ବ୍ୟବସ୍ଥା ଆଦି ଅଭିଯାନ ଗ୍ରହଣ କରାଯାଇଛି।

**ଦଶମ ଜନ୍ମ ବାର୍ଷିକୀ ଶୁଭେଚ୍ଛା**



**ଓମ୍ ସାଇ ବିଶ୍ୱାଳ**
(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
''ଶ୍ରୀହରିଙ୍କ ଚରଣେ ବାବୁ କର ଶ୍ରଦ୍ଧା, ଲାଗିବ ନାହିଁ ତୁମକୁ ଭବ ବାଧା, ହରିଙ୍କ ନାମେ ''ସାଇ'' ବାନ୍ଧ ଭେଳା, ତୁମ ଦୁଃଖ ହରିବେ ପ୍ରଭୁ ଚକାଡୋଳା''
**ଶୁଭେଚ୍ଛା ସହ:** ମାଆ, ଜେଜେ, ମାମା, ବାପା, ଖୁଡ଼ୀ, ଦାଦା, ଅପା, ପିଉସା, ଆଈ, ଅଜା, ମାଈ, ମାମୁ, ମାଉସୀ, ମଉସା, ଭଉଣୀ. ଭାଇ, ଗୁରୁମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୬୫୦

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ସୌରଭ ଦାସ (ସାଇ)**
୧୦୧୮, ଶ୍ରୀରାମ ନଗର, ଓଲ୍ଡ ଟାଉନ୍
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ: ଦାସ ପରିବାରବର୍ଗ**
ଜୟ ମାତାଦୀ
ଧ-୭୦୯୫୬

## ଫୁରସତ୍

# 'ବାକ୍ଟ୍ରିଆନ ଟ୍ରେଜର' ଉପରେ ତାଲିବାନ୍ ନଜର

**ବନ୍ଧୁକ ମୁନରେ କ୍ଷମତା ଅକ୍ତିଆର କରିନେବା ହୁଏତ ସହଜ, ହେଲେ ବ୍ୟବସ୍ଥିତ ଢଙ୍ଗରେ ଶାସନ କରିବା ବଡ଼ କଷ୍ଟକର ବ୍ୟାପାର। ତାଲିବାନ୍‌ର କାବୁଲ୍ ଦଖଲ ପରେ ଏହି କଥା ଆପାତତଃ ସ୍ପଷ୍ଟ ହୋଇଯାଇଛି। ରୂଢ଼ିବାଦୀ ମୁସ୍‌ଲିମ୍ ଶାସନକୁ ମୁଣ୍ଡପାତି ସହିନେବା ଛଡ଼ା ଲକ୍ଷାଧିକ ଆଫଗାନ୍‌ଙ୍କ ପକ୍ଷେ ଯଦିଓ ଅନ୍ୟ ବିକଳ୍ପ ନାହିଁ, ତଥାପି ୨୦ବର୍ଷ ଧରି ଗଣତନ୍ତ୍ର ଶାସନର ଛତ୍ରଛାୟା ତଳେ ସୃଷ୍ଟି ହୋଇଥିବା ସ୍ୱାଧୀନଚେତା ମନୋଭାବକୁ ସେମାନେ ସମ୍ପୂର୍ଣ୍ଣ ମାରିପାରୁନାହାନ୍ତି। ଏସବୁ ଭିତରେ ପରିବର୍ତ୍ତନ ହୋଇଛି କ୍ଷମତା ଏବଂ ଏହାକୁ ନେଇ ସୃଷ୍ଟି ହୋଇଛି ଗୃହଯୁଦ୍ଧ। ଏଥିରେ ସନ୍ତୁଳି ହେଉଥିବା ୪ କୋଟି ଆଫଗାନ୍‌ବାସୀ ଦିନକୁ ଦି ମୁଠା ଖାଇବା ଯୋଗାଡ଼ କରିବାକୁ କରୁଛନ୍ତି ସଂଘର୍ଷ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରୁ ମୁକୁଳିବା ପାଇଁ 'ବାକ୍ଟ୍ରିଆନ୍ ଟ୍ରେଜର' ଉପରେ ନଜର ପକାଇଛି ତାଲିବାନ୍।**



**କାବୁଲ:** ଆଫ୍‌ଗାନିସ୍ତାନକୁ ନିୟନ୍ତ୍ରଣକୁ ନେବା ପରେ ଦେଶକୁ ପରିଚାଳନା କରିବା ଆତଙ୍କବାଦୀ ଗୋଷ୍ଠୀ ତାଲିବାନ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ବିଶ୍ୱସମୂହର ବିଶ୍ୱାସ ଜିତିବା, ସମାନ୍ତରାଳ ଭାବେ ବୈଦେଶିକ ସମ୍ପର୍କ ସୁଦୃଢ଼ କରିବା, ନୂତନ ନିୟମ ପ୍ରଣୟନ ଏବଂ ଯୋଜନା କାର୍ଯ୍ୟକାରୀ କରିବା ଲାଗି ବିପୁଳ ପୁଞ୍ଜିର ଆବଶ୍ୟକତା ଅନୁଭବ ହେଲାଣି। ଏଭଳି ସମୟରେ ରସାତଳକୁ ଚାଲିଯାଇଥିବା ଆଫଗାନ୍ ଅର୍ଥନୀତିକୁ ଫେରାଇ ଆଣିବା ପାଇଁ ପ୍ରୟାସ ଆରମ୍ଭ କରିଛି ତାଲିବାନ୍। ଏ କ୍ଷେତ୍ରରେ ୨୦୦୦ ବର୍ଷ ପୁରୁଣା 'ବାକ୍ଟ୍ରିଆନ ଟ୍ରେଜର' ଉପରେ ଦୃଷ୍ଟି ନିବଦ୍ଧ କରିଛନ୍ତି ଆତଙ୍କବାଦୀ ଗୋଷ୍ଠୀ।

ଆଫଗାନିସ୍ତାନର କଲଚରାଲ କମିଶନ ଡେପୁଟି ହେଡ୍ ଅହମଦୁଲ୍ଲାହ ୱାସିକ୍ ଟୋଲୋ ନ୍ୟୁଜ୍‌କୁ ଦେଇଥିବା ପ୍ରତିକ୍ରିୟାରୁ ଜଣାପଡ଼ିଛି, ଗୁପ୍ତଧନ ଖୋଜିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଆଫଗାନିସ୍ତାନ୍‌ର ବହୁ ଚର୍ଚ୍ଚିତ ଐତିହ୍ୟ ସମ୍ପଦ ଭାବେ ପରିଚିତ 'ବାକ୍ଟ୍ରିଆନ ଟ୍ରେଜର' ଦେଶ ଭିତରେ ରହିଛି ନା ବାହାରକୁ ଚାଲାଣ ହୋଇସାରିଛି, ସେ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ଯଦି ଦେଶ ବାହାରକୁ ଚାଲାଣ ହୋଇଥାଏ, ତେବେ ଏହାକୁ ଦେଶଦ୍ରୋହ ଭାବେ ବିବେଚନା କରାଯିବ। ତାଲିବାନ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

'ନ୍ୟାଶନାଲ ଜିଓଗ୍ରାଫିକ୍' ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, 'ବାକ୍ଟ୍ରିଆନ ଟ୍ରେଜର' ହେଉଛି ପ୍ରାଚୀନ ଗୁପ୍ତଧନ। ୪ ଦଶନ୍ଧି ତଳେ 'ଟେଲା ଟାପା' ଅଞ୍ଚଳରେ ଏହାର ସନ୍ଧାନ କରାଯାଇଥିଲା। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରୁ ଆରମ୍ଭ କରି ପ୍ରଥମ ଖ୍ରୀଷ୍ଟାବ୍ଦ ମଧ୍ୟରେ ସାରା ଏସିଆ ମହାଦେଶରୁ ସଂଗୃହୀତ ବିପୁଳ ପରିମାଣର ସୁନା ୬ଟି ପୃଥକ୍ କବରରୁ ମିଳିଥିଲା। ସୁନା ଅଳଙ୍କାରକୁ ବାଦ୍‌ଦେଲେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଦୁର୍ମୂଲ୍ୟ ବସ୍ତୁ, ପଥର, ହୀରା, ନୀଳା, ମୋତି, ମାଣିକ ଏଥିରେ ସାମିଲ ଥିଲା। ବିଶେଷଜ୍ଞଙ୍କ କହିବା କଥା, ସମ୍ପୃକ୍ତ ୬ କବର ଏସିଆ ମହାଦେଶର ଯାଯାବର ସମ୍ପ୍ରଦାୟର ବ୍ୟକ୍ତିଙ୍କର। ସେମାନଙ୍କ ମଧ୍ୟରେ ୫ ମହିଳା ଏବଂ ଜଣେ ପୁରୁଷଙ୍କର। କବରରୁ ମିଳିଥିବା ୨୦୦୦ ବର୍ଷ ପୁରୁଣା କଳାକୃତିଗୁଡ଼ିକ ପାର୍ସୀ ଏବଂ ଗ୍ରୀକ୍ କଳାର ଅପୂର୍ବ ମିଶ୍ରଣ। ୬ନଂ. କବରରୁ ବିପୁଳ ଧନସମ୍ପଦ ସହ ଏକ ସୁବର୍ଣ୍ଣ ମୁକୁଟ ମିଳିଥିଲା। 'ବାକ୍ଟ୍ରିଆନ ଟ୍ରେଜର'କୁ ଆଫଗାନିସ୍ତାନର ଐତିହ୍ୟ ସମ୍ପଦ ବୋଲି ବିଚାର କରାଯାଏ। ଶେଷଥର ପାଇଁ ୨୦୨୧ ଫେବୃୟାରୀରେ ରାଷ୍ଟ୍ରପତି ଭବନରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏହାର ପ୍ରଦର୍ଶନ କରାଯାଇଥିଲା। ୱାସିକ୍‌ଙ୍କ କହିବା କଥା, ପ୍ରାଚୀନ ଏବଂ ଐତିହାସିକ ସ୍ମାରକର ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ସମୁଦାୟ ସହିତ କରାଯାଇଥିବା ଚୁକ୍ତି ବଳବତ୍ତର ରହିବ। ରାଷ୍ଟ୍ରୀୟ ସଂଗ୍ରହାଳୟ, ରାଷ୍ଟ୍ରୀୟ ଗ୍ୟାଲେରି ସମେତ ଅନ୍ୟ ପ୍ରାଚୀନ ସ୍ମାରକୀ ନିଜ ନିଜ ସ୍ଥାନରେ ସୁରକ୍ଷିତ ରହିଛି।

**ଷଷ୍ଠତମ ଜନ୍ମଦିନ ଶୁଭେଚ୍ଛା**



**ସାଇକ୍ରିଷ୍ଣା**
ନହରପଦା ବଜାର, ବ୍ରହ୍ମଗିରି
ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
—:ଶୁଭେଚ୍ଛା ସହ:—
ରାନୁଲତା ମୁରୁଡ଼ି, ଦୀପ୍ତିରଞ୍ଜନ ମୁରୁଡ଼ି, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୧୬୮୦

**ଜନ୍ମଦିନ ଶୁଭେଚ୍ଛା**

**ଶିଖା (ସୋନା)**



ଆଜି ତୁମ ୨୫ତମ ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ସାଇ ବାବାଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ ତୁମ ଚଲାପଥ ସଦାସର୍ବଦା କୁସୁମିତ ହେଉ।
—:ଶୁଭେଚ୍ଛା ସହ:—
ବୋଉ, ଦାଦା, ଖୁଡୀ, ଭାଇ, ଭାଉଜ, ସାନଭାଇ, ସାନ ଭଉଣୀ, ସାଙ୍ଗମାନେ ଓ ଶାଶୁଘରର ସମସ୍ତ ପରିବାରବର୍ଗଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଧ-୨୧୬୭୯

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
**ମୁଦ୍ରା ଫାଇନାନ୍ସ**
9471160476 / 9432985505
Whatsapp : 9953557897

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

# ସ୍କୁଲରୁ ପ୍ରେମରେ ପଡ଼ିଥିଲେ ଜ୍ୟାକ୍‌ଲିନ



ଜ୍ୟାକଲିନ ଫର୍ଣ୍ଣାଡିଜ

**ମୁମ୍ବାଇ:** ମନୋରଞ୍ଜନ ଦୁନିଆର ଆଗଧାଡିର ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଡିଜ ଏବେ ତାଙ୍କର ପ୍ରଥମ କ୍ରଶ୍‌କୁ ନେଇ ଖୋଲାଖୋଲି କଥା ହୋଇଛନ୍ତି। ସେ ତାଙ୍କ ଅଭିନୀତ 'ଭୁତ ପୋଲିସ' ଫିଲ୍ମର ସହ-କଳାକାର ଅର୍ଜୁନ କପୁରଙ୍କ ସହ ଏକ ଚାଟ ଶୋ'ରେ ଏ ସମ୍ପର୍କରେ କିଛି କଥା ତାଙ୍କ ଫ୍ୟାନ୍‌ଙ୍କୁ ଜଣାଇଛନ୍ତି। ଅର୍ଜୁନ କପୁର 'ବକ୍ ବକ୍ ୱିଥ ବାବା' ନାମକ ଏକ ସୋସିଆଲ ମିଡିଆ ଚାଟ ଶୋ' ଆରମ୍ଭ କରିଛନ୍ତି। ଯେଉଁଥିରେ ସେ ଅଭିନୟ ଇଣ୍ଡଷ୍ଟ୍ରିର କେତେଜଣ ବନ୍ଧୁ ଓ ସେମାନଙ୍କ ପରିବାର ସମ୍ପର୍କରେ ଏମିତି କିଛି କଥା ହେବାକୁ ଚାହୁଁଛନ୍ତି ଯାହାକୁ ସାଧାରଣ ଲୋକ ଜାଣି ନାହାନ୍ତି। ଏହି ଶୋ'ରେ ସେ ନିକଟରେ ଅଭିନେତ୍ରୀ ଜ୍ୟାକଲିନଙ୍କ ସହ କଥା ହୋଇଛନ୍ତି। ଏଥିରେ ଜ୍ୟାକଲିନ ତାଙ୍କ ପ୍ରଥମ ପ୍ରେମ, ଫିଟନେସ, ଟ୍ରୋଲର୍ସଙ୍କଠାରୁ କେମିତି ଦୂରେଇ ହେବ ଆଦି ବାବଦରେ ଖୋଲା କଥା ହୋଇଛନ୍ତି। ଅର୍ଜୁନଙ୍କ ପ୍ରଶ୍ନଥିଲା ଯେ ଜ୍ୟାକଲିନ ସବୁଠାରୁ କ'ଣ ଖରାପ ନିଜ ବିଷୟରେ ସୋସିଆଲ ମିଡିଆରେ ପଢିଛନ୍ତି। ଜ୍ୟାକଲିନ କହିଛନ୍ତି ଏମିତି ତ ବହୁତ କିଛି ଅଛି। ହେଲେ ଏହା କେବଳ ମୋ ପାଇଁ ନୁହେଁ ପ୍ରାୟ ସମସ୍ତଙ୍କ ପାଇଁ। ଜ୍ୟାକଲିନ କହିଛନ୍ତି ମୋତେ କେହି କେହି ଲେଖିଛନ୍ତି କେତେ ଭୟଙ୍କର ଲାଗୁଛ, ମୋର ଉଚ୍ଚାରଣ ବି କେତେକଙ୍କୁ କଷ୍ଟ ଲାଗିଛି। ଏସବୁ ଟ୍ରୋଲ ପରେ କିନ୍ତୁ ସେ ସବୁକଥାକୁ ସକାରାତ୍ମକ ଢଙ୍ଗରେ ନେଇଛି ବୋଲି ଜ୍ୟାକଲିନ କହିଛନ୍ତି। ତେବେ ନିଜର ପ୍ରଥମ କ୍ରସକୁ ନେଇ ଜ୍ୟାକଲିନ କହିଛନ୍ତି ସ୍କୁଲ ବେଳରୁ ହିଁ ସେ ଜଣେଙ୍କୁ ପସନ୍ଦ କରୁଥିଲେ। ଆଉ ସେ ହିଁ ତାଙ୍କ ଜୀବନର ପ୍ରଥମ କ୍ରଶ୍। ହେଲେ ସେ ତାଙ୍କ ନାଁ କହିବାକୁ ମନା କରିଥିଲେ। ଏହାସହ ଜ୍ୟାକଲିନଙ୍କର ଲିୟୋନାର୍ଡୋ ଡିକେପ୍ରିୟୋଙ୍କ ଉପରେ ବି କ୍ରଶ୍ ଥିଲା ବୋଲି ସେ କହିଛନ୍ତି।

# ଦିନକୁ ଶୋଉଛନ୍ତି ୩୦ ମିନିଟ୍

**ଟୋକିଓ:** ଜାପାନର ଜଣେ ଯୁବକ ୧୨ ବର୍ଷ ହେଲା ଦିନକୁ ମାତ୍ର ୩୦ ମିନିଟ୍ ନିଦରେ ଶୋଇଥାନ୍ତି। ଏହା ପରେ ବି ତାଙ୍କୁ ଥକ୍କା ଲାଗେ ନାହିଁ। ଜାପାନର ଡାଇସୁକେ ହୋରି ନାମକ ଏହି ଯୁବକ କୁହନ୍ତି, ସେ ଦିନକୁ ୮ ଘଣ୍ଟା ଶୋଇବା ବଦଳରେ କେବଳ ଅଧଘଣ୍ଟାଏ ଶୋଇଥାନ୍ତି। ଯାହା ତାଙ୍କ ପାଇଁ ପର୍ଯ୍ୟାପ୍ତ। ସେ କୁହନ୍ତି, ଏହା ଦ୍ୱାରା ତାଙ୍କର କୌଣସି କ୍ଷତି ହୁଏ ନାହିଁ। ୩୬ ବର୍ଷୀୟ ହୋରି 'ଜାପାନର ଶର୍ଟ-ସ୍ଲିପର ଆସୋସିଏଶନ'ର ଅଧ୍ୟକ୍ଷ ଅଛନ୍ତି। ସେ ଶହ ଶହ ଲୋକଙ୍କୁ ଏପରି କରିବାକୁ ପରାମର୍ଶ ମଧ୍ୟ ଦେଇଥାନ୍ତି। କାରଣ କମ୍ ଶୋଇଲେ ନିଜର ରୋଜଗାର ବଢ଼ିବ। ଆଉ ସୁନ୍ଦର ତଥା ସୁଖଦ ଜୀବନଶୈଳୀ ବିତାଇ ପାରିବ। ସେ କୁହନ୍ତି, ୧୬ ଘଣ୍ଟା ଭିତରେ ସବୁକିଛି ହାସଲ କରି ହେବ ନାହିଁ। ୮ ଘଣ୍ଟା ଯଦି ନିଦରେ ଶୋଇବ ତେବେ ଜୀବନରେ କ'ଣ ଉନ୍ନତି କରିବ। ତେଣୁ ସେ ନିଷ୍ପତ୍ତି ନେଇଥିଲେ ଦିନକୁ ମାତ୍ର ୩୦ ମିନିଟ୍ ଶୋଇବେ। ଏହା ତାଙ୍କ ଅଭ୍ୟାସରେ ପରିଣତ ହୋଇଗଲା। ଏବେ ତାଙ୍କୁ ଆଉ କୌଣସି ଅସୁବିଧା ହେଉନାହିଁ। ସେ କୁହନ୍ତି, ୩୦ ମିନିଟ୍ ଶୋଇଲେ ମଧ୍ୟ ତାଙ୍କୁ ଥକ୍କା ଲାଗେ ନାହିଁ। ଆରାମରେ ସେ ସବୁ କାମ କରିପାରନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ତାଙ୍କର ଏପରି ଜୀବନଶୈଳୀର ପ୍ରମାଣ ଦେବାକୁ ସେ ଜଣେ ଟିଭି ଉପସ୍ଥାପକଙ୍କୁ ତାଙ୍କ ଘରେ ୩ ଦିନ ରଖିଥିଲେ। ବାସ୍ତବରେ ହୋରି ୩୦ ମିନିଟ୍ ଶୋଇ ବାକି ସମୟ ତାଙ୍କ କାମରେ ଲାଗିଥିଲେ। ଯାହା ଦେଖି ଉପସ୍ଥାପକ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ। ଏପରି ଜୀବନଶୈଳୀ ପାଇଁ ହୋରି ଚର୍ଚ୍ଚାରେ ରହିଛନ୍ତି।



**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

# କୁମ୍ବଲେ, ଲକ୍ଷ୍ମଣଙ୍କୁ ଆବେଦନ ପାଇଁ କହିପାରେ ବିସିସିଆଇ

ନୂଆଦିଲ୍ଲୀ, ୧୮।୯(ପି.ଟି.)

ଟି୨୦ ବିଶ୍ୱକପ୍ ପରେ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ପଦବୀ ପାଇଁ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ହୁଏତ ଅନିଲ କୁମ୍ବଲେ ଓ ଭିଭିଏସ ଲକ୍ଷ୍ମଣଙ୍କୁ ଏହି ପଦବୀ ଲାଗି ଆବେଦନ କରିବା ଲାଗି କହିପାରେ। ୨୦୧୬-୧୭ ମଧ୍ୟରେ ବର୍ଷକ ପାଇଁ କୁମ୍ବଲେ ଭାରତୀୟ କ୍ରିକେଟ ଦଳର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ସଚିନ ତେନ୍ଦୁଲକର, ଲକ୍ଷ୍ମଣ ଓ ଗାଙ୍ଗୁଲିଙ୍କୁ ନେଇ ଗଠିତ କ୍ରିକେଟ ଉପଦେଷ୍ଟା କମିଟି ଶାସ୍ତ୍ରୀଙ୍କ ସ୍ଥାନରେ ତାଙ୍କୁ ଏହି


ଅନିଲ କୁମ୍ବଲେ ଓ ଭିଭିଏସ ଲକ୍ଷ୍ମଣ।

ନିଯୁକ୍ତି ଦେଇଥିଲେ। ମାତ୍ର ଅଧିନାୟକ ବିରାଟ କୋହଲିଙ୍କ ସହିତ ତାଙ୍କର ମତଭେଦ ଘଟିବାରୁ ପାକିସ୍ତାନ ବିପକ୍ଷ ଚାମ୍ପିଅନ୍ସ ଲିଗ୍ ଫାଇନାଲରେ ପରାଜୟ ପରେ କୁମ୍ବଲେଙ୍କୁ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ପଡ଼ିଥିଲା। କିଛିବର୍ଷ ହେଲା ଆଇପିଏଲ ଦଳ ସନରାଇଜର୍ସ ହାଇଦ୍ରାବାଦ ପାଇଁ ମେଣ୍ଟର ଭାବେ ଦାୟିତ୍ୱ ତୁଲାଇ ଆସିଥିବା ଲକ୍ଷ୍ମଣ ଯଦିଓ ଦୌଡ଼ରେ ରହିବେ କୁମ୍ବଲେଙ୍କୁ କିନ୍ତୁ ଫେଭରାଇଟ୍ ବିବେଚନା କରାଯାଉଛି। କୋହଲିଙ୍କ ଚାପର ବଶବର୍ତ୍ତୀ ହୋଇ ଉପଦେଷ୍ଟା କମିଟି ଯେପରି ଭାବେ କୁମ୍ବଲେଙ୍କୁ ତାଙ୍କ ପଦବୀରୁ ହଟାଇବାକୁ ବାଧ୍ୟ ହୋଇଥିଲା ତାହା ଏକ ଖରାପ ଦୃଷ୍ଟାନ୍ତ ହୋଇ ରହିଗଲା। ବର୍ତ୍ତମାନ କଥା ଉଠୁଛି ଯଦି କୁମ୍ବଲେ ଓ ଲକ୍ଷ୍ମଣଙ୍କ ମଧ୍ୟରେ ଜଣେ କେହି ଆବେଦନ ନ କରନ୍ତି ତେବେ କ'ଣ କରାଯିବ ବୋଲି ବିସିସିଆଇର ଜଣେ ଉଚ୍ଚ କର୍ମକର୍ତ୍ତା ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ବିସିସିଆଇ କୋଚ୍ ପାଇଁ ଆବେଦନ କରିବା ଲାଗି ଏକ ମାନଦଣ୍ଡ ରହିଛି। ଆବେଦନକାରୀଙ୍କର ଜଣେ ଖେଳାଳି ହିସାବରେ ରେକର୍ଡ ରହିଥିବା ଆବଶ୍ୟକ। ଏହାଛଡ଼ା କୋଚିଂ/ମେଣ୍ଟରଶିପ୍ ଅଭିଜ୍ଞତା ଥିବା ଦରକାର। ଦୌଡ଼ରେ ବିକ୍ରମ ରାଠୋର ରହିଛନ୍ତି କି ବୋଲି ପ୍ରଶ୍ନ କରାଯିବାରେ ବିସିସିଆଇ କର୍ମକର୍ତ୍ତା ଜଣକ କହିଥିଲେ, ସେ ଆବେଦନ କରିପାରିବେ, ହେଲେ ଭାରତୀୟ କ୍ରିକେଟ ଟିମ୍ ପାଇଁ ସେ ପାରଙ୍ଗମ ନୁହନ୍ତି। ସହକାରୀ କୋଚ୍ ପଦବୀ ପାଇଁ କିନ୍ତୁ ସେ ଫିଟ୍। ନୂଆ କୋଚ୍ ମନୋନୟନ କେବେ ହେବ ତାହା ସ୍ଥିର ହୋଇଥିବା ସେ କହିଥିଲେ।

## ଦିଲ୍ଲୀ ଏଫ୍‌ସି-ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚ ଡ୍ର



କୋଲକାତା, ୧୮।୯ (ପି.ଟି.)

ସ୍ଥାନୀୟ ମୋହନ ବାଗାନ ଗ୍ରାଉଣ୍ଡରେ ଶନିବାର ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଚଳିତ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ଗ୍ରୁପ୍ 'ସି' ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ଦିଲ୍ଲୀ ଏଫ୍‌ସି ତରଫରୁ ୱିଲିସ୍ ଦେଓନ ପ୍ଲାଜା (୫୮ତମ ଓ ୬୨ତମ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବାବେଳେ ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଏନ୍. ଶିବ ଶକ୍ତି (୨୭ତମ) ଓ ବିଦ୍ୟାସାଗର ସିଂ (୭୫ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ମ୍ୟାଚର ଫଳାଫଳ ପରେ ବର୍ତ୍ତମାନ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବା ଲାଗି ଗ୍ରୁପ୍ 'ସି'ର ସମସ୍ତ ଦଳ ପାଇଁ ପଥ ଉନ୍ମୁକ୍ତ ରହିଛି।

## ରୌପ୍ୟ, ବ୍ରୋଞ୍ଜ ପଦକ ସହ ଫେରିଲେ ଅନୁପମା



ଅନୁପମାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ଭୁବନେଶ୍ୱର,୧୮।୯(ସ୍ପୋର୍ଟ୍ସ ବ୍ୟୁରୋ)

**ପଞ୍ଚମ ଏସୀୟ ଜୁ- ଜୁତ୍‌ସୁ ଚାମ୍ପିୟନଶିପ୍**

ଆବୁଧାବୀରେ ଅନୁଷ୍ଠିତ ଏସୀୟ ଜୁ-ଜୁତ୍‌ସୁ ଚାମ୍ପିୟନଶିପ୍‌ରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିବା ଅନୁପମା ସ୍ୱାଇଁ ଶନିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରଠାରେ ତାଙ୍କ ଶିକ୍ଷାନୁଷ୍ଠାନ ଉତ୍କଳ କରାଟେ ସ୍କୁଲ ତରଫରୁ ମିର ଅଜମତ ଅଲି, ଜୟଦେବ ପଟ୍ଟନାୟକ, ମହେଶ ଚନ୍ଦ୍ର ବରାଳ, ଦେବେନ୍ଦ୍ର ରଣା, ସପନ ସ୍ୱାଇଁ, ରାଜୀବ କୁମାର ସିଂ, ଦୀପକ ସାମନ୍ତରା, ହିମାଂଶୁ ଶେଖର ଦାସ, ଚିନ୍ମୟୀ ଭୂୟାଁ, ସନ୍ଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

ଏହାପରେ ଅନୁପମାଙ୍କୁ ଉତ୍କଳ କରାଟେ ସ୍କୁଲ ତରଫରୁ ପୁନିତ ଚନ୍ଦ୍ର ସାହୁ, ରଜନୀ ବିଶି, ମୋନାଲୀ ସାହୁ, ଦୁର୍ଗା ପ୍ରସାଦ ରଥ, ସୌମ୍ୟ ରଞ୍ଜନ ଦାସ, ଏସ୍.ଆର. ସାସମଲ, ସନକ ଦେଓ, ଲଳିତ କୁମାର ସାହୁ, ଚନ୍ଦ୍ରଶେଖର ସାହୁ, ଗୋପାଳ ଚନ୍ଦ୍ର ଦାସ, ଏନ୍.ବି. ପଟ୍ଟନାୟକ, ସୁରେଶ ଚନ୍ଦ୍ର ଜାଲ, ଗଣେଶ ବେହେରା, ଆଦିତ୍ୟ ମିଶ୍ର, ଦିଲୀପ କୁମାର ଜେନା, ଅଭିନାଶ ପୁନ୍ଦର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

## ହୃଦ୍‌ଘାତରେ କ୍ରିକେଟ କୋଚ୍‌ଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୮।୯(ପି.ଟି.)

ବେଙ୍ଗଲର ପୂର୍ବତନ ବାମହାତୀ ସ୍ପିନର ତଥା ମିଜୋରାମ ୧୯ ବର୍ଷରୁ କମ୍ କ୍ରିକେଟ ମୁଖ୍ୟ କୋଚ୍ ମୁର୍ତ୍ତାଜା ଲୋଧଗାରଙ୍କର ଶୁକ୍ରବାର ରାତିରେ ବିଶାଖାପାଟଣାଠାରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସଭାପତି ଅଭିଷେକ ଡାଲମିଆ ଏହି ସୂଚନା ଦେଇଛନ୍ତି। ୪୫ ବର୍ଷୀୟ ଲୋଧଗାର ମିଜୋରାମ ଜୁନିୟର କ୍ରିକେଟ ଦଳ ସହିତ ବିଶାଖାପାଟଣାକୁ ଯାଇଥିଲେ। ସେଠାରେ ତାଙ୍କ ଦଳ ଭିନୁ ମଙ୍କଡ଼ ଟ୍ରଫି (୧୯ ବର୍ଷରୁ କମ୍ ଜାତୀୟ ଦିନିକିଆ) ଲିଗ୍ ପର୍ଯ୍ୟାୟ ଖେଳିବା କାର୍ଯ୍ୟକ୍ରମ ରହିଛି। ଡିନର ପରେ ମୋର୍ତାଜାଙ୍କୁ ହୃଦ୍‌ଘାତ ହୋଇଥିଲା। ମୁର୍ତ୍ତାଜା ଘରୋଇ କ୍ରିକେଟରେ ୯ଟି ରଣଜୀ ମ୍ୟାଚ ଖେଳିଛନ୍ତି। ସେ ୩୪ ଉଇକେଟ ଅକ୍ତିଆର କରିଥିଲେ। ୨୦୦୪-୦୫ ସିଜନରେ ସେ କର୍ଣ୍ଣାଟକ ବିପକ୍ଷ ଏକ ପ୍ରଥମଶ୍ରେଣୀ ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିଥିଲେ।

## ୱାର୍ମଅପ୍ ମ୍ୟାଚ୍‌ରେ ହାରିଲା ଭାରତ

ବ୍ରିସ୍‌ବେନ୍, ୧୮।୯ (ପି.ଟି.)

**ମହିଳା କ୍ରିକେଟ**

ଅଷ୍ଟ୍ରେଲିଆ ଟୁର୍‌ରେ ଭାରତୀୟ ମହିଳା କ୍ରିକେଟ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଶନିବାର ଏଠାରେ ଅନୁଷ୍ଠିତ ଏକ ୫୦ ଓଭର ବିଶିଷ୍ଟ ୱାର୍ମଅପ୍ ମ୍ୟାଚ୍‌ରେ ଦଳ ଅଷ୍ଟ୍ରେଲିଆଠାରୁ ୩୬ ରନରେ ପରାସ୍ତ ହୋଇଛି। ଇଆନ ହିଲି ଓଭାଲଠାରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ଚ୍ୟାଲେଞ୍ଜିଂ ସ୍କୋର ୨୭୮/୯ କରିଥିଲା। ଓପନର ରାଚେଲ ହେନ୍ସ (୬୫), ମେଗ୍ ଲାନିଂ (୫୯) ଓ ବେଥ୍ ମୁନି (୫୯) ପ୍ରମୁଖ ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ଭାରତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୨୪୨ ରନ କରିଥିଲା। ଟପ୍ ସ୍କୋରର ପୂଜା ବସ୍ତ୍ରାକାର ୫୭ ରନ କରିଥିଲେ। ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଏଲିସ୍ ପେରୀ (୨/୩୮) ନୂଆ ବଲ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୯ ବର୍ଷୀୟା ଦ୍ରୁତ ବୋଲର ଷ୍ଟେଲା କ୍ୟାମ୍ପବେଲ (୩/୩୮) ପ୍ରଥମ ୧୫ ଓଭରରେ ୨ଟି ଲେଖାଏ ଉଇକେଟ ଖସାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଭାରତର ସ୍କୋର ସେତେବେଳେ ୮୮/୪ ରହିଥିଲା। ପେରୀ ଶୃଙ୍ଖଳିତ ବୋଲିଂ କରି ସ୍ମୃତି ମନ୍ଧାନା (୧୪) ଓ ମିଥାଲି ରାଜ (୧)ଙ୍କୁ ଶୀଘ୍ର ଆଉଟ କରିଦେଇଥିଲେ। କ୍ୟାମ୍ପବେଲ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରି ଶେଫାଲି ବର୍ମା (୨୭) ଓ ରିଚା ଘୋଷ (୧୧)ଙ୍କୁ ଅଧିକ ସମୟ କ୍ରିଜ୍‌ରେ ତିଷ୍ଠିବାକୁ ଦେଇ ନ ଥିଲେ। ଭାରତର ୨୧ ବର୍ଷୀୟା ୟାଷ୍ଟିକା ଭାଟିଆ (୪୧)ଙ୍କଠାରୁ କିଛିଟା ଚମତ୍କାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ବାମହାତୀ ଫିଙ୍ଗର ସ୍ପିନର ସୋଫି ମୋଲିନେକ୍ସ (୧/୧୨)ଙ୍କ ଦ୍ୱାରା ଆଉଟ ହେବା ପୂର୍ବରୁ ସେ ଡାର୍ସି ବ୍ରାଉନ୍‌ଙ୍କ ଗୋଟିଏ ଓଭରରେ ୧୮ରନ ସଂଗ୍ରହ କରିଥିଲେ। ଭାରତ ଏକଦା ୧୦୬ ସ୍କୋରରେ ୬ ଉଇକେଟ ହରାଇ ସାରିଥିଲା। ବସ୍ତ୍ରାକାର ଓ ଦୀପ୍ତି ଶର୍ମା (୪୯*) ଭାରତ ସ୍କୋରରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ ହେଁ ଦଳକୁ ବିଜୟୀ କରିବାରେ ସମର୍ଥ ହୋଇ ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ମହିଳା ଇନିଂସ :** ୫୦ ଓଭରରେ ୨୭୮/୯ (ରାଚେଲ ହେନ୍ସ-୬୫, ମେଗ୍ ଲାନିଙ୍ଗ-୫୯, ବେଥ୍ ମୁନି-୫୯ ; ପୁନମ ଯାଦବ-୩/୨୮, ଝୁଲଣ ଗୋସ୍ୱାମୀ-୨/୩୬)।

**ଭାରତ ମହିଳା ଇନିଂସ:** ୫୦ ଓଭରରେ ୨୪୨/୭ (ପୂଜା ବସ୍ତ୍ରାକାର-୫୭, ଦୀପ୍ତି ଶର୍ମା-୪୯*, ୟାଷ୍ଟିକା ଭାଟିଆ-୪୧, ଶେଫାଳୀ ବର୍ମା-୨୭ ; ଷ୍ଟେଲା କ୍ୟାମ୍ପ୍‌ବେଲ୍-୩/୩୮, ଏଲିସ୍ ପେରୀ-୨/୩୮)।

**ରାଜ୍ୟ ଖବର**

## ହୀରାକୁଦର ୧୮ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୧୮।୯(ବ୍ୟୁରୋ)

ହୀରାକୁଦ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଶନିବାର ଏହା ୬୨୮.୧୭ ଫୁଟ୍‌ରେ ପହଞ୍ଚିଛି। ରାତି ୯ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ବାମପାର୍ଶ୍ୱରେ ୧୨ ଓ ଡାହାଣପାର୍ଶ୍ୱରେ ୬ ମୋଟ ୧୮ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ପ୍ରତି ସେକେଣ୍ଡରେ ୨ଲକ୍ଷ ୯୬ହଜାର ୯୫୬ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୩ଲକ୍ଷ ୨୨ ହଜାର ୩୭୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଗେଟ୍ ଦେଇ ୨ଲକ୍ଷ ୯୩ ହଜାର ୪୫୪ କ୍ୟୁସେକ, ପାୱାର ଚାନେଲରେ ୨୫ହଜାର ୧୮୩, ଶିଳ୍ପକୁ ୨୮୨କ୍ୟୁସେକ ଓ ଚାଷ ପାଇଁ ବିଭିନ୍ନ କେନାଲରେ ୩ ହଜାର ୪୫୧ ଏପରି ମୋଟ ୩ ଲକ୍ଷ ୨୨ହଜାର ୩୭୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୧୬ହଜାର, ପର୍ଥଲାରେ ୫୫ହଜାର ୪୭୪, ଖଇରମାଳରେ ୫ ଲକ୍ଷ ୨ ହଜାର, ବରମୁଲାରେ ୫ ଲକ୍ଷ ୭୮ ହଜାର, ମୁଣ୍ଡଳୀରେ ୫ ଲକ୍ଷ ୭୬ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ ରାତି ୧୦ଟାରେ ପୁଣି ୬ଟି ସ୍ଲୁଇସ ଗେଟ୍ ବନ୍ଦ କରିବାକୁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡିଛି।

## ଓଡ଼ଗାଁ ସିଭିଲ କୋର୍ଟ କମ୍ପ୍ଲେକ୍ସ ସର୍ବୋତ୍କୃଷ୍ଟ

**ସିଭିଲ କୋର୍ଟ କମ୍ପ୍ଲେକ୍ସ ଉଦ୍‌ଘାଟିତ**

ଓଡ଼ଗାଁ/ନୟାଗଡ଼ ଅଫିସ,(ସ୍ୱ.ପ୍ର.)୧୮।୯

ନୟାଗଡ଼ ଜିଲା ଓଡ଼ଗାଁ ସଦର ମହକୁମାରେ ସିଭିଲ କୋର୍ଟ କମ୍ପ୍ଲେକ୍ସ ଶନିବାର ଲୋକାର୍ପିତ ହୋଇଛି। ଏହାକୁ ସୁପ୍ରିମକୋର୍ଟର ବିଚାରପତି ଭିନିତ୍ ଶରଣ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ହାଇକୋର୍ଟର ମୁଖ୍ୟବିଚାରପତି ଡକ୍ଟର ଏସ୍. ମୁରଲୀଧର, ଜଷ୍ଟିସ ବିଶ୍ୱଜିତ୍ ମହାନ୍ତି, ଜଷ୍ଟିସ ଦେବବ୍ରତ ଦାଶ, ଜଷ୍ଟିସ ବିଶ୍ୱନାଥ ରଥ, ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ, ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ, ଜଷ୍ଟିସ ସାବିତ୍ରୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ସଙ୍ଗମ କୁମାର ସାହୁ ଭର୍ଚୁଆଲ ମୋଡରେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ନୟାଗଡ଼ ଜିଲା ସଦର ମହକୁମାର ବିଭିନ୍ନ


ଲୋକାର୍ପଣ ଉତ୍ସବରେ ସୁପ୍ରିମ୍‌କୋର୍ଟର ବିଚାରପତି ଭିନିତ୍ ଶରଣ, ହାଇକୋର୍ଟର ମୁଖ୍ୟ ବିଚରପତି ଏସ୍. ମୁରଲୀଧର ଓ ଅନ୍ୟ ବିଚାରପତି।

କୋର୍ଟ ଓ ଓଡ଼ଗାଁ କୋର୍ଟ ବିଚାରପତିଙ୍କ ସମେତ ବାରଆସୋସିଏଶନର ସଭାପତି ପବିତ୍ର ମୋହନ ସାହୁ ଓ ସମ୍ପାଦକ ବସନ୍ତ ମହାନ୍ତି ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ସୁପ୍ରିମକୋର୍ଟର ବିଚାରପତି ଶରଣଙ୍କ ସମେତ ଅନ୍ୟ ବିଚାରପତିମାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ ଦିଆଯାଇଥିଲା। ଏହାପରେ କୋର୍ଟ ଲୋକର୍ପଣ ଓ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁପ୍ରିମକୋର୍ଟର ବିଚାରପତି ଶରଣ କହିଲେ, ଭାରତରେ ଓଡ଼ଗାଁ ସିଭିଲ କୋର୍ଟ କମ୍ପ୍ଲେକ୍ସ ସର୍ବୋତ୍କୃଷ୍ଟ। ଏଥିପାଇଁ ଓଡ଼ଗାଁ ମାଟିର ସନ୍ତାନ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କୁ ସମସ୍ତ ଶ୍ରେୟ ଦିଆଯିବ। ସୂଚନାଯୋଗ୍ୟ, ୧୫ କୋଟି ଟଙ୍କା ବ୍ୟୟରେ ଓଡ଼ଗାଁ ସିଭିଲ କୋର୍ଟ କମ୍ପ୍ଲେକ୍ସ ନିର୍ମିତ ହୋଇଛି। ଏହି କମ୍ପ୍ଲେକ୍ସରେ ଅଫିସ ଗୃହ, ବାର ଆସୋସିଏଶନ, ଜଜଙ୍କ ସମେତ କର୍ମଚାରୀଙ୍କ କ୍ୱାର୍ଟର୍ସ ଓ ଅତିଥି ଗୃହ ରହିଛି। ଏହି କମ୍ପ୍ଲେକ୍ସକୁ ଓଡିଶା ରାଜ୍ୟ ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ ଲିମିଟେଡ ନିର୍ମାଣ କରିଛି। ନୟାଗଡ଼ ଜିଲା ଓ ସେସନ ଜଜ ଏବଂ ଓଡ଼ଗାଁ ବାର ଆସୋସିଏଶନ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସୁପ୍ରିମକୋର୍ଟ ବିଚାରପତି ଓ ହାଇକୋର୍ଟର ମୁଖ୍ୟ ବିଚାରପତି ଶରଣକୁଳର ଲଡୁବାବା ଓ ଓଡଗାଁର ରଘୁନାଥ ଜୀଉଙ୍କୁ ଦର୍ଶନ କରିଥିଲେ। ଏଥିପାଇଁ ମନ୍ଦିରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଚାଷୀଙ୍କୁ ବିଲରେ ଦଳିଦେଲା ଦନ୍ତା


ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

ପରଜଙ୍ଗ, ୧୮।୯(ଡି.ଏନ୍.ଏ.)

- ଉତ୍ତ୍ୟକ୍ତ ଲୋକଙ୍କ ଏନ୍‌ଏଚ୍ ଅବରୋଧ
- ଲିଖିତ ପ୍ରତିଶ୍ରୁତି ପରେ ହଟିଲା ଧାରଣା

ବନ୍ୟଜନ୍ତୁଙ୍କ ଉପଦ୍ରବରୁ ଫସଲ ସୁରକ୍ଷା ଦେବାକୁ ରାତିରେ ଜମିକୁ ଯାଇଥିବା ବେଳେ ଦନ୍ତା ହାତୀ ଆକ୍ରମଣରେ ଚାଲି ଯାଇଛି ଜଣେ ଚାଷୀଙ୍କ ଜୀବନ। ମୃତକ ହେଲେ ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଖଣ୍ଡୁଆଳମୁଣ୍ଡା ଗ୍ରାମର ଉପେନ୍ଦ୍ର ଅମାନ୍ତ (୪୫)। ଶନିବାର ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ।

ପରିବାର ଲୋକଙ୍କ କହିବା କଥା, ଉପେନ୍ଦ୍ର ଶୁକ୍ରବାର ରାତିରେ ବିଲକୁ ଫସଲ ଜଗିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଏକ ଦନ୍ତା କୁଡ଼ିଆରେ ପଶି ତାଙ୍କୁ ଦଳି ଦେଇଥିଲା। ଶନିବାର ସକାଳୁ ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ମହାବିରୋଡ ରେଞ୍ଜର ହରମୋହନ ନାୟକ ପହଞ୍ଚି ତଦନ୍ତ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ, ପରିବାରର ଜଣେ ସଦସ୍ୟଙ୍କୁ ଚାକିରି, ହାତୀ ଉପଦ୍ରବରୁ ସୁରକ୍ଷା ଲାଗି ସୋଲାର ବାଡ଼, ରାସ୍ତାରେ ଆଲୋକୀକରଣ କରିବା ଲାଗି ଗ୍ରାମବାସୀ ଦାବି କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ହାତୀ ଉପଦ୍ରବରୁ ଧନଜୀବନ ସୁରକ୍ଷା ଲାଗି ସୋଲାର ବାଡ଼ ପାଇଁ ପ୍ରସ୍ତାବ ଦିଆଯାଇଥିବା ରେଞ୍ଜର କହିଥିଲେ। ହେଲେ ଏଥିରେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ସନ୍ତୁଷ୍ଟ ହୋଇ ନ ଥିଲେ। ସେମାନେ ହାତୀଲୁଚାଣି ପେଟ୍ରୋଲ ପମ୍ପ ନିକଟସ୍ଥ ୫୩ନଂ. ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ସୁଫଳ ମିଳି ନ ଥିଲା। ରେଞ୍ଜର ନାୟକ ପହଞ୍ଚି ମୃତକଙ୍କ ପୁଅ ଚନ୍ଦ୍ରକାନ୍ତ ଅମାନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୪ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସରାଙ୍ଗଠାରୁ ଭାଲୁମୁଣ୍ଡା ଯାଏ ସୋଲାର ଲାଇଟ୍ ବ୍ୟବସ୍ଥା, ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି, ମୃତକଙ୍କ ପୁଅଙ୍କୁ ବନ ବିଭାଗରେ ନିଯୁକ୍ତି ଲାଗି ପ୍ରାଥମିକତା ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

**ପ୍ରଥମ ପୃଷ୍ଠାରୁ...**

### ମନୋରମା ମହାପାତ୍ରଙ୍କ ...

ସ୍ପଷ୍ଟ କରିଛନ୍ତି। ରବିବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି।

ସାହିତ୍ୟିକା ଓ ଶିକ୍ଷାବିତ୍ ମନୋରମା ମହାପାତ୍ରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମନୋରମା ତାଙ୍କ ସମୃଦ୍ଧ ସାହିତ୍ୟକୁ ନେଇ ଚିର ସ୍ମରଣୀୟ ହୋଇ ରହିବେ। ସେହିପରି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଜଣେ ଶିକ୍ଷାବିତ୍, ସାହିତ୍ୟିକା ତଥା ସୁବକ୍ତା ଭାବରେ ସ୍ୱର୍ଗତ ମହାପାତ୍ର ଓଡ଼ିଆ ସାରସ୍ୱତ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଯାଇଛନ୍ତି। ବିଭିନ୍ନ ସାମାଜିକ ସମସ୍ୟା, ବିଶେଷ କରି ନାରୀମାନଙ୍କ ଅଧିକାର ଓ ସମସ୍ୟା ଉପରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲୋକସେବକ ମଣ୍ଡଳର ସଦସ୍ୟ ଭାବରେ ସମାଜ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ବିୟୋଗରେ ଓଡ଼ିଶା ଜଣେ ବାଗ୍ମୀ ତଥା ମହୀୟସୀ ମହିଳାଙ୍କୁ ହରାଇଲା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି ଆଇନ ମନ୍ତ୍ରୀ ପ୍ରତାପ ଜେନା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୋକ ପ୍ରକାଶ କରିଛନ୍ତି। ମନୋରମାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ସମ୍ପାଦକ ପ୍ରବୋଧ ରାଉତ ଓ ଡ. ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

କଟକ ଜିଲା ଆଠଗଡ଼ର ରାଧାନାଥପୁର ଶାସନରେ ମନୋରମା ୧୯୩୪ ଜୁନ୍ ୧୦ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ସମାଜର ପୂର୍ବତନ ସମ୍ପାଦକ ଡ. ରାଧାନାଥ ରଥ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସାମାଜିକକର୍ମୀ ଥିଲେ। ମନୋରମା ଏକାଧାରରେ ଜଣେ ଅଧ୍ୟାପିକା, ସାହିତ୍ୟିକା, ସାମ୍ବାଦିକା ଓ ସୁବକ୍ତା ଭାବେ ରାଜ୍ୟରେ ବେଶ୍ ପରିଚିତ ଥିଲେ। ମହିଳାମାନଙ୍କ ସମସ୍ୟା ଓ ନାରୀ ସଶକ୍ତୀକରଣ ଦିଗରେ ମଧ ମନୋରମାଙ୍କ କାର୍ଯ୍ୟ ପ୍ରଶଂସନୀୟ। ସେ ଅର୍ଥନୀତି ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ସେ ଅନେକ ଗଳ୍ପ, କବିତା ରଚନା କରି ପାଠକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ୧୯୬୦ରେ ତାଙ୍କର ପ୍ରଥମ କବିତା ପୁସ୍ତକ 'ଜୁଆର ଯେଉଁଠି ଉଠେ' ପ୍ରକାଶ ପାଇଥିଲା। ଯାହାକି ମହିଳା ସଶକ୍ତୀକରଣ ଉପରେ ପର୍ଯ୍ୟବସିତ ଥିଲା। ୧୯୭୯ରେ ତାଙ୍କର ପ୍ରଥମ ଗଳ୍ପ ପୁସ୍ତକ 'ବନ୍ଦ ଘରର କବାଟ' ପ୍ରକାଶ ପାଇଥିଲା ଏବଂ ତାହା ମଧ ନାରୀ ସଶକ୍ତୀକରଣ ଉପରେ ଆଧାରିତ ଥିଲା। ତାଙ୍କର କିଛି ରଚନାବଳୀ ମଧ୍ୟରେ ବଣରାଇଜର କଥା, ବୈଦେହୀ ବିସର୍ଜିତା, ଜହ୍ନରାତିର ମୁହଁ, ସାତ ସମୁଦ୍ର ତେର ନଈ, ଟିକି ବଗିଚାର ଟିକି ଚଢ଼େଇ, ଆମେ ସବୁ ନୀରବ ଦର୍ଶକ, ଝଡ଼ପରେ ସୂର୍ଯ୍ୟୋଦୟ, ମାନସୀ ମୋ' ବନହଂସୀ, ପାହାନ୍ତି ତାରାର ଲୁହ, ସଂହତିର ସଂହିତା, ସମୟ ପୁରୁଷ, ସତ୍ୟ ହିଁ ସମ୍ପଦ, ଅଛିଣ୍ଡା ମାସ ଛିଣ୍ଡା ଦଉଡ଼ି, ଦୂର ରାଇଜର କଥା ପୁସ୍ତକ ପାଠକୀୟ ଆଦୃତି ଲାଭ କରିଛି। ଜଣେ ସାହିତ୍ୟିକା ଭାବେ ଅନେକ ପୁରସ୍କାର ପାଇଛନ୍ତି। ୧୯୮୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୨ରେ ସାରଳା ସମ୍ମାନ, ୨୦୧୧ରେ ଶକୁନ୍ତଳା ପୁରସ୍କାର ପାଇଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ମହିଳା ସମ୍ପାଦିକା ଥିଲେ। ତାଙ୍କ ମୃତ୍ୟୁରେ ସବୁଠି ଶୋକର ଛାୟା ଖେଳିଯାଇଛି।

### ଆଜିଠୁ ୟୁଏଇରେ...

ଷ୍ଟାଡିୟମରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। କୋଭିଡ୍-୧୯ର ଦ୍ୱିତୀୟ ଲହର ଗତ ଏପ୍ରିଲ-ମେ'ରେ ଭାରତରେ ବିସ୍ଫୋରକ ସ୍ଥିତି ସୃଷ୍ଟି କରିଥିଲା। ଆଇପିଏଲ୍ ବାୟୋ ବବଲରେ କେତେଜଣ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ସଂକ୍ରମିତ ହୋଇଥିଲେ। ଫଳରେ ଆଇପିଏଲ୍‌କୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ସମୟ ସୁବିଧା ଦେଖି ଆଇପିଏଲ୍‌ର ବାକି ଥିବା ମ୍ୟାଚ୍‌ଗୁଡ଼ିକ ୟୁଏଇରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୦ ସଂସ୍କରଣରେ ରନର୍ସଅପ ହୋଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ଏଥର ୮ ମ୍ୟାଚ୍ ଖେଳି ୬ ବିଜୟ ସହ ୧୨ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ୨୦୨୦ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଚେନ୍ନାଇ ଏଥର ଦମ୍ ଦେଖାଇଛି। ଚେନ୍ନାଇ ୭ଟି ମ୍ୟାଚ୍ ଖେଳି ୫ ବିଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତୃତୀୟ ସ୍ଥାନରେ ରହିଛି। ମୁମ୍ବାଇ ୭ଟି ମ୍ୟାଚ୍ ଖେଳି ୪ଟି ବିଜୟ ହାସଲ କରି ୮ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ମୁମ୍ବାଇ ରେକର୍ଡ ୫ଥର ଟାଇଟଲ ହାସଲ କରିଛି। ୟୁଏଇରେ ଏବେ ବାକି ଥିବା ୩୧ଟି ମ୍ୟାଚ ଖେଳାଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୯ ସେପ୍ଟେମ୍ବର, ୨୦୨୧ Bhubaneswar, Sunday, September 19/2021

# ଚେନ୍ନାଇ-ମୁମ୍ବାଇ ମୁକାବିଲା ଆଜି

ଦୁବାଇ,୧୮।୯(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରତ୍ୟାବର୍ତ୍ତନ ହୋଇଛି। ରବିବାରଠାରୁ ଆଇପିଏଲ୍ ୧୪ତମ ସଂସ୍କରଣର ବାକିଥିବା ମ୍ୟାଚ୍‌ର ଆୟୋଜନ ପ୍ରକ୍ରିୟା ଆରମ୍ଭ ହେବ। କୋଭିଡ୍-୧୯ ଦ୍ୱିତୀୟ ଲହର କାରଣରୁ ଆଇପିଏଲକୁ ସ୍ଥଗିତ ରଖାଯାଇଥିଲା। ଏବେ ଏହି ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ସବୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। ରବିବାର ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ।

ଗତ ଏପ୍ରିଲ-ମେ'ରେ କୋଭିଡ୍-୧୯ର ଦ୍ୱିତୀୟ ଲହର ଭାରତରେ

## ଆଇପିଏଲ୍‌ର ପ୍ରତ୍ୟାବର୍ତ୍ତନ

ଉତ୍କଟ ସମସ୍ୟା ସୃଷ୍ଟି କରିଥିଲା। ବେଶ୍ ସୁରକ୍ଷିତ ମନେହେଉଥିବା ଆଇପିଏଲ ବାୟୋ ବବଲ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲା। ଫଳରେ ୨୯ଟି ମ୍ୟାଚ୍ ଖେଳାଯିବା ପରେ ଲିଗ୍‌କୁ ସସ୍‌ପେଣ୍ଡ କରାଯାଇଥିଲା। ସେତେବେଳେ ଆଇପିଏଲ୍ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ତେବେ ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଲିଗ୍‌କୁ ପୁଣି ଆରମ୍ଭ କରିବା ନେଇ ବିଭିନ୍ନ ଆକଳନ ପ୍ରକାଶ ପାଇଥିଲା। ଫ୍ରାଞ୍ଚାଇଜ୍ କ୍ରିକେଟ ଓ ଅନ୍ତର୍ଜାତୀୟ କ୍ୟାଲେଣ୍ଡରରେ କିଛି ଅଦଳବଦଳ କରାଯାଇ ଆଇପିଏଲ୍ ପାଇଁ ଯଥାସମ୍ଭବ ୱିଣ୍ଡୋ ବାହାର କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ପ୍ରୟାସ କରାଯାଇଥିଲା। ଅକ୍ଟୋବର ଓ ନଭେମ୍ବରରେ ଟି୨୦ ବିଶ୍ୱକପ୍ ୟୁଏଇ ଓ ଓମାନରେ ଆୟୋଜନ ହେବା ପୂର୍ବରୁ ଆଇପିଏଲ୍‌କୁ ପୁଣି ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଗତ ସପ୍ତାହରେ ମଧ୍ୟ କୋଭିଡ୍-୧୯ କାରଣରୁ ଭାରତର ଇଂଲଣ୍ଡ ଗସ୍ତ ପ୍ରଭାବିତ ହୋଇଥିଲା ଓ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯାଇ ପାରି ନ ଥିଲା। ତେବେ ସୌଭାଗ୍ୟବଶତଃ ଏହା ଆଇପିଏଲ୍ ଆୟୋଜନରେ ଅନ୍ତରାୟ ସୃଷ୍ଟି କରିନାହିଁ। ଭାରତ ଓ ଇଂଲଣ୍ଡ ଖେଳାଳିମାନେ ମଧ୍ୟ ଆଇପିଏଲ୍ ଖେଳିବାକୁ ସୁରକ୍ଷିତ ଭାବେ ଦୁବାଇରେ ପହଞ୍ଚିଛନ୍ତି। ଗତବର୍ଷ ସମ୍ପୂର୍ଣ୍ଣ ଆଇପିଏଲ୍ ୟୁଏଇରେ ବିନା କୌଣସି ବାଧାରେ ଖେଳାଯାଇଥିଲା। ତେଣୁ ଏଥର ଆଇପିଏଲ୍‌ର ବାକି ଥିବା ମ୍ୟାଚ୍‌ଗୁଡ଼ିକ ମଧ୍ୟ ସମାନ ଢଙ୍ଗରେ ୟୁଏଇରେ ଖେଳାଯିବ ବୋଲି ଆଶା କରାଯାଉଛି। ମ୍ୟାଚ୍ ଅବସରରେ ସୀମିତ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହିବେ। ବିଶ୍ୱକପ୍ ପାଇଁ ସବୁ ଦେଶ ସେମାନଙ୍କ ଦଳ ଘୋଷଣା କରିସାରିଥିଲେ ମଧ୍ୟ ଆଇପିଏଲ୍ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ। ଖେଳାଳିମାନେ ପ୍ରସ୍ତୁତି ପାଇଁ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ। ଅକ୍ଟୋବର ୧୦ ପର୍ଯ୍ୟନ୍ତ ଦଳରେ ପରିବର୍ତ୍ତନ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ସବୁ ଦେଶକୁ ଅନୁମତି ପ୍ରଦାନ କରିଛି। ତେଣୁ ଇଞ୍ଜୁରି ଓ ବିଭିନ୍ନ କାରଣରୁ ଖେଳାଳିମାନେ ଦଳରୁ ବାଦ ପଡ଼ିବା ଓ କିଛି ଖେଳାଳିଙ୍କୁ ସୁଯୋଗ ମିଳିବାର ସମ୍ଭାବନା ରହିଛି।

ଟି୨୦ ବିଶ୍ୱକପ୍ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ନେତୃତ୍ୱ ଛାଡ଼ିବେ। ତେଣୁ ସେ ରୟାଲ ଚ୍ୟାଲେଞ୍ଜର୍ସ ସମେତ ଭାରତକୁ ଚାମ୍ପିୟନ କରାଇବାକୁ ସବୁମତେ ପ୍ରୟାସ କରିବେ। ୨୦୨୦ ସଂସ୍କରଣରେ ରନର୍ସଅପ ହୋଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ଏଥର ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ସେହିପରି ଚେନ୍ନାଇ ଦ୍ୱିତୀୟ, ବାଙ୍ଗାଲୋର ତୃତୀୟ ଓ ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ସ୍ଥାନରେ ରହିଛି। ମୁମ୍ବାଇ ରେକର୍ଡ ୫ଥର ଟାଇଟଲ ହାସଲ କରିଛି। ୟୁଏଇରେ ଏବେ ୩୧ଟି ମ୍ୟାଚ ଖେଳାଯିବ। ତେଣୁ ଭଲ ପିଚ୍‌ରେ ମ୍ୟାଚ୍ ସବୁ ଆୟୋଜନ ହେବ ବୋଲି ଆଶା କରାଯାଉଛି। ଭାରତଠାରୁ ୟୁଏଇର ସ୍ଥିତି ଭିନ୍ନ ହୋଇଥିବାରୁ ପିଚ୍‌ଗୁଡିକ ସ୍ଲୋ ହେବ ବୋଲି ଆଶା କରାଯାଉଛି।

ରବିବାର ଚେନ୍ନାଇ ଓ ମୁମ୍ବାଇ ମଧ୍ୟରେ ପୁଣି ଥରେ ଏକ ହାଇଭୋଲ୍ଟେଜ ମ୍ୟାଚ ଦେଖିବାକୁ ମିଳିବ। ମୋଟ ୧୪ଟିରୁ ମୁମ୍ବାଇ ୭ଟି ମ୍ୟାଚ୍ ଖେଳିସାରିଛି ଓ ୪ଟି ବିଜୟ ହାସଲ କରି ୮ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ୨୦୨୦ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଚେନ୍ନାଇ ଏଥର ଦମ୍ ଦେଖାଇଛି। ଚେନ୍ନାଇ ୭ଟି ମ୍ୟାଚ୍ ଖେଳି ୫ ବିଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଋତୁରାଜ ଗାଏକ୍ୱାଡ ଓ ସାମ କୁରାନଙ୍କ ଭଳି ଯୁବ ଖେଳାଳି ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ସେହିପରି ସ୍ପିନର ଇମ୍ରାନ ତାହିର, ମୋଇନ ଅଲୀ ଓ ରବୀନ୍ଦ୍ର ଜାଡେଜା ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ବ୍ୟାଟିଂରେ ମୋଇନ୍ ଓ ଜାଡେଜା ଦମ୍ ଦେଖାଇଛନ୍ତି। ଏବେ ଅଧିନାୟକ ଧୋନୀ ଓ ଅଭିଜ୍ଞ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ମଧ୍ୟ ଫର୍ମକୁ ଫେରିବା ଆଶା କରାଯାଉଛି।

ଅପରପକ୍ଷରେ ଚାପରେ ଭଲ ଖେଳୁଥିବା ମୁମ୍ବାଇ ମିଡିଲ ଅର୍ଡର ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ତେଣୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନେ ପ୍ରଦର୍ଶନରେ ସୁଧାର ଆଣିବେ। ପାୱାର ପ୍ଲେରେ ବୋଲିଂରେ ମଧ୍ୟ ଭଲ କରିବାର ଆବଶ୍ୟକତା ରହିଛି ବୋଲି ମୁମ୍ବାଇ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଥିବ। ଅଧିନାୟକ ରୋହିତ ଶର୍ମାଙ୍କ ସମେତ ସୂର୍ଯ୍ୟକୁମାର ଯାଦବ, ଇଶାନ କିଷନ ଓ ଲେଗ୍ ସ୍ପିନର ରାହୁଲ ଚହର ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବାରୁ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିୟମିତ ଭାବେ ବୋଲିଂ କରିବା ମଧ୍ୟ ଆଶା କରାଯାଉଛି। ଟି୨୦ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ପାଇଁ ସେ ଆଇପିଏଲ୍‌ରେ ଭଲ ଖେଳିବାର ଆବଶ୍ୟକତା ରହିଛି।

ବିଭିନ୍ନ ତାରକା ଖେଳାଳି ଆଇପିଏଲ୍‌ରୁ ଓହରିଯାଇଥିବାରୁ ପଞ୍ଜାବ କିଙ୍ଗ୍ସ, ରାଜସ୍ଥାନ ରୟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ ସମସ୍ୟାରେ ପଡ଼ିବେ। ଡାୱିଦ ମଲନ, ରିଲେ ମେରେଡିଥ ଓ ଝେ ରିଚାର୍ଡଶନ ଓହରିଯାଇଥିବାରୁ ପଞ୍ଜାବ ବଦଳ ଖେଳାଳି ଭାବେ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ନାଥନ ଏଲିସ୍, ଇଂଲଣ୍ଡ ଲେଗ ସ୍ପିନର ଆଦିଲ ରସିଦଙ୍କୁ ଦଳରେ ସାମିଲ କରିଛି। ସେହିପରି ପ୍ୟାଟ କୁମିନ୍ସଙ୍କ ବଦଳରେ କୋଲକାତା ନାଇଟ ରାଇଡର୍ସ ଟିମ୍ ସୌଦିଙ୍କୁ ଖେଳାଇବ। ଜୋଫ୍ରା ଆର୍ଚର ଓ ବେନ ଷ୍ଟୋକ୍ସ ରାଜସ୍ଥାନ ପାଇଁ ଖେଳିପାରିବେ ନାହିଁ। ଜୋଶ ବଟଲର ଓ ଲିଆମ ଲିଭିଂଷ୍ଟୋନ ରାଜସ୍ଥାନ ଦଳରେ ସାମିଲ ହୋଇଛନ୍ତି। ୭ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ ହାସଲ କରିଥିବା ସନରାଇଜର୍ସ ହାଇଦ୍ରାବାଦକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେବ। ଦଳର ଷ୍ଟାର ଓପନର ଜନି ବେୟାରଷ୍ଟୋ ଅନୁପସ୍ଥିତ ରହିବେ।

**ଚେନ୍ନାଇ ସୁପର କିଙ୍ଗ୍ସ:** ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ମୋଇନ ଅଲି, କେ.ଏମ୍. ଆସିଫ, ଜାସନ ବେହେରେନଡୋର୍ଫ, ଭଗତ ବର୍ମା, ଡ୍ୱେନ ବ୍ରାଭୋ, ଦୀପକ ଚହର, ସାମ କୁରାନ, ଫାଫ୍ ଡୁପ୍ଲେସି, ଋତୁରାଜ ଗାଏକ୍ୱାଡ, କ୍ରିଷ୍ଣାପ୍ପା ଗୋଥାମ, ହରି ନିଶାନ୍ତ, ଜୋଶ ହାଜେଲଉଡ, ଇମ୍ରାନ ତାହିର, ରବୀନ୍ଦ୍ର ଜାଡେଜା, ନାରାୟନ ଜଗଦୀଶାନ, ଲୁନ୍‌ଗି ଏନ୍‌ଗିଡି, ଚେତେଶ୍ୱର ପୂଜାରା, ସୁରେଶ ରାଇନା, ଅମ୍ବାତି ରାୟୁଡୁ, ହରିଶଙ୍କର ରେଡ୍ଡୀ, ରବିଶ୍ରୀନିବାସନ ସାଇ କିଶୋର, ମିଚେଲ ସାଣ୍ଟନର, କର୍ନ ଶର୍ମା, ଶାର୍ଦ୍ଦୁଳ ଠାକୁର ଓ ରବିନ ଉଥାପ୍ପା।

**ମୁମ୍ବାଇ ଇଣ୍ଡିଆନ୍ସ:** ରୋହିତ ଶର୍ମା (ଅଧିନାୟକ), ଅନମୋଲପ୍ରୀତ ସିଂ, ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ ବୁମ୍‌ରା, ରାହୁଲ ଚହର, ପୀୟୂଷ ଚାୱଲା, ନାଥନ କଲ୍ଟର ନାଇଲ, କ୍ୱିଣ୍ଟନ ଡିକକ୍, ଇଶାନ କିଷନ, ମାର୍କୋ ଜାନସେନ, ଧବଲ କୁଲକର୍ଣ୍ଣୀ, କ୍ରିସ ଲିନ୍, ଆଡାମ ମିଲନେ, ମୋହସିନ ଖାଁ, ଜେମ୍ସ ନିଶାମ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, କିରନ ପୋଲାର୍ଡ, ଅନୁକୁଳ ରୟ, ଆଦିତ୍ୟ ତାରେ, ଅର୍ଜୁନ ତେନ୍ଦୁଲକର, ସୌରଭ ତିୱାରୀ, ଜୟନ୍ତ ଯାଦବ, ସୂର୍ଯ୍ୟକୁମାର ଯାଦବ ଓ ଯୁଧବୀର ସିଂ।



ମହେନ୍ଦ୍ର ସିଂ ଧୋନୀ



ରୋହିତ ଶର୍ମା

### ଆଜିର ଆଇପିଏଲ୍ ମ୍ୟାଚ୍

**ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ**

**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ସ୍ଥାନ: ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ**

# ପ୍ରମୋଦଙ୍କ ସମେତ ୪ ପାରା ଆଥ୍‌ଲେଟଙ୍କ ନାମ ସୁପାରିସ



ପ୍ରମୋଦ ଭଗତ

## ଖେଳରତ୍ନ ପୁରସ୍କାର

ଭୁବନେଶ୍ୱର,୧୮।୯(ସ୍ପୋର୍ଟ୍ସ ବ୍ୟୁରୋ)

ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ସମେତ ଅନ୍ୟ ୩ ଆଥ୍‌ଲେଟଙ୍କ ନାମ ସୁପାରିସ କରାଯାଇଛି। ୨୦୨୧ ବର୍ଷ ପାଇଁ ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଶୁଟର ମନୀଷ ନରୱାଲ, ହାଇଜମ୍ପର ଶରଦ କୁମାର, ଜାଭେଲିନ ଥ୍ରୋୟର ସୁନ୍ଦର ସିଂ ଗୁର୍ଜରଙ୍କ ନାମ ସୁପାରିସ କରିଛି।

ସଦ୍ୟ ସମାପ୍ତ ଟୋକିଓ ପାରାଲିମ୍ପିକ୍ସରେ ଏହି ୪ ଖେଳାଳି ଦମ୍‌ଦାର ପ୍ରଦର୍ଶନ କରି ଭାରତ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଏହି ପୁରସ୍କାର ଆଥ୍‌ଲେଟମାନଙ୍କୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାକୁ ପ୍ରେରଣା ଦେବ ବୋଲି ପିସିଆଇ ଅଧ୍ୟକ୍ଷା ଦୀପା ମଲିକ କହିଛନ୍ତି। ପାରାଲିମ୍ପିକ୍ସରେ ଆମ ଖେଳାଳିମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ଓ ସେମାନଙ୍କ ପାଇଁ ଆମେ ଗର୍ବିତ। ସେହିପରି ଅର୍ଜୁନ ପୁରସ୍କାର ପାଇଁ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ଓ ଶୁଟର ଅବନୀ ଲେଖରାଙ୍କ ନାମ ସୁପାରିସ କରାଯାଇଛି ବୋଲି ଦୀପା କହିଛନ୍ତି। ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ପ୍ରଦର୍ଶନକୁ ଭିତ୍ତି କରି ଏଥର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଥିଲେ। ସେଥିପାଇଁ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବକୁ ଘୁଞ୍ଚାଇ ଦିଆଯାଇଥିଲା। ପୂର୍ବରୁ ଜୁଲାଇ ୭ ତାରିଖରେ ମଧ୍ୟ ରାଜ୍ୟ କ୍ରୀଡ଼ା ବିଭାଗ ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ମାନଜନକ ଖେଳରତ୍ନ ପୁରସ୍କାର ପାଇଁ ପ୍ରମୋଦଙ୍କ ନାମ ସୁପାରିସ କରିଥିଲା।

# ଫିନ୍‌ଲାଣ୍ଡଠାରୁ ହାରିଲା ଭାରତ



ଫିନ୍‌ଲାଣ୍ଡ ବିପକ୍ଷ ମ୍ୟାଚ୍ ଅବସରରେ ରୋହନ ବୋପାନ୍ନା ଓ ରାମକୁମାର ରାମନାଥନ।

## ଡେଭିସ୍ କପ୍

ଏସ୍ପୁ(ଫିନ୍‌ଲାଣ୍ଡ),୧୮।୯(ପି.ଟି.)

ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍ ୧ ଟାଇରେ ଭାରତ ଘରୋଇ ଫିନ୍‌ଲାଣ୍ଡଠାରୁ ପରାସ୍ତ ହୋଇଛି। ଶନିବାର ରୋହନ ବୋପାନ୍ନା ଓ ରାମକୁମାର ରାମନାଥନ କର ବା ମର ଡବଲ୍ସ ମ୍ୟାଚ୍‌ରେ ପରାସ୍ତ ହେବା ପରେ ଭାରତ ପରାସ୍ତ ହୋଇଛି। ୦-୩ ବ୍ୟବଧାନରେ ଅଗ୍ରଣୀ ହେବା ସହ ଫିନ୍‌ଲାଣ୍ଡ ବିଜୟୀ ହୋଇଛି। ଅଧିନାୟକ ରୋହିତ ରାଜପାଲ ଭାରତର ଡବଲ୍ସ ଯୋଡିରେ ପରିବର୍ତ୍ତନ କରିଥିଲେ। ବୋପାନ୍ନା ଓ ରାମନାଥନଙ୍କୁ ଖେଳିବା ପାଇଁ ସୁଯୋଗ ଦେଇଥିଲେ। ଦିଭିଜ ଶରଣଙ୍କୁ ସେ ବାଦ୍ ଦେଇଥିଲେ। କିନ୍ତୁ ଏହି ପରିବର୍ତ୍ତନ କାମରେ ଆସି ନ ଥିଲା। ଭାରତୀୟ ଯୋଡି ଏହି ଗୁରୁତ୍ୱପୂର୍ଣ୍ଣ ଡବଲ୍ସ ମ୍ୟାଚ୍‌ରେ ୬-୭, ୬-୭ରେ ହେନରୀ କଣ୍ଟିନେନ ଓ ହାରି ହେଲିଓଭାରାଙ୍କଠାରୁ ଏକ ଘଣ୍ଟା ୩୮ ମିନିଟ୍‌ରେ ପରାସ୍ତ ହୋଇଥିଲେ।

ଉଭୟ ପ୍ରଜନେଶ ଗୁଣେଶ୍ୱରନ ଓ ରାମକୁମାର ପୂର୍ବରୁ ସେମାନଙ୍କ ସିଙ୍ଗଲ୍ସ ମ୍ୟାଚ୍‌ରେ ଶୁକ୍ରବାର ପରାସ୍ତ ହୋଇଥିଲେ। ଏହା ସତ୍ତ୍ୱେ ଭାରତର ଆଶା ଉଜ୍ଜୀବିତ ରହିଥିଲା। ତେବେ ଏହି ଡବଲ୍ସ ମ୍ୟାଚ୍‌ରେ ବିଜୟୀ ହେବା ନିହାତି ଜରୁରୀ ଥିଲା। ବର୍ତ୍ତମାନ ରିଭର୍ସ ସିଙ୍ଗଲ୍ସ ମୁକାବିଲା ଗୁରୁତ୍ୱ ହରାଇଛି।





ଅତିଥି ଓ କର୍ମକର୍ତ୍ତାଙ୍କ ସହ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ପଦକ ହାସଲ କରିଥିବା କୃତି ପ୍ରତିଯୋଗୀମାନେ।

# ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୧୮।୯(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ୧୦ ମିଟର ଶୁଟିଂ ରେଞ୍ଜ୍‌ରେ ଦଶମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୪ ଓ ୧୫ ତାରିଖରେ ଏୟାର ରାଇଫଲ ଓ ଏୟାର ପିସ୍ତଲ ଏନ୍‌ଆର ଓ ଆଇଏସ୍‌ଏସ୍‌ଏଫ୍ ଇଭେଣ୍ଟ, ୧୬ ଓ ୧୭ ତାରିଖରେ କଳିଙ୍ଗ ଷ୍ଟାଡିୟମ ୫୦ମି. ଶୁଟିଂ ରେଞ୍ଜ୍‌ଠାରେ .୨୨ ରାଇଫଲ, ୨୫ ମି., .୨୨ ପିସ୍ତଲ ଓ .୩୨ ସେଣ୍ଟର ଫାୟାର ପିସ୍ତଲ ଇଭେଣ୍ଟ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି, ରାଜ୍ୟ ରାଇଫଲ ସଂଘ ଉପସଭାପତି ରୋମିଓ କାନ୍ତ ନନ୍ଦ, ତାଳଚେର ରାଇଫଲ ସଂଘର ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ଦେବ ଓ ସଂଘ ସମ୍ପାଦକ ହରି ପ୍ରଦାସ ପଟ୍ଟନାୟକ ଉପସ୍ଥିତ ରହି ବିଜେତାମାନଙ୍କୁ ପଦକ ପ୍ରଦାନ କରିଥିଲେ। ସଂଘର କର୍ମକର୍ତ୍ତା ବଳଭଦ୍ର ଦାସ, ଆଶିଷ ନାୟକ, ଗୌରି ମହାନ୍ତି, ସନ୍ଦୀପ ଦାସ, ରାଜ ନାରାୟଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ୧୫ଟି ଜିଲା ଓ ୪ଟି କ୍ଲବରୁ ୨୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଦଳଗତ ପଦକ ତାଲିକାରେ ଗ୍ରୁପ୍ ଚାମ୍ପିୟନ ବିବେଚିତ ହୋଇଥିବା ଉତ୍କଳ କରାଟେ ସ୍କୁଲ ୧୭ ସ୍ୱର୍ଣ୍ଣ, ୧୭ ରୌପ୍ୟ, ୧୭ ବ୍ରୋଞ୍ଜ ପଦକ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ତାଳଚେର ୮ ସ୍ୱର୍ଣ୍ଣ, ୮ ରୌପ୍ୟ, ୩ ବ୍ରୋଞ୍ଜ ସହ ଦ୍ୱିତୀୟ ଓ ଏଟ୍‌ପିସି ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ତୃତୀୟ ସ୍ଥାନରେ ରହିଛି। ସେହିପରି କୋରାପୁଟ, ଝାରସୁଗୁଡା, କଟକ, କଳାହାଣ୍ଡି ଯଥାକ୍ରମେ ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ସ୍ଥାନରେ ରହିଛି।

# 'ଘଟଣାମୁକ୍ତ ହେଉ ଆଇପିଏଲ୍'

ଭି.ଭି.ଏସ୍. ଲକ୍ଷ୍ମଣ

ଖୁସିର ବିଷୟ ଆଇପିଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଟି୨୦ ଲିଗ୍ ଗତ ମେ' ମାସରେ ଆରମ୍ଭ ହୋଇଥିଲା। ମାତ୍ର କୋଭିଡ୍ ଯୋଗୁ ବ୍ୟୟବହୁଳ ଟି୨୦ ଟୁର୍ନାମେଣ୍ଟକୁ ଅଧାରୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ୟୁଏଇରେ ସେଭଳି ପରିସ୍ଥିତି ସୃଷ୍ଟି ନ ହେଉ। ସେଥିପାଇଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା। ଆଇପିଏଲ୍‌ର ଅବଶିଷ୍ଟାଂଶ ବିନା ବାଧାବିଘ୍ନରେ ସୁରୁଖୁରୁରେ ଶେଷ ହେବ ବୋଲି ମୁଁ ଆଶାବାଦୀ। ଏମିରେଟ୍ସର ୩ଟି ଭେନ୍ୟୁ ଦୁବାଇ, ଆବୁଧାବୀ ଓ ଶାରଜାରେ ମ୍ୟାଚ ସୀମିତ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯିବ। ଏହି ତିନୋଟି ଭେନ୍ୟୁ ମଧ୍ୟରେ ଦୂରତା ଖୁବ୍ କମ୍। ଭାରତରେ ଗୋଟିଏ ଭେନ୍ୟୁରୁ ଅନ୍ୟ ଭେନ୍ୟୁକୁ ବିମାନ ଯାତ୍ରା କରୋନା ସଂକ୍ରମଣର କାରଣ ହୋଇପାରେ ବୋଲି ମୋର ବିଶ୍ୱାସ। ଟୁର୍ନାମେଣ୍ଟ ଚାଲିଥିବାବେଳେ ଦେଶରେ କରୋନାର ଦ୍ୱିତୀୟ ଲହର ଚାଲିଥିଲା। ଟୁର୍ନାମେଣ୍ଟର ଇତିହାସରେ ପ୍ରଥମ ଥର ଆଇପିଏଲ୍ ଦୁଇଟି ପର୍ଯ୍ୟାୟରେ ଖେଳାଯାଉଛି। ଅଂଶୀଦାରଦଳଗୁଡ଼ିକ ସତେଜ ମନୋଭାବ ନେଇ ଖେଳିବେ। ମାସକରୁ କମ୍ ସମୟ ବ୍ୟବଧାନରେ ଏହି ତିନୋଟି ଭେନ୍ୟୁରେ ଟି୨୦ ବିଶ୍ୱକପ୍ ଖେଳାଯିବ। ଏହି ପରିସ୍ଥିତିରେ କ୍ୟୁରେଟରମାନେ କେଉଁଭଳି ପିଚ୍ ପ୍ରସ୍ତୁତ କରିଛନ୍ତି ତାହା ଜାଣିବା ପାଇଁ ମୋ ଉତ୍କଣ୍ଠା ରହିଛି। କାରଣ ସେମାନଙ୍କୁ ଏଭଳି ପିଚ୍ ପ୍ରସ୍ତୁତ କରିବାକୁ ପଡ଼ିଥିବ, ଯାହାକି ଟି୨୦ ବିଶ୍ୱକପ୍ ବେଳକୁ ଅତୁଟ ରହିଥିବ। କାରଣ କମ୍ ସମୟ ବ୍ୟବଧାନରେ ପିଚ୍‌କୁ ସଜାଡ଼ିବା ସମ୍ଭବ ହେବନାହିଁ। ଟୁର୍ନାମେଣ୍ଟ ଯେଉଁ ସମୟରେ ହେଉଛି ଭାରତୀୟ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇ ନ ପାରେ। କାରଣ ଦଳର ଖେଳାଳିମାନେ ପାଖାପାଖି ୪ ମାସ ହେବ ଲଙ୍ଗ୍ ଫର୍ମାଟ କ୍ରିକେଟ ଖେଳି ଆସିଥିଲେ। ୬ରୁ ୮ଟି ମ୍ୟାଚ ଖେଳିବା ପରେ ଯାଇ ସେମାନେ ବିଶ୍ୱକପ୍ ପୂର୍ବରୁ ଟି୨୦ ଢାଞ୍ଚାକୁ ଫେରିପାରିବେ। (ଗେମ୍‌ପ୍ଲାନ୍)





# ରଣଧୀର ଚତୁର୍ଥ ଥର ପାଇଁ ସଭାପତି

ମୋହାଲି, ୧୮।୯ (ପି.ଟି.)

ପୁରୁଖା ପ୍ରଶାସକ ରଣଧୀର ସିଂ ଚତୁର୍ଥ ଥର ପାଇଁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ)ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ନିର୍ବାଚନରେ ସେ ବିଏସ୍‌ପି ଏମ୍‌ପି ଶ୍ୟାମ ସିଂ ଯାଦବଙ୍କୁ ୫୬-୩ ଭୋଟ୍‌ରେ ହରାଇ ଦେଇଛନ୍ତି। କୁନୱାର ସୁଲ୍‌ତାନ ସିଂ ନିର୍ଦ୍ୱନ୍ଦ୍ୱରେ ସାଧାରଣ ସମ୍ପାଦକ ଏବଂ ରଣଦୀପ ମାନ୍ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ଏମ୍‌ପି କଳିକେଶ ନାରାୟଣ ସିଂଦେଓ ପୂର୍ବଭଳି ମହାସଂଘର ସିନିୟର ସଭାପତି ରହିବେ। ପନୱର କୁମାର ସିଂ ଓ ଶିଲା କାନୁନ୍‌ଗୋ ଆପେକ୍ସ କାଉନ୍‌ସିଲର ଯୁଗ୍ମ ସମ୍ପାଦକ ରହିବେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଅଧିକ ଦରରେ ସାର ବିକ୍ରି**

ବଲାଙ୍ଗୀ,(ଡି.ଏନ୍.ଏ.): ଚଳିତ ବର୍ଷ ୟୁରିଆ ସାରର ଅଭାବ ଦେଖାଦେଇଛି। ଏବେ କେତେକ ସ୍ଥାନରେ ସାର ମିଳୁଥିଲେ ମଧ କିଲୋଗ୍ରାମ୍ ପିଛା ଧାର୍ଯ୍ୟ ମୂଲ୍ୟଠାରୁ ଏକଶହ ଟଙ୍କା ଅଧିକ ଦେବାକୁ ପଡୁଛି। ଅଣୁସାର ନ ନେଲେ ୟୁରିଆ ମିଳୁନାହିଁ। ବ୍ୟବସାୟୀମାନେ ପୂର୍ବଭଳି ନିର୍ଦ୍ଧାରିତ ମୂଲ୍ୟଠାରୁ ବସ୍ତା ପ୍ରତି ଦୁଇଶହ ଟଙ୍କା ଅଧିକ ନେଉଛନ୍ତି। ଏଥିଯୋଗୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀ ନାମକୁ ମାତ୍ର ଚଢ଼ାଉ କରି ନିଜର ଦାୟିତ୍ୱ ଶେଷ କରିଦେଉଛନ୍ତି। ଅଧିକାଂଶ ସେବା ସମବାୟ ସାର ଯୋଗାଣ କରୁ ନ ଥିବାରୁ ଚାଷୀ ବାଧ ହୋଇ ଅସାଧୁ ବ୍ୟବସାୟୀଙ୍କ ଉପରେ ନିର୍ଭର କରୁଛନ୍ତି। ସମବାୟ ସମିତି ଜରିଆରେ ସାର ଯୋଗାଣ କରାଗଲେ ଚାଷୀ ଉପକୃତ ହୋଇପାରିବେ। ଜିଲାପାଳ ଓ ଜିଲା କୃଷି ଅଧିକାରୀ ଯଥାଶୀଘ୍ର ପଦକ୍ଷେପ ନେବାକୁ ବଲାଙ୍ଗୀ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ପୁରୀ ଅଫିସ,୧୮।୯- ବ୍ରାଉନସୁଗାର କାରବାର ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ସର୍ବୋଦୟ ନଗର ଗୁଣ୍ଡିଚା ବିହାରର ଲୋକନାଥ ସେନାପତି(୨୩)। ଅଭିଯୁକ୍ତଙ୍କଠାରୁ ପୋଲିସ୍ ୬.୬ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏ ନେଇ ପୋଲିସ୍ ନଂ. ୩୩୭ /୨୧ରେ ଏକ ମାମଲା ରୁଜୁ କରୁଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ସକାଳ ୭ଟା ସମୟରେ ଏସ୍.ଆଇ. ପିକେ ଲେଙ୍କା କେତେଜଣ କର୍ମଚାରୀଙ୍କ ସହ ଚେକିଂ ଡ୍ୟୁଟି କରୁଥିଲେ। ଏହି ସମୟରେ ବସ୍‌ଷ୍ଟାଣ୍ଡ ନିକଟ ତାରିଣୀ ମନ୍ଦିର ପାଖରେ ଜଣେ ବ୍ୟକ୍ତି ବ୍ରାଉନସୁଗାର ବିକ୍ରି କରୁଥିବା ଖବରପାଇ ଉକ୍ତ ଅଞ୍ଚଳରେ ପୋଲିସ ଚଢ଼ାଉ କରିଥିଲା। ଲୋକନାଥ ବ୍ରାଉନସୁଗାର ବିକ୍ରି କରୁଥିବା ସୂଚନା ପାଇଥିଲେ। ପୋଲିସ ତାଙ୍କୁ ଯାଞ୍ଚ କରିବାରୁ ଶାର୍ଟ ପକେଟ୍‌ରେ ଜରି ପଲିଥିନ୍‌ରେ ବ୍ରାଉନସୁଗାର ପାଇଥିଲେ। ପରେ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ସେ ବ୍ରାଉନସୁଗାର ବିକ୍ରି କରିଥିବା ସ୍ୱୀକାର କରିଥିଲା।

### ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ଶିବିର ଉଦ୍‌ଯାପିତ

ପୁରୀ ଅଫିସ୍,୧୮।୯- ନାଗପାଟଣାସ୍ଥିତ ୟୁକୋ ଆର୍‌ଏସଟି ବା ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ଅନୁଷ୍ଠାନ ପକ୍ଷରୁ ୧୦ଦିନ ଧରି ଚାଲିଥିବା ତାଲିମ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ଏହି ତାଲିମ ଶିବିରରେ ୩୧ଜଣ ମହିଳା ପ୍ରଶିକ୍ଷିକା ପ୍ରତିଭା ସାହୁଙ୍କ ଦ୍ୱାରା ତାଲିମ ନେଇଥିଲେ। ଉଦ୍‌ଯାପନୀ ଦିବସରେ ଡିଆଇସିର ସହ ପ୍ରବନ୍ଧକ ହେମନ୍ତ କୁମାର ନାୟକ ଏବଂ ଆର୍‌ଏସଟି ନିର୍ଦ୍ଦେଶକ ବି.ସି. ଦଳାଇ ଉପସ୍ଥିତ ରହି ୩୧ଜଣ ତାଲିମ୍ ନେଇଥିବା ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ତାଲିମ୍ ଶିବିରରେ ପାମ୍ପଡ, ବଡି, ମସଲା ପାଉଡର ଆଦି ତିଆରି କରିବାର ତାଲିମ୍ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ୟୁକୋ ଆର୍‌ଏସଟିର ଅଫିସ୍ ଆସିଷ୍ଟାଣ୍ଟ ପ୍ରଭାତ କୁମାର ଆଚାର୍ଯ୍ୟ ଏବଂ ଆଟେଣ୍ଡାଣ୍ଟ ସୁକାନ୍ତ ମୁଦୁଲି ପରିଚାଳନା କରିଥିଲେ।

### କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ କଂଗ୍ରେସ ନେତା

ଡେଲାଙ୍ଗ,୧୮।୯(ଡି.ଏନ.ଏ)- ଡେଲାଙ୍ଗ ବ୍ଲକ ଅଭୟମୁଖୀ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳ ପରିସରରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀ ଶରତଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ନେତା ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ଉମାବଲଭ ରଥ, ବ୍ଲକ ସଭାପତି ରବୀନ୍ଦ୍ର ଦାସ, ଦେବପ୍ରସାଦ ରାଉତ, ପିସିସି ସଦସ୍ୟ ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅସନ୍ତୁଷ୍ଟ ଥିବା କର୍ମୀମାନଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ। ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କୁ ଜିତାଇବା ପାଇଁ ଶପଥ ନେଇଥିଲେ। ନେତୃମଣ୍ଡଳୀମାନେ ଧାନକେରା ପଞ୍ଚାୟତର ନାଗଣ ଗ୍ରାମରେ ଲୁଣାନଦୀରେ ବୁଡି ପ୍ରାଣ ହରାଇଥିବା ଦୁଇ ଶିଶୁଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଭୀମସେନ ପ୍ରଧାନ, ବିପିନି ବିହାରୀ ବଳବନ୍ତରାୟ, ମହିଳା ସଭାନେତ୍ରୀ ନିରୁପମା ପାତ୍ର, ଜିଲା ଉପସଭାପତି ପ୍ରକାଶଚନ୍ଦ୍ର ପ୍ରଧାନ, ପିପିଲି ବ୍ଲକ ସଭାପତି ଜିତୁପ୍ରକାଶ ପରିଡା, ବିଶ୍ୱରଞ୍ଜନ ବଳବନ୍ତରାୟ, ନିରଞ୍ଜନ ଜେନା, ନିର୍ମଳ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ୭୪ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ,୧୮।୯ - ରାମଚଣ୍ଡୀ ସୋସିଆଲ ୱେଲଫେୟାର୍ କଲ୍‌ଚରାଲ ଅର୍ଗାନାଇଜେଶନ୍, ବଡ଼ବଜାର ଉଠାଦୋକାନୀ ବ୍ୟବସାୟୀ ସଂଘ, ହାତୀବାଲା ଷ୍ଟେଟ୍ ସଂଘ, ଡି ଡ୍ୟାନ୍ସ ଷ୍ଟୁଡିଓ, ପୁରୀ ଟିମ୍ ଆଡିକ୍ଟର ଓ ମୋତିଚାନ୍ଦ ବଜାର ପୂଜା କମିଟିର ମିଳିତ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ବଡ଼ଦାଣ୍ଡସ୍ଥିତ ଦୁଧୱାଲା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଭଳି ପରିସ୍ଥିତିରେ ମେଗା ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ସମସ୍ତ ଅନୁଷ୍ଠାନଙ୍କୁ ମୁଖ୍ୟ ଅତିଥି ମିଶ୍ର ପ୍ରଶଂସା କରିଥିଲେ। ୭୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଉମାପଦ ମହାନ୍ତି, ସମୀର ଶତପଥୀ, ଶ୍ୟାମପ୍ରକାଶ ସେନାପତି, ମୋନାଲିସା ମଲ୍ଲିକ୍ ଏବଂ ଶିବୁନା ଖୁଣ୍ଟିଆଙ୍କ ଉପସ୍ଥିତ ଥିଲେ।

# ମୁକ୍ତା ଯୋଜନାରେ ଅନିୟମିତତା ଅଭିଯୋଗ

■ ଏସ୍ଏସ୍‌ଜିକୁ ଆସୁଥିବା କାମ ଅନ୍ୟମାନେ ହାତେଇଛନ୍ତି
■ କାର୍ଯ୍ୟଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ ଦାବି

ନିମାପଡ଼ା,୧୮।୯(ଡି.ଏନ୍.ଏ.)

ପୁରୀ ଜିଲା ନିମାପଡ଼ା ଏନ୍‌ଏସିରେ ମୁକ୍ତା ଯୋଜନା ପ୍ରହସନ ପାଲଟି ଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ଏନ୍‌ଏସିର ବିଭିନ୍ନ ୱାର୍ଡରେ କରାଯାଇଥିବା ଉନ୍ନୟନ କାର୍ଯ୍ୟରେ ଜାଲିଆତି, ଅନିୟମିତତା, ଅର୍ଥ ତୋସରପାତ ହୋଇଥିବା ଏନ୍‌ଏସିବାସୀ ଅଭିଯୋଗ କରିଛନ୍ତି। ଅଧିକାଂଶ ଉନ୍ନୟନ କାର୍ଯ୍ୟରେ ବିଳମ୍ବ ହେଉଥିବାବେଳେ ଅନ୍ୟ କେଉଁଠି ମନ୍ଥର ଗତିରେ କାର୍ଯ୍ୟ ଚାଲିଛି। ସରକାରର ସମସ୍ତ ନୀତିନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ କାର୍ଯ୍ୟ ହେଉଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ମାଇକ୍ରୋ ଆକ୍ଟିଭିଟି ସେଣ୍ଟର(ଏମ୍‌ଏସି) ସମେତ ଅନ୍ୟ କେତେକ କାର୍ଯ୍ୟ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏସ୍‌ଜି) ଗ୍ରୁପଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ହେଲେ ଏହିସବୁ କାର୍ଯ୍ୟକୁ ଶାସକ ଦଳର କର୍ମୀମାନେ କରୁଥିବାର ଦେଖିବାକୁ ମିଳିଛି। ଶାସକ ଦଳର କର୍ମୀଙ୍କ ଏଭଳି କାର୍ଯ୍ୟକୁ ନେଇ ଗ୍ରାମବାସୀ ଓ ଏସଏସ୍‌ଜି ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ମୁକ୍ତା ଯୋଜନାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ନିମାପଡ଼ା ଏନ୍‌ଏସିକୁ ୭୨ଲକ୍ଷ ଟଙ୍କା ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ସରକାରଙ୍କ ପକ୍ଷରୁ ହୋଇଥିବା ଏନ୍‌ଏସି ଅଫିସ ପକ୍ଷରୁ ଜଣାପଡ଼ିଛି। ଏହି ଯୋଜନାଟି ଶ୍ରମିକ ନିୟୋଜିତ କାର୍ଯ୍ୟକ୍ରମ ଓ ଶ୍ରମଭିତ୍ତିକ କାର୍ଯ୍ୟ ଅଟେ। ଏହି ଯୋଜନାରେ ଏନ୍‌ଏସିର ବିଭିନ୍ନ ୱାର୍ଡରେ ନୂତନ ଖେଳପଡ଼ିଆ, ଓପନ୍ ଜିମ୍, ଶିଶୁ ଉଦ୍ୟାନ, ମିନି ପାର୍କ, ଭେଣ୍ଡିଂ ଜୋନ ନିର୍ମାଣ, ମାଇକ୍ରୋ ଆକ୍ଟିଭିଟି ସେଣ୍ଟର(ଏମ୍‌ଏସି), ବର୍ଷାଜଳ ଅମଳ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ, ସାମାଜିକ ବାର୍ତ୍ତାଭିତ୍ତିକ ସରକାରୀ ଦପ୍ତର ଓ ପ୍ରାଚୀରରେ ଚିତ୍ରାଙ୍କନ ଆଦି କାର୍ଯ୍ୟ କରାଯିବାର ବ୍ୟବସ୍ଥା ରହିଛି। ଏହି ମୁକ୍ତା ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏନ୍‌ଏସିର ୧୧ଟି ୱାର୍ଡର ୪୨ଟି ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ଅଦ୍ୟାବଧି ୨୦ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲୁଛି। ୧ନଂ, ୩, ୪, ୭ନଂ. ଆଦି ୱାର୍ଡରେ ଗୋଟିଏ ପ୍ରକଳ୍ପକୁ ପ୍ରାୟ ୭ଲକ୍ଷ ଟଙ୍କା ବ୍ୟୟରେ ମହିଳାମାନଙ୍କ ନିମନ୍ତେ ଏମ୍‌ଏସି ନିର୍ମାଣ କରିଥିବାବେଳେ ୧୧ନଂ. ୱାର୍ଡରେ ସାଢ଼େ ୬ଲକ୍ଷ ଟଙ୍କା ବ୍ୟୟରେ ଏକ ମିନି କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଇଥିବା ମୁକ୍ତା ଯୋଜନା ଅଧିକାରୀ ପ୍ରକାଶ କରିଛନ୍ତି। ଅଧିକାଂଶ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ବେଳେ କାର୍ଯ୍ୟରେ ଚଞ୍ଚକତା କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏହିସବୁ ନବନିର୍ମିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଯିବାକୁ ଏନ୍‌ଏସିବାସୀ ଦାବି କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଅନ୍ୟପକ୍ଷରେ ଏହି ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୪ଟି ମିନି ପାର୍କ, ଗୋଟିଏ ଶିଶୁ ଉଦ୍ୟାନ, ୬ନଂ, ୮ ଓ ୧୦ନଂ. ୱାର୍ଡରେ ୩ଟି ଶୌଚାଳୟ, ବିଭିନ୍ନ ୱାର୍ଡରେ ୫୫ଟି ଭେଣ୍ଡିଂଜୋନ ଗୃହ ନିର୍ମାଣ, ବାରବାଟୀ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଏନ୍‌ଏସି କାର୍ଯ୍ୟାଳୟ ଓ ମୁକ୍ତା ଯୋଜନାର ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏନ୍‌ଏସିର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା, ସରକାରୀ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଗତ ଜୁଲାଇରେ ଏନ୍‌ଏସିର ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ରଙ୍କୁ ନଗର ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କାର୍ଯ୍ୟରୁ ନିଲମ୍ବନ ଓ ସହକାରୀ ଯନ୍ତ୍ରୀ ସୁଧାକର ଦାସଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଏମ୍.ଶ୍ରୀନିବାସ, ମୁକ୍ତା ଯୋଜନା ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ରିତିକେଶ ନାୟକ, ପ୍ରୋଗ୍ରାମ କୋଅର୍ଡିନେଟର ରୋହନ ରାକେଶ ରାୟଙ୍କୁ ପଚାରିବାରେ ମୁକ୍ତା ଯୋଜନାରେ ସମସ୍ତ କାର୍ଯ୍ୟ ସରକାରୀ ନିୟମ ଅନୁସାରେ କରାଯାଇଥିବା ବେଳେ କୌଣସି ଅନିୟମିତତା ହୋଇ ନାହିଁ ବୋଲି ସମସ୍ତେ କହିଛନ୍ତି। ଅନ୍ୟପକ୍ଷେ ଗଣଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, ଏନ୍‌ଏସିରେ ମୁକ୍ତା ଯୋଜନାରେ ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ଭିତ୍ତିରେ ଚାଲିଛି। ଏହି ଯୋଜନାର ସଫଳ ରୂପାୟନ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମୁକ୍ତା ଯୋଜନାର କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି।


ମୁକ୍ତା ଯୋଜନାରେ ନିର୍ମିତ ହୋଇଥିବା ମାଇକ୍ରୋ ଆକ୍ଟିଭିଟି ସେଣ୍ଟର।

## 'ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଅ'

ପିପିଲି/ଡେଲାଙ୍ଗ, ୧୮।୯(ସ୍ୱ.ପ୍ର./ଡି.ଏନ.ଏ)

ପିପିଲି ବ୍ଲକ ତେଇସିପୁର ପଞ୍ଚାୟତରେ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଅତିଥି ଭାବେ ରାଜ୍ୟ କ୍ଷୁଦ୍ର ନିଗମ ଅଧକ୍ଷ ଚିନ୍ମୟ ସାହୁ, ଜିଲା ମହିଳା ବିଜେଡି ସଭାପତି ଶାନ୍ତିଲତା ପ୍ରଧାନ, ରାଜେଶ ଦାସ, ସମିତିସଭ୍ୟ ଧରଣୀଧର ସାହୁ, ଅରୂପ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ କହିଥିଲେ। ସରପଞ୍ଚ ନରେନ୍ଦ୍ର ଦାସ, ଉମାମଣି ରଥ, ସମ୍ପାଦକ ଶାନ୍ତିଲତା ପ୍ରଧାନ, ଈଶ୍ୱର ପ୍ରସାଦ ଦାଶ,ରାଜକିଶୋର ପ୍ରଧାନ ଉପସ୍ଥିତ ଥିଲେ। ଡେଲାଙ୍ଗର ଧାନକେରା ପଞ୍ଚାୟତର ନରଣପୁର ଗ୍ରାମରେ ବିଜେଡିର କର୍ମୀ ସମାବେଶ ହୋଇଛି। ଉପେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ, ବୈରାଗୀ ଜେନା, ପ୍ରସନ୍ନ ସାହୁ, ସରପଞ୍ଚ ପ୍ରସନ୍ନ ଜେନା, ଦେବାଶିଷ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।



ପୁରୀ ନାଗପାଟଣାସ୍ଥିତ ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀମାନେ ।

## ବଟି ମାଗି ୨ ଗିରଫ, ଖଣ୍ଡା ଜବତ

ପୁରୀ ଅଫିସ,୧୮।୯

ଦାଦାବଟି ମାଗିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭିଆଇପି ରୋଡ ଜଗନ୍ନାଥ କଲୋନୀର ପ୍ରଦୀପ ବେହେରା ଓରଫ ପହଲି। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଖଣ୍ଡା ଜବତ କରିଛି। ଏ ନେଇ ପୋଲିସ୍ ନଂ. ୧୯୮/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସମୁଦ୍ରକୂଳ ଥାନା ପୋଲିସ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଭିଆଇପି ରୋଡ୍‌ରେ ଥିବା ଏକ ବାଇକ୍ ଶୋ'ରୁମରେ କାର୍ଯ୍ୟ କରୁଥିବା ସିକ୍ୟୁରିଟି ଗାର୍ଡଙ୍କୁ ଜଣେ ଯୁବକ ମାରଣାସ୍ତ୍ର ଦେଖାଇ ଦାଦାବଟି ମାଗୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିବାରୁ ଦାଦାବଟି ସମ୍ପର୍କରେ ସ୍ୱୀକାର କରିଥିଲେ। ସେହିପରି କୁମ୍ଭାରପଡା ଥାନା ପୋଲିସ ମଧ୍ୟ ବଟି ମାଗୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସୁଦର୍ଶନ ନଗରର ଜ୍ୟୋତିରଞ୍ଜନ ଜେଠୀ ଓରଫ ଗାଣ୍ଡୁ। ତାଙ୍କଠାରୁ ନଗଦ ୫୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ୍ ନଂ. ୩୩୮/୨୧ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଶନିବାର ସକାଳ ୮.୩୦ରେ କୁମ୍ଭାରପଡା ଥାନାର ଏଏସ୍‌ଆଇ ପି.କେ. ଦଳାଇ ପୋଲିସ୍ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସୁଦର୍ଶନ ନଗର ଛକ ନିକଟରେ ଥିବା ଦୋକାନୀଙ୍କୁ ଜଣେ ଯୁବକ ଗାଳିଗୁଲଜ କରିବା ସହ ବଟି ମାଗୁଥିବା ପୋଲିସ ଜାଣିବାକୁ ପାଇଥିଲା। ସେଠାରେ ପୋଲିସ ଚଢାଉକରି ଅଭିଯୁକ୍ତ ଜ୍ୟୋତି ରଞ୍ଜନକୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୧୬ଟି ମାମଲା ରହିଛି ।

## ବନ୍ୟାଜଳ ଘେରରେ ୮ ଗ୍ରାମ



କଣାସ,୧୮।୯ (ସ୍ୱ.ପ୍ର)

ଦୟାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଦୟାନଦୀର ବିପଦ ସଙ୍କେତ ବହୁ ଉପରେ ଜଳ ପ୍ରବାହିତ ହେଉଛି। କଣାସରେ ଦୟାନଦୀର ବିପଦ ସଙ୍କେତ ୩.୯୯ମି ଥିବାବେଳେ ବର୍ତ୍ତମାନ ୫.୨୩ମି ବନ୍ୟାଜଳ ପ୍ରବାହିତ ହେଉଛି। ଦୟା ଓ ରାଜୁଆନଦୀର ମଧବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବାଡାସ, ଗଡବଳଭଦ୍ରପୁର ପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ଗଡବଳଭଦ୍ରପୁର ଗ୍ରାମ ବନ୍ୟାଜଳ ଘେରରେ ରହିଛି। ଦୟାନଦୀର ଉପର ମୁଣ୍ଡ ବନ୍ୟାଜଳ କମୁଥିବା ବେଳେ କଣାସଠାରେ ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ବୀରକେଶରପୁରଠାରୁ ନାନକେରା ପର୍ଯ୍ୟନ୍ତ ଦୟାନଦୀର ଡାହାଣପାର୍ଶ୍ୱ ବନ୍ଧ ବୁଡି ବନ୍ୟାଜଳ ଚାଷଜମିକୁ ପ୍ରବେଶ କରୁଛି। ବନ୍ୟାଜଳ ବୃଦ୍ଧିପାଉଥିବାରୁ କଣାସ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ମଧ୍ୟ ବଢ଼ିବାରେ ଲାଗିଛି। ଉକ୍ତ ଗ୍ରାମରେ ୭ଦିନ ହେଲା ଗୃହପାଳିତ ପଶୁ ଗୃହରେ ବନ୍ଧା ହୋଇ ଅନେକ ରୋଗାକ୍ରାନ୍ତ ହେବାରେ ଲାଗିଲେଣି। ଜଳଘେରରେ ରହିଥିବା ଗ୍ରାମଗୁଡିକରେ ପାନୀୟଜଳ ସମସ୍ୟା ଦେଖାଯାଉଥିବାରୁ ବାଧ ହୋଇ ବନ୍ୟାଜଳକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ନଦୀ ବନ୍ଧର ସୁରକ୍ଷା ପାଇଁ ଜଳସେଚନ ବିଭାଗର ପୁରୀ ଡିଭିଜନର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଖୋର୍ଦ୍ଧା ଡିଭିଜନର କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ବିଭିନ୍ନ ସ୍ଥାନରେ ବାଲିବସ୍ତା, ବଲାହା ରଖିଥିବା ବେଳେ ବନ୍ଧର ସୁରକ୍ଷା ପାଇଁ ରାତ୍ରରେ କଡାକଡି ପ୍ରହରା ଦେଉଛନ୍ତି।

## ମହାପ୍ରଭୁଙ୍କ ବଳି ବାମନ ବେଶ

ପୁରୀ ଅଫିସ,୧୮।୯

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ବଳି ବାମନ ବେଶ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ମହାବିଷ୍ଣୁ ଭାବେ ବିବେଚନା କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ବିଷ୍ଣୁଙ୍କ ପଞ୍ଚମ ଅବତାରରେ ବାମନ ରୂପେ ଧରାପୃଷ୍ଠରେ ଅବତରଣ କରିଥିଲେ। ପୌରାଣିକ ଉପାଖ୍ୟାନ ଅନୁସାରେ ଭଗବାନ ବିଷ୍ଣୁ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରାପୃଷ୍ଠକୁ ଆସି ବଳି ରାଜାଙ୍କ ଅହଙ୍କାର ଭାଙ୍ଗିଥିଲେ। ଏଣୁ ଶ୍ରୀଜଗନ୍ନାଥ ମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ମହାସମାରୋହରେ ପାଳିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କୁ ବାମନ ରୂପୀ ବାଳକ ବେଶରେ ସଜ୍ଜିତ କରାଯାଇଥାଏ। ଦେବୀ ସୁଭଦ୍ରା ଓ ବଡ଼ଠାକୁର ବଳଭଦ୍ର ସ୍ୱର୍ଣ୍ଣ ବେଶରେ ସଜ୍ଜିତ ହୋଇଥିଲେ। ବଡ଼ଠାକୁର ବଳଭଦ୍ର ଶ୍ରୀ ହସ୍ତରେ ଧନୁ ଓ ଶର ଧାରଣ କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଶେଷ ହେବା ପରେ ବଳି ବାମନ ବେଶ ଧାରଣ କରିଥିଲେ। ମହାପ୍ରଭୁ ସ୍ୱର୍ଣ୍ଣ ଶ୍ରୀଭୁଜ, ଶ୍ରୀ ପୟର ଓ ସ୍ୱର୍ଣ୍ଣ କିରୀଟରେ ଆଭୂଷିତ ହୋଇଥିଲେ। ମହାପ୍ରଭୁ ମଥାରେ ଜୁଡାଯୁକ୍ତ କେଶର ରୂପ ସୃଷ୍ଟି ପାଇଁ ଦରଜୀ ଦେଇଥିବା କଳା କନାର ଗୋଟିଏ ମଥା ବରଣ ବ୍ୟବହୃତ କରାଯାଇଥିଲା। ସେହି କଳା କନାର ସମ୍ମୁଖ ପଟେ ଧଳା କନା ସିଲେଇ କିଛି ଧଳା ଗାର ସୃଷ୍ଟି ହୋଇଥିଲା। ଏହା ଭସ୍ମରେଖା ବା ତିଳକର ପ୍ରତୀକ ରୂପେ ଗୃହୀତ ହୋଇଥିଲା। ଏକ କିରୀଟ ମସ୍ତକ ଉପରେ ଶୋଭା ପାଇଥିଲା। ଏହି ବେଶରେ ମହାପ୍ରଭୁ ଶ୍ରୀଭୁଜର ବାମ ହସ୍ତରେ ଏକ ଛତ୍ରି ଓ ଡାହାଣ ହସ୍ତରେ କୁଶଯୁକ୍ତ ରୁପାର ଗଡୁ ଧାରଣ କରି ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଭୂଷିତ ହୋଇଥିଲେ। ଭକ୍ତମାନେ କୋଭିଡ୍ କଟକଣା ମଧ୍ୟରେ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦୁର୍ଲଭ ବଳିବାମନ ବେଶ ଦର୍ଶନ କରିଥିଲେ।



## ଆଧୁନିକ ମତ୍ସ୍ୟଚାଷ ପାଇଁ ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ,୧୮।୯:

ପୁରୀ ଜିଲା ମାଛ ଚାଷ ଉତ୍ପାଦନର ବିକାଶ ପାଇଁ ବ୍ୟବସାୟିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଶନିବାର କଣାସ ବ୍ଲକ୍ ଆଳିବାଡ଼ ଗ୍ରାମରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସିଦ୍ଧ ଡେଭଲପମେଣ୍ଟ ରିସର୍ଚ୍ଚ ଆଣ୍ଡ କନସଲଟାଣ୍ଟ ଆୟୋଜନ କରିଥିଲା। କିଭଳି ଭାବେ ଉନ୍ନତଧରଣର ମାଛ ଚାଷ ହୋଇପାରିବ ଓ ଚାଷର ମୁଖ୍ୟ ଉଦ୍ଦେଶ୍ୟ ଲାଭ କମାଇବା ରହିବ, ସେନେଇ ଶିବିରରେ ପ୍ରଶିକ୍ଷଣ ଦିଆଯାଇଛି। କମ୍ ଜାଗାରେ ମଧ ଏଭଳି ଚାଷ କରାଯାଇ ଚାଷୀ ଲାଭବାନ ହୋଇପାରିବେ। ସେହିଭଳି ମତ୍ସ୍ୟ ଚାଷର ଆଧୁନିକୀକରଣ ଏବେ ମଧ ସବୁଠାରୁ ବଡ଼ ସମସ୍ୟା। ଅଧିକାଂଶ ଲୋକେ ପାରମ୍ପରିକ ଚାଷ କରୁଥିବା ହେତୁ ମାଛ ଚାଷରେ ଲାଭର ପରିମାଣକୁ ନେଇ ସନ୍ତୁଷ୍ଟ ହେଉ ନାହାନ୍ତି। ମାତ୍ର ବାସ୍ତବିକ ମାଛ ଚାଷ ଏକ ଲାଭଦାୟକ। ଏହାକୁ କରୁଥିବା ଲୋକେ ଉପଯୁକ୍ତ ପ୍ରଶିକ୍ଷଣ ନେବା ଆବଶ୍ୟକ ବୋଲି ମତ୍ସ୍ୟ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ କହିଛନ୍ତି। ଏହି କର୍ମଶାଳାରେ ଶହେରୁ ଊର୍ଦ୍ଧ୍ୱ ମାଛଚାଷୀ ଯୋଗ ଦେଇଛନ୍ତି।

## ରାଜବେଶରେ ସାକ୍ଷୀଗୋପାଳଙ୍କୁ ସୁନିଆ ଭେଟି

ସାକ୍ଷୀଗୋପାଳ,୧୮।୯(ଡି.ଏନ.ଏ)

ରାଜରାଜେଶ୍ୱର ବେଶରେ ସାକ୍ଷୀଗୋପାଳ ଠାକୁରଙ୍କୁ ପ୍ରତିବର୍ଷ ପରି ଶନିବାର ସନ୍ଧ୍ୟାରେ ସୁନିଆ ଭେଟି ଅର୍ପଣ କରାଯାଇଛି। ଅପରାହ୍ନରେ ମନ୍ଦିର ସିଂହଦ୍ୱାରକୁ ପୂର୍ଣ୍ଣକୁମ୍ଭ, କଦଳୀ ଗଛ, ଆମ୍ବଡାଳରେ ସାଜସଜା କରାଯାଇଥିଲା। ସନ୍ଧ୍ୟା ଧୂପ ବେଶରେ ଠାକୁର ପାଟ ପିତାମ୍ବରୀ କାଛି ଲାଗି ହୋଇ ସୁବର୍ଣ୍ଣ କିରୀଟ, ବଂଶୀ ମକର କୁଣ୍ଡଳ, ଚାପସରି, ନୁଦୁକ, ତାବିଜ, ବେଙ୍ଗପାଟିଆ, ବାଙ୍କି ନୁପୂର ଆଦି ସୁନାରୁପା ଅଳଙ୍କାର, ଫୁଲ ତୁଳସୀ ମାଳ ଲାଗିହୋଇ ରାଜବେଶରେ ଶୋଭା ପାଇଥିଲେ। ପରମ୍ପରାକ୍ରମେ ସ୍ଥାନୀୟ ଗୋପାଳପୁର ପାଟଣାର ମହାଜନ, ପ୍ରଜା, ସେବାୟତ ଓ ଶ୍ରଦ୍ଧାଳୁମାନେ ମଶାଲ ଜଳାଇ ସର, ଲବଣି ଭାର, ଫୁଲ ତୁଳସୀ ମାଳ ଆଦି ଠାକୁରଙ୍କୁ ଲାଗି ଭେଟି ଦେଇଥିଲେ। ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଜଣଜଣ କରି ତାଲିକା ପଢିବା ପରେ ଭେଟି ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ସେବାୟତମାନେ ପନିକି, କୋରଣା, କଟୁରି, ପିଢା, ଦୀପରୁଖା ପ୍ରଦାନ କରିଥିଲେ।


ସାକ୍ଷୀଗୋପାଳ ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ସୁନିଆ ଭେଟି ପାଇଁ କୁନି ସେବାୟତଙ୍କ ସହ ମହାଜନ ଓ ପ୍ରଜା ପହଞ୍ଚିଛନ୍ତି।

## ଘରୋଇ କମ୍ପାନୀର ବିଦ୍ୟୁତ୍ ସେବାରେ ମନମୁଖି

■ ଜିଲାପାଳଙ୍କୁ ଭେଟି ଦାବି ଜଣାଇଲା କଂଗ୍ରେସ
■ ଯାଞ୍ଚ ପାଇଁ କମିଟି ଗଢ଼ିଲେ ପ୍ରଶାସନ

ପୁରୀ ଅଫିସ,୧୮।୯:

ପୁରୀ ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ପୁରୀ ସହର ତଥା ଜିଲାର ବିଦ୍ୟୁତ ସେବାଜନିତ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ବିନା କାରଣରେ ବିଦ୍ୟୁତ୍ ମିଟର ପରିବର୍ତ୍ତନ କରିବା, ମହିଳା କର୍ମଚାରୀଙ୍କ ସହାୟତାରେ ବଳପୂର୍ବକ ଘରେ ପଶିବା, ମନଇଚ୍ଛା ଲାଇନ କାଟିବା ଭଳି କାର୍ଯ୍ୟକଳାପ ଘରୋଇ ବିଦ୍ୟୁତ ବିତରକ କମ୍ପାନୀଙ୍କ ବଢ଼ିବାରେ ଲାଗିଛି। ସେହିଭଳି ୩୦ଦିନ ପରିବର୍ତ୍ତେ ୨ ମାସର ବିଦ୍ୟୁତ୍ ଶୁଳ୍କ ଏକକାଳୀନ ଭାବେ ଆସୁଛି। ଫଳରେ ଧାର୍ଯ୍ୟ ବିଦ୍ୟୁତ ଶୁଳ୍କ ବଢ଼ିବାରେ ଲାଗିଛି। ଏଭଳି କାର୍ଯ୍ୟକଳାପ ଶୁଳ୍କ ପଦ୍ଧତିକୁ ବିରୋଧ କରାଯାଉଥିଲେ ମଧ ଘରୋଇ କମ୍ପାନୀ ଶୁଣିବାକୁ ନାରାଜ। ଏଭଳି ସଙ୍ଗିନ ଅଭିଯୋଗ କେବଳ ପୁରୀ ସହର ନୁହେଁ ଜିଲାର ବିଭିନ୍ନ ସ୍ଥାନରୁ ଆସୁଛି। ଘରୋଇ କମ୍ପାନୀର ମନମୁଖି କାର୍ଯ୍ୟକଳାପ ଅଭିଯୋଗ ଶୁଣିବା ସହ ଦାବିପତ୍ର ଜିଲାପାଳ ଗ୍ରହଣ କରିଛନ୍ତି। ଏପରି କି ଜିଲାପାଳ ବର୍ମା ବିଦ୍ୟୁତ୍ ବିଭାଗ ମୁଖ୍ୟ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁଙ୍କୁ ଡକାଇ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖବରଦାତା, ପ୍ରଶାସନ, ବିଦ୍ୟୁତ୍ ବିଭାଗ କର୍ମଚାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ କମିଟି ଗଠନ ହେବ। ଏହି କମିଟି ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ଅଭିଯୋଗ ସମ୍ପର୍କରେ ଶୁଣିବେ ଓ ରିପୋର୍ଟ ଜିଲାପାଳଙ୍କୁ ଦାଖଲ କରିବେ। ଏହାପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯିବ। କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ ବିଭାଗ ନିକଟରେ ବିଭିନ୍ନ ଦାବି ରଖାଯାଇଛି। ୨ ଶହ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରିବା, ଯେଉଁମାନଙ୍କର ନୂଆ ମିଟର ଲାଗୁ ହୋଇଛି ସେମାନଙ୍କୁ ଟେଷ୍ଟିଂ ରିପୋର୍ଟ ଦେବା ସହ ଖାଉଟିଙ୍କ ଅନୁମତିକ୍ରମେ ମିଟର ବଦଳାଇବା ପାଇଁ କଂଗ୍ରେସ ଦାବି ରଖିଛି। ସେହିଭଳି ବିଦ୍ୟୁତ୍ ଦେୟ ପାଇଁ ଘରୋଇ ସଂସ୍ଥାର ଦମନମୂଳକ ନୀତିକୁ ମଧ ବିରୋଧ କରାଯାଇଛି। ଖାଉଟିଙ୍କ ବିରୋଧରେ ହୋଇଥିବା ଆପରାଧିକ ମାମଲା ପ୍ରତ୍ୟାହାର ହେବା ସହ ବିଦ୍ୟୁତ୍ ବିଭାଗ ବିଲ୍ ଆଦାୟ ସମୟରେ ସହନଶୀଳତା ରକ୍ଷା କରୁ ବୋଲି କଂଗ୍ରେସ ନେତା ବିନାୟକ ଦାସ ମହାପାତ୍ର କହିଛନ୍ତି। ଦାବିପତ୍ର ଦେବା ସମୟରେ ବୀରେନ୍ଦ୍ର ହୋତା, ପୁଷ୍କର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ମଧୁସୂଦନ ମିଶ୍ର, ରାଜେଶ ମିଶ୍ର ଓ ବିଶ୍ୱନାଥ ଦାଶଙ୍କ ସମେତ ଅନେକ କଂଗ୍ରେସ ନେତା ସାମିଲ ଥିଲେ।


ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟକୁ ବିରୋଧ କରି କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି ।

## ସଂକ୍ଷେପରେ

### ବଟି ମାଗି ୨ ଗିରଫ

**ପୁରୀ ଅଫିସ,୧୮।୯:** ଦାଦାବଟି ମାଗିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭିଆଇପି ରୋଡ ଜଗନ୍ନାଥ କଲୋନୀର ପ୍ରଦୀପ ବେହେରା ଓରଫ ପହଲି। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଖଣ୍ଡା ଜବତ କରିଛି। ଏ ନେଇ ପୋଲିସ୍ ନଂ. ୧୯୮/୨୧ରେ ଏକ ମାମଲା ରୁଜୁ କରିଛି। ସେହିପରି କୁମ୍ଭାରପଡା ଥାନା ପୋଲିସ ମଧ୍ୟ ବଟି ମାଗୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସୁଦର୍ଶନ ନଗରର ଜ୍ୟୋତିରଞ୍ଜନ ଜେଠୀ ଓରଫ ଗାଣ୍ଡୁ। ତାଙ୍କଠାରୁ ନଗଦ ୫୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ୍ ନଂ. ୩୩୮/୨୧ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଶନିବାର ସକାଳ ୮.୩୦ରେ କୁମ୍ଭାରପଡା ଥାନାର ଏଏସ୍ଆଇ ପି.କେ. ଦଳାଇ ପୋଲିସ୍ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସୁଦର୍ଶନ ନଗର ଛକ ନିକଟରେ ଥିବା ଦୋକାନୀଙ୍କୁ ଜଣେ ଯୁବକ ଗାଳିଗୁଲଜ କରିବା ସହ ବଟି ମାଗୁଥିବା ପୋଲିସ ଜାଣିବାକୁ ପାଇଥିଲା। ସେଠାରେ ପୋଲିସ ଚଢାଉକରି ଅଭିଯୁକ୍ତ ଜ୍ୟୋତି ରଞ୍ଜନକୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୧୬ଟି ମାମଲା ରହିଛି।

### ପୋଷଣ ଟ୍ରାକର ତାଲିମ ଶିବିର

**କୃଷ୍ଣପ୍ରସାଦ,୧୮।୯(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରକ୍ଷୁଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ପୋଷଣ ଟ୍ରାକର ତାଲିମ ଶିବିର ଆରମ୍ଭ ହୋଇଛି। ସିଡିପିଓ ମନୋରମା ଦେବୀଙ୍କ ନେତୃତ୍ୱରେ ଆୟୋଜିତ ତାଲିମ ଶିବିରରେ ୪୮ଜଣ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଗର୍ଭବତୀ, ପ୍ରସୂତି, ଶିଶୁ ଏବଂ ୧୧ରୁ ୧୮ବର୍ଷ ବାଳିକା ବାଳକଙ୍କ ସମ୍ପୂର୍ଣ୍ଣ ବିବରଣୀ କିଭଳି ପୋଷଣ ଟ୍ରାକର ମାଧମରେ ସଂଗ୍ରହ କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ୫ଟି ମଣ୍ଡଳର ଅଙ୍ଗନୱାଡି କର୍ମୀଙ୍କୁ ଏହି ତାଲିମ ପ୍ରଦାନ କରାଯିବ ବୋଲି ସିଡିପିଓ ମନୋରମା ଦେବୀ କହିଛନ୍ତି।

### ଅନ୍ତେବାସୀଙ୍କୁ ଫଳ ବଣ୍ଟନ

**ଖୋର୍ଦ୍ଧା ଅଫିସ,୧୮।୯:** ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କ ୭୧ତମ ଜନ୍ମ ଦିବସକୁ ଭାଜପା ସେବା ଓ ସର୍ମପଣ ଦିବସ ଭାବେ ପାଳନ କରୁଛି। ଏହି ଅବସରରେ ଭାଜପା ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ସ୍ଥାନୀୟ ସାମନ୍ତରାପୁର ସ୍ଥିତ ଜୀବନଧାରା ସେବାଶ୍ରମରେ ଅନ୍ତେବାସୀଙ୍କୁ ଫଳ, ପାଉଁରୁଟି, ବିସ୍କୁଟ ବଣ୍ଟନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଶ୍ରୀରଞ୍ଜନ ମଙ୍ଗରାଜ, ନଗର ସଭାପତି ଲୋକନାଥ ପ୍ରଧାନ, ଗଗନ ମଲ, ସୂର୍ଯ୍ୟନାରାୟଣ ଦାସ, ଅରବିନ୍ଦ ରାଉତରାୟ, ଅବନୀ ଜେନା, ଓବିସିମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବେହେରା, ଦେବବ୍ରତ ଆଚାର୍ଯ୍ୟ, ତ୍ରିନାଥ ମହାପାତ୍ର, ସାଧାରଣ ସମ୍ପାଦକ ଅଭିମନ୍ୟୁ ଘଟୁଆଳ, ସୁମିତ୍ରା ପ୍ରଧାନ, ଗୁଣନିଧି ମହାପାତ୍ର, ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜାଗୁଳିପାଟଣା ସ୍ଥିତ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ପ୍ରଧାନମନ୍ତ୍ରୀଙ୍କ ଦିର୍ଘାୟୁ କାମନା କରାଯାଇଛି। ସାମାଜିକ କର୍ମୀ ଗୁଣନିଧି ମହାପାତ୍ର, ବସନ୍ତ ଦାସ, ବୈକୁଣ୍ଠନାଥ ମହାପାତ୍ର, ସମରେନ୍ଦ୍ର ଶତପଥୀ, ରଶ୍ମିମୟୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁରେ ବନ୍ୟାଜଳ, ଦୁର୍ଦ୍ଦଶାରେ ଲୋକେ

**ଖୋର୍ଦ୍ଧା ଅଫିସ,୧୮।୯**

ହୀରାକୁଦ ଗେଟ୍ ଖୋଲିବା ପରେ ରାଜୁଆ, ମଲାଗୁଣୀ ଓ ଦୟା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଖୋର୍ଦ୍ଧ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଓରବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତର ୧୫ ଗ୍ରାମବାସୀ ୫ଦିନ ହେବ ଜଳବନ୍ଦୀରେ ରହିଛନ୍ତି। ପ୍ରାୟ ୭ହଜାର ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଜଳସ୍ତର ବଢ଼ିବା ସହିତ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ମଧ୍ୟ ବଢୁଛି। ଗ୍ରାମରେ ଆଣ୍ଠୁଏ ଆଣ୍ଠୁଏ ଉଚ୍ଚର ବନ୍ୟା ଜଳ ଜମି ରହିଛି। ଶନିବାର ରାତି ସୁଦ୍ଧା ଜଳସ୍ତର ଆହୁରି ବଢିବା ଆଶଙ୍କା ରହିଛି। ଗାଁ ରାସ୍ତାରେ ୫ରୁ ୬ଫୁଟ ପାଣି ପ୍ରବାହିତ ହେଉଛି। ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି।

ମିଳିଥିବା ସୂଚନା ମୁତାବକ, ବନ୍ୟାଜଳ ପ୍ରଭାବରେ ଓରବରସିଂ ପଞ୍ଚାୟତର ୯ଗାଁ, ନରଣଗଡ଼ର ୪ଗାଁ ଓ ବ୍ରଜମୋହନପୁରର ୨ଗାଁ ଜଳବନ୍ଦୀରେ ରହିଛି। ଯାତାୟାତ ପାଇଁ କୌଣସି ବ୍ୟବସ୍ଥା ନ ଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଅନ୍ୟପଟେ ସାପ ଭୟରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ରିଲିଫ ବ୍ୟବସ୍ଥା କରାଯାଇନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଉପାସରେ ରହିଥିବା ବେଳେ ଗୋରୁଗାଈଙ୍କ ଅବସ୍ଥା ବିଗିଡ଼ଲାଣି। ତୁରନ୍ତ ଗୋଖାଦ୍ୟ ନ ପହଞ୍ଚିଲେ, ସେମାନଙ୍କ ମୃତ୍ୟୁ ହେବ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବନ୍ୟାଜଳରେ ଚାଲିବାରୁ ଦେହ କୁଣ୍ଡେଇ ହେବା ସହ ଅନେକଙ୍କ ପାଦ ଖାଇଲାଣି। ବ୍ଲିଚିଂ ପାଉଡର ମଧ୍ୟ ଯୋଗାଇ ଦିଆଯାଉନାହିଁ। ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ବନ୍ୟାଜଳରେ ଏକର ଏକର ଚାଷଜମି ବୁଡ଼ି ରହିଛି। ଗତବର୍ଷ ଫସଲ କ୍ଷତି ହୋଇଥିଲା, ଏଯାଏ କୌଣସି କ୍ଷତିପୂରଣ ମିଳିନାହିଁ ବୋଲି କେତେଜଣ ଚାଷୀ କହିଛନ୍ତି। ହିରିମୂଳ, ଓରମି ଏବଂ ମାନପୁର ଗ୍ରାମର କେତେଜଣ ବାତ୍ୟାଶ୍ରୟସ୍ଥଳୀରେ ରହିଛନ୍ତି। ହିରିମୂଳ ଗ୍ରାମବାସୀଙ୍କ କହିବାନୁଯାୟୀ, ହିରିମୂଳରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଦେଢ଼ କିମି ରାସ୍ତା ନିର୍ମାଣ ହେଲେ, ବନ୍ୟା ସ୍ଥିତି ଉପୁଜିବ ନାହିଁ। ଏନେଇ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳିଛି, କାର୍ଯ୍ୟ ହୋଇନାହିଁ। ୨୨ବର୍ଷ ପୂର୍ବେ କେତେଜଣ ଲୋକଙ୍କୁ ଇନ୍ଦିରାବାସ ମିଳିଥିଲା। ଏହା ପରଠାରୁ ଆଉ ଆବାସ ଯୋଜନାରେ କାହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେହିପରି ଓରମି, ମାନପୁର, ଧବଳପୁର, ରାୟପୁରର କେତେଜଣ ଗ୍ରାମବାସୀ କହିଛନ୍ତି, ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ୩ ପଞ୍ଚାୟତର ୧୫ଗାଁ ଏଭଳି ସ୍ଥିତି ଦେଇ ଗତି କରୁଛନ୍ତି। ନିର୍ବାଚନ ଆସିଲେ ସମସ୍ତ ଦଳ ପକ୍ଷରୁ ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ମିଳୁଛି। ମାତ୍ର ନିର୍ବାଚନ ପରେ ପଦକ୍ଷେପ ନିଆଯାଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି, ହିରିମୂଳ ଗ୍ରାମରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ସବୁଠି ରନ୍ଧ୍ୟା ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯିବ। ବନ୍ୟାଘେରରେ ରହିଥିବା ଅଞ୍ଚଳରେ ସ୍ୱାସ୍ଥ୍ୟ ଟିମ୍ ବୁଲି ଔଷଧ ଦେବା ଆରମ୍ଭ କରିଛନ୍ତି।


ଗାଁରେ ପଶିଥିବା ବନ୍ୟାଜଳ।

- ୧୫ ଗାଁ ରେ ଆଣ୍ଠୁଏ ଉଚ୍ଚର ପାଣି
- ୭ ହଜାର ଲୋକ ପ୍ରଭାବିତ

# ଏକାଠି ହୋଇ ପାଇକଙ୍କ ବୀରତ୍ୱକୁ ମନେ ପକାଇଲେ


ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ କଳିଙ୍ଗ ପାଇକ ସଂଗଠନର କର୍ମକର୍ତ୍ତାମାନେ।

**ଖୋର୍ଦ୍ଧା ଅଫିସ,୧୭।୯**

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ପ୍ରତିବନ୍ଧକ ସାଜିଥିବା ଜମି ବିବାଦ ତୁଟିବା ପରେ ଖୋର୍ଦ୍ଧାର ବିଭିନ୍ନ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ଶନିବାର କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଗଡ଼ଖୋର୍ଦ୍ଧା ଛକ ସ୍ଥିତ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାଟିର ସୁରକ୍ଷା ପାଇଁ ପାଇକ ବୀରଙ୍କ ବଳିଦାନ, ତ୍ୟାଗ ଅତୁଳନୀୟ। ପାଇକ ସ୍ମାରକୀ ନିର୍ମାଣ ହେଲେ ବିଶ୍ୱ ଦରବାରରେ ପାଇକଙ୍କ ବୀରତ୍ୱର ଗାଥା ପହଞ୍ଚିପାରିବ। ପାଇକ ସ୍ମାରକୀ ଓଡ଼ିଆଙ୍କ ଗୌରବ ବୃଦ୍ଧି ସହ ଇତିହାସରେ ଏହାର ଗୌରବର ଗାଥା ସ୍ମରଣୀୟ ହୋଇରହିବ। ଆଗାମୀ ଯୁବପିଢିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ପାଲଟିବ। ପାଇକ ବିଦ୍ରୋହ ସମ୍ପର୍କରେ ଅଧିକ ଗବେଷଣା ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ସଙ୍ଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିୟାରସିଂ, ଅବନୀ ଜେନା, ବାଇଧର ମିଶ୍ର, ମୃତ୍ୟୁଞ୍ଜୟ ଛୋଟରାୟ, ଅଜିତ ପଟ୍ଟନାୟକ, ଶିଶିର ପରିଡା, ବସନ୍ତ ଦାସ, ଜ୍ଞାନରଞ୍ଜନ ଦାଶ, ରାମଶଙ୍କର, ପ୍ରାଣକୃଷ୍ଣ ଦଳବେହେରା, ପ୍ରଫୁଲ୍ଲ ସାମନ୍ତରାୟ, ବଦ୍ରିନାଥ ବରାଳ, ଚୈତନ୍ୟ ପ୍ରସାଦ ପ୍ରମୁଖଉପସ୍ଥିତ ଥିଲେ।

# ବନ୍ଦ ପାଳନ ପାଇଁ ଶ୍ରମିକ ସଙ୍ଗଠନ ବୈଠକ

**ଖୋର୍ଦ୍ଧା ଅଫିସ,୧୮।୯**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ନବୀନାବାଗସ୍ଥିତ ପ୍ରାଣନାଥ ଭବନଠାରେ ଏକ ବୈଠକ ଅଶୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା କୃଷକ ସଭା, ସିଆଇଟିୟୁ, ଏଆଇୟୁଟିୟୁସି, ଘରୋଇ ଶ୍ରମିକ ସଙ୍ଗଠନ, ଡିଏସ୍ଓ ଛାତ୍ର ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ, ଶ୍ରମ, ବିଦ୍ୟୁତ୍, ଜାତୀୟ ଶିକ୍ଷାନୀତି ଆଇନ, ଘରୋଇକରଣ, ଦରଦାମ ବୃଦ୍ଧି ପ୍ରତ୍ୟାହାର ଦାବିରେ ଚଳିତ ମାସ ୨୭ରେ ସର୍ବଭାରତୀୟ ସ୍ତରରେ ବନ୍ଦ ଡାକରା ଦିଆଯାଇଛି। ଭାରତ ବନ୍ଦକୁ ସଫଳ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ସିପିଆଇ(ଏମ୍ ) ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଶିକ୍ଷକ ନେତା କିଶୋର ପରମଗୁରୁ, ଗିରୀଶ ଚନ୍ଦ୍ର ମହାରଣା, ଜୟନ୍ତ ମହାନ୍ତି, ଯୋଗେନ୍ଦ୍ର ଦାସ, ସାରଙ୍ଗଧର ବେହେରା, ସୈଲେଶ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମରଣାନ୍ତକ ଆକ୍ରମଣ, ୨ ଗିରଫ

**ଜଟଣୀ/ଝାଁଳା,୧୮।୯(ଡି.ଏନ୍.ଏ.)**

ମରଣାନ୍ତକ ଆକ୍ରମଣ ଘଟଣାରେ ଜଟଣୀ ଥାନା ଝାଁଳା ଫାଣ୍ଡି ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦକା ଥାନା ହରିଡାମାଡା ଗ୍ରାମର ଦିଲ୍ଲୀପ କୁମାର ବେହେରା(୩୫) ଏବଂ ବେଗୁନିଆ ଥାନା ଗଡମାଣିତ୍ରୀ ଅଞ୍ଚଳର ମମତା ପରିଡା(୩୧)। ଏ ନେଇ ଥାନାରେ ଏକ ମାମଲା (ନଂ.୪୭୯/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ଜଟଣୀ ଥାନା ଅନ୍ତର୍ଗତ ପିତାପଲ୍ଲି ଛକସ୍ଥିତ ଏକ ରେଷ୍ଟୁରାଣ୍ଟରେ ଗଡସାନପୁଟ ଅଞ୍ଚଳର ମାନସ ପରିଡା ଗତ ୮ମାସଧରି ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ତେବେ ଗତ ୧୭ତାରିଖରେ ଅଭିଯୁକ୍ତ ଦିଲ୍ଲୀପ ଏବଂ ମାନସଙ୍କ ସ୍ତ୍ରୀ ମମତା ପରିଡା ଏକ ବାଇକ୍‌ରେ ଆସି ମାନସଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ହୋଟେଲର ଆସବାବପତ୍ର ନଷ୍ଟ କରିଥିଲେ। ମାନସ ଗୁରୁତର ଆହତ ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ମାନସଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ହୋଟେଲ ମାଲିକ ଝାଁଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ଅନ୍ୟପଟେ ପରକୀୟା ପ୍ରିତିରୁ ଏହି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ମହାପ୍ରଭୁଙ୍କ ବଳି ବାମନ ବେଶ



**ପୁରୀ ଅଫିସ,୧୮।୯**

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ବଳି ବାମନ ବେଶ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ମହାବିଷ୍ଣୁ ଭାବେ ବିବେଚନା କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ବିଷ୍ଣୁଙ୍କ ପଞ୍ଚମ ଅବତାରରେ ବାମନ ରୂପେ ଧରାପୃଷ୍ଠରେ ଅବତରଣ କରିଥିଲେ। ପୌରାଣିକ ଉପାଖ୍ୟାନ ଅନୁସାରେ ଭଗବାନ ବିଷ୍ଣୁ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରାପୃଷ୍ଠକୁ ଆସି ବଳି ରାଜାଙ୍କ ଅଂହଙ୍କାର ଭାଙ୍ଗିଥିଲେ। ଏଣୁ ଶ୍ରୀଜଗନ୍ନାଥ ମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ମହାସମାରୋହରେ ପାଳିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କୁ ବାମନ ରୂପୀ ବାଳକ ବେଶରେ ସଜ୍ଜିତ କରାଯାଇଥାଏ। ଦେବୀ ସୁଭଦ୍ରା ଓ ବଡ଼ଠାକୁର ବଳଭଦ୍ର ସ୍ୱର୍ଣ୍ଣ ବେଶରେ ସଜ୍ଜିତ ହୋଇଥିଲେ। ବଡ଼ଠାକୁର ବଳଭଦ୍ର ଶ୍ରୀ ହସ୍ତରେ ଧନୁ ଓ ଶର ଧାରଣ କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଶେଷ ହେବା ପରେ ବଳି ବାମନ ବେଶ ଧାରଣ କରିଥିଲେ। ମହାପ୍ରଭୁ ସ୍ୱର୍ଣ୍ଣ ଶ୍ରୀଭୁଜ, ଶ୍ରୀ ପୟର ଓ ସ୍ୱର୍ଣ୍ଣ କିରୀଟରେ ଆଭୂଷିତ ହୋଇଥିଲେ। ମହାପ୍ରଭୁ ମଥାରେ ଜୁଡାଯୁକ୍ତ କେଶର ରୂପ ସୃଷ୍ଟି ପାଇଁ ଦରଜୀ ଦେଇଥିବା କଳା କନାର ଗୋଟିଏ ମଥା ବରଣ ବ୍ୟବହୃତ କରାଯାଇଥିଲା। ସେହି କଳା କନାର ସମ୍ମୁଖ ପଟେ ଧଳା କନା ସିଲେଇ କିଛି ଧଳା ଗାର ସୃଷ୍ଟି ହୋଇଥିଲା। ଏହା ଭସ୍ମରେଖା ବା ତିଳକର ପ୍ରତୀକ ରୂପେ ଗୃହୀତ ହୋଇଥିଲା। ଏକ କିରୀଟ ମସ୍ତକ ଉପରେ ଶୋଭା ପାଇଥିଲା। ଏହି ବେଶରେ ମହାପ୍ରଭୁ ଶ୍ରୀଭୁଜର ବାମ ହସ୍ତରେ ଏକ ଛତ୍ରି ଓ ଡାହାଣ ହସ୍ତରେ କୁଶଯୁକ୍ତ ରୁପାର ଗଡୁ ଧାରଣ କରି ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଭୂଷିତ ହୋଇଥିଲେ।

# ଯୁବକଙ୍କ ମୃତଦେହ ଜବତ

**ଜଟଣୀ,୧୮।୯(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ଶନିବାର ମା'ଖଣ୍ଡୁଆଳ ମନ୍ଦିରସ୍ଥିତ ଏକ ପଥରଖଣିରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଜଟଣୀ ପୌରାଞ୍ଚଳ ଲୋକୋକଲୋନୀ ଅଞ୍ଚଳର ଶ୍ରୀତମ ନାୟକ(୨୪)। ସୂଚନା ମୁତାବକ, ଶ୍ରୀତମ ସ୍ଥାନୀୟ ପଥର ଖଣିକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ତାଙ୍କ ମୃତଦେହ ପଥର ଖଣିରେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୧) ରୁଜୁକରି ତଦନ୍ତ ଚଳାଇଛି।

# ଗୁରୁ ଅନିରୁଦ୍ଧ ମହାପାତ୍ରଙ୍କ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୧୮।୯**

ସଂକୀର୍ତ୍ତନ ଗାୟକ ଗୁରୁ ଅନିରୁଦ୍ଧ ମହାପାତ୍ରଙ୍କ ଦ୍ୱାଦଶାହ ଅବସରରେ ବେଗୁନିଆ ବ୍ଲକ ବୋତଲାମା ସ୍ଥିତ ବାସଭବନଠାରେ ଜିଲା ସଂକୀର୍ତ୍ତନ ମଣ୍ଡଳୀର ସଭାପତି ଜଗନ୍ନାଥ ବେହେରାଙ୍କ ସଭାପତିତ୍ୱରେ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ଅନାଦି ସାହୁ, ସୁଶାନ୍ତ ମହାପାତ୍ର, ମାଧବ ଚନ୍ଦ୍ର ବେହେରା, ତ୍ରିଲୋଚନ ମହାପାତ୍ର, ସୁଦର୍ଶନ ଚମ୍ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ରାଜନୀତିଜ୍ଞ, ସ୍ୱେଚ୍ଛାସେବୀ, ପ୍ରକୃତିପ୍ରେମୀ, ହରିପ୍ରେମୀ ଥିଲେ। ମାଧବ ଚନ୍ଦ୍ର ବେହେରା ଓ ପ୍ରଫୁଲ ମହାପାତ୍ର ପରିଚାଳନା କରିଥିଲେ।

# ଗାଡ଼ି ଧକ୍କାରେ ଭାଙ୍ଗିଲା ଲେଭଲ କ୍ରସିଂ ଫାଟକ


ଲେଭ୍‌ଲ କ୍ରସିଂ ଫାଟକ ଭାଙ୍ଗିଯିବା ପରେ ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହାନ।

**ନିରାକାରପୁର,୧୮।୯(ଡି.ଏନ୍.ଏ.)**

ନିରାକାରପୁର ଗେଟ୍ ବଜାରସ୍ଥିତ ନୂଆ ଜଗନ୍ନଥ ସଡ଼କ ଉପରେ ଥିବା ରେଲୱେ ଲେଭଲ କ୍ରସିଂ ଗେଟ୍ ଶନିବାର ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଛି। ଫଳରେ ଗେଟର ଉଭୟ ପାର୍ଶ୍ୱର ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ସୂଚନା ମୁତାବକ, ଉକ୍ତ ଲେଭଲ କ୍ରସିଂ ଗେଟ ସକାଳ ୯ଟା ୩୦ରେ ପଡ଼ିଥିବା ବେଳେ ରାମେଶ୍ୱର ପଟୁ ଆସୁଥିବା ଏକ ଟିପ୍ପ ବୋଝେଇ ଟ୍ରକ୍ ଆସି ଧକ୍କା ଦେଇଥିଲା। ଫଳରେ ଗେଟ୍‌ଟି ଭାଙ୍ଗିଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ି ୨ଘଣ୍ଟା ଅଟିକ ରହିଥିଲା। ଖବରପାଇ ବିଭାଗୀୟ ଇଞ୍ଜିନିୟରମାନେ ଘଟଣାସ୍ଥଳରେ ପହଞ୍ଚି ଏହି ଗେଟ୍ ମରାମତି କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ରେଳ ସୁରକ୍ଷା ବଳ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ପ୍ରାୟ ଏକ ମାସ ମଧ୍ୟରେ ଗାଡ଼ି ଧକ୍କାରେ ଏହି ଗେଟ ୩ଥର ଭାଙ୍ଗିଥିବା ଜଣାପଡ଼ିଛି।

# ଯୁବକଙ୍କୁ ମାଡ଼: ନ୍ୟାୟ ଦାବିରେ ଥାନା ଘେରାଉ

**ନିରାକାରପୁର,୧୮।୯(ଡି.ଏନ୍.ଏ.)**

ନିରାକାରପୁର ଥାନା ଅନ୍ତର୍ଗତ ଷଠିପଦର (ରେଙ୍ଗଟା) ଗ୍ରାମରେ ଶନିବାର ଜଣେ ଯୁବକଙ୍କୁ ଗ୍ରାମର ସମସ୍ୟାକୁ ନେଇ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ମାଡ଼ ମାରିଥିଲେ। ଅଭିଯୋଗ ପରେ ଯୁବକଙ୍କୁ ନ୍ୟାୟ ନ ମିଳିବାରୁ ଗ୍ରାମର କେତେଜଣ ମହିଳା ଥାନା ଘେରାଉ କରିବା ସହ ଫାଟକ ଆଗରେ ଧାରଣା ଦେଇଥିଲେ। ଅଭିଯୋଗ ମୁତାବକ, ଉକ୍ତ ଗ୍ରାମରେ ହୋଇଥିବା କୋଠ ଓ ଭାଗବତ ଘରକୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୧୦ରେ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଥିଲା। ଗ୍ରାମର ବାଲେଇ ପରିଡ଼ା ଶନିବାର ଭଙ୍ଗାଯାଇଥିବା ଘରର ସଫାସୁତରା କରୁଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ବାଲେଇ ଗୁରୁତର ଆହତ ହୋଇଥିଲେ। ଏନେଇ ବାଲେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲା। ପରେ ବାଲେଇଙ୍କୁ ନ୍ୟାୟ ଦାବିରେ ଗ୍ରାମର କେତେଜଣ ମହିଳା ଥାନା ଘେରାଉ କରିବା ସହ ଫାଟକ ଆଗରେ ଧାରଣା ଦେଇଥିଲେ। ଏସ୍ଆଇ ବିଚିତ୍ରାନନ୍ଦ ପରିଡ଼ା ଧାରଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିଥିଲେ। ଖୁବଶୀଘ୍ର ମାଡ଼ ମାରିଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୪୫/୨୧) ରୁଜୁ କରି ତଦନ୍ତ ଚଳାଇଛି।


ଯୁବକଙ୍କୁ ନ୍ୟାୟ ଦାବିରେ ମହିଳାମାନେ ନିରାକାରପୁର ଥାନା ଘେରାଓ କରିଛନ୍ତି।

# ୧୫୧ ପ୍ରକଳ୍ପରୁ ୧୧୫ କାମ ସରିଛି

## ସାଂସଦ ଆଦର୍ଶ ଗ୍ରାମ ଯୋଜନା ସମୀକ୍ଷା ଓ କର୍ମଶାଳା

**ଖୋର୍ଦ୍ଧା ଅଫିସ,୧୮।୯**

ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଦର୍ଶ ଗ୍ରାମ୍ୟ ଯୋଜନା (ସାଗୀ)ର ସମୀକ୍ଷା ଓ କର୍ମଶାଳା ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସନତ୍ ମହାନ୍ତି ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ ସାଂସଦ ଆଦର୍ଶ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ସାଂସଦମାନେ ଗ୍ରହଣ କରିଥିବା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଏହି ପ୍ରକଳ୍ପ ତ୍ୱରାନ୍ୱିତ ନେଇ ସମୀକ୍ଷା କରାଯାଇଥିଲ। କମିଟି ଦ୍ୱାରା ପ୍ରକଳ୍ପ ଅନୁମୋଦନ ଲାଭ କରିବା ପରେ ଏହାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କୁହାଯାଇଛି। ସାଗୀର ୫ମ ପର୍ଯ୍ୟାୟରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଟାଙ୍ଗୀ ବ୍ଲକ ବଡପାରୀ ଏବଂ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଭୁବନେଶ୍ୱର ବ୍ଲକ ଅନ୍ଧାରୁଆ ପଞ୍ଚାୟତକୁ ଆଦର୍ଶ ଗ୍ରାମ୍ୟ ଯୋଜନାରେ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ପାତ୍ର ନିଜସ୍ୱ ପାଣ୍ଠିରୁ ଉକ୍ତ ପଞ୍ଚାୟତର ସାମାଜିକ, ଅର୍ଥନୈତିକ, ମାନବ ସମ୍ବଳ, ବିଶୁଦ୍ଧ ପାନୀୟଜଳ, ଗ୍ରାମ୍ୟ ସଡକ ସଂଯୋଗ, ନୂତନ ଅଙ୍ଗନୱାଡି, ଶୌଚାଳୟ, କଲ୍ୟାଣ ମଣ୍ଡପ, ପକ୍କାଘର, ଡ୍ରେନେଜ ବ୍ୟବସ୍ଥା ଆଦି କରାଯିବ। ସେହିପରି ଏମ୍‌ପି ଷଡ଼ଙ୍ଗୀ ବରପାରୀ ପଞ୍ଚାୟତର ବିକାଶ ପାଇଁ ୧୬ଟି ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ସେଥିରୁ ଜୀବନ ଜୀବିକାରେ ମାଛଚାଷ, ଏସଏସଜି ଗ୍ରୁପଙ୍କ ଦକ୍ଷତା, ସ୍ୱାବଲମ୍ବୀ ପ୍ରକଳ୍ପ, ପାନୀୟଜଳ, ଆଭ୍ୟନ୍ତରୀଣ ରାସ୍ତା, ପକ୍କାଘର ନିର୍ମାଣ, ସାମାଜିକ ଭିତ୍ତିଭୂମି, ଜୀବିକା ନିର୍ବାହ, ଜଳବାୟୁ ପରିବର୍ତ୍ତନ ପରିଚାଳନା ସମେତ ବିଭିନ୍ନ ସଚେତନାମୂଳକ କାର୍ଯ୍ୟକ୍ରମ ରହିଛି। ଏହି ଯୋଜନାରେ ପଞ୍ଚାୟତର ବିକାଶ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ। ଅନ୍ୟପକ୍ଷେ ଧଉଳି ପଞ୍ଚାୟତର ୧୬, ପାରିଓରଡ ୫, ପାଟପୁରଶାସନର ୪, କାନପୁରର ୧ ପ୍ରକଳ୍ପ ଆରମ୍ଭ ହୋଇନି। ସାଂସଦ ଆଦର୍ଶ ଗ୍ରାମ୍ୟ ଯୋଜନାରେ ୪ର୍ଥ ପର୍ଯ୍ୟାୟ ସୁଦ୍ଧା ଏମପିଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ନିଆଯାଇଥିବା ୧୫୧ଟି ପ୍ରକଳ୍ପ ମଧ୍ୟରୁ ୧୧୫ଟି ପ୍ରକଳ୍ପ ସମାପ୍ତ ହୋଇଛି। ୨୬ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ୧୦ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ଡିଆରଡିଏ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।


 କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।